# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୭/୨୦୨୦ (୨୦ପୃଷ୍ଠା) Sambalpur, Tuesday, January 7 / 2020 ★★

୧୬ଶ ଭାଗ ୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ମିସ୍ ଗ୍ଲୋରି ଅଫ୍ ୟୁନିଭର୍ସରେ ମଞ୍ଜୁ

ମିସ୍ ଗ୍ଲୋରି ଅଫ୍ ୟୁନିଭର୍ସ-୨୦୨୦ ଫେବୃୟାରୀ ୫ରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଗ୍ଲୋରି ଅଫ୍ ନର୍ଥ-ଇଷ୍ଟ ମଞ୍ଜୁ ଥାପ୍ପା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

୧୩

୧୯

## କ୍ୟାପ୍ ନିଲାମ କରିବେ ୱର୍ନ

ଅଷ୍ଟ୍ରେଲିଆର କିମ୍ବଦନ୍ତୀ ସ୍ପିନର ଶେନ ୱର୍ନ ଅନ୍ତର୍ଜାତୀୟ ପଦାର୍ପଣ ବେଳେ ପାଇଥିବା କ୍ରିକେଟ କ୍ୟାପ୍‌କୁ ନିଲାମ କରିବେ।



# ଜେଏନ୍‌ୟୁ ଆକ୍ରମଣ | ଦେଶବ୍ୟାପୀ ନିନ୍ଦା

## ■ କୁଳପତିଙ୍କ ବହିଷ୍କାର ଦାବିକଲା ଛାତ୍ର ସଂଘ ■ ତଦନ୍ତ ଦାୟିତ୍ୱ ନେଲା କ୍ରାଇମ୍‌ବ୍ରାଞ୍ଚ ■ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟିଲେ ଏଚ୍‌ଆର୍‌ଡି ଅଧିକାରୀ

ନୂଆଦିଲ୍ଲୀ,୬।୧(ପି.ଟି./ଆଇଏଏନ୍‌ଏସ୍) ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ରବିବାର ରାତିରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ଦିଲ୍ଲୀ ସମେତ ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ବିହାର ସବୁଠାରେ ବିଭିନ୍ନ ଛାତ୍ର ସଂଗଠନ ଏବଂ ରାଜନୈତିକ ଦଳ ଆକ୍ରମଣକୁ ନିନ୍ଦା କରିଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ପବିତ୍ର ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକଙ୍କୁ ଲୁହାରଡ଼ ଓ କାଠଫାଳିଆରେ ଆକ୍ରମଣ କରାଯିବା ଅମାନବୀୟ ବୋଲି ଜେଏନ୍‌ୟୁ ଛାତ୍ର ସଂଘ ପକ୍ଷରୁ କୁହାଯିବା ସହ ଏଭଳି ଆକ୍ରମଣ ପଛରେ ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ହାତ ରହିଛି ବୋଲି ଅଭିଯୋଗ ହୋଇଛି। ହିଂସା ପାଇଁ କୁଳପତି ଏମ୍. ଜଗଦେଶ କୁମାରଙ୍କୁ ଦାୟୀ କରାଯାଇ ତାଙ୍କର ବହିଷ୍କାର ଦାବି କରାଯାଇଛି। କୁଳପତି ହିଂସାର ଷଡ଼ଯନ୍ତ୍ରକାରୀ ବୋଲି ଛାତ୍ରସଂଘ ଓ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ଅସମର୍ଥ କୁଳପତି ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଜେଏନ୍‌ୟୁ ଛାତ୍ର ସଂଘ ସଭାନେତ୍ରୀ ଐଶ ଘୋଷ କହିଛନ୍ତି। ଅପରପକ୍ଷରେ ଆକ୍ରମଣ ପାଇଁ ବାମଦଳ ସମର୍ଥିତ ଛାତ୍ର ସଂଘକୁ ଦାୟୀ କରିଛି ଏବିଭିପି। ଏହି ଘଟଣାକୁ ମାନବ ସମ୍ବଳ ବିକାଶମନ୍ତ୍ରୀ ରମେଶ ପୋଖରିୟାଲ ନିଶାଙ୍କ ଦୃଢ଼ ନିନ୍ଦା କରିବା ସହ ଆକ୍ରମଣରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଜେଏନ୍‌ୟୁ ହିଂସାର ତଦନ୍ତ ଦାୟିତ୍ୱ ଦିଲ୍ଲୀ ପୋଲିସ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି। ବିଶ୍ୱବିଦ୍ୟାଳୟର ଦୁଇ ପଦାଧିକାରୀ ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜଲଙ୍କୁ ଭେଟି ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ପୋଲିସ ଅଧିକାରୀମାନେ ତଥ୍ୟପ୍ରମାଣ ସଂଗ୍ରହ ଆରମ୍ଭ କରିଛନ୍ତି। ଏମ୍ବ ☞ପୃଷ୍ଠା-୪




ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ବାମଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



### ଦୋଷୀଙ୍କୁ କଠୋର ଦଣ୍ଡ ମିଳିବ

ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ। ଏହାକୁ ରାଜନୈତିକ ଆଧାରଶାଳାରେ ପରିଣତ କରିବା ଅନୁଚିତ। ମନ୍ତ୍ରଣାଳୟ ଅଧିକାରୀମାନେ ଘଟଣା ସମ୍ପର୍କରେ ଜେଏନ୍‌ୟୁ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଶ କରୁଛନ୍ତି। ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଜନୀତିର ଆଡ୍ଡା ହେବାକୁ ଦିଆଯିବ ନାହିଁ।

- ରମେଶ ପୋଖରିୟାଲ୍ ନିଶାଙ୍କ, ମାନବସମ୍ବଳ ବିକାଶ ମନ୍ତ୍ରୀ



### ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ

ଜେଏନ୍‌ୟୁ ହିଂସାକାଣ୍ଡ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗୁଛି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଛାତ୍ରୀଛାତ୍ରଙ୍କ ଉପରେ ଏଭଳି ଆକ୍ରମଣକୁ ବିରୋଧ କରାଯିବା ଜରୁରୀ। ଘଟଣାର ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଆହତ ଛାତ୍ରୀଛାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ

# ଦୃଷ୍ଟି ହଟାଯାଉଛି

ହ୍ୟୁମାନିଟିକ୍ ଷ୍ଟଡିଜ୍ ବା ମାନବବାଦୀ ପାଠ ଲାଗି ଉଚ୍ଚ ଶିକ୍ଷା କରିବାକୁ ଚାହୁଁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଅନ୍ୟତମ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ବିବେଚନା କରାଯାଇଥାଏ। ଶୁଣାଯାଉଛି, ଏହି ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କଠାରୁ ଅଧିକ ଛାତ୍ରୀ ଅଛନ୍ତି। ଦୁଃଖର ବିଷୟ, ଦିଲ୍ଲୀର ସାହିନ୍‌ବାଗ୍‌ଠାରେ ହେଉଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ସବୁ ଧର୍ମର ଲୋକଙ୍କ ପ୍ରତିବାଦଠାରୁ ଦୃଷ୍ଟି ହଟାଇବା ପାଇଁ ଜେଏନ୍‌ୟୁରେ ଗୁଣ୍ଡାଙ୍କ ପ୍ରବେଶ କରାଇ ଦିଆଯାଇଛି। ମୁହଁରେ କନାବାନ୍ଧି ଓ ହାତରେ ଲୁହା ଛଡ଼ ଓ ବାଡ଼ି ଧରି ମହିଳା ପୁରୁଷ ହଷ୍ଟେଲ ଭିତରେ ପ୍ରବେଶ କରି ସେମାନେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଛନ୍ତି। ଦେଖିବାକୁ ଗଲେ ନିକଟ ଅତୀତରେ ଜେଏନ୍‌ୟୁରେ କୌଣସି ଆଖିଦୃଶିଆ ଛାତ୍ର ଅସନ୍ତୋଷ ପାଇନାହିଁ। କିଛି ସପ୍ତାହ ପୂର୍ବେ ସେଠାରେ ପଢ଼ା ଲାଗି ଫି' ବୃଦ୍ଧି ଘଟିଥିବାରୁ ତା' ବିରୋଧରେ ବିକ୍ଷୋଭ ଓ ପ୍ରତିବାଦ ହୋଇଥିଲା। ପରବର୍ତ୍ତୀ ସମୟରେ ତାହା ଶିଥିଳ ମଧ୍ୟ ପଡ଼ିଯାଇଥିଲା। ସେଥିପାଇଁ ଅନେକେ ଆଶ୍ଚର୍ଯ୍ୟ ହେଲେ ଏହି ବିଶ୍ୱବିଦ୍ୟାଳୟ ଉପରେ ଆକ୍ରମଣ ଘଟାଇଥିବା ଗୁଣ୍ଡାମାନଙ୍କ ଉଦ୍ଦେଶ୍ୟ ସମ୍ପର୍କରେ । ଆଜିର କେନ୍ଦ୍ର ସରକାର ବିଗତ କିଛିବର୍ଷ ଧରି ଏହି ବିଶ୍ୱବିଦ୍ୟାଳୟ ଉପରେ କ୍ରୋଧିତ ହୋଇ ରହିଛି। ନରେନ୍ଦ୍ର ମୋଦିଙ୍କ ପ୍ରଥମ ସରକାର ସମୟର ମାନବ ସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଏହି ବିଶ୍ୱବିଦ୍ୟାଳୟକୁ କିଛିଦିନ ପାଇଁ ପାଣି ଯୋଗାଣ ବନ୍ଦ କରିଦେଇଥିଲେ। ତତ୍‌ସହିତ ଏହା ମଧ୍ୟ ମତପ୍ରକାଶ ପାଇଥିଲା ଯେ, ସେଠାରେ ଦେଶଭକ୍ତି ଓ ଦେଶପ୍ରେମ ସୃଷ୍ଟି କରିବା ଲାଗି ଲଢୁଆ ଟ୍ୟାଙ୍କକୁ ରଖାଯାଉ। ସେତେବେଳେ କହ୍ନେୟା କୁମାରଙ୍କ ଭଳି ଛାତ୍ର ସଂସଦ ସଭାପତି ଏହି ବିଶ୍ୱବିଦ୍ୟାଳୟ ଉପରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରାଇଥିଲେ। ଭାରତ ବିରୋଧୀ କୌଣସି ଧ୍ୱନି ଦିଆଯାଇଥିବାର ପ୍ରମାଣ ଆଜି ପର୍ଯ୍ୟନ୍ତ ନ ଥିଲେ ମଧ୍ୟ ଦେଶଦ୍ରୋହ ଆଇନ ବଳରେ ଅନେକ ଛାତ୍ରଙ୍କୁ ନିର୍ଯାତନା ଦିଆଯାଇଥିଲା। ଯେଉଁମାନେ ସେତେବେଳର ଭିଡିଓ ଦେଖିଥିବେ, ସେଥିରେ ଧ୍ୱନି ଥିଲା 'ପୁଞ୍ଜିବାଦ ସେ ଆଜାଦି', 'ମନୁବାଦ ସେ ଆଜାଦି' ଭଳି ଗରିବ ଲୋକଙ୍କ ସପକ୍ଷରେ ଡାକରା। ସେହି ପରିସ୍ଥିତିର ସୁବିଧା ଉଠାଇବା ପାଇଁ ମୁଷ୍ଟିମେୟ ଗୋଷ୍ଠୀ ତତ୍ପର ହୋଇପଡ଼ିଥିଲେ। ବିକ୍ଷୋଭକାରୀଙ୍କୁ ବାମପନ୍ଥୀ, ଦେଶଦ୍ରୋହୀ ଏବଂ ପାକିସ୍ତାନ ସପକ୍ଷବାଦୀ କହି ବାସ୍ତବ ସମସ୍ୟାଠାରୁ ଦୃଷ୍ଟି ଘୁଞ୍ଚାଇବା ସକାଶେ ଚେଷ୍ଟା କରାଯାଇଥିଲା।

୫ ଜାନୁୟାରୀ ରାତି ଜେଏନ୍‌ୟୁ ଉପରେ ଆକ୍ରମଣ ସେହିଭଳି ଏକ ବିରାଟକାୟ ସମସ୍ୟାରୁ ଦେଶର ଦୃଷ୍ଟି ହଟାଇବା ପାଇଁ ଚେଷ୍ଟା କରାଯାଇଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୧୪ରେ କେନ୍ଦ୍ରରେ ଭାଜପା ସରକାର ଆସିବା ବେଳୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ବିଷୟରେ ବିଷମଞ୍ଜି ବୁଣାଯାଇ ଆସିଛି। କେବଳ ଜେଏନ୍‌ୟୁ ନୁହେଁ, ଅତୀତରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ, ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ), କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ଏବଂ ନିକଟରେ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ସଂଘଠିତ ଛାତ୍ର ବିଦ୍ରୋହର ରୂପ ଦେଶବ୍ୟାପୀ କିଭଳି ରହିଥିଲା ସମସ୍ତେ ଜାଣନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷିତ ଓ ସେମାନଙ୍କର ଦେଶ ଗଠନରେ ସୁଚିନ୍ତିତ ମତାମତ ଦେବାର ଅଧିକାର ଅଛି। ହେଲେ ସେମାନଙ୍କୁ ପ୍ରତି କଥାରେ ସତର୍କ ଓ ସ୍ଥଳବିଶେଷରେ ଭୟଭୀତ କରାଯାଇ ରଖାଯିବା ପରମ୍ପରା ଯେବେଠାରୁ ଆରମ୍ଭ ହେଲାଣି, ସେବେଠାରୁ ଛାତ୍ର ଅଶାନ୍ତି ବୃଦ୍ଧି ପାଇଚାଲିଛି। କିନ୍ତୁ ପୃଥିବୀର ଇତିହାସ ଦେଖିଲେ ଆଜି ଯାହା ଭାରତରେ ଘଟୁଛି ତାହା ଅନ୍ୟ କେତୋଟି ଦେଶରେ ଘଟିଯାଇଛି। ଉଚ୍ଚଶିକ୍ଷିତ ଯୁବତୀ ଯୁବକ, ଶିକ୍ଷକ ଏବଂ ବିଭିନ୍ନ ବୃତ୍ତିଧାରୀ ଓ ବୁଦ୍ଧିଜୀବୀଙ୍କୁ ଜୀବନରେ ମାରିଦେଲେ ଯେକୌଣସି ସମାଜକୁ ପଙ୍ଗୁ କରିଦେବା ଅତ୍ୟନ୍ତ ସହଜ ହୋଇପଡ଼େ। ଗୌରୀ ଲଙ୍କେଶଙ୍କଠାରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ଏବେ ବିଭିନ୍ନ ଦିଗକୁ ମାଡ଼ିବା ସହିତ ଜେଏନ୍‌ୟୁ ଭଳି ଶିକ୍ଷାନୁଷ୍ଠାନରେ ପହଞ୍ଚି ସାରିଲାଣି। ଏହାର ଅବିକଳ ସମାନ୍ତରାଳ ପଲ୍ ପଟ୍‌ଙ୍କ ଖମେର ରୁଜ୍ ଶାସନ ସମୟରେ କାମ୍ବୋଡିଆରେ ଦେଖିବାକୁ ମିଳିଥିଲା । ପଲ୍ ପଟ୍ ନିଜକୁ କମ୍ୟୁନିଷ୍ଟ କହୁଥିବା ସତ୍ତ୍ୱେ କମ୍ୟୁନିଷ୍ଟ ନ ଥିଲେ। ତାଙ୍କ ଦେଶକୁ ଏକ ଗରିବ ସମାଜରେ ପରିଣତ କରି ନିଜର ଶାସନକୁ ଦୀର୍ଘମିଆଦୀ କରିବା ପାଇଁ ବିଂଶ ଶତାବ୍ଦୀର ୭୦ ଦଶନ୍ଧିରେ ଚେଷ୍ଟା

### ତଥାଗତ ସତପଥୀ

କରିଥିଲେ। ଭିଏତ୍‌ନାମ ଭଳି ବାହ୍ୟ ଦେଶର ହସ୍ତକ୍ଷେପ ଯୋଗୁ ପଲ୍ ପଟ୍‌ଙ୍କ ପତନ ଘଟିଥିଲା। ଆଜିର ଭାରତ ଭଳି ସେ ସମୟର କାମ୍ବୋଡିଆରେ ତାଙ୍କର ଅନେକ ସକ୍ରିୟ ସମର୍ଥକ ବାହାରି ଭିନ୍ନ ଚିନ୍ତାକୁ ନୀରବ କରାଇ ପାରିଥିଲେ।

ଆଜି ଭାରତର ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। ଯୁବପିଢ଼ି ହାତରେ ରୋଜଗାର ପନ୍ଥା ନାହିଁ। କଳକାରଖାନା ବନ୍ଦ ହେଉଛି। ପ୍ରାୟ ସବୁ ସରକାରୀ ଉଦ୍ୟୋଗ ବିପୁଳ କ୍ଷତିରେ ଚାଲୁଛନ୍ତି। ସେଗୁଡ଼ିକୁ ବିକ୍ରି କରିବା ଲାଗି ମସୁଧା ଚାଲିଛି। ଚାଷୀର ସମସ୍ୟା ଅଧିକ ଗମ୍ଭୀର ହେଉଥିବା ବେଳେ ଚାଷ ପାଇଁ ସରକାରଙ୍କ ଦୃଷ୍ଟି ପଡୁନାହିଁ। ପଡ଼ୋଶୀ ସବୁ ଦେଶ ସହିତ ଭାରତର ସମ୍ପର୍କ ଅତ୍ୟନ୍ତ ତିକ୍ତ କରାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ପ୍ରାୟ ଅଧିକାଂଶ ସରକାରୀ ବିକାଶମୂଳକ କାର୍ଯ୍ୟ ବନ୍ଦ ପଡ଼ିଥିବା ବେଳେ ୧୦୦ ସ୍ମାର୍ଟ ସିଟିର କଥା ଉଭେଇ ଗଲାଣି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ରୁ ୧.୭୬ ଲକ୍ଷ କୋଟି ଟଙ୍କା ଜବରଦସ୍ତି ଆଣି ସରକାର ଖର୍ଚ୍ଚ କରିଦେଇଥିବା ବେଳେ ତାହାର ପ୍ରଭାବ ଲୋକଙ୍କ ପାଖରେ ପହଞ୍ଚିନାହିଁ। ଭାରତର ପ୍ରତ୍ୟେକ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ ଓ ପ୍ରଦୂଷଣ ମୁକ୍ତ କରିବା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ୱଚ୍ଛ ଭାରତର ଦେଖାଦର୍ଶନ ନାହିଁ। କୁଆଡ଼େ ଗଲା 'ଷ୍ଟାର୍ଟ ଅପ୍ ଓ ଷ୍ଟାଣ୍ଡ ଅପ୍ ଇଣ୍ଡିଆ'। ଏହିଭଳି ଲେଖିଚାଲିଲେ କାଗଜରେ ସ୍ଥାନ ପଛେ ଶେଷ ହୋଇଯିବ, ତାଲିକା ଶେଷ ହେବନାହିଁ।

ଏଭଳି ବିରାଟକାୟ ବିଫଳତାରୁ ସାଧାରଣ ନାଗରିକର ଦୃଷ୍ଟି ଅନ୍ୟତ୍ର ନେବା ପାଇଁ ଅଦାଲତ ଉପରେ ଚାପ ପକାଇ ରାମମନ୍ଦିର ମାମଲା ଜିତା ହେଲା ବୋଲି କୁହାଯାଉଛି। ସତେଯେମିତି ଅଯୋଧ୍ୟାରେ ଗୋଟେ ରାମମନ୍ଦିର ହେଲେ ଅସଂଖ୍ୟ ଗରିବ ହିନ୍ଦୁଙ୍କ ପେଟ ପୂରିଯିବ ଓ ହିନ୍ଦୁ ଯୁବକଙ୍କ ବେକାର ସମସ୍ୟା ଦୂର ହୋଇଯିବ। ମୁସଲମାନ ବିରୋଧୀ ଡାକରା କେବଳମାତ୍ର ଉପରଠାଉରିଆ । ଏହା ଦ୍ୱାରା ହିନ୍ଦୁତ୍ୱର ଦ୍ୱାହି ଦେଇ ହିନ୍ଦୁ ଭୋଟରଙ୍କୁ ଏକାଠି ରଖିବା ହେଉଛି ଭିତିରି ଉଦ୍ଦେଶ୍ୟ।

ଏହି ଦେଶରେ ଗରିବ ହିନ୍ଦୁଙ୍କ ଦୁର୍ଦ୍ଦଶା ବୁଝିବାକୁ କେହି ନାହିଁ। କେବଳ ରାଜନୀତି କରି ଲୋକଙ୍କୁ ଠକିବା ହେଉଛି ମୂଳଲକ୍ଷ୍ୟ।

■ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଜର୍ସି, ମାସ୍କଟ ଉନ୍ମୋଚିତ

# 'ଭାରତ ହେବ କ୍ରୀଡ଼ାର ମହାଶକ୍ତି'

ଭୁବନେଶ୍ୱର, ୬।୧(କ୍ରୀଡ଼ା ପ୍ରତିନିଧି) ଭାରତକୁ ଏକ କ୍ରୀଡ଼ା ମହାଶକ୍ତିରେ ପରିଣତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆରମ୍ଭ ହେବାକୁ ଯାଉଛି। ଏହାର ପ୍ରଥମ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ''ଭାରତର କ୍ରୀଡ଼ା ରାଜଧାନୀର ମାନ୍ୟତା ପାଉଥିବା ଭୁବନେଶ୍ୱରରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆୟୋଜିତ ହେଉଥିବାରୁ ମୁଁ ବହୁତ ଖୁସି। ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ☞ପୃଷ୍ଠା-୪




ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଜର୍ସି ଉନ୍ମୋଚନ କରାଯାଉଛି।

### ଫେବୃୟାରୀ ୮ରେ ଦିଲ୍ଲୀ ଭୋଟ

୩

# ପୂଜା ସ୍ପଞ୍ଜରେ ଗ୍ୟାସ୍ ଲିକ୍

## ■୨ ମୃତ, ୨ ଗୁରୁତର

ବେଦବ୍ୟାସ, ୬।୧ (ଡି.ଏନ.ଏ.) ସୁନ୍ଦରଗଡ଼ ଜିଲ୍ଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳରେ ଥିବା ପୂଜା ସ୍ପଞ୍ଜ କାରଖାନାରେ ସୋମବାର ସନ୍ଧ୍ୟା ୬ଟାରେ ଗ୍ୟାସ୍ ଲିକ୍ ହେବା ଫଳରେ କମ୍ପାନୀରେ କାର୍ଯ୍ୟରତ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଝାଡ଼ଖଣ୍ଡର ପ୍ରାଙ୍କ୍‌ଶିଷ କେର୍କେଟା ଓ ରାଉରକେଲାର ଅଜୟ ସାମଲ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ୨ ଶ୍ରମିକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଛି। ସେହିଭଳି ଗୁରୁତର ଶ୍ରମିକ ଦ୍ୱୟଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେଥିରୁ ଜଣେ ହେଲେ ଶମ୍ଭୁ ମହନ୍ତ। ଅନ୍ୟ ଜଣକ ପରିଚୟ ଜଣା ପଡି ନାହିଁ। ତେବେ କେଉଁ କାରଣରୁ ଏହି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇନାହିଁ । ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।





Taste the difference!
Vencobb FRESH CHICKEN

05.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 86 | 140 | 150 |
| DKL | 88 | 142 | 152 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 88 | 142 | 152 |
| BHM | 87 | 141 | 151 |

*Conditions Apply

Issued in the Interest of Consumers








"କେଜରିୱାଲଙ୍କ ଭଳି ମିଛ ଓ ମନଗଢ଼ା କଥା ନ କହି ଆମେ ନିଜ କାର୍ଯ୍ୟଦକ୍ଷତା ବଳରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢ଼ିବୁ।
- ପ୍ରକାଶ ଜାଭଡ଼େକର, କେନ୍ଦ୍ରମନ୍ତ୍ରୀ

# ଇରାକରୁ ସେନା ପ୍ରତ୍ୟାହାର ହେବନି: ଟ୍ରମ୍ପ

ୱାଶିଂଟନ,୬।୧(ପି.ଟି.)

ବାଗଦାଦ୍‌ରେ ଆମେରିକା ଡ୍ରୋନ୍ ଆକ୍ରମଣରେ ଇରାନର ସେନା କମାଣ୍ଡର ଜେନେରାଲ କାସିମ୍ ସୋଲେମାନୀ ନିହତ ହେବା ପରେ ଉତ୍ତେଜନା ଲାଗି ରହିଛି। ଆମେରିକା ତା'ର ସୈନ୍ୟଙ୍କୁ ପ୍ରତ୍ୟାହାର କରିନେବା ପାଇଁ ଇରାକ ପାର୍ଲାମେଣ୍ଟ ଆହ୍ୱାନ ଦେଇଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପକ୍ଷରେ ଇରାକ ଉପରେ ବଡ଼ କଟକଣା ଜାରି କରିବାକୁ ସେ ଧମକ ଦେଇଛନ୍ତି। ଆଇଏସ୍ ଆତଙ୍କବାଦୀ ସଂଗଠନ ବିରୋଧରେ ଅନ୍ତର୍ଜାତୀୟ ମେଣ୍ଟର ଅଂଶସ୍ୱରୂପ ଇରାକରେ ଆମେରିକାର ୫୦୦୦ରୁ ଅଧିକ ସୈନ୍ୟ ରହିଛନ୍ତି। ଗତ ଶୁକ୍ରବାର ବାଗଦାଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ଇରାନ ଅଲ୍-କୁଦ୍‌ସ ବାହିନୀର ମୁଖ୍ୟ ସୋଲେମାନୀ ନିହତ ହୋଇଥିଲେ। ଏହି ଆକ୍ରମଣରେ ଇରାକ ର ହାଶେଦ ଅଲ-ଶାବି ଅର୍ଦ୍ଧସାମରିକ ବଳର ଉପମୁଖ୍ୟ ଅବୁ ମହଦି ଅଲ୍-ମୁହାନ୍ଦିସ୍‌ଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଇରାକ ପାର୍ଲାମେଣ୍ଟରେ ଗୃହୀତ ପ୍ରସ୍ତାବ ସମ୍ପର୍କରେ ପ୍ରଶ୍ନ ହେବାରୁ ଟ୍ରମ୍ପ କହିଥିଲେ, ଇରାକରେ ଆମେରିକା ଏୟାରବେସ୍ ନିର୍ମାଣରେ ଯେଉଁ ଅର୍ଥ ବିନିଯୋଗ କରିଛି, ତାହା ଫେରି ନ ପାଇବା ପର୍ଯ୍ୟନ୍ତ ବାଗଦାଦ ଛାଡିବାର ପ୍ରଶ୍ନ ଉଠୁନାହିଁ। ଉପସାଗରୀୟ ଦେଶରୁ କୌଣସି ବିରୋଧର ସମ୍ମୁଖୀନ ହେଲେ ଇରାକ ଉପରେ ବଡ଼ କଟକଣା ଲାଗୁ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଇରାକରେ ଆଇଏସ୍ ବିରୋଧରେ ଲଢ଼େଇରେ ସହଯୋଗ କରିବା ପାଇଁ ୪ ବର୍ଷ ତଳେ ୱାଶିଂଟନ ପକ୍ଷରୁ ସେଠାକୁ ସୈନ୍ୟ ପଠାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ପକ୍ଷରୁ କରାଯାଇଥିବା ଏୟାରଷ୍ଟ୍ରାଇକ୍ ବିରୋଧରେ ଇରାକ ଜାତିସଂଘରେ ଫେରାଦ ହୋଇଛି।

## ବଡ଼ କାର୍ଯ୍ୟାନୁଷ୍ଠାନର ଧମକ ଦେଲେ



## ମଧ୍ୟପ୍ରାଚ୍ୟରେ ଆମେରିକାର ଦୁଃସାହସକୁ ଚାଇନାର ନିନ୍ଦା

ବେଜିଂ,୬।୧(ପି.ଟି.)

ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ପାଇଁ ଆମେରିକାର ଦୁଃସାହସିକତାକୁ ଚାଇନା ଦାୟୀ କରିବା ସହ ଏହାର ନିନ୍ଦା କରିଛି। ମଧ୍ୟପ୍ରାଚ୍ୟର ସ୍ଥିତିକୁ ନେଇ ବେଜିଂ ଚିନ୍ତିତ ବୋଲି କହିବା ସହ ସବୁ ପକ୍ଷ ସଂଯମତା ରଖା କରିବାକୁ ଆହ୍ୱାନ ଦେଇଛି। ଆମେରିକାର କାର୍ଯ୍ୟାନୁଷ୍ଠାନ ଓ ଇରାକ ବିରୋଧରେ କଟକଣା ଲଗାଇବାର ଧମକକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ ଶୁଆଙ୍ଗ ତୀବ୍ର ସମାଲୋଚନା କରିଛନ୍ତି। ଅନ୍ତର୍ଜାତୀୟ ସମ୍ପର୍କରେ ବଳ ପ୍ରୟୋଗକୁ ଚାଇନା ବିରୋଧ କରିଛି।

## ଆମେରିକାକୁ ସୋଲେମାନୀଙ୍କ ଝିଅର ଚେତାବନୀ

ଦୁବାଇ/ୱାଶିଂଟନ,୬।୧

ଆମେରିକାର ଡ୍ରୋନ ଆକ୍ରମଣରେ ନିହତ କୁଦ୍‌ସ ବାହିନୀର କମାଣ୍ଡର କାସିମ୍ ସୁଲେମାନୀଙ୍କ ଶେଷକୃତ୍ୟ ସୋମବାର ଇରାନ ରାଜଧାନୀ ତେହେରାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାର ହଜାର ଲୋକ ଯୋଗଦେଇଥିଲେ। ସୁଲେମାନୀଙ୍କ ହତ୍ୟା ଆମେରିକା ପାଇଁ କଳାଦିବସ ଆଣିବ ବୋଲି ତାଙ୍କ ଝିଅ ଜେନାବ ସୁଲେମାନ ଚେତାବନୀ ଦେଇଛନ୍ତି। ତାଙ୍କ ଭାଷଣ ଇରାନ ଟେଲିଭିଜନରେ ପ୍ରସାରଣ କରାଯାଇଛି। ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଇରାନ ପ୍ରତିଜ୍ଞା କରିଛି।



ସେନା କମାଣ୍ଡର ଜେନେରାଲ ସୋଲେମାନୀଙ୍କ କଫିନ୍ ନିକଟରେ ଇରାନ ସୁପ୍ରିମଲିଡର ଆୟାତୋଲା ଅଲୀ ଖାମିନି ଓ ଅନ୍ୟମାନେ ପ୍ରାର୍ଥନା କରୁଛନ୍ତି।

## ସଂକ୍ଷେପରେ

### ବୁଧବାର ଭାରତ ବନ୍ଦ କଂଗ୍ରେସର ସମର୍ଥନ

**ନୂଆଦିଲ୍ଲୀ,୬।୧:** ୧୦ଟି ଟ୍ରେଡ ୟୁନିୟନ ପକ୍ଷରୁ ଆଗାମୀ ୮ତାରିଖରେ ଦେଶବ୍ୟାପୀ ବନ୍ଦ ଡାକରା ଦିଆଯାଇଛି। ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ଏଭଳି ଭାରତ ବନ୍ଦ ଡାକରା ଦିଆଯାଇଥିବାବେଳେ ପ୍ରାୟ ୨୫ କୋଟି ଲୋକ ଏଥିରେ ଭାଗ ନେବେ ବୋଲି କୁହାଯାଇଛି। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଟିୟୁସିସି, ଏସ୍‌ଇଡବ୍ଲ୍ୟୁଏ, ଏଆଇସିସିଟିୟୁ, ଏଲ୍‌ପିଏଫ୍, ୟୁଟିୟୁସି ଟ୍ରେଡ ୟୁନିୟନ ସହ ବିଭିନ୍ନ ମହାସଂଘ ପକ୍ଷରୁ ବନ୍ଦକୁ ସଫଳ କରିବା ଲାଗି ଆହ୍ୱାନ ଦିଆଯାଇଛି। ପ୍ରାୟ ୬୦ ଛାତ୍ର ସଙ୍ଗଠନ, କଂଗ୍ରେସ ଏହି ବନ୍ଦକୁ ସମର୍ଥନ କରିଛନ୍ତି। ସେପ୍ଟେମ୍ବର ଶେଷ ଭାଗରେ ଏନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଲାଗି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶ୍ରମିକଙ୍କ ଦାବିକୁ ଶ୍ରମ ମନ୍ତ୍ରଣାଳୟ ଅଣଦେଖା କରିବା ପରେ ଗତ ୨ରେ ଏନେଇ ବୈଠକ ବସି ସର୍ବସମ୍ମତି କ୍ରମେ ଭାରତ ବନ୍ଦ ଲାଗି ଘୋଷଣା କରାଯାଇଥିଲା। ଦେଶରେ ଶ୍ରମିକ ଅଶାନ୍ତି, ଦରଦାମ ବୃଦ୍ଧି, ଛାତ୍ରୀଛାତ୍ରଙ୍କ ଫି ବୃଦ୍ଧି, ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ, ସିଏଏ ଆଦିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଛି। ଟ୍ରେଡ ୟୁନିୟନ ପକ୍ଷରୁ ଜେଏନ୍‌ୟୁ ଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ୨୦୧୫ ପରଠାରୁ ଭାରତୀୟ ଶ୍ରମିକ ସଙ୍ଗଠନର ସମ୍ମିଳନୀ ନ ହେବା, ରେଳ ଓ ଜାତୀୟ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରିବାକୁ ବିରୋଧ କରାଯାଇଛି।

### ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ
### ରବିଚନ୍ଦ୍ରନ୍‌ଙ୍କୁ ୧୫ ଦିନ ପାରୋଲ

**ମଦୁରାଇ,୬।୧(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ ମାମଲାରେ ୭ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଅପରାଧୀଙ୍କ ମଧ୍ୟରୁ ରବିଚନ୍ଦ୍ରନଙ୍କୁ ମାଡ୍ରାସ ହାଇକୋର୍ଟ ୧୫ ଦିନ ଲାଗି ପାରୋଲରେ ଛାଡ଼ିଛନ୍ତି। ତାଙ୍କ ମା' ଅସୁସ୍ଥ ରହିବା ଓ ପାରିବାରିକ ଅବୁଝାମଣା ସୃଷ୍ଟିହେବାରୁ କୋର୍ଟ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ମା'ଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଟି. ରାଜା ଓ ଜଷ୍ଟିସ ବି. ପୁଗାଲେଣ୍ଡି ଜାନୁୟାରୀ ୧୦ରୁ ରବିଚନ୍ଦ୍ରନଙ୍କୁ ପାରୋଲରେ ଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୋଙ୍ଗଲ କାରଣରୁ ରାଜ୍ୟ ସରକାର ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇପାରିବେନି ବୋଲି କହିଛନ୍ତି। ପ୍ରକାଶଥାଉ କି, ରବିଚନ୍ଦ୍ରନ ଦୀର୍ଘ ୨୭ ବର୍ଷ ହେବ ମଦୁରାଇ କେନ୍ଦ୍ରୀୟ ଜେଲରେ ଅଛନ୍ତି।

### କୋର୍ଟରେ ହାଜର ହେଲେ ଚିନ୍ମୟାନନ୍ଦ

**ଶାହଜାହାନପୁର,୬।୧(ପି.ଟି.)**-ଯୌନ ଶୋଷଣ ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱାମୀ ଚିନ୍ମୟାନନ୍ଦ ସୋମବାର ସ୍ଥାନୀୟ ଅଦାଲତରେ ହାଜର ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୨୦ ତାରିଖକୁ ଧାର୍ଯ୍ୟ କରାଯାଇଛି। ଚିନ୍ମୟାନନ୍ଦଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓମ୍‌ବୀରଙ୍କ ଅଦାଲତରେ ହାଜର କରାଯାଇଥିଲା। ତାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିବା ଆଇନ ଛାତ୍ରୀ ଅସୁସ୍ଥତା କାରଣରୁ କୋର୍ଟରେ ଉପସ୍ଥିତ ହୋଇପାରି ନ ଥିବା ତାଙ୍କ ଓକିଲ କଲବିନ୍ଦର ସିଂ କହିଛନ୍ତି। ଆଇପିସିର ଧାରା ୩୭୬ସି'ରେ ଚିନ୍ମୟାନନ୍ଦଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ଧାରା ୩୫୪ ଡି, ୩୪୨ ଏବଂ ୫୦୬ରେ ମଧ ମାମଲା ରୁଜୁ ହୋଇଛି।

### ଇତିହାସର ଆଇନାରେ
### ଜାନୁୟାରୀ ୭ର ପ୍ରମୁଖ ଘଟଣା

୨୦୧୫ ଜାନୁୟାରୀ ୭ରେ ଫ୍ରାନ୍ସର ପ୍ୟାରିସ୍‌ସ୍ଥିତ ଚାର୍ଲି ହେବ୍‌ଡୋ କାର୍ଯ୍ୟାଳୟରେ ପଶି ଦୁଇ ବନ୍ଧୁକଧାରୀ ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୧ ଜଣ ଆହତ ହୋଇଥିଲେ। ବନ୍ଧୁକଧାରୀମାନେ ଦୁଇ ଭାଇ ବୋଲି ପରେ ଜଣାପଡ଼ିଥିଲା। ସେମାନଙ୍କର ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦା ସହ ସମ୍ପର୍କ ଥିଲା।

୨୦୧୬ ଜାନୁୟାରୀ ୭ରେ ଭାରତର ପୂର୍ବତନ ଗୃହମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦ ପ୍ରାଣ ହରାଇଥିଲେ। ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ହେବା ସହ ଜଣେ ବରିଷ୍ଠ ଓକିଲ ଓ ରାଜନେତା ଭାବେ ସେ ଜଣାଶୁଣା ଥିଲେ। ସେ ପିପୁଲ୍ସ ଡେମୋକ୍ରାଟିକ ପାର୍ଟି ଗଠନ କରି ଜନମତ ଲୋଡ଼ିଥିଲେ।

## ■ ହଂକଂ ପଠାଯାଇଛି ୧୦୩୮ କୋଟି କଳାଧନ
# ୫୧ ସଂସ୍ଥା ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ,୬।୧(ପି.ଟି.)

ଗତ ୨୦୧୪-୧୫ ବର୍ଷରେ ଭାରତରୁ ହଂକଂକୁ ୧୦୩୮ କୋଟି ୩୪ ଲକ୍ଷ ଟଙ୍କାର କଳାଧନ ପଠାଯାଇଥିବା ଅଭିଯୋଗରେ ସିବିଆଇ ୫୧ଟି ସଂସ୍ଥା ବିରୋଧରେ ମାମଲା ରୁଜୁ କରିଛି। ଅଧିକାଂଶ ସଂସ୍ଥା ଚେନ୍ନାଇ ବାସିନ୍ଦାଙ୍କ ମାଲିକାନାରେ ରହିଛି। ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର କେତେଜଣ ଅଧିକାରୀ ଏହି କଳାଧନ ଟ୍ରାନ୍ସଫର କରାଇବାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସେହି ବ୍ୟାଙ୍କଗୁଡ଼ିକ ହେଲେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସ୍‌ବିଆଇ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ। ଏହିସବୁ ବ୍ୟାଙ୍କର ୪ଟି ଶାଖାରେ ୪୮ଟି କମ୍ପାନୀର ୫୧ଟି କରେଣ୍ଟ ଆକାଉଣ୍ଟ ଖୋଲିଥିଲା। ଏହି ଆକାଉଣ୍ଟ ଜରିଆରେ ବିଦେଶକୁ ଟଙ୍କା ପଠାଯାଉଥିବା ସିବିଆଇକୁ ସୂଚନା ମିଳିଥିଲା। ୨୪ଟି ଆକାଉଣ୍ଟ ଜରିଆରେ ବିଭିନ୍ନ ଆମଦାନି ସାମଗ୍ରୀର ଅଗ୍ରିମ ପୈଠ ବାବଦକୁ ୪୮୮.୩୯ କୋଟି ଟଙ୍କା ପଠାଯାଇଥିବାବେଳେ ଭାରତୀୟ ପର୍ଯ୍ୟଟକମାନଙ୍କ ବିଦେଶ ଭ୍ରମଣ ବାବଦରେ ୫୪୯.୯୫ କୋଟି ଟଙ୍କା ୨୭ଟି ଆକାଉଣ୍ଟ ମାଧ୍ୟମରେ ପ୍ରେରଣ କରାଯାଇଥିଲା। ସିବିଆଇ ମହମ୍ମଦ ଇବ୍ରାମ୍‌ସା, ଜନି, ଜିଷ୍ଣା ମିଧାର, ନିଜାମୁଦ୍ଦିନ ଏବଂ ୪୮ଟି କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛି। ୨୪ଟି କମ୍ପାନୀ ମଧ୍ୟରୁ ୧୦ଟି ପୂର୍ବରୁ ଛୋଟକାଟର ଆମଦାନି କରୁଥିଲେ। ସେମାନଙ୍କର ଆମଦାନି ସାମଗ୍ରିର ଦାମ୍ ଏବଂ ପଠାଯାଇଥିବା ଅର୍ଥ ପରିମାଣ ମଧ୍ୟରେ ତାଳମେଳ ନାହିଁ। ଏହାବ୍ୟତୀତ ଏହି କାରବାରରେ ସମ୍ପୃକ୍ତ କେତେଜଣଙ୍କୁ କମିଶନ ଦିଆଯିବା ସହ ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନେ ଲାଞ୍ଚ ନେଇଥିବା ମଧ୍ୟ ଜଣାପଡିଛି। ୨୦୧୫ ଶେଷ ଭାଗରେ ଏହିସବୁ କାରବାର ହୋଇଥିଲା।

## ସିଏଏ ହିଂସାକୁ ନେଇ ବର୍ଷିଲେ ଶାହା
# ଦିଲ୍ଲୀରେ ଦଙ୍ଗା ଲାଗି କଂଗ୍ରେସ, ଏଏପି ଦାୟୀ

ନୂଆଦିଲ୍ଲୀ,୬।୧(ପି.ଟି.)



ସିଏଏକୁ ବିରୋଧ କରି ଦିଲ୍ଲୀରେ ଦଙ୍ଗା ଓ ପୋଡ଼ାଜଳା ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କଂଗ୍ରେସ ଓ ଏଏପିକୁ ଦାୟୀ କରିଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରି ଏହି ଦୁଇ ଦଳ ପୋଡ଼ାଜଳା କରି ପାପ କରିଛନ୍ତି ବୋଲି ସେ ଏକ ଜନସମାବେଶରେ ପ୍ରକାଶ କରିଛନ୍ତି। ସବୁଠାରୁ ଲଜ୍ଜାର କଥା ହେଉଛି, ଏଭଳି କାଣ୍ଡ କରି ସେମାନେ କ୍ଷତିଗ୍ରସ୍ତଙ୍କୁ ଆଇନଗତ ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଏଭଳି ଷଡ଼ଯନ୍ତ୍ର ପଛରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଥିବା ଶାହା କହିଛନ୍ତି। ସିଏଏ ଦ୍ୱାରା ନାଗରିକତ୍ୱ ଚାଲିଯିବ ବୋଲି କହି ଲୋକଙ୍କୁ ସେମାନେ ଭୁଆଁ ବୁଲାଉଛନ୍ତି। ଏଭଳି ମିଛ କହି ଲୋକଙ୍କୁ ଆତଙ୍କିତ କରାଯିବା ଅନୁଚିତ ବୋଲି ଶାହା କହିଛନ୍ତି। ରାହୁଲ ଓ କେଜ୍‌ରିୱାଲ ପାକିସ୍ତାନର ଭାଷା କହୁଛନ୍ତି। ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକର ପ୍ରମାଣ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ମାଗୁଛନ୍ତି। ମୋଦି ଉଲ୍ଲେଖନୀୟ ପଦକ୍ଷେପ ନେଇ ୩୭୦ ଧାରା ଉଚ୍ଛେଦ କଲେ ଓ ରାମମନ୍ଦିର ନିର୍ମାଣ ରାସ୍ତା ମଧ୍ୟ ଫିଟିଲା। କିନ୍ତୁ କଂଗ୍ରେସ ଏକ୍ଷେତ୍ରରେ ଦୋମୁହାଁ ନୀତି ଆପଣାଇ ଲୋକଙ୍କୁ ବିଭ୍ରାନ୍ତ କରୁଛି। ଜେଏନ୍‌ୟୁରେ ଭାରତବିରୋଧୀ ସ୍ଲୋଗାନ ଦିଆଯାଉଥିବାବେଳେ କେଜ୍‌ରିୱାଲ ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଶାହା କହିଛନ୍ତି।

# ଭାଜପା-ବାମଦଳ ସମର୍ଥକ ମୁହାଁମୁହିଁ



ଜେଏନ୍‌ୟୁ ହିଂସା ପ୍ରତିବାଦରେ ଯାଦବପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ପୋଲିସର ଲାଠିଚାଳନା
■ ଭାଜପା କାର୍ଯ୍ୟାଳୟରେ ଜେୟୁ ଛାତ୍ରଙ୍କ ଭଙ୍ଗାରୁଜା

କୋଲକାତା,୬।୧(ଆଇଏଏନ୍‌ଏସ୍)

ଜେଏନ୍‌ୟୁ କ୍ୟାମ୍ପସ୍ ହିଂସା ପ୍ରତିବାଦରେ ସୋମବାର ପଶ୍ଚିମବଙ୍ଗର ଯାଦବପୁର ଅଞ୍ଚଳରେ ର୍‍ୟାଲି ଚାଲିଥିବାବେଳେ ବାମଦଳ ଓ ଭାଜପା ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ହୋଇଛି। ଉତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ପୋଲିସ ଲାଠିଚାଳନା କରିଥିଲା। ଯାଦବପୁର ବିଶ୍ୱବିଦ୍ୟାଳୟ (ଜେୟୁ)ର ଛାତ୍ରୀଛାତ୍ର, ଏସ୍‌ଏଫଆଇ କର୍ମୀ ଓ ବାମଦଳ କର୍ମୀମାନେ ସୁଲେଖା ମୋରେ ବସ୍‌ଷ୍ଟାଣ୍ଡରୁ ର୍‍ୟାଲି ବାହାର କରିଥିବାବେଳେ ଭାଜପା ସମର୍ଥକମାନେ ବାଘାଜତିନ ମୋରେରୁ ଯାଦବପୁର ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଗତ ରାତିରେ ବାମଦଳ ସମର୍ଥିତ ଜେୟୁ ଛାତ୍ର ଗୋଷ୍ଠୀ ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ଦଳୀୟ ପତାକା ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ରବିବାର ମଧ୍ୟରାତ୍ରରେ ଏହି ଘଟଣା ଘଟିଛି। ଦିଲ୍ଲୀ ଜେଏନ୍‌ୟୁରେ ହିଂସା ପ୍ରତିବାଦରେ ଯାଦବପୁର ବିଶ୍ୱବିଦ୍ୟାଳୟ ଛାତ୍ରମାନେ ଶୋଭାଯାତ୍ରା ବାହାର କରିଥିବାବେଳେ ଭଙ୍ଗାରୁଜା କରିଥିଲେ। ସୁଲେଖା କ୍ରସିଂ ନିକଟରେ ଥିବା ଭାଜପା କାର୍ଯ୍ୟାଳୟରେ ବାମଦଳ ଛାତ୍ରମାନେ ପଶି ଭଙ୍ଗାରୁଜା କରିଥିଲେ ବୋଲି ଏହାର ନେତା ଅନୁପମ ହାଜରା କହିଛନ୍ତି।

## ଗୁରୁଦ୍ୱାର ଭଙ୍ଗା ଘଟଣାରେ ଅଭିଯୁକ୍ତ ଗିରଫ

**ଲାହୋର,୬।୧(ପି.ଟି.):** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ନାନକାନା ସାହିବ ଗୁରୁଦ୍ୱାର ଭଙ୍ଗାରୁଜା ମାମଲାରେ ମୁଖ୍ୟ ଅଭିଯୁକ୍ତ ଇମ୍ରାନଙ୍କୁ ଗିରଫ କରାଯାଇଛି। ଆତଙ୍କ ନିରୋଧ ଆଇନ ବଳରେ ତାଙ୍କୁ ଗିରଫ କରାଯାଇଥିବାବେଳେ ଜାମିନ ନ ପାଇବାର ଦଫା ତାଙ୍କ ବିରୋଧରେ ଲଗାଯାଇଛି। ଶୁକ୍ରବାର କେତେକ ବ୍ୟକ୍ତି ଗୁରୁଦ୍ୱାରା ଉପରେ ଆକ୍ରମଣ କରିବା ସହ ଟେକା ମାଡ଼ କରିଥିଲେ।

## ୧୩ରୁ ସାବରିମାଲା ମାମଲାର ଶୁଣାଣି

ନୂଆଦିଲ୍ଲୀ,୬।୧(ପି.ଟି.)

କେରଳର ସାବରିମାଲା ମନ୍ଦିରରେ ସବୁ ବୟସ ବର୍ଗର ମହିଳାଙ୍କୁ ପ୍ରବେଶ ଅନୁମତି ପ୍ରଦାନ ସମ୍ପର୍କିତ ମାମଲାର ଶୁଣାଣି ୧୩ରୁ ଆରମ୍ଭ ହେଉଛି। ସୁପ୍ରିମକୋର୍ଟର ୯ ଜଣିଆ ପୀଠ ଏହି ମାମଲାର ଶୁଣାଣି କରିବେ। ଏନେଇ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

ସାବରିମାଲାସ୍ଥିତ ଆୟାପ୍ପା ମନ୍ଦିରରେ ସବୁ ବୟସ ବର୍ଗର ମହିଳାଙ୍କ ପ୍ରବେଶକୁ ଅନୁମତି ଦେବା ଲାଗି ୨୦୧୮ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଥିଲେ। ତେବେ ଏହାକୁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଲୋକେ ବିରୋଧ କରିବାରୁ ୧୦ରୁ ୫୦ ବର୍ଷ ବୟସର ମହିଳାମାନେ ସେଠାରେ ପ୍ରବେଶ କରିପାରୁନାହାନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଶୁଖିଲା ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୦ | ୧୧.୪ |
| ଚାନ୍ଦବାଲି | ୨୩.୪ | ୧୩.୯ |
| କଟକ | ୨୫.୫ | ୧୨.୪ |
| ପାରାଦ୍ୱୀପ | ୨୪.୪ | ୧୫.୭ |
| ଭୁବନେଶ୍ୱର | ୨୫.୨ | ୧୫.୩ |
| ଗୋପାଳପୁର | ୨୬.୨ | ୧୬.୯ |
| ପୁରୀ | ୨୫.୬ | ୧୫.୦ |
| ଅନୁଗୋଳ | ୨୫.୧ | ୯.୦ |
| ବାରିପଦା | ୨୩.୦ | ୧୨.୦ |
| ଝାରସୁଗୁଡ଼ା | ୨୫.୬ | ୧୦.୪ |
| କେନ୍ଦୁଝର | ୨୩.୬ | ୧୦.୩ |
| ସମ୍ବଲପୁର | ୨୭.୨ | ୯.୫ |
| ସୁନ୍ଦରଗଡ଼ | ୨୪.୦ | ୧୩.୫ |
| ହୀରାକୁଦ | ୨୭.୧ | ୧୨.୧ |
| ତାଳଚେର | ୨୯.୧ | ୧୨.୩ |
| ଭବାନୀପାଟଣା | ୨୫.୦ | ୧୦.୪ |
| ବଲାଙ୍ଗୀର | ୨୬.୦ | ୧୧.୫ |
| କୋରାପୁଟ | ୨୬.୦ | ୧୧.୨ |
| ଫୁଲବାଣୀ | -- | ୧୦.୦ |
| ଟିଟିଲାଗଡ଼ | ୨୩.୬ | ୧୨.୧ |
| ମାଲକାନଗିରି | ୩୦.୨ | ୧୩.୦ |
| ସୋନପୁର | ୨୫.୩ | ୭.୫ |
| ଦାରିଙ୍ଗିବାଡ଼ି | ୨୩.୬ | ୭.୦ |

ଡିଗ୍ରୀ ସେଲ୍‌ସିୟସ୍





ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ






# ୮ରେ ଓଡ଼ିଶା ବନ୍ଦ

## ■ସାମିଲ ହେବନି ଘରୋଇ ବସ୍ ମାଲିକ ସଂଘ

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ୧୨ ଦଫା ଦାବି ନେଇ ୧୦ଟି ଟ୍ରେଡ୍ ୟୁନିୟନ ପକ୍ଷରୁ ଆସନ୍ତା ୮ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ସେୱା, ଏଆଇସିସିଟିୟୁ, ଏଲ୍‌ପିଏଫ୍, ୟୁଟିୟୁସିର ଦେଶବ୍ୟାପୀ ପ୍ରାୟ ୨୫ କୋଟି କର୍ମକର୍ତ୍ତା ସାମିଲ ହେବେ। କଂଗ୍ରେସ ଏହାକୁ ସମର୍ଥନ ଜଣାଇଛି। ଓଡ଼ିଶାରେ ମଧ୍ୟ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକର ଆଞ୍ଚଳିକ ଶାଖା ଏହି ଧର୍ମଘଟରେ ସାମିଲ ହେବେ। ଧର୍ମଘଟକୁ ସଫଳ କରିବା ପାଇଁ ପୂରା ଉଦ୍ୟମ କରାଯିବ ବୋଲି ସିଆଇଟିୟୁର ଭୁବନେଶ୍ୱର ସଭାପତି ନବକିଶୋର ମହାନ୍ତି କହିଛନ୍ତି। ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଏହି ଧର୍ମଘଟ ଡାକରା ଦିଆଯାଇଛି। ଅତ୍ୟାବଶ୍ୟକ ସେବା ଛଡ଼ା ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏଥିରେ ଅଲ୍ ଓଡ଼ିଶା ଅଟୋ ମହାସଂଘ, ଟ୍ରକ୍ ମହାସଂଘ, ଅଲ୍ ଓଡ଼ିଶା ଟ୍ରାନ୍ସପୋର୍ଟ ଆସୋସିଏଶନ ସାମିଲ ହେବେ ବୋଲି ସେ କହିଛନ୍ତି। ତେବେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏହି ଧର୍ମଘଟରେ ସାମିଲ ହେବନାହିଁ। ଯଦି ସରକାର ସୁରକ୍ଷା ଯୋଗାଇଦେବେ ତେବେ ବସ୍ ଚଳାଚଳ ସ୍ୱାଭାବିକ ରହିବ ବୋଲି ସଂଘର ଆବାହକ ଦେବାଶିଷ ନାୟକ କହିଛନ୍ତି। କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି, ଜନବିରୋଧୀ ଓ ରାଷ୍ଟ୍ରବିରୋଧୀ ନୀତିକୁ ବିରୋଧ କରି ଏହି ଆନ୍ଦୋଳନ ଡାକରା ଦିଆଯାଇଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଶ୍ରମିକମାନଙ୍କ ଦାବି ପୂରଣ କରିବାରେ ବିଫଳ ହୋଇଛି। ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ୨୦୧୫ ଜୁଲାଇରୁ ଏ ପର୍ଯ୍ୟନ୍ତ ଭାରତୀୟ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇନାହିଁ। ବିପିସିଏଲ୍‌କୁ ବିକ୍ରି କରିବା, ବିଏସ୍‌ଏନ୍‌ଏଲ୍-ଏମ୍‌ଟିଏନ୍‌ଏଲ୍‌ର ମିଶ୍ରଣ ନିଷ୍ପତ୍ତି ଯୋଗୁ ପ୍ରାୟ ୯୪ ହଜାର କର୍ମଚାରୀଙ୍କ ନିଯୁକ୍ତି ଯିବାର ସମ୍ଭାବନା ରହିଛି। ଏହାଛଡ଼ା ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ରେଲ୍‌ୱେ ଘରୋଇକରଣ, ଗୋଳାବାରୁଦ କାରଖାନାଗୁଡ଼ିକୁ ନିଗମରେ ପରିଣତ କରିବା ଏବଂ ବ୍ୟାଙ୍କଗୁଡ଼ିକର ମିଶ୍ରଣକୁ ମଧ୍ୟ ତୀବ୍ର ବିରୋଧ କରିଛନ୍ତି।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୯୩୪୮୨୦୯୫୩୪

# ଜେଲରେ ଆଇଏଏସ୍ ଅଫିସର ବିଜୟ ଅସୁସ୍ଥ

## ■ ଜେଲ୍ ହସ୍ପିଟାଲରେ ଚାଲିଛି ଚିକିତ୍ସା

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଲକ୍ଷେ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟ ସୋମବାର ସକାଳେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଜେଲ୍ ପରିସର ହସ୍ପିଟାଲର ୧ ନମ୍ବର ୱାର୍ଡରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ମାନସିକ ସ୍ଥିତି ଭଲ ନ ଥିବାବେଳେ ସେ ଉଚ୍ଚରକ୍ତଚାପର ଶିକାର ହୋଇଛନ୍ତି। ହସ୍ପିଟାଲର ଡାକ୍ତରମାନେ ବିଜୟଙ୍କ ସ୍ୱାସ୍ଥ୍ୟ ଉପରେ କଡ଼ା ନଜର ରଖିଛନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ଜେଲର ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ରବିବାର ବିଜୟଙ୍କ ରିମାଣ୍ଡ ଅବଧି ଶେଷ ହେବାପରେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସମେତ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ୟେସ୍ ବ୍ୟାଙ୍କ୍‌ର ରିଲେଶନଶିପ୍ ମ୍ୟାନେଜର ସନ୍ତୋଷ ପଟ୍ଟନାୟକଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ଜେଲ୍‌ର ୫ ନମ୍ବର ସେଲ୍‌ରେ ରାତି କଟାଇଥିଲେ ବିଜୟ। ରାତିରେ ସେ ରୁଟି ଓ ସନ୍ତୁଳା ଏବଂ ସକାଳୁ ଉପମା, ମଟର ତରକାରି ଓ ସାଲାଡ଼ ଖାଇଥିଲେ। ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ।

ସୂଚନାଯୋଗ୍ୟ, ଆଇଏଏସ୍ ଅଫିସର ବିଜୟ ଓ ବ୍ୟାଙ୍କ୍ ଅଫିସର ସନ୍ତୋଷଙ୍କୁ ଭିଜିଲାନ୍ସ ୬ ଦିନ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ଉଭୟଙ୍କର ପୁରୁଣା ସମ୍ପର୍କ ଏବଂ ଦୁର୍ନୀତି ସଂକ୍ରାନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ବିଜୟ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିବାବେଳେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡିଥିଲା। ଏହାସହ ବିଜୟ ଓ ତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ କେତେ କଳା ଟଙ୍କା ଆସିଛି ସେନେଇ ଖୋଳତାଡ଼ ଚାଲିଛି। କଳା ଟଙ୍କା କାରବାର ହୋଇଥିବା ପ୍ରମାଣ ମିଳିଲେ ଉକ୍ତ ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକୁ ସିଲ୍ କରାଯିବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ■ସାନଭଉଣୀକୁ ବଳିଦେବା ଘଟଣା

# ଜଙ୍ଗଲରୁ ମିଳିଲା ମୁଣ୍ଡ, ଗଣ୍ଡି ଅଲଗା ମୃତଦେହ

**ବଲାଙ୍ଗୀର ଅଫିସ/ ଟିଟିଲାଗଡ /ବଙ୍ଗୋମୁଣ୍ଡା, ୬।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅଧୀନ ସାଲେବରଟ ଗାଁର ଜଣେ ନାବାଳିକା(୧୨)ଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଗତ ୨୪ ତାରିଖରୁ ସମ୍ପୃକ୍ତ ନାବାଳିକା ବଡ଼ଭାଇଙ୍କ ସାଙ୍ଗରେ ଯାଇ ନିଖୋଜ ହେବା ପରେ ଏହି ସନ୍ଦେହ ଗ୍ରାମବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଗତ ୨୮ ତାରିଖରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଶେଷରେ ପୋଲିସ ନାବାଳିକାଙ୍କ ବଡ଼ଭାଇଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିବା ପରେ ସତ ପଦାକୁ ଆସିଛି। ପୋଲିସ ସୋମବାର ବରକାନୀ ଗାଁ ନିକଟ ଚକାଗୁଜିଆ ଜଙ୍ଗଲରୁ ନିଖୋଜ ଜନନୀ ରଣା(୧୨)ଙ୍କ ମୃତଦେହ ଉଦ୍ଧାର କରିଛି। ମୁଣ୍ଡ ଓ ଗଣ୍ଡି ଅଲଗା କରାଯାଇ ମୃତଦେହ ପୋତାଯାଇଥିବାରୁ ଏହା ବଳି ବୋଲି ସ୍ପଷ୍ଟ ହୋଇଛି। ଅଭିଯୁକ୍ତ ବଡ଼ଭାଇ ଶୋଭାବନ ରଣା ମଧ୍ୟ ପ୍ରଥମେ ଏହି ଅଭିଯୋଗକୁ ଅସ୍ୱୀକାର କରିଥିବା ବେଳେ ପରେ ସତକୁ ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରିଛି। ଗତ ୨୯ ତାରିଖରେ ଧରିତ୍ରୀରେ 'ସାନଭଉଣୀକୁ ବଳିଦେଲେ ଭାଇ' ଶୀର୍ଷକରେ ଏକ ରିପୋର୍ଟ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା।



ମୃତ ଜନନୀ ରଣାଙ୍କ ଫାଇଲ ଫଟୋ।



ଗିରଫ ଅଭିଯୁକ୍ତ ଶୋଭାବନ ରଣା।

■ମାଟିତଳୁ ବାହାରକଲା ପୋଲିସ

■ହତ୍ୟାକୁ ସ୍ୱୀକାର , ବଡ଼ଭାଇ ଗିରଫ

ସୂଚନାଯୋଗ୍ୟ, ୨୪ ତାରିଖରୁ ସାଲେବରଟ ଗାଁର ମୃତ୍ୟୁ ରଣାଙ୍କ ନାବାଳିକା ଝିଅ ଜନନୀ କୁଆଡେ ନିଖୋଜ ହୋଇଯାଇଥିଲେ। ଜନନୀଙ୍କ ନିଖୋଜ ହେବା ପଛରେ ବଳି କାରଣ ଥାଇପାରେ ବୋଲି ଗ୍ରାମବାସୀ ସନ୍ଦେହ କରିଥିଲେ। ଗତ ୨୦୧୮ ଅକ୍ଟୋବର ମାସରେ ଜନନୀଙ୍କ ବଡଭାଇ ଶୋଭାବନ ତାଙ୍କ ମାମୁ ପୁଅ ଭାଇ ମିଥୁନ୍ ରଣା (୯)ଙ୍କୁ ବଳି ଦେବା ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ କୁଞ୍ଜବିହାରୀ ରଣାଙ୍କ ସହ ଗିରଫ ହୋଇ ଜେଲ ଯାଇଥିଲେ। ପ୍ରାୟ ୩ମାସ ତଳେ ହାଇକୋର୍ଟ ଜାମିନ୍ ବଳରେ ଶୋଭାବନ ଗାଁକୁ ଫେରିଥିଲେ। ଜାମିନ୍‌ରେ ଗାଁକୁ ଫେରିବା ପରେ ଗତ ୨୪ ତାରିଖଠାରୁ ନିଜ ସାନ ଭଉଣୀ ନିଖୋଜ ହୋଇଯାଇଥିବାରୁ ଗ୍ରାମବାସୀ ପ୍ରଥମେ ଶୋଭାବନ ଉପରେ ସନ୍ଦେହ କରିଥିଲେ। ଡିସେମ୍ବର ୨୪ ତାରିଖରେ ଶୋଭାବନ ଏକ ସାଇକେଲରେ ଜନନୀଙ୍କୁ ବସାଇ ନଈପଟକୁ ଯାଉଥିବା ଗାଁର କେତେଜଣ ଲୋକ ଦେଖିଥିଲେ। ସେଦିନଠାରୁ ଜନନୀଙ୍କ ପତ୍ତା ମିଳି ନ ଥିଲା। ଜନନୀ ନିଖୋଜ ପଛରେ ଶୋଭାବନଙ୍କ ହାତ ରହିଥିବା ସନ୍ଦେହ କରି ଗତ ୨୮ତାରିଖ ଦିନ ଶତାଧିକ ଗ୍ରାମବାସୀ ସିନ୍ଧେକେଲା ଥାନା ଘେରାଉ କରିଥିଲେ। ଏହାପରେ ପୋଲିସ ଶୋଭାବନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପ୍ରଥମରୁ ଶୋଭାବନ ଅସ୍ୱୀକାର କରିଥିଲେ ମଧ ପରେ ଜନନୀଙ୍କୁ ହତ୍ୟା କରି ଚକାଗୁଜିଆ ଜଙ୍ଗଲରେ ତାର ମୃତଦେହକୁ ପୋତିଥିବା ନେଇ ସୂଚନା ଦେଇଥିଲେ। ସୋମବାର ଅତିରିକ୍ତ ପୋଲିସ ଏସ୍‌ପି ମନୋରଞ୍ଜନ ପଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଚକାଗୁଜିଆ ଜଙ୍ଗଲକୁ ଯାଇ ଜନନୀଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ଥିବା ମୃତଦେହ ଉଦ୍ଧାର କରିଥିବା ଜଣାପଡିଛି। ମୃତଦେହ ଉଦ୍ଧାର ପରେ ଏହି ହତ୍ୟା ପଛରେ ବଳି କାରଣ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ପାରିବାରିକ ଅଶାନ୍ତି ଓ ଅସୁସ୍ଥତା ଦୂରହେବା ଭାବି ୨୦୧୮ ମସିହାରେ ତନ୍ତ୍ରଗୁରୁ କୁଞ୍ଜବିହାରୀ ରଣାଙ୍କ ପ୍ରରୋଚନାରେ ଶୋଭାବନ ନିଜ ସମ୍ପର୍କୀୟ ମାମୁଙ୍କ ପୁଅ ମିଥୁନ୍‌ଙ୍କୁ ଅପହରଣ କରି ଉନ୍ଦେର ନଦୀରେ ତଣ୍ଟିକାଟି ବଳି ଦେଇଥିବା ଜଣାପଡିଥିଲା। ସେହି ଘଟଣାରେ କୁଞ୍ଜଙ୍କ ସହ ଶୋଭାବନ ଗିରଫ ହୋଇ ଜେଲ ଯାଇଥିଲେ। ପ୍ରାୟ ୩ ମାସ ହାଇକୋର୍ଟ ଜାମିନ ବଳରେ ଜେଲରୁ ବାହାରିବା ପରେ ଶୋଭାବନ ନିଜ ସାନଭଉଣୀଙ୍କୁ ହତ୍ୟା କରିଥିବା ଜଣାପଡିବା ପରେ ଏହାରି ପଛରେ ବି ବଳି କାରଣ ରହିଥିବା ସ୍ପଷ୍ଟ ହୋଇଛି। ଏହି ହତ୍ୟା ଘଟଣାରେ ଅଟକ ଅଭିଯୁକ୍ତ ଶୋଭାବନ ରଣାଙ୍କୁ ଗିରଫ କରାଯାଇଛି।




# ଫେବୃୟାରୀ ୮ରେ ଦିଲ୍ଲୀ ଭୋଟ

■ ଜାନୁୟାରୀ ୧୪ରେ ବିଜ୍ଞପ୍ତି ପ୍ରକାଶ

■ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ୨୧

■ ୨୨ରେ ହେବ ନାମାଙ୍କନପତ୍ର ଯାଞ୍ଚ

■ ୨୪ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର

■ ଫେବୃୟାରୀ ୧୧ରେ ଭୋଟଗଣତି

**ନୂଆଦିଲ୍ଲୀ,୬।୧**

ଫେବୃୟାରୀ ୮ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ୧୧ରେ ଭୋଟଗଣତି କରାଯିବ। ଏନେଇ ଭାରତର ନିର୍ବାଚନ କମିଶନ ସୁନୀଲ ଆରୋରା ସୋମବାର ଘୋଷଣା କରିଛନ୍ତି। ଏଥିସହ ନିର୍ବାଚନ ଆଚରଣବିଧି ଲାଗୁ କରାଯାଇଛି। ଜାନୁୟାରୀ ୧୪ରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରାଯିବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଜାନୁୟାରୀ ୨୧ ରଖାଯାଇଥିବାବେଳେ ୨୨ରେ ନାମାଙ୍କନପତ୍ର ଯାଞ୍ଚ ଓ ୨୪ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର ହେବ।

୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭାର କାର୍ଯ୍ୟକାଳ ଚଳିତବର୍ଷ ଫେବୃୟାରୀ ୨୨ରେ ଶେଷ ହେଉଥିବାବେଳେ ଏହା ପୂର୍ବରୁ ନୂଆ ସରକାର ଗଠନ କରାଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୧୫ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଏଏପିକୁ ଜବରଦସ୍ତ ସଫଳତା ମିଳିଥିଲା। ଏଏପି ମୋଟ ୭୦ ଆସନରୁ ୬୭ ଆସନ ହାସଲ କରିଥିଲା। ଅନ୍ୟ ୩ଟି ଆସନ ଭାଜପା ହାତେଇବାରେ ସଫଳ ହୋଇଥିଲା। କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳକୁ କୌଣସି ଆସନ ମିଳି ନ ଥିଲା। ଚଳିତ ଥର ଦିଲ୍ଲୀରେ ୧ କୋଟି ୪୬ ଲକ୍ଷ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବାକୁ ଯାଉଛନ୍ତି। ସେଥିଲାଗି ୧୩,୭୫୦ ପୋଲିଂ ଷ୍ଟେଶନ ପ୍ରସ୍ତୁତ କରାଯାଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ କାର୍ଯ୍ୟ ସମ୍ପାଦନ କରାଯିବ ଓ ପ୍ରାୟ ୯୦ ହଜାର ପୋଲିସଙ୍କୁ ଏଥିଲାଗି ମୁତୟନ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି।




# ଜେଇଇ ମେନ୍ ଆରମ୍ଭ

## ■୩୧ରେ ପ୍ରଥମ ପର୍ଯ୍ୟାୟ ରେଜଲ୍ଟ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)ମେନ୍‌ର ପ୍ରଥମ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ସୋମବାର ପ୍ରଥମ ସିଟିଂ ସକାଳ ୯ଟା ୩୦ରୁ ପୂର୍ବାହ୍ନ ୧୨ଟା ୩୦ ଏବଂ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ଯାଏ ଚାଲିଥିଲା। ପରୀକ୍ଷାର ୨ ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ଯାଞ୍ଚ ପାଇଁ ପରୀକ୍ଷାକେନ୍ଦ୍ରରେ ପ୍ରବେଶ କରିଥିଲେ। ଦେଶ ଓ ବିଦେଶରେ ୨୩୩ ସହରରେ ଜେଇଇ ମେନ୍ ପରୀକ୍ଷା ହେଉଛି। ଓଡ଼ିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ଓ ଢେଙ୍କାନାଳ ଆଦି ୭ ସହରରେ ଏହି ପରୀକ୍ଷା ହେଉଛି। ଓଡ଼ିଶାରୁ ୩୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ଆସନ୍ତା ୩୧ ତାରିଖରେ ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ରେଜଲ୍ଟ ପ୍ରକାଶ ପାଇବ। ର୍‍ୟାଙ୍କ୍ ରଖିଥିବା ଛାତ୍ରୀଛାତ୍ର ଏନ୍‌ଆଇଟି, ଟ୍ରିପଲ୍ ଆଇଟି, ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇବାର ସୁଯୋଗ ପାଇବେ। ଏପ୍ରିଲ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍ ଅନୁଷ୍ଠିତ ହେବ।





ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାଜଶ୍ରୀ ସାହୁ
ପରିବାରବର୍ଗ



ସାଇ ଶେଖର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ତୈଳ ଦର ପ୍ରଭାବ

# ବଢ଼ିଲା ବସ୍ ଭଡ଼ା

- କିଲୋମିଟର ପିଛା ୧ ଓ ୨ ପଇସା
- ଡିଜେଲ ଉପରେ ରିହାତି ଦେବାକୁ ବସ୍ ମାଲିକ ସଂଘର ଦାବି

ଭୁବନେଶ୍ୱର,୬।୧(ବ୍ୟୁରୋ)

ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ବଢ଼ି ଚାଲିଛି। ଏହାର ପ୍ରଭାବ ବସ୍ ଭଡ଼ାଠାରୁ ଆରମ୍ଭ କରି ପରିବହନ କ୍ଷେତ୍ରରେ ମଧ୍ୟ ଦେଖାଦେଇଛି। ତୈଳଦର ବୃଦ୍ଧି ହୋଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ)ଅନୁଯାୟୀ ରାଜ୍ୟରେ ବସ୍ ଭଡ଼ା ବୃଦ୍ଧି ପାଇଛି। ଏ ନେଇ ସୋମବାର ରାଜ୍ୟ ପରିବହନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା ବୃଦ୍ଧି ପାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୧ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୨ ପଇସା ବୃଦ୍ଧି ପାଇଛି। ଏହି ବୃଦ୍ଧି ଫଳରେ ସାଧାରଣ ବସ୍ ଭଡା କିଲୋମିଟର ପିଛା ୬୯ ପଇସାରୁ ୭୦ ପଇସା ବୃଦ୍ଧି ହୋଇଥିବା ବେଳେ ଏକ୍ସପ୍ରେସ ୭୨ରୁ ୭୩, ଡିଲକ୍ସ ବସ କିଲୋମିଟର ପିଛା ୯୯ ପଇସାରୁ ୧ଟଙ୍କା ୧ ପଇସା ଏବଂ ଏସି ଡିଲକ୍ସ ବସ୍‌ରେ କିଲୋମିଟର ପିଛା ୧ ଟଙ୍କା ୨୧ ପଇସା ପରିବର୍ତ୍ତେ ୧ଟଙ୍କା ୨୩ ପଇସା ଦେବାକୁ ପଡ଼ିବ।

ଏଠାରେ ସୂଚନାଯୋଗ୍ୟ ଯେ, ବସ୍ ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବା ସ୍ୱୟଂକ୍ରିୟ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡ଼ା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ ଭଡ଼ା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ଭଡ଼ା ବୃଦ୍ଧି ଯାତ୍ରୀଙ୍କ ଉପରେ ପୁଣି ଆର୍ଥିକ ବୋଝ । ସେମାନଙ୍କୁ ଅଧିକ ଭଡ଼ା ଦେଇ ଯାତ୍ରା କରିବାକୁ ପଡ଼ିବ।

ଭଡ଼ା ବୃଦ୍ଧିକୁ ନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଆଦୌ ଖୁସି ନୁହନ୍ତି। ସଂଘର ଆବାହକ ଦେବାଶିଷ ନାୟକ କହିଛନ୍ତି ଯେ, ବସ୍ ଭଡ଼ା ବଢ଼ିବା ଦ୍ୱାରା ଯାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡୁଛି। ବସ୍‌ଯାତ୍ରୀ ଟ୍ରେନ୍‌ରେ ଯିବାଆସିବା କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଫଳରେ ବସ୍ ମାଲିକଙ୍କୁ କ୍ଷତି ସହିବାକୁ ପଡୁଛି। ରାଜ୍ୟ ସରକାର ତେଲ ଉପରେ ରିହାତି ଦେବାକୁ ସେ ଦାବି କରିଛନ୍ତି।

### ଆଜି ରଥକାଠ ପାଇଁ ଗଛକଟା ଅନୁକୂଳ ପୂଜା

# ନୟାଗଡ଼ ଗଲେ ୪ ଜଣିଆ ଟିମ୍

ପୁରୀ ଅଫିସ, ୬।୧

ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ନୟାଗଡ଼ ବନମଣ୍ଡଳ ଦଶପଲ୍ଲା ଜଙ୍ଗଲରୁ ରଥକାଠ ସଂଗ୍ରହ କରାଯିବ। ଏହା ପୂର୍ବରୁ ବଡ଼ମୂଳସ୍ଥିତ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହେବ। ଏହାପରେ ଗଛ କଟାଯାଇ କାଠ ସଂଗ୍ରହ ଅନୁକୂଳ କରାଯିବ। ଏଥିଲାଗି ସୋମବାର ଅପରାହ୍ନରେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ମାଳ, ମହାର୍ଦ୍ଦ, ଧୂପ, ଦୀପ ନେଇ ଶ୍ରୀମନ୍ଦିର ପ୍ରଶାସନର ୪ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଯାଇଥିବା ଟିମ୍‌ରେ ରଥ କାଠ ଅମିନ ଲକ୍ଷ୍ମଣ ମହାପାତ୍ର, ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ରହିଛନ୍ତି। ଏ ସମ୍ପର୍କରେ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ରଥ ସଂହିତା ଅନୁଯାୟୀ ତିନି ରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ବାକି ୬୭୨ ଖଣ୍ଡ କାଠ ଏ ବର୍ଷ ଆସିବ।

ମୁଖ୍ୟ ତତ୍ତ୍ୱାବଧାରକ ମେକାପ ବିସ୍ତୃତ ସୂଚନା ଦେଇ କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିରେ ୧୨

### ଆସିବ ୬୭୨ ଖଣ୍ଡ କାଠ

ଫୁଟିଆ ଅସନ ୧୬୪ ଓ ଧଉରା ୧୭୪ ଖଣ୍ଡ, ୨୦ ଫୁଟିଆ ଅସନ ୮୯ ଖଣ୍ଡ ଓ ଧଉରା ୭୦ ଖଣ୍ଡ, ୪୦ ଫୁଟିଆ ଅସନ ୩୦ ଖଣ୍ଡ ଓ ଧଉରା ୭୦ ଖଣ୍ଡ, ୧୪ ଫୁଟିଆ ଫାସି ୭୨ ଖଣ୍ଡ ୧୪ ଫୁଟିଆ ଶିମିଳି ୩ ଖଣ୍ଡ ରହିଛି। ସେଥିମଧ୍ୟରୁ କଟକ ଖପୁରିଆସ୍ଥିତ ଶ' ମିଲ୍‌କୁ ୨୬୬ ଖଣ୍ଡ ଯିବ। ଅବଶିଷ୍ଟ ୪୦୬ ଖଣ୍ଡ କାଠ ରଥ ଖଳାକୁ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ପ୍ରାୟ ୨ ଟ୍ରିପ୍ କାଠ ରଥଖଳାକୁ ପଳାଇ ଆସିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।



ରଥ କାଠ ପାଇଁ ନୟାଗଡ଼ ଅଭିମୁଖେ ବାହାରିଥିବା ବରିଷ୍ଠ ତତ୍ତ୍ୱାବଧାରକ ଏବଂ ଅନ୍ୟମାନେ।

## ପ୍ରଥମ ପୃଷ୍ଠାରୁ...

### ଭାରତ ହେବ...

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଏହାକୁ ଏକ ବାର୍ଷିକ କ୍ରୀଡ଼ାରେ ପରିଣତ କରନ୍ତୁ ବୋଲି ମୁଁ ଚାହିଁବି। ଇଭେଣ୍ଟ ସମୟରେ ଖେଳୁଆଡ଼ ମନୋଭାବ ପ୍ରକାଶ ପାଇବା ନେଇ ମୁଁ ଦୃଢ଼ ନିଶ୍ଚିତ। ରାଜ୍ୟ ସରକାର ଓ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି କ୍ରୀଡ଼ାକୁ ସ୍ମରଣୀୟ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ। ଏଥିରେ ଭାଗ ନେବାକୁ ଯାଉଥିବା ବିଶ୍ୱବିଦ୍ୟାଳୟ ଦଳ ଗୁଡ଼ିକ ଏଠାକାର ସମୃଦ୍ଧ କଳା, ସଂସ୍କୃତି ଓ ଆତିଥ୍ୟରେ ସ୍ମରଣୀୟ ସ୍ମୃତି ନେଇ ଫେରିବା ମୋର ଆଶା'' ବୋଲି ସୋମବାର ପ୍ରତିଯୋଗିତାର ଜର୍ସି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଭାରତକୁ କ୍ରୀଡ଼ାର ମହାଶକ୍ତିରେ ପରିଣତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ପରିପ୍ରେକ୍ଷୀରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ, ୟୁନିଭର୍ସିଟି ଗେମ୍ସ, ସ୍କୁଲ ଗେମ୍ସ ଓ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିବର୍ଷ ଆୟୋଜିତ ହେବ। ପ୍ରତି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଅତିକମ୍‌ରେ ଗୋଟିଏ ଲେଖାଏ କ୍ରୀଡ଼ାକୁ ପ୍ରମୋଟ କରିବେ। ଫଳରେ ୨୦୨୮ ଅଲିମ୍ପିକ୍ସ ବେଳକୁ ବିଶ୍ୱ କ୍ରୀଡ଼ା ଜଗତରେ ଭାରତ ଏକ କ୍ରୀଡ଼ା ଶକ୍ତିରେ ପରିଣତ ହୋଇଥିବ ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରତିଯୋଗିତାର ମାସ୍କଟ ଓ କାର୍ଯ୍ୟସୂଚୀ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶାଙ୍କ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିଆ, ରାଜ୍ୟ କ୍ରୀଡ଼ା ସଚିବ ବିଶାଲ କୁମାର ଦେବ, ୫ ଟି ସଚିବ କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ ଜାତୀୟ ସ୍ତରର ଅନେକ ଟପ୍ ଆଥଲେଟ୍ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ, ମହିଳା ହକି ତାରକା ରଶ୍ମିତା ମିଞ୍ଜ, ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ଧାବକ ଅମିୟ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଦେଶବ୍ୟାପୀ...

ଟ୍ରମା ସେଣ୍ଟରରେ ଭର୍ତ୍ତି ହୋଇଥିବା ୩୫ ଆହତ ଛାତ୍ରଙ୍କଠାରୁ ପୋଲିସ ବୟାନ ରେକର୍ଡ କରିଛି। ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ୍ ଜେଏନ୍‌ୟୁ ରେଜିଷ୍ଟ୍ରାରଙ୍କୁ ସମନ ଜାରି କରିଛନ୍ତି। ଆକ୍ରମଣ ପାଇଁ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ନିଜକୁ ଉତ୍ତରଦାୟୀ କରନ୍ତୁ ବୋଲି ସୋମବାର କଂଗ୍ରେସ ଦାବି କରିଛି। ୨୪ ଘଣ୍ଟା ମଧ୍ୟରେ ଅପରାଧୀମାନଙ୍କୁ ଚିହ୍ନଟ କରିବା ସହ ଛାତ୍ରୀଛାତ୍ରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦଳ ପକ୍ଷରୁ ଦାବି ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆକ୍ରମଣକୁ ଭାଜପାର ଫାସୀବାଦୀ ସର୍ଜିକାଲ ଷ୍ଟ୍ରାଇକ୍ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସିପିଏମ୍ ସାଧାରଣ ସମ୍ପାଦକ ତଥା ଜେଏନ୍‌ୟୁ ଛାତ୍ରସଂଘର ପୂର୍ବତନ ସଭାପତି ସୀତାରାମ ୟେଚୁରୀ କହିଛନ୍ତି, ଆକ୍ରମଣ ପଛରେ କୁଳପତିଙ୍କର ସମ୍ପୃକ୍ତି ରହିଛି। ତାଙ୍କୁ ତୁରନ୍ତ ହଟାଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଭାଜପା ସହଯୋଗୀ ଜେଡିୟୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବହିଷ୍କାର ଦାବି କରିଛି। ଦିଲ୍ଲୀ ପୋଲିସ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ସୁପ୍ରିମକୋର୍ଟର ଜଣେ ବିଚାରପତି ଏହାର ତଦନ୍ତ କରିବା ପାଇଁ ଜେଡିୟୁ ମୁଖପାତ୍ର କେ.ସି. ତ୍ୟାଗୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଜେଏନ୍‌ୟୁ କ୍ୟାମ୍ପସରେ ହୋଇଥିବା ଆକ୍ରମଣକୁ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ତୁଳନା କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆକ୍ରମଣକୁ ନିନ୍ଦା କରିବା ସହ ପୋଲିସ ତୁରନ୍ତ ହିଂସା ବନ୍ଦ କରି କ୍ୟାମ୍ପସ୍‌ରେ ଶାନ୍ତି ଫେରାଇ ଆଣିବାକୁ ଦାବି କରିଛନ୍ତି। ବିଶ୍ୱବ୍ୟିାଳୟ ପରିସରରେ ଯଦି ଛାତ୍ରୀଛାତ୍ର ସୁରକ୍ଷିତ ନ ରହିବେ ତେବେ ଦେଶ କିପରି ଉନ୍ନତି କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଜେଏନ୍‌ୟୁ ଆକ୍ରମଣ ଘଟଣାରେ ମର୍ମାହତ ବୋଲି କହିବା ସହ ଫାସୀବାଦୀମାନେ ଦେଶକୁ ନିୟନ୍ତ୍ରଣ କରୁଥିବା କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବିଏସ୍‌ପି ନେତ୍ରୀ ମାୟାବତୀ ଆକ୍ରମଣକୁ ନିନ୍ଦା କରିଛନ୍ତି। ରବିବାର ରାତିରେ ପ୍ରାୟ ୬୦ ରୁ ୭୦ ମୁଖାପିନ୍ଧା ବ୍ୟକ୍ତି ଜେଏନ୍‌ୟୁ କ୍ୟାମ୍ପସରେ ପ୍ରବେଶ କରି ଲାଠି ଓ ଲୁହାରଡ଼୍‌ରେ ଛାତ୍ର ଓ ଶିକ୍ଷକମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଜେଏନ୍‌ୟୁ ଛାତ୍ରୀସଂଘ ସଭାନେତ୍ରୀ ଐଶ ଘୋଷଙ୍କ ସମେତ ୩୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। କ୍ୟାମ୍ପସ୍‌ରେ ହୋଇଥିବା ଏହି ଆକ୍ରମଣ ପ୍ରାୟୋଜିତ ଥିଲା ବୋଲି ଆହତ ସଭାନେତ୍ରୀ ଐଶ ଘୋଷ କହିଛନ୍ତି। ଏଥିରେ ଆକ୍ରମଣକାରୀଙ୍କ ସହ ସୁରକ୍ଷା କର୍ମୀଙ୍କ ବୁଝାମଣା ଥିଲା, ଯେଉଁଥିପାଇଁ ସେମାନେ ହିଂସାକୁ ଅଟକାଇଲେନି ବୋଲି ଘୋଷ ଅଭିଯୋଗ କରିଛନ୍ତି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏଚ୍ଆର୍‌ଡି)ର ଅଧିକାରୀମାନେ ସୋମବାର ଜେଏନ୍‌ୟୁ କର୍ତ୍ତୃପକ୍ଷଙ୍କୁ ଭେଟି ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରୁ କୁଳପତି ଏମ୍. ଜଗଦେଶ କୁମାରଙ୍କୁ ଦୂରେଇ ରଖାଯାଇଥିଲା। ଏଚ୍ଆର୍‌ଡି ସଚିବ ଅମିତ ଖାରେଙ୍କ ସହ ବୈଠକରେ ଜେଏନ୍‌ୟୁ ରେଜିଷ୍ଟ୍ରାର, ପ୍ରୋକ୍ଟର ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

### ଓଏଏସ୍ ପରୀକ୍ଷାଫଳ ପ୍ରକାଶିତ

## ଦେବାଶିଷ ପଣ୍ଡା ଟପ୍ପର

କଟକ ଅଫିସ, ୬।୧: ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ଚୂଡ଼ାନ୍ତ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ୨୧୮ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଗତ ଡିସେମ୍ବର ୧୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନ୍ତିମ ପର୍ଯ୍ୟାୟ ତଥା ବ୍ୟକ୍ତିତ୍ୱ ପରୀକ୍ଷା କରାଯାଇଥିଲା। ସର୍ବାଧିକ ନମ୍ବର ହାସଲ କରି ଦେବାଶିଷ ପଣ୍ଡା ଚଳିତବର୍ଷ ଓଏଏସ୍ ଟପ୍ପର ହୋଇଥିବାବେଳେ ଋତୁପର୍ଣ୍ଣା ମହାପାତ୍ର ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଆକାଶ କୁମାର ପଣ୍ଡା, ସନ୍ତୋସିନୀ ଦାସ, ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା, ଶକ୍ତିଶ୍ରୀ ଅନିଲ ରଞ୍ଜନ ସାହୁ, ଶତାବ୍ଦୀ ରାୟ, ଦମୟନ୍ତୀ ସାହୁ, ଶକ୍ତି ମହାପାତ୍ର ଓ ସ୍ମରଣିକା ଟୁଲୋ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନରେ ରହିଛନ୍ତି।

## ରାଜଧାନୀ ଏକ୍ସପ୍ରେସର ସମୟ ପରିବର୍ତ୍ତନ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଉତ୍ତର ଭାରତରେ ଘନ କୁହୁଡ଼ି ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେଉଛି। ପୂର୍ବ ଭାରତରେ ବି ଏହାର ପ୍ରଭାବ ପଡ଼ିଛି। ଏଥିପାଇଁ ସୋମବାର ୧୮୪୭୭ ପୁରୀ–ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସର ସମୟ ପରିବର୍ତ୍ତନ କରାଯାଇଥିଲା। ଏହି ଟ୍ରେନ୍ ପୁରୀଠାରୁ ରାତି ୮ଟା ୫୦ ପରିବର୍ତ୍ତେ ରାତି ୧୧ଟାରେ ଛାଡ଼ିଥିଲା। ସେହିପରି ମଙ୍ଗଳବାର ୨୨୮୨୩ ଭୁବନେଶ୍ୱର–ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ର ସମୟସୂଚୀ ପରିବର୍ତ୍ତନ କରାଯାଇଛି। ରାଜଧାନୀ ଭୁବନେଶ୍ୱରରୁ ସକାଳ ୯ଟା ୩୦ ପରିବର୍ତ୍ତେ ଅପରାହ୍ନ ୪ଟା ୩୦ରେ ଛାଡ଼ିବ। ଘନ କୁହୁଡ଼ି ଯୋଗୁ ସଂଯୋଗକାରୀ ଟ୍ରେନଗୁଡ଼ିକ ବିଳମ୍ବରେ ପହଞ୍ଚୁଥିବାରୁ ସମୟସୂଚୀରେ ଏପରି ପରିବର୍ତ୍ତନ କରାଯାଉଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

### ଆଜିର ମନ୍ତବ୍ୟ

ଭାରତକୁ ବିଭାଜନ କରିବା ପାଇଁ ଏନ୍ଆର୍‌ସି ଏକ ଖଳ ଯୋଜନା।
–ପି. ଚିଦାମ୍ବରମ୍, କଂଗ୍ରେସ ନେତା

### କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୨.୫୨ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ସ୍ତର ୪୫୭.୪୬ ବିଲିୟନ ଡଲାର ଛୁଇଁଛି।
– ରିଜର୍ଭ ବ୍ୟାଙ୍କ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ଓ ମଙ୍ଗଳଙ୍କ ସମସପ୍ତକ ଦୃଷ୍ଟି ଆପଣଙ୍କୁ କର୍ମକ୍ଷେତ୍ରରେ ସଫଳତା ପ୍ରଦାନ କରିବ। କାନକୁହା କଥା ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକ ଓ କୌଣସି ବିବାଦୀୟ ପରିବେଶ ସୃଷ୍ଟି କରିପାରେ। ପରୋକ୍ଷ ଶତ୍ରୁତା, ବାଣିଜ୍ୟରେ କ୍ଷତି, ଜମିଜମା କାରବାରରେ ଦ୍ୱନ୍ଦ୍ୱ ଅସ୍ଥିରତାର ମୁଖ୍ୟ କାରଣ ପାଲଟିଯିବ। କଳା, ସାହିତ୍ୟରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି।

**ବୃଷ** ଉଚ୍ଚସ୍ଥ ଚନ୍ଦ୍ର ସହକର୍ମୀ ତଥା ପାଖ,ପଡ଼ୋଶୀଙ୍କ ସହାନୁଭୂତି ପାଇବାରେ ସାହାଯ୍ୟ କରିବ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିଲେ ମଧ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରଭାବିତ ହେବ ନାହିଁ। ଆନୁଷ୍ଠାନିକ ଓ ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ମନକୁ ଆଶ୍ୱସ୍ତି ପ୍ରଦାନ କରିବ। ନିଜର ଆତ୍ମୀୟମାନଙ୍କ ଦ୍ୱାରା ପରୋକ୍ଷ ଶତ୍ରୁତାରେ ପୀଡ଼ିତ ହେବାକୁ ପଡ଼ିପାରେ।

**ମିଥୁନ** ଦ୍ୱାଦଶସ୍ଥ ଚନ୍ଦ୍ର ଓ ଅଷ୍ଟମସ୍ଥ ଶୁକ୍ର ଅପବ୍ୟୟ,ପାରିବାରିକ ସମସ୍ୟା,ବିକ୍ଷିପ୍ତ ଚିନ୍ତାଧାରା ମାଧ୍ୟମରେ ମାନସିକ ଅଶାନ୍ତି ସୃଷ୍ଟି କରିବ। ତଥାପି ଦର୍ଶନୀୟସ୍ଥାନ ପରିଭ୍ରମଣର ମସୁଧା ପାଇପାରନ୍ତି। ଦୀର୍ଘଦିନରୁ ରହିଆସିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ସାଙ୍ଗକୁ ସୁନାମ ଅର୍ଜନ କରିବେ ।

**କର୍କଟ** ଏକାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବ। ବାକ୍ ଅସଂଯମତା ଯୋଗୁ ସଭାସମିତିରେ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟକୁ ସଙ୍କୁଚିତ କରିନେବାର ଯୋଜନା କରିବାକୁ ମନ ବଳାଇ ପାରନ୍ତି।

**ସିଂହ** ପାରସ୍ପରିକ ଆଲୋଚନା କ୍ରମେ ସହଯୋଗ ଲାଭକରି କାର୍ଯ୍ୟସାଧନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଶେୟାର ବଜାର, ନିର୍ମାଣ, ପରିବହନ ଓ ମାଲି ମକଦ୍ଦମା କ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରର ବ୍ୟୟ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସହ ଅର୍ଥ ସଂକଟରେ ଅତିଷ୍ଠ ହେବେ।

**କନ୍ୟା** ଅଷ୍ଟମାଧିପତି ମଙ୍ଗଳଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ଯାହା ପାଇବାକୁ ଆଶା ବାନ୍ଧି ବସିଛନ୍ତି ତାହା ପାଇବା କଷ୍ଟକର ହେବ । ପାରବାରିକ କ୍ଷେତ୍ର, ପ୍ରଶାସନିକ ସେବା,ଏଜେନ୍ସିପ୍ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ନୂତନ ପ୍ରକଳ୍ପ, ଅର୍ଥନୈତିକ ସଂସ୍କାର, କୂଟନୀତି, ଚୁକ୍ତିପତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ତୁଳା** ଆଜିର ଚନ୍ଦ୍ରଙ୍କ ସ୍ଥିତି କର୍ମକ୍ଷେତ୍ରର ସମସ୍ୟା ବିଷୟରେ ଚିନ୍ତିତ କରାଇବ। ଶାରୀରିକ ଅସୁସ୍ଥତା କାରଣରୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ। ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ଅର୍ଥ ସମ୍ପର୍କ, ଦୂର ଯାତ୍ରା, କ୍ରୀଡ଼ା, ଚଳଚ୍ଚିତ୍ରରେ ପ୍ରଶଂସିତ ହେବେ।

**ବିଛା** ଏକାଧିକ ଗ୍ରହ ମୁଖଭାବସ୍ଥ ଯୋଗୁ ବ୍ୟବହାରରେ ଶାଳୀନତା ଅଭାବରୁ ମିତ୍ରବନ୍ଧୁଙ୍କ ସହ ସମ୍ପର୍କହାନି ଘଟିବାର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବା ଆଶା ମଉଳି ଯାଇପାରେ। କ୍ରୀଡ଼ା,ଚଳଚ୍ଚିତ୍ର, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଗ ଧାଡ଼ିରେ ରହିବେ।

**ଧନୁ** ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରଣୀ ହେବେ କିନ୍ତୁ ଚିନ୍ତାଧାରା ବିକ୍ଷିପ୍ତ ରହିବ। ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସମର୍ଥ ହେବେ। କଚେରି ମାମଲା,କଳା, ସାହିତ୍ୟ,ସଙ୍ଗୀତ ଆସର, ଭ୍ରମଣ ପ୍ରଭୃତିର ସୁଯୋଗ ପାଇବେ। ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ଚିନ୍ତାର କାରଣ ହେବ।

**ମକର** ଅନୁକୂଳ ଗ୍ରହସ୍ଥିତି ଅଭିଳାଷ ପୂରଣ କରିବା ଦିଗରେ ସାହାଯ୍ୟ କରିବ। ନୂତନ ଯୋଜନା, ରାଜନୀତି, ସଭାସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ। ବ୍ୟବସାୟ କ୍ଷେତ୍ର, ଦୂରଯାତ୍ରା, ପରିଭ୍ରମଣ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥ, ସମ୍ମାନ, ପ୍ରତିଷ୍ଠା ସାଙ୍ଗକୁ ବନ୍ଧୁମାନଙ୍କ ଶୁଭ କାମନାରେ ମନ ପ୍ରଫୁଲ୍ଲିତ ରହିବ।

**କୁମ୍ଭ** ରାହୁ ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ପରିବାର କିମ୍ବା କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଜନିତ କଳହର ଆଶଙ୍କା ରହିଛି। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ବିବାଦୀୟ ଘଟଣାର ଫଇସଲା ଏବଂ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ସରକାରୀ ସ୍ତରରେ ଅଟକି ରହିଥିବା କାମ କ୍ଷେତ୍ରରେ ସଫଳତା ପାଇବେ। ଆତ୍ମୀୟଙ୍କ ବେଖାତିର ମନୋଭାବ ପରିସ୍ଥିତିକୁ ଜଟିଳ କରିଦେଇପାରେ।

**ମୀନ** ଧନାଧିପ ଭାଗ୍ୟସ୍ଥ ହେତୁ ଅର୍ଥନୈତିକ ଅଭିବୃଦ୍ଧି ସହ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ। ନିର୍ମାଣ, ପରିବହନ, ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚମାନର ଫଳ ଲାଭ କରିବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ଉପନୀତ ହେବେ। ଋଣ ପରିଶୋଧ, କଚେରି ମାମଲା ଓ ଦୂରଯାତ୍ରା ଦୁଶ୍ଚିନ୍ତାର କାରଣ ହେବାର ଆଶଙ୍କା ରହିଛି।

ଆଜି ଜାନୁୟାରୀ ୭ ତାରିଖ, ପୌଷ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ,ରାଶିନକ୍ଷତ୍ର–କୃତ୍ତିକା/ବୃଷ, ମକର ରାଶିର ଘାତବାର, ସକାଳ ଘ୭।୫୧ମି. ଗତେ ଘ୯।୧୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୪ମି. ଗତେ ଘ୧।୧୬ମି. ମଧ୍ୟେ, ଘ୨।୩୭ମି. ଗତେ ଘ୩।୫୮ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୦ମି. ଗତେ ଘ୧୦।୩୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029. D-68459

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

DLF Cybercity, Full Furnished, International Standard Interior. Patia, Bhubaneswar, Cost: 99Lac. Call owner 7008560412. D-16065

Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300. D-68467

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Construct your building as per your terms and condition. Contact: 9937064680. D-27284




Fully equipped Office Spaces with Flexible Rental Terms. 20,000sqft, Near Infosys Patia, suitable for IT Companies. Call: 7008560412. D-16066

3BHK hall well-furnished flat Shreekhetra Residency Khandagiri, Bhubaneswar for Family, Contact: 9937928151. D-68971




Rejuvenate and ayurvedic full body massage by smart therapist. 9114402304. D-68946

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Refresh your mind and soul with best therapy at Orchid Salon/Spa. 9937287222. D-68745

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Newly open full body massage with gents and ladies, 9090377418. D-59942

Ayurvedic full body massage ladies and gents. Contact: 9861064981. D-68746

BUSINESS

Looking to rent or buy a house near Puri Temple, possibly 500meter from Sri Jagannath Temple. Sellers to contact: 7008560412. D-16067



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ
# ଶଯ୍ୟାସଂଖ୍ୟା ୩୦୦କୁ ବୃଦ୍ଧି

**ନିର୍ମାଣ ହେବ ୭ ମହଲା ବିଶିଷ୍ଟ ଏକ ଡିଏଚ୍‌ଏଚ୍ କମ୍ପ୍ଲେକ୍ସ**

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇ ୩୦୦ ହେବ। 'ମୋ ସରକାର' ଟିମ୍ ଭଦ୍ରକ ପରିଦର୍ଶନ କରିବା ପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏନେଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ଉନ୍ନତି ତଥା ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ୭ ମହଲା ବିଶିଷ୍ଟ ଏକ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିରେ ୩୦୦ ଶଯ୍ୟା ରହିବ। ବର୍ତ୍ତମାନ ଯେଉଁ ବିଲ୍‌ଡିଂରେ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟ କରୁଛି, ସେଥିରେ ୧୯୧ ଶଯ୍ୟା ରହିଛି। ଅଧିକ ରୋଗୀଙ୍କୁ ସେବା ଯୋଗାଇଦେବା ପାଇଁ ଏକ ଅନ୍ତରୀଣ ପଦକ୍ଷେପ ଭାବେ ଶଯ୍ୟା ସଂଖ୍ୟାକୁ ବଢ଼ାଯାଇଛି। ଏହାସହ ରୋଗୀମାନଙ୍କ ଆଟେଣ୍ଡାଣ୍ଟମାନଙ୍କ ଲାଗି ୨୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ସହ ଓପିଡି ପଞ୍ଜୀକରଣ ପାଇଁ ଅଧିକ କାଉଣ୍ଟର ମଧ୍ୟ ଖୋଲାଯିବ। ରୋଗୀ ଓ ଅଟେଣ୍ଡାଣ୍ଟଙ୍କ ସୁବିଧା ପାଇଁ ମୁଖ୍ୟ ଚିକିତ୍ସାଳୟ ପରିସରରେ ପାର୍କିଂ ଏରିଆର ବିକାଶ କରାଯିବ। ଭଦ୍ରକ ଜିଲାର ସଦର ମହକୁମା ଚିକିତ୍ସାଳୟ ରୋଗୀ କଲ୍ୟାଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ସହାୟତା ଦିଆଯିବ। ସୂଚନାଯୋଗ୍ୟ, 'ମୋ ସରକାର' ଟିମ୍‌ର ଭଦ୍ରକ ଗସ୍ତ ପରେ ରୋଗୀଙ୍କଠାରୁ ମତାମତ ଏବଂ ଡାକ୍ତରମାନଙ୍କ ସହ ଆଲୋଚନାକୁ ଭିତ୍ତିକରି ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।






ନୂଆପଡା ଜିଲ୍ଲା ସିନାପାଲି ବ୍ଲକର ସମସ୍ତ ଜନସାଧାରଣଙ୍କୁ ନବବର୍ଷ ୨୦୨୦ର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।

ସୁବାସ ଚନ୍ଦ୍ର ଅଗ୍ରୱାଲ
ସିନାପାଲି ବ୍ଲକ ଉପାଧ୍ୟକ୍ଷ

ନବବର୍ଷ ୨୦୨୦ ସମସ୍ତଙ୍କ ମନରେ ଆନନ୍ଦ ଓ ଉଲ୍ଲାସ ଭରିଦେଉ। ସମସ୍ତଙ୍କ ଚଲାପଥ ସୁଗମ ହେଉ।



ଗିରିରାଜ ମାଝୀ
ଜିଲ୍ଲା ପରିଷଦ ସଭ୍ୟ



ନବବର୍ଷ ୨୦୨୦ ଅବସରରେ ସମସ୍ତ ଗୋର୍ଲା ତଥା ସିନାପାଲି ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।

ଦିଲୀପ କୁମାର ମାଝୀ
ଗୋର୍ଲା ଗ୍ରା.ପ. ସରପଞ୍ଚ

### ନୟାଗଡ଼ ଡିଏଚ୍‌ଏଚ୍‌କୁ 'ମୋ ସରକାର' ଟିମ୍‌ର ପରିଦର୍ଶନ
## ରୋଗୀଙ୍କଠାରୁ ମିଳିଲା ସକାରାତ୍ମକ ପ୍ରତିକ୍ରିୟା

ଭୁବନେଶ୍ୱର, ୬।୧(ବ୍ୟୁରୋ)

'ମୋ ସରକାର'ର ଟିମ୍ ସୋମବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନ କରିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କ ପ୍ରତିକ୍ରିୟା ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକ ୪ଜଣିଆ ଟିମ୍ ପଠାଯାଇଥିଲା। ଏହି ଟିମ୍ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ଓ କାଉଣ୍ଟର ବୁଲି ୬୦ରୁ ଊର୍ଦ୍ଧ୍ୱ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ରାଜ୍ୟ ସରକାରଙ୍କ 'ମୋ ସରକାର' ଯୋଜନାକୁ ନେଇ ରୋଗୀମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ବୃଦ୍ଧି ପାଇଥିବା ଟିମ୍ ଜାଣିବାକୁ ପାଇଛି। ଚିକିତ୍ସାଳୟ କର୍ତ୍ତୃପକ୍ଷ ମଧ ଏହି ଯୋଜନା ସମ୍ପର୍କରେ ରୋଗୀଙ୍କୁ ସଚେତନ କରାଉଛନ୍ତି। ରୋଗୀମାନେ ଜାଣିଛନ୍ତି ଯେ, ପ୍ରତ୍ୟକ୍ଷଭାବେ ମୁଖ୍ୟମନ୍ତ୍ରୀ, ତାଙ୍କ କ୍ୟାବିନେଟ୍ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ପ୍ରତିକ୍ରିୟା ନେଉଛନ୍ତି। ତେବେ ଚିକିତ୍ସାଳୟରେ ସ୍ୱଚ୍ଛତା, ଭିତ୍ତିଭୂମି ସେବା, ରୋଗ ନିରୂପଣ ସହାୟକ ସେବା, 'ନିରାମୟ' ଯୋଜନାରେ ମିଳୁଥିବା ଔଷଧର ଉପଲବ୍ଧତା ବୃଦ୍ଧି ପାଇଥିବା ଟିମ୍ ଦେଖିବାକୁ ପାଇଥିଲା। 'ନିରାମୟ' ସେବା ସମ୍ପର୍କରେ ଜାଣିବା ପାଇଁ ଟିମ୍‌ର ଦୁଇଜଣ ସଦସ୍ୟ ରୋଗୀ ହୋଇ ଓପିଡି ଓ ନିରାମୟ କାଉଣ୍ଟରରେ ଧାଡ଼ିରେ ଛିଡ଼ା ହୋଇଥିଲେ ଏବଂ ଡାକ୍ତର-ରୋଗୀଙ୍କ ମଧ୍ୟରେ କଥାବାର୍ତ୍ତା ଓ ଔଷଧ ଉପଲବ୍ଧ ରହିଛି କି ନାହିଁ ତଦାରଖ କରିଥିଲେ। ଚିକିତ୍ସାଳୟରେ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁଛନ୍ତି ବୋଲି ଟିମ୍ ଜାଣିବାକୁ ପାଇଥିଲା ଏବଂ ରୋଗୀଙ୍କ ପ୍ରତିକ୍ରିୟା ମଧ ସକାରାତ୍ମକ ଥିଲା।

# ନାବକେଳି କଲେ ରାଧାକୃଷ୍ଣ



ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ।

ମଥୁରାନଗରୀ/ଗୋପପୁର,୬।୧

ବରଗଡ଼ ଧନୁଯାତ୍ରାର ସୋମବାର ସପ୍ତମ ଦିବସରେ ମଥୁରାଧିପତି କଂସ ମହାରାଜାଙ୍କ ପରାକ୍ରମ ଏବଂ ସ୍ଥାନୀୟ ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ଦେଖିବାକୁ ମିଳିଥିଲା। ରାଧାକୃଷ୍ଣଙ୍କୁ ସାଙ୍ଗରେ ନେଇ ଗୋପବାସୀ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ମନାବନ୍ଧ ଅଭିମୁଖେ ଯାଇଥିଲେ। ବାଟରେ ପ୍ରତି ଘର ସମ୍ମୁଖରେ ପୂର୍ଣ୍ଣକଳସ ରଖି ରାଧାକୃଷ୍ଣଙ୍କୁ ସ୍ୱାଗତ କରାଯାଇଥିଲା। ତଳିପଡ଼ା ସମଲେଶ୍ୱରୀ ମନ୍ଦିର ନିକଟ ଏବଂ ହାଟପଦା ନିକଟ ରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁମାନେ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇଥିଲେ। ସେହିପରି ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ବେଶ୍ ମନୋରମ ହୋଇଥିଲା। ସୁସଜ୍ଜିତ ଡଙ୍ଗାରେ ରାଧାକୃଷ୍ଣ ବସିଥିବାବେଳେ ନାଉରିଆ ଡଙ୍ଗାକୁ ମନାବନ୍ଧ(ଜଳାଶୟ) ଚାରିପାଖରେ ବୁଲାଇଥିଲେ। ଏହି ଦୃଶ୍ୟାଭିନୟ ଚାଲିଥିବାବେଳେ ମନାବନ୍ଧର ଚତୁଃପାର୍ଶ୍ୱ ଜନଗହଳିରେ ପୂରି ଉଠିଥିଲା ଏବଂ ଉପସ୍ଥିତ ମହିଳାଙ୍କ ହୁଳହୁଳି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

ସେହିପରି କଂସ ମହାରାଜା ମଥୁରା ପରିଭ୍ରମଣ କଲାବେଳେ ବାଟରେ ଟାଉନ ଥାନାକୁ ଯାଇଥିଲେ ଏବଂ ମଥୁରା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଥାନାଧିକାରୀ ସଦାନନ୍ଦ ପୂଝାରୀଙ୍କୁ ପଚାରି ବୁଝିଥିଲେ। ମଥୁରା ଭ୍ରମଣ ପରେ କଂସ ରଙ୍ଗମହଲକୁ ଆସିଥିଲେ ଏବଂ ମହାରାଜାଙ୍କ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କଳକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସେଠାରୁ ମହାରାଜା କଂସ ହାଟପଦାସ୍ଥିତ ରାଜ ଦରବାରକୁ ଯାଇଥିଲେ । ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସ ନିଧନ ପରଠାରୁ ମର୍ମାହତ କଂସ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ପୁଣି ଷଡ଼ଯନ୍ତ୍ର ରଚନା କରିଥିଲେ ଏବଂ ଏଥିପାଇଁ ଧନୁଯାତ୍ରା ଆୟୋଜନ କରିଥିଲେ। ଏହି କ୍ରମରେ ଶ୍ରୀକୃଷ୍ଣ, ବଳରାମଙ୍କୁ ଧନୁଯାତ୍ରାକୁ ନିମନ୍ତ୍ରଣ ସକାଶେ ମହାମନ୍ତ୍ରୀ ଅକ୍ରୂରଙ୍କୁ ଚିଟାଉ ଧରି ନନ୍ଦରାଜାଙ୍କ ପାଖକୁ ଯିବା ପାଇଁ ମହାରାଜା ନିର୍ଦ୍ଦେଶ ଦେଇଥିଲେ। ଓଡିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ଼ର ଚେୟାରମ୍ୟାନ ବିଜୟ ନାୟକ ରାଜଅତିଥି ଭାବେ ଯୋଗଦାନ କରିଥିଲେ । ମଥୁରାନଗରୀରେ କ୍ରୀଡ଼ାକ୍ଷେତ୍ରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ ପାଇଁ ତୁରନ୍ତ ଏକ ତାଲିମ କେନ୍ଦ୍ର ଖୋଲିବା ପାଇଁ ମହାରାଜା କଂସ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଞ୍ଚରେ ବରଗଡ଼ ବିଧାୟକ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର

FICCI

DSPL-217



କୃଷି ଓଡ଼ିଶା
୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

କୃଷକଙ୍କ ଉପାର୍ଜନ ବୃଦ୍ଧି ପାଇଁ ପ୍ରୟାସ

ଉଦ୍‌ଘାଟନ କରିବେ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

୨୦ ଜାନୁଆରୀ, ୨୦୨୦



କୃଷି ପ୍ରଦର୍ଶନୀ
ଭାଗୀଦାରି ଆଦାନ ପ୍ରଦାନ
କୃଷି ଜ୍ଞାନ ଯାତ୍ରା
ବ୍ୟବସାୟ ଓ ସରକାର ଆଲୋଚନା
ସମ୍ବର୍ଦ୍ଧନା
ସ୍ମରଣିକା

ବୈଷୟିକ ଆଲୋଚନା ଚକ୍ର
- ଉତ୍ପାଦକତା ବୃଦ୍ଧି ପାଇଁ ଜଳ ସମ୍ପଦର ସୁବିନିଯୋଗ ଏବଂ ଜଳବାୟୁ ଆଧାରିତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ।
- କୃଷି ସମସ୍ୟା ଗୁଡ଼ିକର ଦୀର୍ଘସ୍ଥାୟୀ ସମାଧାନ ଦିଗରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଦୃଷ୍ଟି।
- ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇଁ ବଜାର ସଂଯୋଗୀକରଣ।
- ନୂତନ କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ କୁଶଳ ସମାଧାନ ଏବଂ କୃଷି ଉତ୍ପାଦର ମୂଲ୍ୟ ଶୃଙ୍ଖଳ ପରିଚାଳନା।
- ଉତ୍ପାଦନ ମୂଲ୍ୟ ହ୍ରାସ ପାଇଁ ଏବଂ କୃଷକର ଆୟବୃଦ୍ଧି ପାଇଁ କୃଷି ଯାନ୍ତ୍ରିକୀକରଣର ସଫଳ ପ୍ରୟୋଗ।
- କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବୀମା କେନ୍ଦ୍ରିତ ବିପର୍ଯ୍ୟୟ ପରିଚାଳନା।
- କୃଷି ଓ ଉଦ୍ୟାନକୃଷି କ୍ଷେତ୍ରରେ କ୍ଷୟକ୍ଷତି ଜନିତ ଉତ୍ପାଦନ ହ୍ରାସ ପାଇଁ ଅମଳ ପରବର୍ତ୍ତୀ ପରିଚାଳନା।
- ଲାଭପ୍ରଦ କୃଷି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଦାୟିତ୍ୱ ବୃଦ୍ଧି।

ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

For details, contact: Federation of Indian Chambers of Commerce & Industry (FICCI) | Mr. Vinay Gupta, Assistant Director | M: +91 9910103354 | E: vinay.gupta@ficci.com
Director, Institute on Management of Agricultural Extension (IMAGE) | M: +91 9438050558 | E: imagebbsr@rediffmail.com

01408/13/0001/1920

ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ



# ଦେଶ ବଞ୍ଚିଲେ ଆମେ ବଞ୍ଚିବା

ବୈକୁଣ୍ଠନାଥ ମିଶ୍ର

ମନୁଷ୍ୟର ଅସ୍ୱାଭାବିକ ଆଚରଣ ଘୋର ସଙ୍କଟମୟ ସ୍ଥିତିକୁ ଆମନ୍ତ୍ରଣ କରୁଛି। ତା'ର ଚଳଣି, ନିତ୍ୟନୈମିତ୍ତିକ କର୍ମ ସମ୍ପାଦନ ଓ ଗତିବିଧିର ଫଳାଫଳ କ୍ରମେ ତା' ମୁଣ୍ଡ ଉପରେ ବିପଦର ଖଣ୍ଡା ଝୁଲାଇ ରଖିଛି। ସେ ସବୁ ଶୁଣେ, ସବୁ ଦେଖେ ଓ ସବୁ ଜାଣେ ତଥାପି ତା'ର ଚୈତନ୍ୟ ଜାଗ୍ରତ ହେଉନାହିଁ। ନିଜେ ନିଜର ବାସସ୍ଥଳୀ ଓ ଚତୁଃପାର୍ଶ୍ୱ ପରିବେଷ୍ଟନୀକୁ ପ୍ରତିକୂଳତା ମଧ୍ୟକୁ ଠେଲି ଦେଉଛି। ସାମୟିକ ସୁଖଭୋଗର ଲାଳସାକୁ ସମ୍ବରଣ କରି ନ ପାରି ସେ ପରିବେଶର ଯେଉଁ କ୍ଷତି ଘଟାଉଛି, ତାହା ନିଜ ପାଇଁ ଓ ଅନ୍ୟ ଲାଗି ବିଷମୟ ପରିଣତି ସୃଷ୍ଟି କରିଚାଲିଛି।

୨୦୧୯ ଅକ୍ଟୋବର ଶେଷ ସପ୍ତାହ ଓ ନଭେମ୍ବର ପ୍ରଥମ ସପ୍ତାହ ଉପକୂଳ ଓଡ଼ିଶା ପାଇଁ ଅଭୂତପୂର୍ବ ପାରିବେଶିକ ସମସ୍ୟା ସୃଷ୍ଟି କରିଥିଲା। ଏହା ଓଡ଼ିଶା ପରିବେଶ ଇତିହାସରେ ବିରଳ। ବର୍ଷା ନାହିଁ, ଖରା ନାହିଁ, କୁହୁଡି ମଧ୍ୟ ନୁହେଁ, ଅଥଚ କୁହୁଡ଼ିର ଭ୍ରମ ସୃଷ୍ଟିକାରୀ ଏକ ଧୂମମୟ ଆସ୍ତରଣ ବାୟୁମଣ୍ଡଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିଲା। ଧୂଳି ଓ ଧୂଆଁର ଏକ ବହଳ ଆବରଣ ସମଗ୍ର ପୂର୍ବାହ୍ଣକୁ ଢାଙ୍କି ରଖିଥିଲା। ଏହାକୁ ପରିବେଶବିତ୍‌ଙ୍କ ଭାଷାରେ କୁହାଯାଏ ସ୍ମଗ୍। ଏହାଥିଲା ବାତ୍ୟା 'ବୁଲ୍‌ବୁଲ୍'ର ଠିକ୍ ପୂର୍ବବର୍ତ୍ତୀ ସମୟ। ସେତେବେଳେ ଉପକୂଳ ଓଡ଼ିଶାରେ ଉତ୍ତର ଓ ଉତ୍ତରପୂର୍ବ ଦିଗରୁ ଯେଉଁ ବାୟୁ ପ୍ରବାହିତ ହେଉଥିଲା ତା'ର ଘଣ୍ଟା ପ୍ରତି ବେଗ ଥିଲା ମାତ୍ର ୫ କି.ମି.ରୁ କମ୍। ଫଳରେ ବିଭିନ୍ନ ସହରର ଧୂଳିଧୂଆଁର ପ୍ରଦୂଷଣ ସୃଷ୍ଟିକାରୀ କଣିକା ପରିବାହିତ ହୋଇ ନ ପାରି ବାୟୁମଣ୍ଡଳରେ ଜମାଟ ବାନ୍ଧି ରହିଥିଲା। ୨୦୧୪ ସେପ୍ଟେମ୍ବର ୧୭ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ବାୟୁମଣ୍ଡଳର ଗୁଣବତ୍ତା ସୂଚକ (ଏୟାର କ୍ୱାଲିଟି ଇଣ୍ଡେକ୍ସ–ଏକ୍ୟୁଆଇ) ଅନୁସାରେ ବାୟୁମଣ୍ଡଳର ବିଭିନ୍ନ ଗ୍ୟାସ୍ ଓ ଧୂଳିକଣାର ଅନୁପାତ ନିର୍ଦ୍ଧାରଣ କରାଯାଇଛି। ଏକ୍ୟୁଆଇ ଶୂନରୁ ୫୦ ମଧ୍ୟରେ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ। ୫୧ରୁ ୧୦୦ ସନ୍ତୋଷଜନକ, ୧୦୧ରୁ ୨୦୦ ଚଳନୀୟ, ୨୦୧ରୁ ୩୦୦ କ୍ଷତିକାରକ, ୩୦୧ରୁ ୪୦୦ ଅତ୍ୟନ୍ତ କ୍ଷତିକାରକ, ୪୦୧ରୁ ୫୦୦ ତଦୂର୍ଦ୍ଧ୍ୱ ଭୟଙ୍କର କ୍ଷତିକାରକ। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦେଶର ଅତ୍ୟନ୍ତ ପ୍ରଦୂଷିତ ୧୦୬ଟି ସହରକୁ ଚିହ୍ନଟ କରିଛନ୍ତି। ଯେଉଁଥିରେ ଓଡ଼ିଶାର ଅଛି ୭ଟି ସହର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୋଳ, ତାଳଚେର, ବାଲେଶ୍ୱର ଓ କଳିଙ୍ଗନଗର। ଓଡ଼ିଶାରେ ବାୟୁପ୍ରଦୂଷଣ ମାପ କରିବାର କୌଣସି ସୁବିଧା ଆଜି ସୁଦ୍ଧା ହୋଇପାରିନାହିଁ। ତେଣୁ ଓଡ଼ିଶାର ଠିକ୍ ପ୍ରଦୂଷଣମାତ୍ରା ନିରୂପିତ ହୋଇନାହିଁ। ତଥାପି ଉପରୋକ୍ତ ସହର ଓ ଉପକୂଳ ଓଡ଼ିଶାର ସେହି ସମୟର ବାୟୁ ଗୁଣବତ୍ତା ପ୍ରାୟ ୪୦୦ ହେବ ବୋଲି ଅନୁମାନ କରାଯାଏ। ପରିବେଶ ବିଜ୍ଞାନୀଙ୍କ ମତରେ ଭୟଙ୍କର ପ୍ରଦୂଷିତ ବାୟୁ ମନୁଷ୍ୟର ପରମାୟୁକୁ ପ୍ରାୟ ୨୦ ମାସ ହ୍ରାସ କରୁଛି।

ପୃଥିବୀର ପ୍ରଦୂଷିତ ସହର ମଧ୍ୟରେ ସର୍ବାଗ୍ରେ ରହିଛି ଦିଲ୍ଲୀ। ତା'ପଛକୁ ଅଛନ୍ତି ଢାକା ଓ ଲାହୋର। ଢାକା ତୁଳନାରେ ଦିଲ୍ଲୀର ପ୍ରଦୂଷଣ ପ୍ରାୟ ୬୦ ପଏଣ୍ଟ ଅଧିକ। ଢାକା ଓ ଲାହୋର ଦ୍ୱିତୀୟ ଓ ତୃତୀୟ ସ୍ଥାନ ମଧ୍ୟରେ ପରିବର୍ତ୍ତିତ ହେଉଥିଲେ ମଧ୍ୟ ଦିଲ୍ଲୀର ସ୍ଥିତି ସଦା ଅପରିବର୍ତ୍ତିତ ରହୁଛି। ୨୦୧୫ରେ ଏକ୍ୟୁଆଇ ନିର୍ଦ୍ଧାରିତ ହେବା ପରେ ଦିଲ୍ଲୀର ବାୟୁମଣ୍ଡଳ ଦ୍ୱିତୀୟଥର ପାଇଁ ସର୍ବୋଚ୍ଚ ସ୍ତର (୫୦୦ ପାଖାପାଖି)କୁ ସ୍ପର୍ଶ କରିଛି। ୨୦୧୬ ନଭେମ୍ବର ୬ ତାରିଖରେ ବାୟୁ ଗୁଣବତ୍ତା ଥିଲା ୪୯୭। ସେତେବେଳେ ଦୀପାବଳିର ବାଣଫୁଟାକୁ ବିଶେଷଭାବେ ଦାୟୀ କରାଯାଇଥିଲା। ସେଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରି ସ୍ଥାନୀୟ ପ୍ରଶାସନକୁ ଏହା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାଙ୍କ ନିର୍ଦ୍ଦେଶର ପରିପାଳନ କରାଗଲା ନାହିଁ। ୨୦୧୯ ନଭେମ୍ବର ୩ ତାରିଖ ଓ ପରବର୍ତ୍ତୀ ଦିନଗୁଡିକରେ ଦିଲ୍ଲୀର ବାୟୁମଣ୍ଡଳୀୟ ଗୁଣବତ୍ତା ୨୦୧୬ର ପୁନରାବୃତ୍ତି ଘଟିଲା। ଏଥର ମଧ୍ୟ ଉଚ୍ଚତମ ନ୍ୟାୟାଳୟ ଦିଲ୍ଲୀ ପ୍ରଶାସନ ଓ କେନ୍ଦ୍ର ସରକାରଙ୍କୁ ତାଗିଦ୍ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତରେ ମନୁଷ୍ୟ ଜୀବନ ସହିତ ଖେଳିବାର ଅଧିକାର କୌଣସି ସରକାରଙ୍କର ନାହିଁ। ପରିବେଶବିତ୍‌ଙ୍କ ଆଶଙ୍କା ଯେ ହରିୟାଣା ଓ ପଞ୍ଜାବର ଚାଷୀମାନେ ଫସଲ ଅମଳ ପରେ ନଡାକୁଟା ଇତ୍ୟାଦିକୁ କ୍ଷେତରେ ପୋଡିଦେବା ଦ୍ୱାରା ସେହି ଧୂଆଁ ପରିବାହିତ ହୋଇ ଦିଲ୍ଲୀ ଆକାଶକୁ ଧୂମାଚ୍ଛନ୍ନ କରୁଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସମାନ ମତ ରଖି କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ ଯେ ଦିଲ୍ଲୀ, ହରିୟାଣା ଓ ପଞ୍ଜାବ ମୁଖ୍ୟମନ୍ତ୍ରୀମାନଙ୍କର ଏକ ମିଳିତ ବୈଠକ କରାଯାଇ ସମାଧାନର ଏକ ସ୍ଥାୟୀ ସୂତ୍ର ବାହାର କରାଯାଉ। ତାଙ୍କ ଆଡୁ ସେ ଦିଲ୍ଲୀର ଗାଡି ଚଳାଚଳରେ ଯୁଗ୍ମ ଅଯୁଗ୍ମ ସୂତ୍ର ପୁନର୍ବାର ପ୍ରଚଳନ କରିବାର ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଗାଡି ଚାଳନାଜନିତ ପ୍ରଦୂଷଣ ୫୦ ପ୍ରତିଶତ ହ୍ରାସ ପାଇବ। ସୁପ୍ରିମ୍‌କୋର୍ଟ ମଧ୍ୟ କେନ୍ଦ୍ର ସରକାରକୁ ୨୦୧୯ ନଭେମ୍ବର ୪ ତାରିଖରେ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ ଯେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କୁ ନେଇ କେନ୍ଦ୍ର ଏକ ଜରୁରୀ ବୈଠକ କରି ପ୍ରଦୂଷଣ ବିରୋଧରେ କଡ଼ା ଆଭିମୁଖ୍ୟ ପୋଷଣ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। କ୍ଷେତର ବର୍ଜ୍ୟ ନଡାକୁ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ଦେଇ ସେଗୁଡିକୁ ନ ପୋଡିବା ପାଇଁ ଚାଷୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଅଧିକନ୍ତୁ ବର୍ଜ୍ୟ ନଡାର ବିକଳ୍ପ ବିନିଯୋଗ ଯଥା କାଗଜଶିଳ୍ପ ଓ କମ୍ପୋଷ୍ଟରେ ବ୍ୟବହାର କରାଯାଉ। ଦିଲ୍ଲୀ ଓ ଏହାର ଉପକଣ୍ଠରେ ବାଣଫୁଟା ଓ ସମସ୍ତ ବେଆଇନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯାଉ।

ପ୍ରଦୂଷଣଜନିତ ପରିସ୍ଥିତି ଦିନକୁଦିନ ଅଣାୟତ୍ତ ହେବାରେ ଲାଗିଛି। ସ୍ମଗ୍ (କୁହୁଡି ଓ ଧୂଆଁର ମିଶ୍ରଣ) ଯୋଗୁ ସଡ଼କ ଦୁର୍ଘଟଣା ଘଟି ୭ ଜଣଙ୍କର ପ୍ରାଣହାନି ଘଟିଲା। ରେଳ ଓ ବିମାନଯାତ୍ରା ବ୍ୟାହତ ହେଲା। ପରିବେଶବିତ୍‌ଙ୍କ ଭବିଷ୍ୟବାଣୀ ହେଲା– ଏହା ଆରମ୍ଭ ମାତ୍ର। ସଡ଼କ ଦୁର୍ଘଟଣା ଅପେକ୍ଷା ବାୟୁଜନିତ ବିଭିନ୍ନ ରୋଗର ପ୍ରାଦୁର୍ଭାବ ଯୋଗୁ ମୃତ୍ୟୁସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଇବ। ଗତ ନଭେମ୍ବର ୨ ତାରିଖରେ ଶତାଧିକ ପୀଡିତ ଶିଶୁଙ୍କୁ ନେଇ ମା'ମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଶିଶୁମାନଙ୍କ ସୁରକ୍ଷା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ଥାଇଲାଣ୍ଡ ଗସ୍ତରେ ଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡିଲା। ଭିଡ ଯୋଗୁ ୧୪୪ ଜାରିହେଲା। ଗହଳି ମଧ୍ୟରୁ ଜଣେ ମା' ପୋଲିସର ଜଣେ ଉଚ୍ଚାଧିକାରୀଙ୍କୁ ଯାହା କହିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀ ପୋଲିସ ଯଦି ନିଜ ନିଜ ଥାନା ଇଲାକାରେ ଦୀପାବଳି ବାଣଫୁଟାକୁ ରୋକି ପାରିଥାନ୍ତେ, ତେବେ ଆଜି ଏ ପରିସ୍ଥିତି ଦେଖିବାକୁ ମିଳି ନ ଥାନ୍ତା। ପ୍ରତିବର୍ଷ ଦୀପାବଳିର ପରବର୍ତ୍ତୀ ଦିନଗୁଡିକରେ ଏପରି ସ୍ଥିତି ଉପୁଜୁଛି। ନଡା ଧୂଆଁ ସହ ଦୀପାବଳିର ଧୂଆଁ ମିଶି ପ୍ରଦୂଷଣକୁ ତୀବ୍ରତର କରୁଛି। ସୁପ୍ରିମ୍‌କୋର୍ଟ ମଧ୍ୟ କଠୋର ନିର୍ଦ୍ଦେଶରେ କହିଛନ୍ତି– ''ପ୍ରଦୂଷଣ ହଟାଅ, ଲୋକଙ୍କୁ ସୁରକ୍ଷା ଦିଅ– ସରକାର ନୀରବଦ୍ରଷ୍ଟା ସାଜିବା ଉଚିତ ନୁହେଁ।'' ଓଡ଼ିଶା ସମେତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଶୀତର ପ୍ରଭାବ ଶୂନ। ଏହା ପରିବେଶର ଅସ୍ୱାଭାବିକ ପରିବର୍ତ୍ତନର ସୂଚନା ବୋଲି ପରିବେଶବିତ୍ ମତ ଦିଅନ୍ତି।

ଉତ୍ତରପ୍ରଦେଶର ଜଣେ ବରିଷ୍ଠ ଭାଜପା ନେତା ତଥା ୟୁପି ଶ୍ରମିକ ମଙ୍ଗଳ ପରିଷଦର ଚେୟାରମ୍ୟାନ ସୁନୀଲ ବାର୍ଲା ପ୍ରଦୂଷଣ ସମସ୍ୟାକୁ ନେଇ ଭିନ୍ନ ମତ ପୋଷଣ କରନ୍ତି। ତାଙ୍କ ମତରେ କୃଷି କ୍ଷେତ୍ରରେ ବର୍ଜ୍ୟ ଦହନକୁ ନେଇ ଚାଷୀଙ୍କୁ ଦୋଷ ଦେବା ଉଚିତ ନୁହେଁ। କାରଣ ଚାଷୀ ବଂଶାନୁକ୍ରମିକ ଭାବେ ପ୍ରତିବର୍ଷ ଜମିରେ ଫସଲ ବର୍ଜ୍ୟ ପୋଡି ଆସୁଛନ୍ତି। ଏହା ଏକ ପରମ୍ପରା। ଅନ୍ନଦାତାଙ୍କୁ ଦୋଷ ଦେଇ ଆମେ ଖସିଯାଇ ପାରିବା ନାହିଁ। ସେହିପରି ଶିଶୁମାନଙ୍କୁ ଦୀପାବଳିରେ ବାଣଫୁଟାରୁ ବଞ୍ଚିତ କରାଯିବା ଅନୁଚିତ। ବଜାରରେ ବିଷାକ୍ତ ଓ ପ୍ରଦୂଷଣ ସୃଷ୍ଟିକାରୀ ବାଣର ଉପଲବ୍ଧତାକୁ ନିୟନ୍ତ୍ରଣ କରାଯିବା ଜରୁରୀ। ପ୍ରତିକାର ସ୍ୱରୂପ ଦିଲ୍ଲୀ ସମୀପବର୍ତ୍ତୀ ଅଞ୍ଚଳରୁ ସମସ୍ତ ବେଆଇନ ନିର୍ମାଣ, କଳକାରଖାନା, ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଓ କ୍ରଶରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ପରିବର୍ତ୍ତେ ସୌରଶକ୍ତି ବ୍ୟବହାର କରାଯାଉ। ବାର୍ଲାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ହେଉଛି ପ୍ରଦୂଷଣ କବଳରୁ ମୁକ୍ତି ପାଇଁ ଦିଲ୍ଲୀ ଉପକଣ୍ଠରେ ଏବଂ ସମଗ୍ର ଦେଶରେ ପ୍ରଚୁର ଯାଗଯଜ୍ଞ ଓ ଘୃତହୋମର ଆୟୋଜନ କରାଯାଉ। ବିଶୁଦ୍ଧ ଘୃତାହୁତି ଯୋଗୁ ବାୟୁମଣ୍ଡଳର ଅଦରକାରୀ ଓ କ୍ଷତିକାରକ କଣିକାସବୁ ନଷ୍ଟ ହେବ ଓ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ହ୍ରାସପାଇ ଅମ୍ଳଜାନ ବୃଦ୍ଧି ହେବ। କେବଳ ବିଶୁଦ୍ଧ ଘୃତାହୁତିରେ ଏହା ସମ୍ଭବ ହେବ। ତେଣୁ ଗ୍ରାମେ ଗ୍ରାମେ ଯାଗଯଜ୍ଞର ଆୟୋଜନ କରାଯାଇ ଆଧ୍ୟାତ୍ମିକ ଓ ପାରିବେଶିକ ବିକାଶ ସାଧନ କରାଯିବା ଆବଶ୍ୟକ। ପ୍ରାଚୀନ କାଳରେ ମୁନିଋଷିମାନେ ବୈଦିକ ଯଜ୍ଞର ଆୟୋଜନ କରି ମାନବ ସମାଜର ପ୍ରଭୂତ କଲ୍ୟାଣ କରୁଥିଲେ। ଏତଦ୍‌ବ୍ୟତୀତ ବୃକ୍ଷସମ୍ପଦର ବିକାଶ ଅପରିହାର୍ଯ୍ୟ। ଆମେ ପ୍ରାଚୀନ ଋଷିବାଦକୁ ଭୁଲି ଯେଉଁ ପଥର ପଥିକ ସାଜିଲୁ, ତାହା ବିକାଶ ପରିବର୍ତ୍ତେ ବିନାଶକୁ ଆବାହନ କରୁଛି। ଶ୍ରୀମଦ୍‌ଭଗବଦ୍‌ଗୀତା ମଧ୍ୟ ଉକ୍ତ ତତ୍ତ୍ୱକୁ ସମର୍ଥନ କରନ୍ତି। ଗୀତାରେ ଅଛି–

ଅନ୍ନାଦ୍‌ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନ ସମ୍ଭବଃ।
ଯଜ୍ଞାଦ୍‌ଭବନ୍ତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍ଭବଃ॥

ଅର୍ଥାତ୍ ଅନ୍ନ ଯୋଗୁ ମନୁଷ୍ୟାଦି ପ୍ରାଣୀମାନେ ବଞ୍ଚନ୍ତି। ବୃଷ୍ଟି ଯୋଗୁ ଅନ୍ନ ସମ୍ଭବ ହୁଏ। ଯଜ୍ଞ ଯୋଗୁ ବୃଷ୍ଟି ସମ୍ଭବ ହୁଏ ଓ ସର୍ବବ୍ୟାପୀ ବ୍ରହ୍ମ, ଯଜ୍ଞ ଯୋଗୁ ପ୍ରତିଷ୍ଠିତ ହୁଅନ୍ତି। ଏଣୁ ଯଜ୍ଞ କରଣୀୟ। ସୁତରାଂ ସମୟ ଉପଗତ। ଆଧୁନିକତାର ଦ୍ୱାହି ଦେଇ ମୁନିଋଷିମାନଙ୍କ ପ୍ରଦର୍ଶିତ ମାର୍ଗରୁ ବିଚ୍ୟୁତ ହୋଇ ମାନବୋଚିତ ସଂସ୍କାରଠାରୁ ଦୂରେଇ ଗଲେ ବିନାଶ ଅବଶ୍ୟମ୍ଭାବୀ। ଠିକ୍ କାରଣ ନିର୍ଦ୍ଧାରଣ, ତାହାର ନିରାକରଣ ଓ ନିବାରଣ ଅତ୍ୟନ୍ତ ଜରୁରୀ ମନେହେଲାଣି। ରାଜନୀତିର ଊର୍ଦ୍ଧ୍ୱରେ ରହି ପ୍ରତ୍ୟେକ ବ୍ୟକ୍ତିର ନିଷ୍ଠାପର ଉଦ୍ୟମ ଏକାନ୍ତ କାମ୍ୟ। ପରିବେଶର ସୁରକ୍ଷାରେ ଦେଶ ବଞ୍ଚିବ। ଦେଶ ବଞ୍ଚିଲେ ଆମେ ବଞ୍ଚିବା।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ବଦଳୁଛି ଶ୍ରୀକ୍ଷେତ୍ର

ବିମଳ ପ୍ରସନ୍ନ ଦାସ

ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପରିଚୟ। ସେ ସମ୍ପର୍କ ଅବ୍ୟକ୍ତ, ଅନୁପମ ଏବଂ ଅକଳନ ଆନନ୍ଦର ଅଭିବ୍ୟକ୍ତି। କାରଣ ସେ ଅନନ୍ୟ, ଅମୃତମୟ, ଅନିର୍ବଚନୀୟ ଏବଂ ଅନ୍ତର୍ଯ୍ୟାମୀ। ସେ କେବଳ ଅନୁଭବର ଓ ଉପଲବ୍ଧିର ଠାକୁର। ସକଳ ରହସ୍ୟର ରହସ୍ୟ ହେଲେ ବି ଓଡ଼ିଆ ଜାତିର ଏକାନ୍ତ ଅନ୍ତରଙ୍ଗ ଓ ପରମ ଆତ୍ମୀୟ। ଠାକୁର କହିଲେ ସେ ଶ୍ରୀଜଗନ୍ନାଥଙ୍କୁ ବୁଝେ। ଶ୍ରୀକ୍ଷେତ୍ର ତା'ର ମହାନ ତୀର୍ଥ, ପୁରୁଷୋତ୍ତମ କ୍ଷେତ୍ର ନିତ୍ୟ ବୈକୁଣ୍ଠ ଓ ଶ୍ମଶାନ ସ୍ୱର୍ଗଦ୍ୱାର। ପ୍ରତି ଧୂଳିକଣା ପବିତ୍ର। ହତାଶା ଓ ନିରାଶାରେ ଭାଙ୍ଗି ପଡୁଥିବା ଜୀବନ ସେଠି ଶାନ୍ତି ପାଏ। ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ତାଙ୍କର କାଳଜୟୀ କୃତି ନୀଳଶୈଳ ଉପନ୍ୟାସରେ ଲେଖିଛନ୍ତି, ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ଜାତିର ସ୍ଥିତି ନାହିଁ। ସେହିପରି ମନୋଜ ଦାସଙ୍କ ଭାଷାରେ 'ଶ୍ରୀଜଗନ୍ନାଥ ଆମ ଅପୂର୍ଣ୍ଣତାର ପ୍ରତିନିଧି କିନ୍ତୁ ପୂର୍ଣ୍ଣତାର ପ୍ରତିଶ୍ରୁତି।' ଶ୍ରୀଜଗନ୍ନାଥ ସାରା ଜଗତର ମାନବଜାତିର ଆରାଧ୍ୟ। କୌଣସି ସମ୍ପ୍ରଦାୟ ମଧ୍ୟରେ ସେ ସୀମିତ ନୁହନ୍ତି। ସେଥିପାଇଁ ଯବନ କବି ଭକ୍ତ ସାଲବେଗଙ୍କ ଆକୁଳ ପ୍ରାର୍ଥନା ସେ ଘେନା କରିଛନ୍ତି– ''ସାତଶ ପଚାଶ କୋଶ ଚାଲି ନ ପାରଇ, ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି।'' ତାହା ହିଁ ହୋଇଛି। ଭକ୍ତ ଓ ଭଗବାନଙ୍କ ଅଲୌକିକ ସମ୍ପର୍କ ପ୍ରମାଣିତ ହୋଇଛି। ବଡ଼ଦାଣ୍ଡରେ ଜନସମୁଦ୍ର ଭିତରେ ରଥ ଅଟକି ରହିଛି।

ସାରା ବିଶ୍ୱର ସେ ଆରାଧ୍ୟ, ତାଙ୍କ ବିଜେସ୍ଥଳୀ (ପୁରୀ)କୁ ବିଶ୍ୱସ୍ତରୀୟ କରି ଗଢ଼ିତୋଳିବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସଙ୍କଳ୍ପ ନିଶ୍ଚିତ ଅଭିନନ୍ଦନୀୟ। ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଜୀବନବ୍ୟାପୀ ସାଧନା, ସେବା ଓ ପ୍ରାର୍ଥନାର ପ୍ରତୀକ ଶ୍ରୀମନ୍ଦିର ଓ ଦାରୁଦେବତା। ଏହା ଭିତରେ ଶହ ଶହ ବର୍ଷ ଅତିବାହିତ ହୋଇଗଲାଣି। ସେହି ପବିତ୍ର ତୀର୍ଥକ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ବଦ୍ଧପରିକର ଓ ସେ ଦିଗରେ ଯେଉଁ ସ୍ଥାନୀୟ ବ୍ୟକ୍ତି ଓ ଅନୁଷ୍ଠାନ ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ଓ ସହଯୋଗର ହାତ ବଢ଼ାଉଛନ୍ତି ସେମାନେ ନିଶ୍ଚୟ ଧନ୍ୟ।

ବିଚାରପତି ବିମଳ ପ୍ରସାଦ ଦାସଙ୍କୁ ନେଇ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ କମିଶନ ତାଙ୍କ ରିପୋର୍ଟରେ କହିଛନ୍ତି, ମନ୍ଦିର ଚାରିପଟେ ୭୫ ମିଟର ପରିମିତ ଅଞ୍ଚଳ ପରିଷ୍କାର କରିବା ଜରୁରୀ। କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ଦିଗରେ ବହୁ ପୁରାତନ ମଠ ଓ ଅନୁଷ୍ଠାନର ଅପସାରଣ ହୋଇଛି। ଏପରି ଏକ ମହତ୍ ଉଦ୍ଦେଶ୍ୟରେ ୭୫% ଘରୋଇ ଜମି ଅଧିଗ୍ରହଣ କରିବା ଅନିବାର୍ଯ୍ୟ ଥିବାବେଳେ ଯେଉଁ ସ୍ଥାନୀୟ ବାସିନ୍ଦାମାନେ ଶ୍ରୀମନ୍ଦିର ନିରାପତ୍ତାବଳୟକୁ ସମର୍ଥନ କରିଛନ୍ତି ଓ ନିଜ ନିଜର ଜମିକୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାରେ ଅର୍ପଣ କରିଛନ୍ତି ଓ କରୁଛନ୍ତି ସେମାନେ ଧନ୍ୟବାଦାର୍ହ। ପୁରୀ ସହର ବିଶ୍ୱ ଐତିହ୍ୟ ନଗରୀ ଭାବରେ ଗଢ଼ିଉଠିବ। ଏଥିନିମନ୍ତେ ୫୦୦ କୋଟି ଅର୍ଥ ବରାଦ ରାଜ୍ୟ ସରକାର କରିଛନ୍ତି। ବାସ୍ତବରେ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଗର୍ବ ଓ ସବୁକିଛି। ସେ ହିଁ ଓଡ଼ିଆର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ।

ଜଗନ୍ନାଥ କାଞ୍ଚି ଅଭିଯାନ ସମୟରେ ଯୁଦ୍ଧରେ ସାମିଲ ହୋଇ ଓଡ଼ିଆ ଜାତିର ଗୌରବ ରକ୍ଷା କରିଥିଲେ। ଗଜପତି ପୁରୁଷୋତ୍ତମ ଦେବଙ୍କୁ ଏହା ଜଣାଇଦେବା ପାଇଁ ମାଣିକ ଗଉଡୁଣୀ ପାଖରୁ ଦହି ଖାଇ ଦୁଇ ଭାଇ ସ୍ୱୟଂ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କଳା ଓ ଧଳା ଘୋଡ଼ାରେ ସୈନିକ ବେଶରେ ଯିବାବେଳେ ପ୍ରଭୁ ଶ୍ରୀଜଗନ୍ନାଥ ମାଣିକକୁ ଦହିର ମୂଲ୍ୟ ବାବଦକୁ ସ୍ୱହସ୍ତର ମୁଦ୍ରିକା ବନ୍ଧା ଦେଇଛନ୍ତି। ମାଣିକ ସେ ମୁଦ୍ରିକା ଗଜପତିଙ୍କୁ ଦେଇ ଘଟଣାର ବର୍ଣ୍ଣନା କରିଛି। ତା'ପରେ ଗଜପତି ସେ ଗ୍ରାମକୁ 'ମାଣିକପାଟଣା' ନାମରେ ନାମିତ କରିଛନ୍ତି। ଆଜି ତାହା ଇତିହାସ ଓ ଅବିସ୍ମରଣୀୟ ବିରଳ କିମ୍ବଦନ୍ତୀ। ଏହିପରି ଓଡ଼ିଆ ଜାତିର ଗୌରବ ରକ୍ଷା ପାଇଁ ପ୍ରଭୁ ସୈନିକ ପାଲଟି ଯାଇଛନ୍ତି। ସୁତରାଂ ଯେଉଁମାନେ ନିଜ ନିଜର ସ୍ଥାବର ସମ୍ପତ୍ତିକୁ ତାଙ୍କୁ ସମର୍ପଣ କରି ଦାରୁଦେବତାଙ୍କଠାରେ ସମର୍ପିତ ହୋଇଯିବାର ବିରଳ ସୁଯୋଗ ଲାଭ କରୁଛନ୍ତି, ସେମାନେ ଯଥାର୍ଥରେ ଧନ୍ୟ। ଏ ଘଟଣା କାଳକାଳକୁ ଇତିହାସର ଗୌରବୋଜ୍ଜ୍ୱଳ ଅଧ୍ୟାୟ ହୋଇ ରହିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମାତ୍ର ୪୦ ଦିନ ମଧ୍ୟରେ ୭୫% ଘରୋଇ ଜମି ଅଧିଗ୍ରହଣ ସମ୍ଭବ ହୋଇଛି। ସାରା ଦେଶରେ ଏହା ଏକ ଅଭୂତପୂର୍ବ ସଫଳତା। ମହାପ୍ରଭୁଙ୍କ ପାଇଁ ଲୋକେ ନିଜର ଭିଟାମାଟି, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ଓ ଲଜ୍ ଆଦି ଦାନ କରିଛନ୍ତି। ଅନେକ ମଠ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ସବୁ ତାଙ୍କରି ଇଚ୍ଛା ଓ ପ୍ରେରଣାରେ ସମ୍ଭବ ହୋଇଛି। ତାଙ୍କ ଶ୍ରୀଚରଣରେ ପୂର୍ଣ୍ଣ ସମର୍ପିତ ହୋଇ କାର୍ଯ୍ୟ କଲେ ତାହା ମଙ୍ଗଳପ୍ରଦ ହୋଇଥାଏ। ଜିଲା ପ୍ରଶାସନ, ସମ୍ପୃକ୍ତ କର୍ମଚାରୀ ଛୁଟି ଓ ରବିବାରରେ ମଧ୍ୟ ପ୍ରଭୁଙ୍କ ପ୍ରେରଣା ଓ କରୁଣାରେ ଉଦ୍‌ବୁଦ୍ଧ ହୋଇ ଏକ ସମର୍ପିତ ଚେତନାରେ କାର୍ଯ୍ୟରତ। ଈଶ୍ୱରୀୟ ସ୍ପର୍ଶ ଅସମ୍ଭବକୁ ସମ୍ଭବ କରୁଛି।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ମସ୍‌ଜିଦରୁ ଶୁଭିବ ବୈଦିକ ମନ୍ତ୍ର, ହୋମ ବି ହେବ। ବରକନ୍ୟା ଅଗ୍ନିକୁ ସାକ୍ଷୀ ରଖି ୭ ଥର ପ୍ରଦକ୍ଷିଣ କରିବେ। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। କେରଳର ଏକ ମସ୍‌ଜିଦ୍‌ରେ ହିନ୍ଦୁ ରୀତିନୀତିରେ ଜଣେ ହିନ୍ଦୁ ଝିଅର ବାହାଘର କରିବାର ସବୁ ବ୍ୟବସ୍ଥା କରି ସମାଜକୁ ଭାଇଚାରାର ସନ୍ଦେଶ ଦେଇଛନ୍ତି ମସ୍‌ଜିଦ କମିଟିର ସଦସ୍ୟମାନେ। ଆଲାପୁଝା ଜିଲା ଚେରୱାଲି ମୁସ୍‌ଲିମ ସମାଜ ମସ୍‌ଜିଦ ପାଖରେ ରୁହନ୍ତି ଅଶୋକଙ୍କ ପରିବାର। ୨୦୧୮ରେ ଅଶୋକଙ୍କର ଦେହାନ୍ତ ପରେ ଏବେ ତାଙ୍କର ଏକମାତ୍ର କନ୍ୟା ଅଞ୍ଜୁ ମା' ବିନ୍ଦୁଙ୍କ ସହ ରହୁଛନ୍ତି। ଅଞ୍ଜୁଙ୍କ ବାହାଘର ସ୍ଥିର ହେବା ପରେ ଅର୍ଥାଭାବ ଯୋଗୁ ଚିନ୍ତିତ ରହିଥିଲେ ବିନ୍ଦୁ। ବାହାଘର ପାଇଁ ମସ୍‌ଜିଦ କମିଟିକୁ ସାହାଯ୍ୟ ଲାଗି ବିନ୍ଦୁ ଅନୁରୋଧ କରିବାପରେ ଚେରୱାଲି ମୁସଲିମ୍ ସମାଜ କମିଟି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛି। ମସ୍‌ଜିଦ କମିଟି ଅଞ୍ଜୁଙ୍କ ବାହାଘର ଲାଗି ୨ ଲକ୍ଷ ଟଙ୍କା ଓ ୧୦ଟି ସୁନା ମୁଦ୍ରା ଉପହାର ଦେବାକୁ ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି କମିଟିର ସମ୍ପାଦକ ନୁଜୁମୁଦ୍ଦିନ ଅଲୁମ୍ମୋଉଲ। ଅଞ୍ଜୁଙ୍କୁ ପଢିବା ପାଇଁ ନୁଜୁମୁଦ୍ଦିନ ବି ସାହାଯ୍ୟ କରିଥିଲେ। ଏହି ବାହାଘରରେ ୧ ହଜାର ଲୋକଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯିବ। ଅଞ୍ଜୁଙ୍କ ବାହାଘର ୧୯ ଜାନୁୟାରୀରେ ଶୁଭ ମୁହୂର୍ତ୍ତରେ ସମ୍ପନ୍ନ ହେବ ବୋଲି ମସ୍‌ଜିଦ କମିଟି ସ୍ଥିର କରିଛି। ଏଥିଲାଗି ବାହାଘର ନିମନ୍ତ୍ରଣପତ୍ର ଛପାସରିଛି ଓ ସୋସିଆଲ ମିଡିଆରେ ଏହାକୁ ପୋଷ୍ଟ କରାଯିବା ପରେ ତାହା ଭାଇରାଲ ହେବାରେ ଲାଗିଛି। ଜମାତ କମିଟି ସମସ୍ତଙ୍କୁ ବାହାଘରକୁ ନିମନ୍ତ୍ରଣ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜାନୁୟାରୀ ୧୯୯୫

- ଭାରତର ସୀମାନ୍ତ ଅଞ୍ଚଳରେ ଚାଲିଥିବା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଏବଂ ତତ୍ ସମ୍ପର୍କିତ ସମସ୍ୟାଗୁଡିକର ସମାଧାନ ପାଇଁ ମିଳିତଭାବେ କାର୍ଯ୍ୟ କରିବାକୁ ଭାରତ ଓ ବ୍ରିଟେନର ସହମତି।
- ୧୯୮୪ ମସିହାରେ ଭୋପାଳରେ ଘଟିଥିବା ଗ୍ୟାସ୍ ଦୁର୍ଘଟଣା ବେଳେ ୟୁନିୟନ କାର୍ବାଇଡ୍ କର୍ପୋରେଶନର ଅଧ୍ୟକ୍ଷ ଥିବା ୱାରେନ ଆଣ୍ଡରସନଙ୍କୁ ଆମେରିକାରୁ ଭାରତକୁ ଆଣିବାକୁ ନୂଆ କମିଟି ଗଠନ।

# ଜୀବରେ ଯା'ର ଦୟା ନାହିଁ

ଅଭୟ ସୂତାର

ଭଗବାନ ବୁଦ୍ଧଙ୍କ ସମ୍ପର୍କରେ କଥାଟିଏ ମନେପଡ଼େ। ଶୀତଦିନର ଏକ ସକାଳେ ରାସ୍ତାରେ ଜଣେ ପ୍ରାଣୀ ବ୍ୟବସାୟୀ ଏକ ମେଷପଲକୁ ବାଡ଼େଇ ବାଡ଼େଇ ନେଉଛନ୍ତି। ସେଥିରୁ ଏକ ମେଷ ଶାବକ ପାଦ ଛିଡ଼ି ଚାଲିପାରୁ ନ ଥିବାରୁ ମାଲିକଙ୍କଠାରୁ ମାଡ଼ ଖାଉଥିଲା। ବୁଦ୍ଧଦେବ ପଚାରି ଜାଣିଲେ ଯେ, ମଗଧ ସମ୍ରାଟ୍ ବିମ୍ବିସାରଙ୍କ ଯଜ୍ଞରେ ବଳି ପଡ଼ିବା ପାଇଁ ଏମାନଙ୍କୁ ନିଆଯାଉଛି। ଏ କଥା ଶୁଣି ସେ ଖୁବ୍ ବ୍ୟଥିତ ହେଲେ ଓ ଚାଲିପାରୁ ନ ଥିବା ମେଷ ଶାବକଟିକୁ କାନ୍ଧରେ ଥୋଇ, ମେଷପଲ ସଙ୍ଗେ ସମ୍ରାଟ୍‌ଙ୍କ ନିକଟକୁ ଯାଇ କହିଲେ– ମହାରାଜ! ଯଜ୍ଞରେ ପଶୁବଳି ଦେଲେ ଈଶ୍ୱର କେବେହେଲେ ସନ୍ତୁଷ୍ଟ ହେବେ ନାହିଁ, ବଳି ପାଉଥିବା ପଶୁଟି ହେଉଛି ଆମଭଳି ଈଶ୍ୱରଙ୍କ ସନ୍ତାନ। ସନ୍ତାନକୁ ବଳିଦେଲେ ତା'ର ମାତାପିତା କ'ଣ ଖୁସି ହୁଅନ୍ତି? ଯଦି ଆପଣଙ୍କ ଯଜ୍ଞରେ ପଶୁବଳି ଦେବା ନିତାନ୍ତ ଆବଶ୍ୟକ, ତେବେ ଏମାନଙ୍କ ବଦଳରେ ମୋତେ ବଳି ପକାନ୍ତୁ। ତା' ହେଲେ ଏହି ନିରୀହ ଓ ନିଷ୍ପାପ ଜୀବମାନେ ରକ୍ଷାପାଇଯିବେ। ଏ କଥା ଶୁଣି ସମ୍ରାଟ୍ ବିମ୍ବିସାର ବ୍ୟବସାୟୀଙ୍କୁ ଉଚିତ ମୂଲ୍ୟ ଦେଇ ମେଷପଲଙ୍କୁ ମୁକ୍ତ କରିଦେଲେ ଏବଂ ବୁଦ୍ଧଦେବଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ନିଜର ଭୁଲ୍ କାର୍ଯ୍ୟ ପାଇଁ କ୍ଷମା ମାଗିଲେ।

ପ୍ରାଣୀ ମାଂସ ଖାଇବା ଓ ସେମାନଙ୍କର ହାଡ଼, ଚମଡ଼ା, ଦାନ୍ତ ଇତ୍ୟାଦି ବିକି ଲାଭ ପାଇବା ଲୋଭରେ 'ଜୀବେ ଦୟା' ସଂସ୍କୃତିକୁ ଛାଡ଼ି ଆମେ ବ୍ୟାପକ ଭାବେ ପଶୁହତ୍ୟା କରିଚାଲିଛୁ। 'ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ' ନୀତିରେ ଆମେ ନିଷ୍ଠୁର ଆଚରଣ କରି କରି ନିଷ୍ଠୁର ମଣିଷ ପାଲଟିଯାଇଛୁ। ସେଥିପାଇଁ ଆମ ଦ୍ୱାରା ସମାଜରେ ଏତେସବୁ ଅପରାଧ ଘଟୁଛି।

ପୁରାଣରୁ ଜଣାଯାଏ, ରାବଣ ସୀତାଙ୍କୁ ବିମାନରେ ବସାଇ ଅପହରଣ କରି ନେବାବେଳେ ଜଟାୟୁ ପକ୍ଷୀ ଦୃଢ଼ତାର ସହିତ ପ୍ରତିରୋଧ କରିଥିଲା ଓ ରାବଣର ଖଣ୍ଡା ଚୋଟରେ କ୍ଷତବିକ୍ଷତ ହୋଇଥିଲା। ବିଶ୍ୱାମିତ୍ରଙ୍କ ତପ ଭଙ୍ଗ କରିବାକୁ ଆସିଥିବା ମେନକା ଏକ କନ୍ୟାସନ୍ତାନକୁ ଜନ୍ମଦେଇ ତାକୁ ସେଇ ଜଙ୍ଗଲରେ ଛାଡ଼ିଦେଇ ସ୍ୱର୍ଗକୁ ଫେରିଗଲେ। ଏହି ନବଜାତ ଶିଶୁକୁ ଏକ ଶକୁନ (ଶାଗୁଣା) ଜଗି ରହିଥିଲା। କଣ୍ୱମୁନି ଶିଶୁଟିକୁ ଦେଖି ଆଶ୍ରମକୁ ନେଇ ଲାଳନପାଳନ କଲେ ଓ ଶକୁନ ଡେଣା ତଳେ ଆଶ୍ରୟ ନେଇଥିବାରୁ ତାହାର ନାମ ଶକୁନ୍ତଳା ଦେଲେ। ତେବେ ଶକୁନ୍ତଳାଙ୍କୁ ଶିଶୁ ଅବସ୍ଥାରେ ଯେଉଁ ଶକୁନ ପକ୍ଷୀ ନିଜେ ନ ଖାଇ ଜଗି ରହିଥିଲା, ସେହି ପକ୍ଷୀର ତ୍ୟାଗପୂତ ଅବଦାନର ତୁଳନା ଅଛି କି? ଏହିସବୁ ଦୃଷ୍ଟାନ୍ତରୁ ଜଣାଯାଏ, ପଶୁପକ୍ଷୀମାନେ ଆମର ଉପକାରୀ, ଆମ ପ୍ରତି ବିଶ୍ୱସ୍ତ ଓ କୃତଜ୍ଞ। ପୋଷା କୁକୁର, ବିରାଡ଼ି, ଘୋଡ଼ା ପ୍ରଭୃତି କିପରି ମାଲିକର ଜୀବନରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇଦିଅନ୍ତି, ତାହାର ଅନେକ ଦୃଷ୍ଟାନ୍ତ ଆମେ ବିଭିନ୍ନ ସମୟରେ ଖବରକାଗଜରେ ପଢୁଛୁ। କିନ୍ତୁ ଜୀବଜନ୍ତୁଙ୍କ ପ୍ରତି ଆମେ ନିଷ୍ଠୁର ଆଚରଣ କରିଚାଲୁଛୁ। ରାସ୍ତାକଡ଼ରେ ହଜାର ହଜାର ଛେଳି, ମେଣ୍ଢା, କୁକୁଡ଼ା ଇତ୍ୟାଦିଙ୍କୁ ହତ୍ୟା କଲାବେଳର କରୁଣ ଦୃଶ୍ୟ ଦେଖୁଛୁ। ମାତ୍ର ସାମାନ୍ୟ ପ୍ରତିକ୍ରିୟା ପ୍ରକାଶ ନ କରି ମାଂସ କିଣି ଖାଉଛୁ। ଟ୍ରକ୍ ବା ରେଳଡ଼ବାରେ ଗୋରୁଙ୍କୁ ଟିକେ ହଲି ନ ପାରିବା ଭଳି ଭର୍ତ୍ତିକରି ନେଇ କଂସେଇଖାନାରେ ହତ୍ୟା କରାଯାଉଛି। ପ୍ରତିବର୍ଷ ବହୁ ଦେବୀପୀଠରେ ହଜାର ହଜାର ପଶୁଙ୍କୁ ବଳିପକାଯାଉଛି। ଏ ସମସ୍ତ ପ୍ରାଣୀ ଯେ ଆମର ଉପକାରୀ ଓ ସେମାନଙ୍କୁ ହତ୍ୟା କରି ଆମେ ଭୁଲ୍ କରୁଛୁ, ଏ କଥା ଭାବୁଛି କିଏ!

ଇଂଲଣ୍ଡର ଜଣେ ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍‌ଙ୍କ ଗବେଷଣା ଅନୁସାରେ, ଯେଉଁ ବ୍ୟକ୍ତି ଅନ୍ୟ ପ୍ରାଣୀଙ୍କ ପ୍ରତି ନିଷ୍ଠୁର ଆଚରଣ କରନ୍ତି, ସେ ଜୀବନକାଳରେ ହିଂସାକାଣ୍ଡ କରି ଚାଲନ୍ତି ଓ ଶେଷରେ ହିଂସାକାଣ୍ଡର ଶରବ୍ୟ ହୁଅନ୍ତି। ଆମର ନିଷ୍ଠୁର ଆଚରଣ, ନିର୍ଦ୍ଦୟ ପଶୁହତ୍ୟା ଓ ମାଂସ ଭକ୍ଷଣକୁ ଦେଖି ଆମ ପିଲାମାନେ ମଧ୍ୟ ନିଷ୍ଠୁର ହୋଇଗଲେଣି। ସେମାନେ ପ୍ରଥମେ ବିରାଡ଼ି, କୁକୁରଙ୍କ ଉପରେ ଗରମ ପାଣି ପକାଇ ଖୁସି ହେବା ପରେ କୁକୁର ଲାଞ୍ଜ ହାଣିବା, ବିରାଡ଼ି, କୁକୁରଙ୍କ ଗୋଡ଼ ହାଣିବା, ଷଣ୍ଢ ଲାଞ୍ଜରେ ଫଟକାମାଳ ଖଞ୍ଜିବା ଇତ୍ୟାଦି କରି ସାହସ ବଢ଼ାଇଲେ। ତା' ପରେ କୁକୁଡ଼ାଙ୍କ ବେକ ମୋଡ଼ି ମାରିବା, ଚାଲିଯାଉଥିବା ସାପକୁ ବାଡ଼େଇ ମାରିଦେବା, ଚଢ଼େଇଙ୍କ ବସା ଭାଙ୍ଗି ଅଣ୍ଡା ନଷ୍ଟ କରିବା ଇତ୍ୟାଦି ନୃଶଂସ କାର୍ଯ୍ୟ କରିଚାଲିଲେ। ପରିଣାମରେ ସେହି ପିଲା ପଥରରେ ମୁଣ୍ଡକୁ ଛେଚି, ଦଉଡ଼ିରେ ବେକକୁ ବାନ୍ଧି, ନଈପାଣିକୁ ପେଲିଦେଇ ସାଙ୍ଗମାନଙ୍କୁ ହତ୍ୟା କରୁଛନ୍ତି ଓ ଏହି କାଣ୍ଡକୁ କିଛି ନ ଜାଣିଲା ଭଳି ଗୋପନରେ ରଖିପାରୁଛନ୍ତି।

ତେଣୁ ବର୍ତ୍ତମାନ ଆମର ଗତି କୁଆଡ଼େ ସେ ସମ୍ପର୍କରେ ସମସ୍ତେ ଚିନ୍ତା କରିବା ଉଚିତ। ଏହାକୁ କେବେହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ, ଆଇନ ବା ଦଣ୍ଡ ବ୍ୟବସ୍ଥା ସୁଧାରିପାରିବ ନାହିଁ। କେବଳ ପୂର୍ବ ସଂସ୍କୃତିକୁ ଫେରିଯାଇ ଜୀବେ ଦୟା ଭାବକୁ ଅନୁସରଣ କଲେ ଆମ ନିଷ୍ଠୁର ଭାବନାର ପରିବର୍ତ୍ତନ ଘଟିବ। ଆମେ ଠିକ୍ ହୋଇଗଲେ ଆମ ପରିବାର ଓ ସମାଜ ଠିକ୍ ହୋଇଯିବ। ଅପରାଧପ୍ରବଣତା ହ୍ରାସ ପାଇବ। ଭାଗବତ ମତରେ ଚଣ୍ଡାଳ ଆଉ କେହି ନୁହେଁ, ଯେ ଜୀବ ପ୍ରତି ନିଷ୍ଠୁର ଆଚରଣ କରେ ସେ ହିଁ ଚଣ୍ଡାଳ– ''ଜୀବରେ ଯା'ର ଦୟା ନାହିଁ। ଉଦ୍ଧବ ଚଣ୍ଡାଳଟି ସେହି॥''

ଭଦ୍ରକ, ମୋ–୯୪୩୭୩୭୬୯୬୭

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାରେ ଶୁଦ୍ଧ ଶବ୍ଦର ପ୍ରୟୋଗ

ମହାଶୟ,

ଓଡ଼ିଆ ଆମର ମାତୃଭାଷା। ଏହାର କଥନ, ଲିଖନ ଓ ପଠନରେ ଶୁଦ୍ଧ ଶବ୍ଦର ପ୍ରୟୋଗ ପ୍ରତି ସମସ୍ତେ ସଚେତନ ହେବା ଦରକାର। ଏବେ ଗଣମାଧ୍ୟମ ଓ ବ୍ୟକ୍ତିଗତ ସ୍ତରରେ ଅନେକ ଅଶୁଦ୍ଧ ଶବ୍ଦ ପ୍ରୟୋଗ କରାଯାଉଛି। ଏହି ପରି କେତେକ ଅଶୁଦ୍ଧ ଶବ୍ଦ ହେଉଛି–ଅନାଟନ, ଅର୍ଦ୍ଧରାତ୍ରୀ, ଅନ୍ତେଷ୍ଟି, ଅଶୀଳ, ଅହର୍ନିଶି, ଅନିର୍ବାର୍ଯ୍ୟ, ଅଜ୍ଞାନୀ, ଅଭୂତପୂର୍ବ, ଆଜନ୍ମରୁ, ଆବଶ୍ୟକୀୟ, ଐତିହ, ଇତଃସ୍ତତ, ଉଜ୍ଜ୍ୱଳମୟ, ଉତ୍କର୍ଷତା, ଓତଃପ୍ରୋତ, ଗାରିମା, ଦାରିଦ୍ର୍ୟତା, ଦିଲ୍ଲୀପ, ଦିଗାମ୍ବର, ଦୂରାବସ୍ଥା, ଦୁର୍ବୃତ୍ତ, ଦ୍ୱନ୍ଦ, ଦେବାଦେବୀ, ନିର୍ଦ୍ଦୋଷୀ, ନିରୋଗୀ, ନ୍ୟାର୍ଯ୍ୟ, ପ୍ରତିଦ୍ୱନ୍ଦୀ, ପ୍ରତ୍ୟେହ, ପ୍ରାୟଶ୍ଚିତ, ପୂଜ୍ୟାସ୍ପଦ, ବୃଥାରେ, ବିଷର୍ଣ୍ଣ, ଯାତାୟତ, ଯାନବାହାନ, ରବିନ୍ଦ୍ର, ଶିକ୍ଷୟତ୍ରୀ, ସମାସ୍ୟା, ସଂଯମତା, ସମ୍ମାନୀୟ, ସ୍ୱର୍ଗତଃ, ସୁନାମଧନ୍ୟ, ସୌଜନ୍ୟତା, ସତ୍ତ୍ୱ, ଲଜ୍ୟା, ଲବ୍ଧପ୍ରତିଷ୍ଠିତ। ଏଗୁଡିକର ଶୁଦ୍ଧରୂପ ଯଥାକ୍ରମେ ଅନଟନ, ଅର୍ଦ୍ଧରାତ୍ର, ଅନ୍ତ୍ୟେଷ୍ଟି, ଅଶ୍ଳୀଳ, ଅହର୍ନିଶ, ଆବଶ୍ୟକ, ଐତିହ୍ୟ, ଇତସ୍ତତଃ, ଉଜ୍ଜ୍ୱଳ, ଉତ୍କର୍ଷ, ଓତପ୍ରୋତ, ଗରିମା, ଦାରିଦ୍ର୍ୟ, ଦିଲୀପ, ଦିଗମ୍ବର, ଦୁରବସ୍ଥା, ଦୁର୍ବୃତ୍ତ, ଦ୍ୱନ୍ଦ୍ୱ, ଦେବଦେବୀ, ନିର୍ଦ୍ଦୋଷ, ନୀରୋଗ, ନ୍ୟାଯ୍ୟ, ପ୍ରତିଦ୍ୱନ୍ଦ୍ୱୀ, ପ୍ରତ୍ୟହ, ପ୍ରାୟଶ୍ଚିତ୍ତ, ପୂଜାସ୍ପଦ, ବୃଥା, ବିଷଣ୍ଣ, ଯାତାୟାତ, ଯାନବାହନ, ରବୀନ୍ଦ୍ର, ଶିକ୍ଷୟିତ୍ରୀ, ସମସ୍ୟା, ସଂଯମ, ସମ୍ମାନନୀୟ, ସ୍ୱର୍ଗତ, ସ୍ୱନାମଧନ୍ୟ, ସୌଜନ୍ୟ, ସ୍ୱତ୍ୱ, ଲଜ୍ଜା, ଓ ଲବ୍ଧପ୍ରତିଷ୍ଠ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ସିଏଏକୁ ବିରୋଧ

ଏନ୍‌ଆର୍‌ସି, ସିଏଏ ବିଲ୍ ସଂସଦର ଉଭୟ ସଦନରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ମୋହର ବାଜିଲା ପରେ ଦେଶରେ ଲାଗୁ ହେଲା। କିନ୍ତୁ ବିରୋଧୀମାନେ ଏହାକୁ ବିରୋଧ କରି ପୋଡ଼ାଜଳା, ଭଙ୍ଗାରୁଜା କରିଚାଲିଛନ୍ତି। ସେମାନେ ବୁଝିବା ଦରକାର ଯେ ସେମାନେ ସଂସଦରୁ ଊର୍ଦ୍ଧ୍ୱରେ ନାହାନ୍ତି। ସଂସଦ ଯାହା କରେ, ତାହା ଦେଶର ହିତ ଲାଗି ହିଁ କରେ।

ଅର୍ଜୁନ ରଣା, ବାଲିଶଙ୍କରା, ସୁନ୍ଦରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଘରଣୀ କଳିଆ କରି
ବରଷକ ପିଲାଟା ତ
ଆଜି ତାକୁ ପାଳି ଜ୍ୱର
କାନ୍ଥୁ କଫେ ସଡ ସଡ।
(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | | | | | | 9 | 6 | D | | 3 | B |
| | | | | | | | | 0 | | 2 | | 1 | | |
| | | | | | E | | | C | | 5 | | | 8 | |
| | 5 | | | 6 | | | | 2 | 4 | | | | | 7 |
| | | | | | | | 3 | | E | | | D | 4 | A |
| | | | D | 2 | 0 | 6 | | | | E | C | | B | 4 |
| | | | 3 | | | 0 | | | D | 1 | | | 6 | C |
| | | 7 | | 1 | | | 8 | | | | | | | |
| | | | | | | | 1 | 9 | 0 | | 8 | | A | |
| A | | | | | 6 | C | | 3 | | | | E | | |
| | | | 7 | A | B | 1 | E | D | | C | | 9 | 2 | |
| | | | | | 5 | | | 7 | | | | 4 | 1 | |
| C | | E | | 9 | | | A | 8 | 5 | | | | | 3 |
| | | | | 3 | | | | 5 | | 9 | | | | D |
| 7 | | | E | | 8 | | B | | 3 | | | A | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 4 | 5 | B | 9 | A | 7 | 2 | 6 | 3 | 8 | E | 0 | D | C |
| 8 | 3 | C | 5 | E | 6 | A | D | 1 | 7 | 0 | B | 9 | 2 | 4 |
| 2 | 9 | B | 1 | 8 | 0 | 5 | E | C | 4 | D | A | 6 | 7 | 3 |
| E | 7 | 6 | D | C | 4 | 9 | 3 | 0 | 1 | 2 | 5 | A | B | 8 |
| 0 | A | D | 7 | 3 | 2 | 4 | B | 8 | C | 6 | 9 | 1 | E | 5 |
| 6 | 8 | E | 0 | B | 7 | C | 5 | 9 | 2 | A | 1 | 4 | 3 | D |
| C | D | A | 9 | 4 | 1 | 3 | 8 | E | 5 | 7 | 0 | 2 | 6 | B |
| B | 1 | 9 | C | 6 | 5 | 2 | A | D | E | 3 | 4 | 7 | 8 | 0 |
| 4 | 0 | 7 | A | 2 | 3 | 1 | 6 | B | D | C | 8 | E | 5 | 9 |
| 3 | 5 | 2 | 8 | D | E | 0 | 7 | 4 | B | 9 | 6 | C | 1 | A |
| D | 2 | 8 | 4 | 5 | B | 6 | C | A | 0 | 1 | 7 | 3 | 9 | E |
| 5 | 6 | 0 | 3 | 7 | D | B | 9 | 2 | A | E | C | 8 | 4 | 1 |
| 9 | E | 1 | 6 | A | C | D | 4 | 3 | 8 | B | 2 | 5 | 0 | 7 |
| 7 | C | 3 | E | 0 | 9 | 8 | 1 | 5 | 6 | 4 | D | B | A | 2 |
| A | B | 4 | 2 | 1 | 8 | E | 0 | 7 | 9 | 5 | 3 | D | C | 6 |

ଗତକାଲିର ଉତ୍ତର

■ ଜଗଦ୍‌ଗୁରୁଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ଧାର୍ମିକ ପ୍ରସଙ୍ଗରେ ମାର୍ଗଦର୍ଶନ ଦେବେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୬।୧**

ସମସ୍ତ ଧାର୍ମିକ ପ୍ରସଙ୍ଗରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମାର୍ଗଦର୍ଶନ ଦେବେ। ତାଙ୍କ ପରାମର୍ଶକୁ ଶ୍ରୀମନ୍ଦିର ପ୍ରଶାସନ ଅନୁପାଳନ କରିବ। ଶ୍ରୀମନ୍ଦିର ଯାନିଯାତ୍ରା ଓ ଶୃଙ୍ଖଳିତ ନୀତିକାନ୍ତି ସଂକ୍ରାନ୍ତରେ ପ୍ରତି ୩ ମାସରେ ଜଗଦ୍‌ଗୁରୁଙ୍କ ସହ ଆଲୋଚନା କରାଯିବ। ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଗୋବର୍ଦ୍ଧନ ମଠକୁ ଆସି ଆଲୋଚନା କରିବେ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ସୋମବାର ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ପରେ ମୁଖ୍ୟ ପ୍ରଶାସକ ଏହା କହିଛନ୍ତି। ତେବେ ଅନେକ ସମୟରେ ଶ୍ରୀମନ୍ଦିରରେ ଅନ୍ଧ ପରମ୍ପରା ଚାଲୁଥିବା କୁହାଯାଉଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ସେବାୟତ ପ୍ରତିନିଧି। ଶ୍ରୀମନ୍ଦିରରେ କାହାକୁ ଅନ୍ଧ ପରମ୍ପରା କୁହାଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବେଶ୍ କିଛି ସମୟ ସରଗରମ୍ ଆଲୋଚନା ହୋଇଥିଲା।

ପୂର୍ବରୁ ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିର ପରିଚାଳନା ଏବଂ ଶୃଙ୍ଖଳିତ ନୀତିକାନ୍ତି ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମୁତାବକ ସୋମବାର ମଧ୍ୟାହ୍ନରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ନେତୃତ୍ୱରେ ପରିଚାଳନା କମିଟି ସଦସ୍ୟମାନେ ମଠରେ ପହଞ୍ଚିଥିଲେ। ଏହାପରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଏଥିରେ ଶ୍ରୀମନ୍ଦିରର ସେବାପୂଜା, ରୀତିନୀତିଠାରୁ ଆରମ୍ଭ କରି ମନ୍ଦିରର ବିକାଶ ପ୍ରଭୃତି ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ତେବେ ଶ୍ରୀମନ୍ଦିରରେ ଅନ୍ଧ ପରମ୍ପରା ଚାଲିଛି ବୋଲି ବିଭିନ୍ନ ସମୟରେ ଶ୍ରୀମନ୍ଦିର ସହ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତିମାନେ ଟିପ୍ପଣୀ ଦେଉଥିବା କଥା ଉଠାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ସେବାୟତ ପ୍ରତିନିଧି। ଗଜପତି ମହାରାଜାଙ୍କ ଅମଳରୁ ଶ୍ରୀମନ୍ଦିରରେ ଯେଉଁ ରୀତିନୀତି, ସେବାପୂଜା ଚାଲିଆସୁଛି ସେହି ପ୍ରକାରେ ଏବେ ବି ଠାକୁରଙ୍କ ସେବାପୂଜା କରାଯାଉଛି। ସରକାର ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେଲା ପରେ ବି ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ଭିନ୍ନତା ଅଣାଯାଇ ନାହିଁ। ସ୍କନ୍ଦ ପୁରାଣ, ନୀଳାଦ୍ରି ମହୋଦୟ ଭଳି ଶାସ୍ତ୍ର ଗ୍ରନ୍ଥରେ ଯେଉଁ ସେବାପୂଜା ବର୍ଣ୍ଣନା ରହିଛି ଏବଂ ଆବହମାନ କାଳରୁ ଯାହା ପରମ୍ପରା ରହିଆସିଛି ତାହା ଏବେ ବି ବଳବତ୍ତର ଅଛି। ମାତ୍ର ଶ୍ରୀମନ୍ଦିରରେ ଅନ୍ଧ ପରମ୍ପରା ଚାଲିଛି କୁହାଯିବା ଅର୍ଥ ଏଥିରେ ସେବାୟତଙ୍କ ଉପରକୁ ଅଙ୍ଗୁଳି ଉଠାଯାଉଛି। କିନ୍ତୁ ସେବାୟତମାନେ କୌଣସି ପରମ୍ପରାରେ ପରିବର୍ତ୍ତନ ଆଣିନାହାନ୍ତି ବା ପରିବର୍ତ୍ତନ କରିବାକୁ ଚାହୁଁନାହାନ୍ତି। ଅଯଥାରେ ଏହା କହି ଶ୍ରୀମନ୍ଦିରକୁ ବଦ୍‌ନାମ କରାଯାଉଥିବା ସେବାୟତ ପ୍ରତିନିଧି କହିଥିଲେ। ଏହାକୁ ଅନ୍ୟ ସଦସ୍ୟମାନେ ସମର୍ଥନ କରିଥିଲେ।

ପ୍ରାୟ ୩ଘଣ୍ଟା ଧରି ଅନୁଷ୍ଠିତ ଏହି ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ଶ୍ରୀମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ଓ ପରିଚାଳନା ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉପଦେଶ ଏବଂ ମାର୍ଗଦର୍ଶନ ଲୋଡ଼ିଥିଲୁ। ଏହି ଆଲୋଚନା ଫଳପ୍ରଦ ହୋଇଛି। ଗୁରୁଜୀ ଅନେକ ଦିଗ୍‌ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିରର ବିକାଶ, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଏମିତି ଭାବେ ହେଉ ଯାହା ଭାରତବାସୀ ଅନୁସରଣ କରନ୍ତୁ। ଏହି ଭାବନା ଗୁରୁଜୀଙ୍କଠାରୁ ଆରମ୍ଭ କରି ଗଜପତି ମହାରାଜା, ସେବାୟତ ସମସ୍ତଙ୍କର ରହିଛି। ଏ ବାବଦରେ ଜଗଦ୍‌ଗୁରୁ ମଧ୍ୟ ମତାମତ ରଖିଛନ୍ତି। ଏଥିସହ ପ୍ରତି ୩/୪ ମାସରେ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରାଯିବ। ଏହାଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ-ପରିଚାଳନା କମିଟି-ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ସମନ୍ୱୟ ରହିବ। ଫଳରେ ଶ୍ରୀମନ୍ଦିରର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଏହି ବୈଠକରେ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟମାନେ।

■ ପ୍ରତି ୩ ମାସରେ ଜଗଦ୍‌ଗୁରୁଙ୍କ ସହ ହେବ ଆଲୋଚନା

■ ଅନ୍ଧ ପରମ୍ପରାକୁ ନେଇ ସେବାୟତ ପ୍ରତିନିଧିଙ୍କ ଅସନ୍ତୋଷ



## ଜିଲା ଚିଠି
### ଗଞ୍ଜାମ

## ନିଅଣ୍ଟିଆ ଜଳସେଚନ

**କୃ**ଷି ପ୍ରଧାନ ଗଞ୍ଜାମ ଜିଲାରେ ନିଅଣ୍ଟିଆ ଜଳସେଚନ ବ୍ୟବସ୍ଥା ଆଶାନୁରୂପ ଫସଲ ଉତ୍ପାଦନରେ ବାଧକ ସାଜିଛି। ଏଥିଯୋଗୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଜିଲାର ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୭୦% କେବଳ ଚାଷ ଉପରେ ନିର୍ଭର କରୁଛନ୍ତି। ୪.୧୧ ଲକ୍ଷ ହେକ୍ଟର ଚାଷ ଜମି ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଜମିରେ ଖରିଫ ଧାନ ଚାଷ କରାଯାଉଛି। ଜିଲାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ନଦୀ ଗ୍ରୀଷ୍ମ ଓ ଶୀତ ଋତୁରେ ଶୁଷ୍କ ହୋଇଯାଉଛି। ତେଣୁ କୃଷି କାର୍ଯ୍ୟକ୍ରମ ପାଇଁ ସେଚ ଏବଂ ପାନୀୟ ଜଳ ପାଇଁ ସଙ୍କଟ ଲାଗି ରହୁଛି। ନଦୀକୂଳିଆ ଅଞ୍ଚଳରେ ସ୍ଥିତି ସଙ୍ଗୀନ ହୋଇଛି। ଦୀର୍ଘବର୍ଷରୁ ଚାଷୀମାନଙ୍କୁ ଲଘୁଚାପ ବର୍ଷା ଉପରେ ନିର୍ଭର କରିବାକୁ ପଡୁଛି। ଜିଲାରେ ହଜାରରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଥିଲେ ମଧ୍ୟ ଆବଶ୍ୟକ ବେଳେ ସେଚ ବ୍ୟବସ୍ଥା ହୋଇପାରୁନାହିଁ। ଅପରପକ୍ଷରେ ଦୁଇଦଶନ୍ଧି ପୂର୍ବରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବାଘଲଟି, ବାଘୁଆ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟମ ଯୋଜନା ଏବେ ବି ଅସମ୍ପୂର୍ଣ୍ଣ ଅଛି। ଘୋଡ଼ାହାଡ଼, ଦହ ମଧ୍ୟମ ପ୍ରକଳ୍ପରେ ଖରାଦିନେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ସୋରଡ଼ା ଓ ଭଞ୍ଜନଗର ଡ୍ୟାମର ଅବସ୍ଥା ମଧ୍ୟ ତଦ୍ରୂପ। ତେଣୁ ଜଳସେଚନ ବ୍ୟବସ୍ଥାରେ ଅବନତି ଲାଗି ରହିଛି। ୧୯୯୫ ଅକ୍ଟୋବର ୨୧ ତାରିଖରେ ବ୍ରହ୍ମପୁରରେ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ (ଦ୍ୱିତୀୟ) ଦପ୍ତର ପ୍ରତିଷ୍ଠା ହୋଇଥିଲା। ନୂଆ ପ୍ରକଳ୍ପମାନ ହେବାର ଆଶା କରାଯାଇଥିଲା। ଏବେ ୨୫ ବର୍ଷ ବିତିଛି ଏବଂ ଗୋଟିଏ ମଧ୍ୟ ମଧ୍ୟମ ବା ବୃହତ୍ ପ୍ରକଳ୍ପ ନିର୍ମାଣ ହୋଇନାହିଁ। ଜିଲାରେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ଚାଷୀଙ୍କ ସମସ୍ୟା ଅପରିବର୍ତ୍ତିତ ରହିଛି। ଋଷିକୁଲ୍ୟାକୁ ଚିରସ୍ରୋତା କରିବା ପାଇଁ ଋଷିକୁଲ୍ୟା-ମହାନଦୀ ସଂଯୋଗୀକରଣ ନିମନ୍ତେ ୨୦୦୦ ମସିହାରୁ ଦାବି ହୋଇଛି। ପ୍ରଥମ ବିଜେଡି ସରକାର ଅମଳରେ ତତ୍କାଳୀନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଏହି ପ୍ରସଙ୍ଗ ଉଠାଇଥିଲେ। ସଂଯୋଗୀକରଣ ନିମନ୍ତେ ଦିଲ୍ଲୀ ଦରବାରକୁ ମଧ୍ୟ ଯାଇଥିଲେ। ବିଧାନସଭାରେ ମଧ୍ୟ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ମଙ୍ଗଳା କିଶାନ ଅନୁକୂଳ ମତ ଦେଇଥିଲେ। ନଦୀ ସଂଯୋଗୀକରଣ ନିମନ୍ତେ ଭାଜପା ବ୍ୟାନରରେ ବିଶାଳ କୃଷକ ରାଲି ଛତ୍ରପୁରରେ ୨୦୦୭ ନଭେମ୍ବର ୩ରେ ଅନୁଷ୍ଠିତ ହୋଇଥିଲା। ଏହାର ମଧ୍ୟ ୧୨ ବର୍ଷ ପୂରିଛି ଏବଂ ନଦୀ ସଂଯୋଗୀକରଣ ଯୋଜନା ପ୍ରସ୍ତାବରେ ରହିଯାଇଛି। କୃଷି କାର୍ଯ୍ୟକ୍ରମର ସମ୍ପ୍ରସାରଣ ପାଇଁ ସେଚ ବ୍ୟବସ୍ଥାର ବିକାଶ କରାଯିବା ଜରୁରୀ ହୋଇଯାଇଛି।

– ନରସିଂହ ସାହୁ

# ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ଗୌଣ କରିଦେବା କ୍ଷୋଭର ବିଷୟ: କଂଗ୍ରେସ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ପଞ୍ଚାୟତ ବ୍ୟବସ୍ଥା ହେଉଛି ଦେଶର ବିକାଶ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ। ପଞ୍ଚାୟତ ବ୍ୟବସ୍ଥା ସୁଦୃଢ଼ ନ ହେଲେ କ୍ଷମତାର ବିକେନ୍ଦ୍ରୀକରଣ ସମ୍ଭବନୁହେଁ। କ୍ଷମତା ବିକେନ୍ଦ୍ରିତ ନ ହେଲେ ବିକାଶ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହୁଏ। ଏହି କଥାକୁ କଂଗ୍ରେସ ସର୍ବଦା ଗୁରୁତ୍ୱ ଦେଇ ଆସିଛି ଏବଂ ସେଥିପାଇଁ ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନ ଆଇନ୍ କଂଗ୍ରେସ ସରକାର ଆଣିଥିଲା। ସେହି ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସୋମବାର କଂଗ୍ରେସ ଭବନଠାରେ ଏକ ରାଜ୍ୟସ୍ତରୀୟ ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ଅନୁଷ୍ଠାନ ସଂସ୍ଥାର ରାଷ୍ଟ୍ରୀୟ ଅଧ୍ୟକ୍ଷା ସୁଶ୍ରୀ ମିନାକ୍ଷୀ ନଟରାଜନ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି ଯେ, ଓଡ଼ିଶାରେ ଏହି ପଞ୍ଚାୟତ ବ୍ୟବସ୍ଥାର ଗୁରୁତ୍ୱକୁ ଗୌଣ କରି ଦେଇଥିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦଳ ପକ୍ଷରୁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରାଯିବ ବୋଲି ମିନାକ୍ଷୀ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇ ପଞ୍ଚାୟତ ବ୍ୟବସ୍ଥାର ସଂସ୍କାର ପାଇଁ ଆହ୍ୱାନ ଦେଇଛନ୍ତି। ପିସିସି ମୁଖପାତ୍ର ସୁଦର୍ଶନ ଦାସ ପଞ୍ଚାୟତ ପ୍ରତିନିଧିମାନଙ୍କ ଜିଲା/ସଂସଦୀୟ କ୍ଷେତ୍ରସ୍ତରୀୟ କର୍ମଶାଳା ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନଙ୍କ ସହ ମିନାକ୍ଷୀ ନଟରାଜନ ପୃଥକ ପୃଥକ ଆଲୋଚନା କରି ଏହି ପ୍ରକ୍ରିୟାକୁ କେମିତି ଆଗକୁ ନେଇହେବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଚଳିତ ମାସରେ ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର ଇତ୍ୟାଦି ସଂସଦୀୟ କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧିଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାର ନିଷ୍ପତ୍ତି ହୋଇଛି। ନବୀକରଣ ଆଇନ, ସମ୍ବିଧାନ ଉପରେ ଆକ୍ରମଣ ଏବଂ ପଞ୍ଚାୟତ ବ୍ୟବସ୍ଥା ଉପରେ ପ୍ରଚାରପତ୍ର ବଣ୍ଟାଯାଇ ଲୋକଙ୍କ ଭିତରେ ଦେଶ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ବାର୍ତ୍ତାକୁ ପହଞ୍ଚାଇବା ଆଜିର ଆହ୍ୱାନ ବୋଲି ନିରଞ୍ଜନ କହିଛନ୍ତି।

■ ବିନା ହେଲ୍‌ମେଟ୍‌ରେ ବାଇକ୍ ରାଲି ଘଟଣା

# ନୋଟିସ ପୂର୍ବରୁ ଦେଲେ ଜରିମାନା ୪୦ ବିଜେଡି କର୍ମୀ



ଜରିମାନା ଦେବାକୁ ବିଧାୟକଙ୍କ ସହ ଆସିଥିବା ବିଜେଡି କର୍ମୀମାନେ।

**ପୂର୍ବରୁ ୨୫ଜଣଙ୍କୁ ଜରିମାନା ହୋଇଥିଲା**

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ବିନା ହେଲ୍‌ମେଟ୍‌ରେ ରାଜଧାନୀରେ ବାଇକ୍ ରାଲି କରିଥିବା ଆଉ ୪୦ଜଣ ବିଜେଡି କର୍ମୀ ଜରିମାନା ଦେଇଛନ୍ତି। ସୋମବାର ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ଏହି କର୍ମୀମାନେ ଏଜି ଛକସ୍ଥିତ ଟ୍ରାଫିକ ଥାନାରେ ପହଞ୍ଚି ଜରିମାନା ଅର୍ଥ ବାବଦକୁ ପ୍ରତ୍ୟେକ ୧ହଜାର ଟଙ୍କା ଲେଖାଏ ମୋଟ ୪୦ହଜାର ଟଙ୍କା ଦାଖଲ କରିଛନ୍ତି। ଏମାନଙ୍କୁ ପୋଲିସ ପକ୍ଷରୁ ନୋଟିସ ହୋଇ ନ ଥିଲେ ମଧ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବାରୁ ନିଜ ତରଫରୁ ଜରିମାନା ଦେଉଥିବା କହିଛନ୍ତି। ଏହାପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୨୫ଜଣ ନିୟମ ଉଲ୍ଲଂଘନକାରୀ ବିଜେଡି କର୍ମୀଙ୍କ ନାମରେ ଚାଲାଣ କଟାଯାଇଥିଲା। ସେମାନେ ଏବାବଦ ଜରିମାନା ଦାଖଲ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଡିସେମ୍ବର ୨୬ ବିଜେଡିର ପ୍ରତିଷ୍ଠା ଦିବସରେ ଦଳୀୟ କର୍ମୀମାନେ ବିନା ହେଲ୍‌ମେଟ୍‌ରେ ସହରରେ ବାଇକ୍ ରାଲି କରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିଲେ। ଏହାକୁ ନେଇ ସୋସିଆଲ ମିଡିଆ ସମେତ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କାହିଁକି ନିୟମ ଉଲ୍ଲଂଘନକାରୀ ବିଜେଡି କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ କ ର୍ମି ଶ ନ ରେ ଟ ପୋଲିସକୁ ପ୍ରଶ୍ନ ପ୍ରଚାରିଥିଲେ। କିଛି ଯୁବବର୍ଗ ଏନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଟ୍ରାଫିକ ଡିସିପି ସାଗରିକା ନାଥଙ୍କୁ ଟୁଇଟ୍ କରି ଜଣାଇଥିଲେ। ପ୍ରତିଶ୍ରୁତି ମୁତାବକ କମିଶନ ଷଡ଼ଙ୍ଗୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ୨୫ଜଣଙ୍କ ନାଁରେ ଚାଲାଣ କଟାଯାଇଥିଲା। ଅନ୍ୟ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବାବେଳେ ସେମାନଙ୍କ ମଧ୍ୟରେ ଛନକା ପଶିଥିଲା। ଏନେଇ ବିଧାୟକ ଜେନା କହିଛନ୍ତି, ନେତା ହୁଅନ୍ତୁ କି ଦଳୀୟ କର୍ମୀ ଅବା ସାଧାରଣ ଜନତା, ଆଇନ ସମସ୍ତଙ୍କ ପାଇଁ ସମାନ। ଦଳର ପ୍ରତିଷ୍ଠା ଦିବସରେ କର୍ମୀମାନେ ବିନା ହେଲ୍‌ମେଟ୍‌ରେ ବାଇକ୍ ରାଲି କରିଥିଲେ। ନିୟମ ଉଲ୍ଲଂଘନ କରିଥିବାରୁ ସେମାନେ ଆପଣାଛାଏଁ ଜରିମାନା ଦେଲେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ବାଲେଶ୍ୱରରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାରରେ କର୍ମୀମାନେ ହେଲ୍‌ମେଟ ନ ପିନ୍ଧି ବାଇକ୍ ରାଲି କରିଥିଲେ। ଏହାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପୋଲିସ ଡିଜିଙ୍କୁ ନୋଟିସ କରିଥିଲେ। ଏବେ ରାଜଧାନୀରେ ବିଜେଡିର ପ୍ରତିଷ୍ଠା ଦିବସରେ ସମାନ ଘଟଣା ଘଟିବା ପରେ ପୋଲିସ କମିଶନର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ସୂଚନା ଦେଇଥିଲେ।

# ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗ

**ବନ୍ତଲା,୬।୧(ଡି.ଏନ.ଏ.)**

ଅନୁଗୋଳ ଥାନା ଅଞ୍ଚଳର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ସକାଳେ ଅପହରଣ ଉଦ୍ୟମ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ୩ଜଣ ଦୁର୍ବୃତ୍ତ ଏକ ଟାଟା ମ୍ୟାଜିକରେ ସମ୍ପୃକ୍ତା ଛାତ୍ରୀଙ୍କୁ ଉଠାଇ ନେଇଥିଲେ ହେଁ ସେ ପାଟି କରିବାରୁ ୫ କି.ମି. ପରେ ଛାଡ଼ି ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନୁଗୋଳ ପୋଲିସ ନଂ. ୧୮/୨୦ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ ଅଭିଯୋଗ ଅନୁଯାୟୀ ସକାଳ ୭ଟା ବେଳେ ଛାତ୍ରୀ ଜଣକ ସାଇକେଲରେ ଟ୍ୟୁଶନ ଯାଉଥିଲେ। ଏହି ସମୟରେ ଏକ ନାଲି ରଙ୍ଗର ଟାଟା ମ୍ୟାଜିକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ଝିଅଙ୍କୁ ଅପହରଣ କରି ନେଇଥିଲେ। ଛାତ୍ରୀ ପାଟି କରିବାରୁ ତାଙ୍କୁ ୫ କିଲୋମିଟର ଦୂରରେ ଛାଡ଼ି ଚାଲିଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉଦ୍ଧାର କରି ଉକ୍ତ ଗାଁ ଛକକୁ ଆଣିବା ସହ ଛାତ୍ରୀଙ୍କ ବାପାଙ୍କୁ ଫୋନ କରିବା ପରେ ସେ ଝିଅଙ୍କୁ ଘରକୁ ଆଣିଥିଲେ।

■ ଟ୍ୟୁଶନ ଯାଉଥିବା ବେଳେ ଗାଡ଼ିରେ ଉଠାଇ ନେଇଥିଲେ

■ ପାଟି କରିବାରୁ ୫ କି.ମି. ପରେ ଛାଡ଼ିଦେଇ ପଳାଇଲେ

# ବାପାଙ୍କ କୋକେଇ ଯିବା ପରେ ୪ ଝିଅ ଘର ଛାଡ଼ିଲେ

**ନୂଆପଡ଼ା ଅଫିସ,୬।୧**

ବାପାଙ୍କର କୌଣସି ଏକ ଅଜଣା ରୋଗରେ ମୃତ୍ୟୁ ଘଟିବା ପରେ ନିଃସହାୟ ୪ ଝିଅ ଏକା ସାଙ୍ଗରେ ଘରୁ କୁଆଡେ ଚାଲିଯାଇଛନ୍ତି । ଇତିମଧ୍ୟରେ ୧୮ ଦିନ ବିତିଛି। ହେଲେ ସେମାନେ ବର୍ତ୍ତମାନ କିପରି ଓ କେଉଁ ସ୍ଥିତିରେ ଅଛନ୍ତି ତାକୁ ନେଇ କୌଣସି ସୂଚନା ମିଳିନାହିଁ । ସେମାନଙ୍କୁ ଠାବ କରିବାରେ ପୋଲିସ ବି ବିଫଳ ହୋଇଥିବା ଜଣାପଡିଛି । ନୂଆପଡ଼ା ଜିଲା ସଦର ମହକୁମାଠାରୁ ମାତ୍ର ୧୦ କିମି ଦୂର ଲଖନା ଥାନା ଅନ୍ତର୍ଗତ କୁରୁମପୁରୀ ଗାଁର ଜଣେ ବୃଦ୍ଧ କୌଣସି ଏକ ରୋଗରେ ଶଯ୍ୟାଶାୟୀ ଥିଲେ। ତାଙ୍କୁ ଚିକିତ୍ସା କରିବାରେ ସବୁ ପ୍ରକାର ପ୍ରୟାସ କରି ମଧ୍ୟ ପରିବାର ଲୋକ ସଫଳତା ପାଇ ନ ଥିଲେ। ଗତ ଡିସେମ୍ବର ୨୦ ତାରିଖରେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ସନ୍ଧ୍ୟାରେ ଘରକୁ ଅଣାଗଲା। ଘରେ ତାଙ୍କ ପୁଅଙ୍କ ପରିବାର, ବୃଦ୍ଧଙ୍କ ସ୍ତ୍ରୀ, ଚାରି ଅଭିଆଡି ଝିଅ ଦୁଃଖରେ ଭାଙ୍ଗିପଡିଥିଲେ। ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଚାରି ଝିଅ କୁଆଡେ ବାପାଙ୍କ ମୃତଦେହକୁ ସନ୍ଧ୍ୟାରେ ସତ୍କାର ନ କରି ସକାଳେ କରିବାକୁ ଅଡି ବସିଥିଲେ। ହେଲେ ତାଙ୍କ କଥା କେହି ଗ୍ରହଣ କରି ନ ଥିଲେ । ଶେଷରେ ବୃଦ୍ଧଙ୍କ ମୃତଦେହ ସତ୍କାର କରି ଗ୍ରାମବାସୀ ଓ ପରିବାର ଲୋକେ ଘରକୁ ଫେରିଥିଲେ । ହେଲେ ସେତେବେଳକୁ ଘରେ ବୃଦ୍ଧଙ୍କ ଚାରି ଝିଅ ନ ଥିଲେ। ତୁରନ୍ତ ଗ୍ରାମବାସୀ ସେମାନଙ୍କୁ ଖୋଜିବା ଆରମ୍ଭ କରିଥିଲେ । ଗାଁ ଏବଂ ଆଖପାଖ ଗାଁକୁ ଯାଇ ସମସ୍ତେ ନିରାଶ ହୋଇ ଫେରିଥିଲେ । ଏହାକୁ ନେଇ ସ୍ଥାନୀୟ ଲଖନା ଥାନାରେ ଅଭିଯୋଗ କରାଯାଇଥିଲା। ଇତିମଧ୍ୟରେ ୧୮ ଦିନ ବିତିଗଲାଣି, ହେଲେ ସେହି ୪ ଯୁବତୀଙ୍କ ଖୋଜ ଖବର ମିଳୁନାହିଁ। ଏ ସଂକ୍ରାନ୍ତରେ ଥାନାଧିକାରୀ ତପନ କୁମାର ଦାସଙ୍କୁ ପଚାରିବାରୁ ଝିଅମାନେ ତାଙ୍କ ଇଚ୍ଛାରେ କୁଆଡେ ଚାଲି ଯାଇଛନ୍ତି। ସେମାନଙ୍କୁ ପୋଲିସ ଖୋଜା ଖୋଜି କରୁଛି ବୋଲି କହିଛନ୍ତି।

■ ୧୮ ଦିନ ପରେ ବି ପତ୍ତା ମିଳୁନି

■ ତଦନ୍ତ ଚଳାଇଛି ପୋଲିସ

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କର୍ମଚାରୀ ଖୁସ୍
## ସପ୍ତାହରେ ୩୧୬୬ କର୍ମଚାରୀଙ୍କୁ ମିଳିଲା ପଦୋନ୍ନତି

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଗୋଟିଏ ସପ୍ତାହରେ ୩୯ ବିଭାଗ ସମେତ ୩୦ ଜିଲାରେ ପ୍ରଥମ ଶ୍ରେଣୀ ଅଧିକାରୀଙ୍କଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ୩୧୬୬ ଜଣ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ଦୀର୍ଘବର୍ଷ ଧରି ପଦୋନ୍ନତି ଅପେକ୍ଷାରେ ଥିବା କର୍ମଚାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। କେତେଜଣ କର୍ମଚାରୀ ଅବସର ପୂର୍ବରୁ ପଦୋନ୍ନତି ପାଇଥିବାରୁ ଖୁସି ଅଛନ୍ତି।

ବିଭିନ୍ନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଡିସେମ୍ବର ୨୪ରୁ ୩୧ ମଧ୍ୟରେ ଗ୍ରୁପ୍-ଏରେ ୮୫୨ ଜଣଙ୍କୁ ପଦୋନ୍ନତି ଦିଆଯାଇଥିବା ବେଳେ ଗ୍ରୁପ୍-ବିରେ ୫୨୭, ଗ୍ରୁପ୍-ସିରେ ୧୪୯୬ ଏବଂ ଗ୍ରୁପ୍-ଡିରେ ୨୯୧ ଜଣଙ୍କୁ ପଦୋନ୍ନତି ଦିଆଯାଇଛି। ସେହିପରି ୨୦୧୯ ଜାନୁଆରୀରୁ ନଭେମ୍ବର ମାସ ସୁଦ୍ଧା ବିଭିନ୍ନ ବର୍ଗର ୯୭୬୬ ଜଣ ପଦୋନ୍ନତି ପାଇଛନ୍ତି। ଡିସେମ୍ବରରେ ପଦୋନ୍ନତି ପାଇଥିବା ୩୧୬୬ ଜଣଙ୍କୁ ମିଶାଇ ୨୦୧୯ରେ ବିଭିନ୍ନ ବର୍ଗର ମୋଟ୍ ୧୨,୯୩୨ ଜଣ କର୍ମଚାରୀ ପଦୋନ୍ନତି ସୁବିଧା ପାଇପାରିଛନ୍ତି। କେବଳ ଜିଲାସ୍ତରରେ ଏହି ସମୟ ମଧ୍ୟରେ ୩୧୩୯ ଜଣ ପଦୋନ୍ନତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ ଡିସେମ୍ବର ୩୧ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷକରି ପଦୋନ୍ନତି ଦେବାକୁ ସବୁ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ଜିଲାଗୁଡିକୁ ମୁଖ୍ୟମନ୍ତ୍ରୀ ୨୦୧୯ ଡିସେମ୍ବର ୨୩ରେ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଭାଗୀୟ ଅଧିକାରୀ ମଧ୍ୟ ଚଳଚଞ୍ଚଳ ହୋଇ ପଦୋନ୍ନତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିଥିଲେ। ଡିସେମ୍ବର ମାସ ଶେଷ ସପ୍ତାହରେ ବିଭିନ୍ନ ବିଭାଗରୁ ଏତେସଂଖ୍ୟକ କର୍ମଚାରୀ ପଦୋନ୍ନତି ପାଇବା ଏକ ରେକର୍ଡ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସସ୍ମିତା ବେହେରା



ଆୟୁଷ ଗୌତମ ମିଶ୍ର



ଜଗବନ୍ଧୁ ଜେନା



ମିନତୀ ରାଉଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଷ୍ଟେଟ୍ ପଲି ପ୍ଲାଷ୍ଟ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ୟାସୀ ସାହୁ,** ପିତା: ଂ କାଳନ୍ଦୀ ଚରଣ ସାହୁ, ସା/ପୋ: ଅଲବଗା, ଭାୟା: ଏଡ଼ତାଳ, ଥାନା: ବାସୁଦେବପୁର, ଭଦ୍ରକ, ଓଡ଼ିଶା | ସମ୍ପତ୍ତି ମାଲିକ: ଂ କାଳନ୍ଦି ଚରଣ ସାହୁ | ଂ କାଳନ୍ଦୀ ଚରଣ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲବଗା, ଥାନା: ବାସୁଦେବପୁର, ଖାତା ନଂ.: ୮୪, ପ୍ଲଟ୍ ନଂ.: ୧୧୮୬, କ୍ଷେତ୍ର: ଏକର୨.୨୦ଡିସିମିଲି ଏବଂ ଖାତା ନଂ.: ୫୯୫/୧୮୫, ପ୍ଲଟ୍ ନଂ.: ୧୨୬୩, କ୍ଷେତ୍ର: ଏକର୦.୫୬ଡିସିମିଲି, କିସମ: ଘରବାରୀ | ୨୬.୦୬.୨୦୧୯ | ୦୪.୦୧.୨୦୨୦ | ଟ.୩୫,୮୭,୩୦୫/- + ୨୬.୦୬.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୬.୦୧.୨୦୨୦, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସଞ୍ଜୀବ


ପପୁନ୍


ଅଭିଜିତ୍


ରବୀନ୍ଦ୍ର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ସମ୍ବଲପୁରୀ ଲୋକକଳାର ବ୍ୟାକରଣ ଜରୁରୀ



ସୋମବାର ସମ୍ବଲପୁରରେ ଆୟୋଜିତ ଆଲୋଚନାଚକ୍ରରେ ନୃତ୍ୟଗୁରୁ ରଞ୍ଜିତ ନାଗ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ସମ୍ବଲପୁର, ୬।୧ (ବ୍ୟୁରୋ)**

ପଶ୍ଚିମ ଓଡିଶା ଲୋକବାଦ୍ୟ, ଲୋକଗୀତ ଓ ଲୋକନୃତ୍ୟର ବ୍ୟାକରଣ ଜରୁରୀ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ଅନ୍ୟ ବିଶ୍ୱବିଦ୍ୟାଳୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ସେହିପରି ସଂସ୍କୃତି ଗବେଷକ, ନୃତ୍ୟଗୁରୁ, ସଂଗୀତ ଗୁରୁ ଓ ବାଦ୍ୟଗୁରୁମାନେ ବ୍ୟାକରଣ କିପରି ହେବ ସେ ଦିଗରେ କାର୍ଯ୍ୟ କରିବା ଦରକାର। ଏହାଦ୍ୱାରା ରାଜ୍ୟ ବାହାରେ ପରିବେଶିତ ହେଉଥିବା ପଶ୍ଚିମ ଓଡିଶାର ଲୋକକଳାରସ୍ଥିତି ବିଷୟରେ ଲୋକେ ଜାଣିପାରିବେ । ସୋମବାର ଅଇଁଠାପାଲି ପିଏଚଡି ପଡିଆରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ ଏହା କହିଛନ୍ତି । ସମ୍ବଲପୁର ଲୋକମହୋତ୍ସବ ଆଲୋଚନା ଚକ୍ର ଉପକମିଟି ଆବାହକ ଅତିଶ କୁମାର ଶତପଥୀଙ୍କ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନୃତ୍ୟଗୁରୁ ରଞ୍ଜିତ କୁମାର ନାଗ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଶୈଳେନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଆଲୋଚକ ଥିଲେ । ନୃତ୍ୟଗୁରୁ ମୋହିତ କୁମାର ସ୍ୱାଇଁ ଓ ଅଧ୍ୟାପିକା ସୁପ୍ରୀତି ମିଶ୍ର ପ୍ରବନ୍ଧ ପାଠ କରିଥିଲେ । ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ଶିବନାରାୟଣ ଶତପଥୀ, ଗୁଣରଞ୍ଜନ ସାଲିମା, ଡ. ବିଭୂତିଭୂଷଣ ମିଶ୍ର, ତୁଳାରାମ କଲେତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁରୀ କବିତା ପାଠ କରାଯାଇଥିଲା।

ରବିବାର ଡ. ଦ୍ୱାରିକାନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅବଲୁପ୍ତ ଲୋକକଳା ପୁନରୁଦ୍ଧାରରେ ସମ୍ବଲପୁରୀ ନାଟକର ଭୂମିକା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ମୋହନ ସାହୁ, ପ୍ରଦୀପ ଡି ମାଝି, ଅଶୋକ ବହିଦାର ଆଲୋଚକ ଭାବେ ଯୋଗ ଦେଇଥିଲେ । ସତ୍ୟରଞ୍ଜନ ବେହେରା ନିବନ୍ଧ ପାଠ କରିଥିଲେ । ପ୍ରଫେସର କେଶରଞ୍ଜନ ପ୍ରଧାନ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଅରବିନ୍ଦ ମହାପାତ୍ର, ଦୁଃଖନାଶନ ବେହେରା, ଜିଲା ମଙ୍ଗଳ ଅଧିକାରୀ ଡ. ଜିତାଂଶୁ ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ସ୍ୱାମୀ ଚରିତ୍ରକୁ ସନ୍ଦେହ, ସ୍ତ୍ରୀ ସାଜିଲେ ହତ୍ୟାକାରୀ

- ସ୍ତ୍ରୀ ଗିରଫ, ୩ ଫେରାର
- ୩୦ ହଜାର ଦେଇଥିଲେ ସୁପାରି
- ୧୦୦ କି.ମି. ଦୂରରେ ଫିଙ୍ଗିଥିଲେ ମୃତଦେହ

**ମୋହନା,୬।୧(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନାଠାରୁ ମାତ୍ର ୧୦୦ ମିଟର ଶ୍ମଶାନ ନିକଟରୁ ପୋଲିସ ନୂଆବର୍ଷ ବୁଧବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଥିଲା। ମୃତକ କଳାହାଣ୍ଡି ଜିଲା ଗୋଲାମୁଣ୍ଡାର ଯୁବରାଜ ଚଣ୍ଡୀ। ତାଙ୍କ ଚରିତ୍ରକୁ ସନ୍ଦେହ କରି ଯୋଜନାବଦ୍ଧ ଭାବେ ସ୍ତ୍ରୀ ନିବେଦିତା ନାୟକ ଅନ୍ୟ ୩ଜଣଙ୍କ ସହ ମିଶି ହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ଯୁବରାଜଙ୍କୁ ହତ୍ୟା ପାଇଁ ନିବେଦିତା ୩ ଜଣଙ୍କୁ ୩୦ ହଜାର ଟଙ୍କା ସୁପାରି ଦେଇଥିଲେ। ନିବେଦିତାଙ୍କୁ ପୋଲିସ ଗିରଫ କରିଛି । ଅନ୍ୟ ୩ଜଣ ଫେରାର ହୋଇଯାଇଥିବା ଜଣାପଡିଛି।

ସ୍ୱାମୀ ଅନ୍ୟଜଣଙ୍କୁ ପ୍ରେମ କରୁଥିବା ସନ୍ଦେହ କରି ନିବେଦିତା ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ ବୋଲି ସୋମବାର ଗଜପତି ଏଏସ୍‌ପି ସୀତାରାମ ଶତପଥୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଫେରାରଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି।

ରାୟଗଡ଼ା ଜିଲା ମୁନିଗୁଡ଼ା ତହସିଲରେ ବରିଷ୍ଠ କିରାଣି ଥିବା ନିବେଦିତାଙ୍କ ସ୍ୱାମୀ ଯୁବରାଜ ମୁନିଗୁଡ଼ା ବିଡିଓଙ୍କ ଡ୍ରାଇଭର ଥିଲେ। ମୁନିଗୁଡ଼ା ଗୁପ୍ତା କଲୋନୀରେ ଉଭୟେ ରହୁଥିଲେ। ସ୍ୱାମୀ ଅନ୍ୟ ଜଣକୁ ଭଲ ପାଉଥିବା ନିବେଦିତା ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟ ଝଗଡ଼ା ହେଉଥିଲା। କିଛିଦିନ ପୂର୍ବରୁ ନିବେଦିତା ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ଡିସେମ୍ବର ୩୧ରେ ଯୁବରାଜ ଜିରୋନାଇଟ୍ ପାଇଁ ବାହାରକୁ ଯାଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ସ୍ତ୍ରୀଙ୍କ ସମେତ ଅନ୍ୟ ୩ଜଣ ମିଶି ତାଙ୍କୁ ବେଲଣାକାଠି, ନନ୍‌ଷ୍ଟିକ୍ ତାୱା ଓ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରମାଣ ଲୁଚାଇବା ପାଇଁ ଅଭିଯୁକ୍ତମାନେ ହତ୍ୟାରେ ବ୍ୟବହୃତ ସମସ୍ତ ଜିନିଷ ସହ ରାତାରାତି ମୃତଦେହକୁ ଏକ କାର ଯୋଗେ ଆଣି ପ୍ରାୟ ୧୦୦ କି.ମି. ଦୂର ଅଡ଼ବା ଥାନା ନିକଟ ଶ୍ମଶାନ ପାଖରେ ଫିଙ୍ଗି ଦେଇଥିଲେ। ନୂଆବର୍ଷ ଦିନ ଅର୍ଥାତ୍ ବୁଧବାର ଭୋରୁ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଡ଼ବା ଥାନାଧିକାରୀ ଆଲୋକ ରଞ୍ଜନ ଜଗଦଳା ଓ ଅନ୍ୟ କର୍ମଚାରୀ ମୃତଦେହକୁ ଜବତ କରିଥିଲେ। ସେଠାରୁ ବେଲଣାକାଠି, ଓଢ଼ଣି, ରୁମାଲ, ୨ଟି ଗ୍ଲୋବ୍‌ସ ଜବତ କରାଯାଇଥିଲା। ନଂ. ୧/୨୦ରେ ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା। ଅଡ଼ବା ଥାନା ପକ୍ଷରୁ ସମସ୍ତ ଥାନାକୁ ମୃତଦେହ ଫଟୋ ପଠାଯାଇଥିଲା। ଯୁବରାଜଙ୍କ ଭାଇ ଦେବରାଜ ଏହା ଜାଣିପାରି ଅଡ଼ବା ଥାନାରେ ମୃତଦେହ ଚିହ୍ନଟ କରିଥିଲେ। ମୁନିଗୁଡ଼ା ଓ ଅଡ଼ବା ପୋଲିସ ତଦନ୍ତ ବେଳେ ସ୍ତ୍ରୀ ନିବେଦିତାଙ୍କ ଉପରେ ସନ୍ଦେହ କରିଥିଲେ। ତାଙ୍କୁ ଅଟକ ରଖି ପଚରାଉଚରା ବେଳେ ସ୍ୱାମୀଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ସହି ନ ପାରି ହତ୍ୟା କରିଥିବା ପୋଲିସରେ ସ୍ୱୀକାର କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଣ୍ଡ ଲାଳସାରେ ଖାଇଲା ଗୁଡ଼**
**ହଗିଯାଉଥାଏ ଲୁଡବୁଡ ।**

ଖାଦ୍ୟଲୋଭୀ ବ୍ୟକ୍ତି ଜିହ୍ୱା ସମ୍ବରଣ କରିପାରି ନ ଥାନ୍ତି। ନିଜ ପେଟ ବା ସ୍ୱାସ୍ଥ୍ୟ ଚିନ୍ତା ନ କରି ପ୍ରଲୋଭନରେ ପଡ଼ି ଖାଦ୍ୟ ଗ୍ରହଣ କରିବାରେ କେବେ ହେଳା କରି ନ ଥାନ୍ତି। ତେବେ ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖି ପାରି ନ ଥାଏ ତା'ର ପେଟ ଖରାପ ହେବା ଥୟ ବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେଲିଆ ମୁଣ୍ଡରେ ତେଲ ପଶୁ**
**ଟାଙ୍ଗରା ମୁଣ୍ଡରେ ବୋଝ ବସୁ ।**

ସାଧାରଣତଃ ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ଯଥୋଚିତ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡ଼ି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦି'ମୁଠେ ଦାନା ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ଼ ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୂରବସ୍ଥା ପ୍ରତି ଆଖି ବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଆଜି କ'ଣ କେଉଁଠି

**ସମ୍ବଲପୁର**
- କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ଶ୍ରୀରାମ କଥା ଜ୍ଞାନ ଯଜ୍ଞ, ରେମେଡ ଜଲାନ ଇଷ୍ଟେଟ, ଅପରାହ୍ଣ ୩ଟା ।

**ଦେବଗଡ**
- ପ୍ରଧାନପାଟ ଫୁଟବଲ କପ୍‌ର ଦ୍ୱିତୀୟ ଦିବସ, ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମ, ଅପରାହ୍ଣ ୩ଟା।
- ସତ୍‌ସଙ୍ଗ ମହୋତ୍ସବ, ଗୋପାଳଜୀ ମନ୍ଦିର, ସନ୍ଧ୍ୟା ୬ଟା।

**ବିଜେପୁର**
- ବୁଢାଦେଓଙ୍କ ପୂଜା ମହୋତ୍ସବର ଉଦ୍‌ଯାପନୀରେ ଲୋକନୃତ୍ୟ ପରିବେଷଣ, ସାଲପାଲି, ରାତି ୯ଟା ।

**ଲୋଇସିଂହା**
- ବାର୍ଷିକ ବୁଢାଦେଓ ଯାତ୍ରା, ଦୁମଦୁମି, ପୂର୍ବାହ୍ଣ ୧୨ଟା ।

**ଭେଡେନ**
- କ୍ୟାନସର ସଚେତନତା କାର୍ଯ୍ୟକ୍ରମ, ଭେଡେନ ଡାକ୍ତରଖାନା, ପୂର୍ବାହ୍ଣ ୧୧ଟା ।

**ପାଟଣାଗଡ**
- ୧୯ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟ, ପୁଲ ଏର ଦ୍ୱିତୀୟ ମ୍ୟାଚ ହାଓଡା ପଶ୍ଚିମ ବଙ୍ଗଳା ବନାମ ବ୍ରଜରାଜନଗର, ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ପୂର୍ବାହ୍ଣ ୧୦ଟା।

**ଅମରପାଲି**
- ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀ ଚିହ୍ନଟ ଶିବିର, ଦୁର୍ଯ୍ୟନଟୈଲା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ଣ ୧୦ଟା ।
- ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ, ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହ, ଅପରାହ୍ଣ ୨ଟା।
- ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ପୁଲ ଏ ର ମ୍ୟାଚ ଅନୁଗୋଳ ବନାମ ସୋନପୁର, ବିକଳପୁର ଖେଳ ପଡିଆ, ପୂର୍ବାହ୍ଣ ୧୧ଟା।

**ସୁନ୍ଦରଗଡ**
- କ୍ଷମତା ଏକକ୍ସପ୍ରେସର ଶୁଭାରମ୍ଭ କାର୍ଯ୍ୟକ୍ରମ, କିରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ, ପୂର୍ବାହ୍ଣ ୧୦ଟା ।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସତ୍‌ସଙ୍ଗ ସଭା, ସତ୍‌ସଙ୍ଗ ବିହାର, ସନ୍ଧ୍ୟା ସାଢେ ୬ଟା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲାର ବ୍ୟାଙ୍କରୁ Stand Up India Scheme ଦ୍ୱାରା 8 % ସୁଧ, 30% Subsidy ସହିତ 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ରଣ ନେଇପାରିବେ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ।
Ground Floor, Krishna Apartment, Badagada Brit Colony, Bhubaneswar 751018
8584044586
8584044492

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ମହାଲକ୍ଷ୍ମୀ ରଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍ , ସମ୍ପତି, ପେ-ସ୍ଲିପ୍ ଗ୍ରୁପ ରଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9536405151
9520405151

ଖର୍ଚ୍ଚ ରଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ରଣ ପାଆନ୍ତୁ
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ରଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ରଣ।
ସବୁ ରଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

KUBER FINANCE
Kuber ରଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ । ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952,
Mansi - 9977126495,
Vedika - 7773046066,
Riya - 9630505047,
Priya - 8269113958,
Anju - 7509661004

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ରାଧାକୃଷ୍ଣ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ରିଆମାଳ, ୬।୧(ଡି.ଏନ୍.ଏ.):** ଦେବଗଡ ଜିଲା ରିଆମାଳ ବ୍ଲକ ରେଙ୍ଗାଲବେଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ରେଙ୍ଗାଲବେଡ଼ା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଲୋକନାଥ ବେହେରା ଓ ସମ୍ପାଦକ ବିପିନ ବିହାରୀ ପୁଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ସୁବାସ ପାଣିଗ୍ରାହୀ, ମୁଖ୍ୟବକ୍ତା ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥିଭାବେ ଅଧାପକ ଗୋଲବଦନ ବିଶ୍ୱାଳ, ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ସାହିତ୍ୟର ବିକାଶ ପାଇଁ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ବିପିନ ବିହାରୀ ପୁଷ୍ଟି ସଭା ପରିଚାଳନାରେ ଆମନ୍ତ୍ରିତ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଂସଦର ବାର୍ଷିକ ମୁଖପାତ୍ର ଅମୃତ ବିନ୍ଦୁ, ବିପିନ ବିହାରୀ ପୁଷ୍ଟିଙ୍କ ବିବର୍ଣ୍ଣ ପୃଥିବୀ ତଥା ଉତ୍କଳିକା ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ମହକୁଦର ଅଚ୍ୟୁତାନନ୍ଦ ବିଶ୍ୱାଳ, ବଇଣ୍ଡାର ରମେଶ ଚନ୍ଦ୍ର ମିଶ୍ର, ବାରକୋଟର ରମାକାନ୍ତ ପ୍ରଧାନ ପ୍ରମୁଖ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ଆସରରେ କଂସର କଲେଜ ଅଧକ୍ଷ ବିନିତା ମହାପାତ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇଥିଲେ। ୬୦ରୁ ଉର୍ଦ୍ଧ୍ୱ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶିକ୍ଷକ ଉଦୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଙ୍ଗନୱାଡି କର୍ମୀଙ୍କୁ ଟଙ୍କା ଦେଉନି ଏସ୍‌ଏମ୍‌ସି

**ସମ୍ବଲପୁର,୬।୧(ବ୍ୟୁରୋ)** ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅଙ୍ଗନୱାଡି କର୍ମୀମାନଙ୍କୁ ସେମାନଙ୍କ ପ୍ରାମ୍ୟ ଦେଉନି। ରାସନକାର୍ଡ ତିଆରି କରିବା ସମୟରେ ଏମାନେ କରିଥିବା କାମର ଟଙ୍କା ୫ ବର୍ଷ ହେଲା ମିଳିନାହିଁ। ସେହିଭଳି ଆଧାର କାର୍ଡ ତିଆରି କରିବା ସମୟରେ କରିଥିବା କାମର ଟଙ୍କା ୬ ବର୍ଷ ହେଲା ମଳି ନାହିଁ। ପାଇଖାନା ସର୍ଭେ, ନିର୍ବାଚନ ଓ ପିଠା ଯୋଜନାରେ କାମ କରିଥିବା ଟଙ୍କା ମଧ ମିଳି ନାହିଁ। ଏହାକୁ ନେଇ ବାରମ୍ବାର ମହାନଗର ନିଗମ ଅଧିକାରୀଙ୍କୁ ଏମାନେ ଜଣାଇଥିଲେ ମଧ କିଛି ଲାଭ ମିଳୁନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସୋମବାର ଟଙ୍କା ପାଇ ନ ଥିବା ଅଙ୍ଗନୱାଡି କର୍ମୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସ୍ୱଚ୍ଛ ସର୍ବେକ୍ଷଣ ନେଇ ଆରଏମ୍‌ସି ପ୍ରସ୍ତୁତି ଜୋରଦାର

**ରାଉରକେଲା ଅଫିସ,୬।୧**

ସାରା ଦେଶରେ ଏବେ ସ୍ୱଚ୍ଛ ସର୍ବେକ୍ଷଣ ନେଇ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଗତ ୪ରୁ ଆରମ୍ଭ କରାଯାଇଥିବା ଏହି ସର୍ବେକ୍ଷଣ ଆସନ୍ତା ୩୧ ପର୍ଯ୍ୟନ୍ତ ଜାରି ରହିବ। ଏହା କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା କରାଯାଉଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧି ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିବେ। ସ୍ୱଚ୍ଛତା ସଂପର୍କିତ ବିଭିନ୍ନ ପ୍ରଶ୍ନ ପଚରାଯିବା ସାଙ୍ଗକୁ ଶୌଚାଳୟ, ରାସ୍ତାଘାଟ ସଫେଇ ଓ ଆବର୍ଜନା ସଂଗ୍ରହ ପଦ୍ଧତି କିପରି ଚାଲିଛି ତାହା ବୁଲି ଦେଖିବେ। ସାଧାରଣ ଜନତାଙ୍କ ମତାମତ ଓ ସଂପୃକ୍ତ ଅଧିକାରୀଙ୍କ ମତାମତ ଆଧାରରେ ଏହାକୁ ମୂଲ୍ୟାଙ୍କନ କରାଯିବ। ତେବେ ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ଅଗୋଚରରେ ଅଧିକାରୀ ଯେ କୌଣସି ଦିନ ସହରରେ ପହଞ୍ଚି ମତାମତ ନେବେ। ଏମିତି ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ମହାନଗର କର୍ତ୍ତୃପକ୍ଷ ନିଜ ସଫଳତା ନେଇ ଜୋରଦାର ଉଦ୍ୟମ ଆରମ୍ଭ କରିଥିବା ସୂଚନା ମିଳିଛି। ଏନେଇ ବିଭିନ୍ନସ୍ତରରେ ସଚେତନତା ସାଙ୍ଗକୁ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଉଛି। ସାଧାରଣ ଜନତାଙ୍କ ମତାମତକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି। ସବୁ ବର୍ଗର ଲୋକେ ଏନେଇ ସଚେତନ ହେବାକୁ କୁହାଯାଇଛି। ସର୍ବେକ୍ଷଣ ଅବସରରେ ବା ଭବିଷ୍ୟତରେ ସହରକୁ ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି ପଲିଥିନ ଭଳି ବର୍ଜ୍ୟବସ୍ତୁର ସୁପରିଚାଳନା ନେଇ ପରାମର୍ଶ ପ୍ରଦାନ କରାଯାଇଛି। ଯେ କେହି ନାଗରିକ ଚାହିଁଲେ ମୋବାଇଲ ଆପ୍ ଜରିଆରେ ନିଜ ପ୍ରତିକ୍ରିୟା ରଖି ପାରିବେ। ଏହାକୁ ସବୁସ୍ତରରେ ପହଞ୍ଚାଇବା ଲାଗି ଏକ ସଚେତନତା ରଥ ସହର ପରିକ୍ରମା କରୁଛି। ଷ୍ଟିଲ ସିଟି ବିଭିନ୍ନ ପରୀକ୍ଷାନିରୀକ୍ଷା ଅତିକ୍ରମ କରି ସହରକୁ ଏକ ନମ୍ବର ରଖିବାକୁ ପ୍ରଚେଷ୍ଟା ଜାରି ରଖିଥିବା ବେଳେ ସ୍ୱଚ୍ଛ ସର୍ବେକ୍ଷଣରେ ନିଶ୍ଚିତ ଭାବେ ନିଜ ଭଲ ପ୍ରଦର୍ଶନ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି।



ସ୍ୱଚ୍ଛ ସଚେତନତା ନେଇ ଆରଏମ୍‌ସି ପକ୍ଷରୁ ବାହାରିଥିବା ସଚେତନତା ରଥ।

# ବିଭିନ୍ନ ସ୍ଥାନରେ ଜଙ୍ଘାବଡ଼ଦେଓଙ୍କ ପୂଜା

**ବଣାଇଁ/ ଲହୁଣୀପଡା,୬।୧ (ସ୍ୱ.ପ୍ର.)**

ବଣାଇଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୋଁଣ୍ଡ ସମାଜର ଜଙ୍ଘାବଡଦେଓଙ୍କ ପୂଜାର୍ଚ୍ଚନା କରାଯାଇଛି। ବିଜାକୁଳି, ସରସରା, ଦେଓପୋଷ ଠାରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ସେହିଭଳି ଲହୁଣୀପଡା ବ୍ଲକର ଖୁଣ୍ଟଗାଁ ନିକଟସ୍ଥ ସାଧୁବାହାଲ ଗ୍ରାମ ଠାରେ ଜଙ୍ଘାବଡଦେଓଙ୍କ ପୂଜା ଉତ୍ସବ ଆୟୋଜିତ ହୋଇଥିଲା। ଦେଓପୋଷରେ ବଣାଇଁର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଯୋଗ ଦେଇଥିଲେ । ମୁଖ୍ୟ ପୂଜକ ଭାବେ ରଥ କାଲୋ, ଚିନ୍ତାମଣି କାଲୋ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗୋଁଣ୍ଡ ସମାଜର ଆଞ୍ଚଳିକ କମିଟିର ସଭାପତି ମେଘନାଦ ଅଟୀ, ଉପଦେଷ୍ଟା ସୌରାଜ ସିଂଦଣ୍ଡପାଟ, ପରିଚାଳକ କୈଳାସ ବରିହା, ଜଳନ୍ଧର ସିଂଦଣ୍ଡପାଟ, ପବିତ୍ର ନାଏକ, ଦେଓପୋଷ ଗ୍ରାମର ସଭାପତି ଫକୀର ମୋହନ ଅଟୀ, ସମ୍ପାଦକ ପରମେଶ୍ୱର ଚାର୍ଦ୍ଧିଆ, ଲକ୍ଷ୍ମୀଧର ସିଂଦଣ୍ଡପାଟ, ଲୋକନାଥ ବରିହା, ରମେଶ ଚନ୍ଦ୍ର ସିଂଦଣ୍ଡପାଟ, ଦୁଷ୍ମନ୍ତ ନାଏକ, କମଳ ଲୋଚନ ଅଟୀ, ଯୋଗେଶ୍ୱର ଜେନା, ମଧୁସୂଦନ ସିଂଦଣ୍ଡପାଟ, ରାଜେନ୍ଦ୍ର ଚାର୍ଦ୍ଧିଆ, ବାସନ୍ତୀ ସିଂଦଣ୍ଡପାଟ, ରିତା ନାଏକ, ପୁଷ୍ପଲତା ସିଂଦଣ୍ଡପାଟ, ବୀଣାପାଣି ଅଟୀ, ଦଶମୀ ନାଏକ, କ୍ଷୀରେଶ୍ୱର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ । ସେହିଭଳି ପୂର୍ବ ବଣାଇଁ ସାଧୁବାହାଲ (ଖୁଣ୍ଟଗାଁ)ର ଘାଗରା ଠାରେ ଜଙ୍ଘାବଡଦେଓ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜମିଦାର ତଥା ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇ ଗୋଁଣ୍ଡ ସମାଜର ପତାକା ଉତ୍ତୋଳନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂଜା କମିଟିର ସଭାପତି ଖୁଣ୍ଟଗାଁ ସରପଞ୍ଚ ଅଜୟ ନାଏକ, ଭୁବନେଶ୍ୱର ମହାପାତ୍ର, ଉପସଭାପତି ନାରାୟଣ କାଲୋ, ଶାନ୍ତନୁ କାଲୋ, ରହିନୁ ନାୟକ, କେଶବ ଚନ୍ଦ୍ର ନାୟକ, ଦୋଳଗୋବିନ୍ଦ ନାୟକ, ଫକୀରମୋହନ ମହାପାତ୍ର, କାର୍ତ୍ତିକ ନାୟକ, ହେମନ୍ତ ନାୟକ, ମିଶ୍ର ପାଉଲେ, ଗିରିଜା ନନ୍ଦ ପାଉଲେ, ଲବଙ୍ଗଲତା କୁଅଁର, ବୋଇତ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭାପତି ରଞ୍ଜିତ କିସାନ, ପୂଜକ ନିରଞ୍ଜନ ନାୟକ, ନେତ୍ରାନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଲହୁଣୀପଡା ବ୍ଲକ ବଡ ପୁରୁଣାପାଣି ପଞ୍ଚାୟତ ଜୁନିଆନି ଗ୍ରାମରେ ଜଂଘା ବଡଦେଓଙ୍କ ପୂଜା କରାଯାଇଛି। ଏଥିରେ ରାଜାମୁଣ୍ଡା, ଗୁଡ଼ିଆଳି, ବରଘାଟ, କପଣ୍ଡ ପ୍ରଭୃତି ଗାଁର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ତ୍ରିଲୋଚନ ମାଝି, ସଂପଦ ନାଏକ, ଚନ୍ଦ୍ର ଭୋଇ, ପଞ୍ଚୁ ନାଏକ, ସୁରେଶ ଭୋଇ, ଡିଲେଶ୍ୱର ନାଏକ, ବିଣାପାଣି ମାଝି, ରଞ୍ଜିତା କଲୋ, ଚୁମକି ନାଏକ, ଇନ୍ଦ୍ରମଣି ନାଏକ, ଘାସିଆ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ

**ରାଉରକେଲା ଅଫିସ,୬।୧**

ପାକିସ୍ତାନରେ ଅଳ୍ପସଂଖ୍ୟକଙ୍କ ଉପରେ ଅତ୍ୟାଚାରକୁ ବଜରଙ୍ଗଦଳ ପକ୍ଷରୁ ନିନ୍ଦା କରାଯାଇଛି। ସେଠାରେ ରହିଥିବା ଜଗତଗୁରୁ ନାନାକ ଦେବଙ୍କ ପବିତ୍ର ପୂଜାସ୍ଥଳ ନନାକାନ୍ନା ସାହେବରେ ରହିଥିବା ଶିଖ ପରିବାରଙ୍କୁ ପାକିସ୍ତାନ ଛାଡିବାକୁ ଧମକ ଦିଆଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଶିଖ ସଂପ୍ରଦାୟଙ୍କୁ ସେଠାରୁ ବିଦା କରିବା ସହ ଏହାର ରୂପରେଖ ତଥା ନାମ ବଦଳାଇବାକୁ ପାକିସ୍ତାନ ପକ୍ଷରୁ ମସୁଧା କରାଯାଇଛି। ଏହା ନୂଆ କଥା ନୁହେଁ । ଅତୀତରେ ବାରମ୍ବାର ଏଭଳି ଅତ୍ୟାଚାର ଘଟଣା ଲୋକ ଲୋଚନକୁ ଆସିଛି। ଏବେ ଶିଖ ସଂପ୍ରଦାୟଙ୍କ ଉପରେ ଦାଉ ସାଧିବା ଅତ୍ୟନ୍ତ ବିଡମ୍ବନା ବୋଲି ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି। ପାକିସ୍ତାନରେ ନ୍ୟୁନତମ ସଂଖ୍ୟାଲଘୁଙ୍କ ଧର୍ମ ପରିବର୍ତ୍ତନ ନେଇ ଆଜି ବି ପ୍ରୟାସ ଜାରି ରହିଛି। ଯେଉଁମାନେ ଏହାକୁ ଗ୍ରହଣ କରିପାରି ନାହାଁନ୍ତି ସେମାନଙ୍କୁ ମୃତ୍ୟୁର ମୁହଁ ଦେଖିବାକୁ ପଡୁଛି। ମୋଟାମୋଟି କହିବାକୁ ଗଲେ ପାକିସ୍ତାନ ଭଳି ଦେଶରେ ସଂଖ୍ୟାଲଘୁଙ୍କ ଜୀବନ ଆଜି ଦୁର୍ବିସହ ହୋଇ ପଡିଛି। ଏମିତି ଅବସ୍ଥାରେ ଭାରତ ସରକାର ନାଗରିକ ସଂଶୋଧନ ଆଇନ ଆଣିବା ନେଇ ଯେଉଁ ଦ୍ୱନ୍ଦ ଉପୁଜିଛି ଏହାର ଆଧାର କିଛି ନାହିଁ। ଅଳ୍ପ ସଂଖ୍ୟକଙ୍କୁ ନାଗରିକତା ଦେଇ ଦେଶରେ ଥଇଥାନ କରିବା ଏକ ବଡ କଥା। ଦେଶାନ୍ତର ବିସ୍ଥାପିତଙ୍କୁ ନ୍ୟାୟ ଦେବା ଓ ଥଇଥାନ କରିବା ଏକ ମାନବିକତାର ପ୍ରସଙ୍ଗ। ଏହାକୁ ସମସ୍ତେ ସମସ୍ୱରରେ ସ୍ୱାଗତ କରିବାକୁ ବଜରଙ୍ଗ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଭଳି ଅବସ୍ଥାରେ ପାକିସ୍ତାନର ଭୂମିକାକୁ ଦୃଢ ସ୍ୱରରେ ସଙ୍ଗଠନ କର୍ମକର୍ତ୍ତା ନିନ୍ଦା କରିଛନ୍ତି।

# ବିଭିନ୍ନ ଛକକୁ ମହାପୁରୁଷ, ଜନନାୟକଙ୍କ ନାମରେ ନାମିତ କରାଯାଉ

## ■ ଜିଲାପାଳଙ୍କୁ ଭେଟି ଦାବି ଜଣାଇଲେ ବିଧାୟିକା

**ସୁନ୍ଦରଗଡ,୬।୧ (ଡି.ଏନ୍.ଏ.)**

ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ସହରର ବିଭିନ୍ନ ଛକକୁ ବିଶିଷ୍ଟ ମହାପୁରୁଷ ଓ ଜନନାୟକଙ୍କ ନାମରେ ନାମିତ କରିବା ପାଇଁ ବିଧାୟିକା ଟେଟେ ଜିଲାପାଳଙ୍କ ପାଖରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଧାୟିକା ଜିଲାପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରି ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସୁନ୍ଦରଗଡ ସହରରେ ବିଭିନ୍ନ ମହାପୁରୁଷମାନଙ୍କର ଜନ୍ମବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଫଟୋରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ସଂପାଦିତ କରାଯାଉଛି। ଏହାକୁ ହୃଦ୍‌ବୋଧ କରି ଜିଲା ପ୍ରଶାସନ ବିଭିନ୍ନ ଛକରେ ଜନନାୟକ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ନାମରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ଛକର ନାମକରଣ କରାଗଲେ ମହାପୁରୁଷମାନଙ୍କ ପ୍ରତି ଉଚିତ ସମ୍ମାନ ସହ ସହର ସୌନ୍ଦର୍ଯ୍ୟକରଣ ହୋଇପାରିବ ବୋଲି ବିଧାୟିକା ମତବ୍ୟକ୍ତ କରିଛନ୍ତି। ତେବେ ବିଧାୟକଙ୍କ ଏହି ପ୍ରସ୍ତାବ ଉପରେ ଜିଲାପାଳ ପଦକ୍ଷେପ ନେବେ ବୋଲି କହିଛନ୍ତି। ବିଧାୟିକାଙ୍କ ସହ ଇଂ. ଦିଲୀପ ପଟେଲ, ଅସୀମ ପଟେଲ, ମନୀଷ ପଟେଲ, ଟିକୁ ପଣ୍ଡା, ସୁଜିତ ସେଠ, ପ୍ରଣବ ଭୈଷାଁଲ, ଦିଲୀପ ପଣ୍ଡା, ବିମଳ ପଟେଲ, ସୁବାସଚନ୍ଦ୍ର ରଣା ପ୍ରମୁଖ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ।


ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରୁଛନ୍ତି।

# ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣର ପ୍ରତିବାଦ

**ସୁନ୍ଦରଗଡ,୬।୧ (ଡି.ଏନ୍.ଏ.)**

ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ଉପରେ ଆକ୍ରମଣର ପ୍ରତିବାଦ କରିଛି ସୁନ୍ଦରଗଡ ବିଜୁ ଛାତ୍ର ଜନତା ଦଳ। ଦଳ ତରଫରୁ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡଲ ଶୋଭାଯାତ୍ରା ସହର ପରିକ୍ରମା କରିଛି। ବିଜୁ ଛାତ୍ର ଜନତା ଦଳର ପଶ୍ଚିମାଞ୍ଚଳ ଜୋନ୍ ସଭାପତି ବୈକୁଣ୍ଠ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା ସ୍ଥାନୀୟ ଡିଆରଡିଏ ଛକରୁ ବାହାରି ସରକାରୀ ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ପୂର୍ବତନ ବିଧାୟକ ଯୋଗେଶ ସିଂ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଆଇନ୍ ସାମୁଖ୍ୟ ଜିଲା ଆବାହକ ଅଶୋକ ସ୍ୱାଇଁ, ରାଜ୍ୟ ବିଜେଡି ଯୁବ ସାଧାରଣ ସଂପାଦକ ସୁମନ୍ତ ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠ ନେତା ଲଲାଟେନ୍ଦୁ ପରିଡା, ଜିତେନ୍ଦ୍ରୀୟ କର, ସୁରେନ୍ଦ୍ର ଭିତ୍ରିଆ, ପଞ୍ଚା ବାର୍ଲା, ପ୍ରଶାନ୍ତ ପଟେଲ, ସ୍ୱରାଜ ପଟେଲ, ରାଜ୍ୟ ବିଜୁ ଛାତ୍ର ଜନତା ସଂପାଦକ ଶିବାଜୀ ନାଏକ, ଜିଲା ଯୁବ ବିଜେଡି ସାଧାରଣ ସଂପାଦକ ମୁକେଶ ପୁରୋହିତ, ଅମିତାଭ ଯୋଶୀ, ହେମନ୍ତ ପାଢୀ, ଧୀରଜ ପ୍ରସାଦ ଓ ରୋଶନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ଜେଏନ୍‌ୟୁ ଛାତ୍ରୀଛାତ୍ର ଓ ପ୍ରାଧ୍ୟାପକଙ୍କ ଉପରେ ଆକ୍ରମଣର ପ୍ରତିବାଦ କରି ସୁନ୍ଦରଗଡ଼ରେ ବାହାରିଥିବା କ୍ୟାଣ୍ଡଲ ଶୋଭାଯାତ୍ରା।



ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ ବା ସିଏଏର ସମର୍ଥନରେ ସୁନ୍ଦରଗଡ଼ରେ ଭାଜପା ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

# ସଂଗଠନ ମଜଭୁତ ଲାଗି ଜୁଏଲଙ୍କ ପରାମର୍ଶ

**ସୁନ୍ଦରଗଡ, ୬।୧ (ଡି.ଏନ୍.ଏ.)**

ସ୍ଥାନୀୟ ମାଦ୍ରିକାଲୋ ଭବନଠାରେ ସୋମବାର ଭାଜପା ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବିଦାୟୀ ଜିଲା ସଭାପତି ବଟକିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନବନିଯୁକ୍ତ ଜିଲା ସଭାପତି ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଓ ସମସ୍ତ ମଣ୍ଡଳର ସଭାପତିଙ୍କୁ ସ୍ୱାଗତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନକୁ ମଜବୁତ କରି ଆସନ୍ତା ପଞ୍ଚାୟତ, ଜିଲାପରିଷଦ ଓ ପୌରନିର୍ବାଚନରେ ଦଳ କିପରି ଉତ୍ତମ ଫଳ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ସମାରୋହରେ ଅଶୋକ ମହାନ୍ତି, ରଞ୍ଜନ ପଟେଲ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ସହଦେବ ଖାଖା, ମହେନ୍ଦ୍ର ମାଝି, ବିଶ୍ୱଜିତ ତନ୍ତୀ, ଲତିକା ପଟ୍ଟନାୟକ, ଅନୀଲ ବାର୍ଲାଙ୍କ ସମେତ ବିଭିନ୍ନ ବ୍ଲକର ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ ବା ସିଏଏର ସମର୍ଥନରେ ସମସ୍ତେ ଶୋଭାଯାତ୍ରାରେ ବାହାରିଥିଲେ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଫେକ୍ ଆଇଡି ଖୋଲି ବ୍ଲାକମେଲ୍ ମୁଖ୍ୟ ଅଭିଯୁକ୍ତ ଗିରଫ

ବ୍ରଜରାଜନଗର, ୬।୧ (ଡି.ଏନ.ଏ.)
ବ୍ରଜରାଜନଗର ଥାନା ଅନ୍ତର୍ଗତ ଲମତିବାହାଲରେ ରହୁଥିବା ଗୌରାଙ୍ଗ ଶର୍ମାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଫେକ୍ ଆଇଡି ଖୋଲି ବ୍ଲାକମେଲ କରୁଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଏସ୍‌ଡିପିଓ ଦିଲ୍ଲୀପ ଦାଶ ଏହି ଘଟଣାର ପର୍ଦ୍ଦାଫାଶ କରିଛନ୍ତି । ଅଭିଯୁକ୍ତ ଗତ ୯ ମାସ ହେବ ଏଭଳି ଆଇଡି ଖୋଲି ଆଶାଳୀନ ମନ୍ତବ୍ୟ ପୋଷ୍ଟ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ଲମତିବାହାଲ ଅଞ୍ଚଳର କେଶବ ପ୍ରସାଦ ଗୁପ୍ତା ଜଣେ ଘଣ୍ଟା ଦୋକାନୀ । ତାଙ୍କର ବଡପୁଅ ସୌରଭ ଗୁପ୍ତା (୨୬) ଓ ସାନପୁଅ ଶୁଭମ ଗୁପ୍ତା (୨୨)ଙ୍କ ନାମରେ ତାଙ୍କ ପଡୋଶୀ ଗୌରାଙ୍ଗ ଶର୍ମା ଫେକ୍ ଆଇଡି ଖୋଲିଥିଲା । ଏ ସଂକ୍ରାନ୍ତରେ କେଶବ ୨୦୧୮ ଏପ୍ରିଲ ୧୯ରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତ ତତ୍କାଳୀନ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ନାମରେ ମଧ ସେହି ଆଇଡିରୁ ବହୁ କଥା ଲେଖି ପୋଷ୍ଟ କରିଥିଲେ । ସେ ସମୟରେ ବିଧାୟିକା ଥାନାରେ ଅଭିଯୋଗ କରିଥିଲେ। ବ୍ରଜରାଜନଗର ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ହୋଇଥିବାରୁ ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ବେଳେ ଥାନା ପରିସରରେ ଭିଡ ଜମିଥିଲା । ଏହି ତଦନ୍ତରେ ଥାନା ପ୍ରଭାରୀ ନଳିତା ମୋଦି ମୁଖ୍ୟ ଦାୟିତ୍ୱରେ ଥିଲେ ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବାମରା,୬।୧(ଡି.ଏନ.ଏ.)
ବାମରା ନିକଟସ୍ଥ ମୁଣ୍ଡାଡ଼ିପା ତିନ ପୁଲିଆ ବୁଣାଣୀଠାରେ ରବିବାର ରାତିରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତକ ହେଲେ ଝାରସୁଗୁଡା ଜିଲା କିର୍ମିରା ବ୍ଲକ ନକ୍ସାପାଲି ଗ୍ରାମର ଅଜିତ (୨୦) । ସେ ନିଜ ସାଙ୍ଗ ବ୍ରଜରାଜନଗର ବାସିନ୍ଦା ଲୋକନାଥ (୨୮)ଙ୍କ ସହ ଭୋଇପାଲିଠାରୁ ବାଇକ (ନଂ. ଓଡି ୧୫-୨୦୧୬)ରେ ଯାତ୍ରା ଦେଖି ନିଜ ଘରକୁ ଫେରୁଥିଲେ । ବାମରା ମୁଣ୍ଡାଡ଼ିପା ପାଖରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ । ଖବର ପାଇ ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ । ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ତାଙ୍କୁ ସୁନ୍ଦରଗଡ ଓ ପରେ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ କରୁଥିବା ତଦନ୍ତ ଅଧିକାରୀ ଯୋଗେଶ୍ୱର କିଷାନ ସୂଚନା ଦେଇଛନ୍ତି ।

### ରେଢାଖୋଲ ସହରରେ ଚୋରି

ରେଢାଖୋଲ,୬।୧(ଡି.ଏନ.ଏ.)
ରେଢାଖୋଲ ସହରର ଦେହୁରିସାହିର ରତ୍ନାକର ସାହୁଙ୍କ ଘରୁ ସୁନା, ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ରାତି ୯ଟା ବେଳେ ରତ୍ନାକର ସାହୁଙ୍କ ଘରକୁ ଯାଇ ତଦନ୍ତ କରୁଛି। ରତ୍ନାକର ପରିବାର ସହ ଗତ ୩ ଦିନ ହେବ ବାହାରକୁ ଯାଇଥିବା ବେଳେ ସୋମବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘର ସମ୍ମୁଖ ଦ୍ୱାର ଖୋଲି ଘର ଭିତରକୁ ଯିବା ପରେ ଘରୁ ଚୋରି ହୋଇଯାଇଥିବା ଜାଣିଥିଲେ। ଚୋରମାନେ ଘରର ପଛପାଖରୁ ପଶି ଘରେ ଥିବା ସୁନା, ଟଙ୍କା ସବୁ ଚୋରି କରି ନେଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ କେତେ ପରିମାଣର ସୁନା, ଟଙ୍କା ଚୋରି ହୋଇଛି ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

■କଦଳୀଗଡ଼ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ସମନ୍ୱୟ ରହିଲେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ହେବ

ରେଢାଖୋଲ,୬।୧(ଡି.ଏନ.ଏ.)

ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧରେ ଉତ୍ତମ ସମନ୍ୱୟ ରହିଲେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବ। ସରକାର ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ସମନ୍ୱୟ ଅଭାବରୁ ଅଭିଭାବକମାନେ ତାଙ୍କ ପିଲାଙ୍କୁ ଘରୋଇ ସ୍କୁଲକୁ ଛାଡୁଛନ୍ତି। ଏବେ ମଧ ଓଡିଶାରେ ୯୨ ପ୍ରତିଶତ ଛାତ୍ରୀଛାତ୍ର ସରକାରୀ ସ୍କୁଲରେ ପାଠ ପଢୁଛନ୍ତି । କେବଳ ୮ ପ୍ରତିଶତ ଛାତ୍ରୀଛାତ୍ର ଘରୋଇ ସ୍କୁଲକୁ ଯାଉଛନ୍ତି ବୋଲି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମିର ଦାଶ ସୋମବାର କଦଳିଗଡ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ମଧରେ ସମନ୍ୱୟ ରହୁନାହିଁ। ଏପରିକି ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ନାଁ ମଧ ଜାଣି ପାରୁନାହାନ୍ତି। ସେଥିପାଇଁ ଜଣେ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ରୋଟେସନ କରି ବସାଇବାକୁ ପରାମର୍ଶ ଦେଇଥିଲେ। ଅଭିଭାବକମାନେ ସରକାରୀ ବିଦ୍ୟାଳୟରେ ଆସ୍ଥା ସ୍ଥାପନ କରି ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ କହିଥିଲେ। ୫୦ ବର୍ଷ ତଳେ କଦଳିଗଡରେ ଶିକ୍ଷାର ଉନ୍ନତି ପାଇଁ ଏହି ବିଦ୍ୟାଳୟ ସ୍ଥାପନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପରିଚାଳନା କମିଟି ସଭାପତି ଭାଗୀରଥି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ ରୋହିତ ପୂଜାରୀ, ଜିଲା ଶିକ୍ଷାଧିକାରୀ କଳ୍ପନା ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ବାଙ୍କିରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ, ହରିହର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ରୋଜାଲିନ ବେହେରା, ସରପଞ୍ଚ ନଳିନୀ ଦେହୁରୀ, ସମିତିସଭ୍ୟ ଧର୍ମେନ୍ଦ୍ର କହଁର ଏବଂ ଅବସରପ୍ରାପ୍ତ ଓଡିଆ ପ୍ରାଧାପକ ଡ.ଶ୍ୟାମ ସୁନ୍ଦର ଧର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଅଖଣ୍ଡଦୀପ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ର ତଥା ଅଧାପକ ପବିତ୍ର ବିଶ୍ୱାଳ ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ ବିବରଣୀ ପାଠ କରିଥିଲେ। ସମାରୋହରେ ବିଦ୍ୟାଳୟର ପୁରାତନ ଛାତ୍ର ଶହୀଦ ଚମ୍ପେଶ୍ୱରଙ୍କ ପତ୍ନୀ ମଧୁସ୍ମିତା ମହୁକୁଡ଼ଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ତଥା ଅଧାପକ ଗୋପବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ କଦଳିଗଡ ବାବା ବୈଦ୍ୟନାଥ ମନ୍ଦିରଠାରୁ ଛାତ୍ରୀଛାତ୍ରମାନଙ୍କ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ବିଦ୍ୟାଳୟରେ ସ୍ଥାପନ କରାଯିବା ପରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟନ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୁରୁ ପୂଜନ ଓ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ପରିଚାଳନା କମିଟି ସମ୍ପାଦକ ଚକ୍ରଧର ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉତ୍ସବରେ ଯୋଗଦେଇ ସହଯୋଗ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଜଙ୍ଘା ବଡ଼ଦେଓଙ୍କ ପୂଜା ଅନୁଷ୍ଠିତ

ବେଲପାହାଡ଼,୬।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ସମଡ଼ାଠାରେ ଗତ ରବିବାର ପବିତ୍ର ଶାମ୍ବ ଦଶମୀ ତିଥିରେ ଗୋଁଡ଼ ସମାଜ ପକ୍ଷରୁ ଇଷ୍ଟ ଦେବତା ଜଙ୍ଘା ବଡ଼ଦେଓଙ୍କ ବାର୍ଷିକ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସାମାଜିକ କାର୍ଯ୍ୟରେ ଯଥା ସମ୍ଭବ ସହଯୋଗର ହାତ ବଢାଇବେ ବୋଲି କହିଥିଲେ । ଗୋଁଡ଼ ସମାଜର ସମ୍ପାଦକ ଯଦୁମଣି ଧୁରୁଆ ସଭା ସଞ୍ଚାଳନ କରିଥିଲେ। ସଭାପତି ମନୋଜ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଜିଲା ବିଜେଡି ଉପସଭାପତି ଶମ୍ଭୁ ମହାନ୍ତି ଓ ଟାଉନ ସଭାପତି ରାଜେଶ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜକ ଗୋକୁଳ ମରେଇ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ପୂଜାରେ ଅଞ୍ଚଳ ତଥା ଆଖପାଖ ଗାଁରୁ ଆସିଥିବା ଗୋଁଡ଼ ସମାଜର ଶତାଧିକ ପରିବାର ଯୋଗ ଦେଇଥିଲେ ।


ଗୋଁଡ଼ ସମାଜ ସଭାରେ ବିଧାୟକ କିଶୋର କୁମାର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି ।


ମକର ଯାତ୍ରା ପାଇଁ ଗୁମାଡ଼େରା ଆର୍ତ୍ତତ୍ରାଣ କ୍ଷେତ୍ରରେ ନୟାଗଡ଼ରୁ ଆସୁଥିବା କାରିଗରମାନେ ରଥ ନିର୍ମାଣ କରୁଛନ୍ତି ।

# ଗୁମାଡ଼େରା ମକର ଯାତ୍ରା ପାଇଁ ରଥ ନିର୍ମାଣ ଆରମ୍ଭ

ବେଲପାହାଡ଼,୬।୧ (ଡି.ଏନ୍.ଏ.)

ଆଉ ସପ୍ତାହ ପରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଗୁମାଡ଼େରା ଆର୍ତ୍ତତ୍ରାଣ କ୍ଷେତ୍ରରେ ଶ୍ରୀଜୀଉମାନଙ୍କ ମକର ଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ନୟାଗଡ଼ରୁ ଆସିଥିବା କାରିଗର ଦଳ ଗତ ରବିବାରରୁ ରଥ ନିର୍ମାଣ ଆରମ୍ଭ କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ଓ ସାଜସଜା ସମ୍ପୂର୍ଣ୍ଣ କରାଯିବ ବୋଲି କାରିଗର ଦଳର ମୁଖ୍ୟ ରଙ୍କ ମହାରଣା ପ୍ରକାଶ କରିଛନ୍ତି । ଗୁମାଡ଼େରାଠାରେ ପ୍ରତିବର୍ଷ ନିଆରା ରୀତିରେ ମକର ଯାତ୍ରା ପାଳିତ ହୋଇଥାଏ । ଏହି ଯାତ୍ରାରେ ଶ୍ରୀ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରା ସୂର୍ଯ୍ୟ ଦେବତାଙ୍କ ପ୍ରତୀକ ରଥରେ ବସି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ଶ୍ରୀଜୀଉ ପୀତ ବସ୍ତ୍ର,ମୁକୁଟ ଓ ଆଭୂଷଣରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦିଅନ୍ତି । ଏହି ଯାତ୍ରାରେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ଆଦିତ୍ୟ ନାରାୟଣଙ୍କ ସ୍ୱରୂପରେ ପୂଜା କରାଯାଇଥାଏ । ଜଗନ୍ନାଥ ମନ୍ଦିର ସମ୍ମୁଖରୁ ରଥ ଟଣା ଆରମ୍ଭ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାଇଥାଏ। ଗୁଣ୍ଡିଚା ମନ୍ଦିରରୁ ଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ବାଟ ମଙ୍ଗଳା ମନ୍ଦିର ସମ୍ମୁଖରେ ହରିହର ଭେଟ ଅନୁଷ୍ଠିତ ହୋଇଥାଏ । ଜାତି,ବର୍ଣ୍ଣ ଓ ଧର୍ମ ତଥା ସମସ୍ତ ମାନବ ଜାତି ମଧ୍ୟରେ ଭାଇଚାରା ଓ ବନ୍ଧୁତା ଭାବ ବଢାଇବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଏହି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ଗୁମାଡ଼େରା ଜଗନ୍ନାଥ ମନ୍ଦିର କମିଟି ଓ ଗୌରୀଶଙ୍କର ମନ୍ଦିର କମିଟି ପକ୍ଷରୁ ମକର ଯାତ୍ରା ଆୟୋଜିତ ହୋଇଆସୁଛି ।

■ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ତୃତୀୟ ଦିବସ

# ପୁତନା ବଧରେ କଂସ ମର୍ମାହତ



କଂସ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ଗୋପପୁରରେ ପୁତନା ବଧ ।

ଲଖନପୁର,୬।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଶିଳ୍ପାଞ୍ଚଳ କଳାହୀରା ନଗରୀରେ ୧୦ମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସୋମବାର ତୃତୀୟ ଦିବସରେ ପହଁଞ୍ଚିଛି । ଗତ ଶନିବାରରୁ ଶିଳ୍ପନଗରୀ କଂସଙ୍କ କବଜାରେ ରହିଛି । ସେଠାରେ ଚାଲିଛି ପ୍ରତାପୀ କଂସଙ୍କ ରାଜୁତି । ସେଥିଲାଗି ବନ୍ଧବାହାଲ ଥରହର ହେଉଛି । ସେଥିପାଇଁ ରଙ୍ଗବେରଙ୍ଗ ଆଲୋକରେ ସଜେଇ ହୋଇଛି ହୋଇଛି ବନ୍ଧବାହାଲର ବିଭିନ୍ନ ପ୍ରବେଶପଥ । ନିର୍ମିତ ତୋରଣ ଦର୍ଶକଙ୍କୁ ସ୍ୱାଗତ ଜଣାଉଛି । ଏଥିପାଇଁ ଯାତ୍ରା କମିଟି ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି । ଅଶ୍ୱଚାଳିତ ସୁଶୋଭିତ ରଥରେ କଂସ ପାତ୍ରମନ୍ତ୍ରୀଙ୍କ ଗହଣରେ ନଗର ଭ୍ରମଣ କରୁଛନ୍ତି । ଏଭଳି ପୌରାଣିକ ଲୋକକଳା ପ୍ରତି ଲୋକଙ୍କ ଆଗ୍ରହ ବଢିବାରେ ଲାଗିଛି । ପ୍ରବଳଶୀତରେ ବି ଦର୍ଶକଙ୍କ ଭିଡ ବଢିବାରେ ଲାଗିଛି । ଏହି ଅବସରରେ ମହୋତ୍ସବ ତୃତୀୟ ଦିବସ ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଲଖନପୁର ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ନିର୍ବାହୀଯନ୍ତ୍ରୀ ହାଡିବନ୍ଧୁ ସାହୁ, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମହେର, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, ଯାତ୍ରା କମିଟି ପୃଷ୍ଠପୋଷକ ରଘୁନନ୍ଦନ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ଘନଶ୍ୟାମ ସିଂହ, ସହସମ୍ପାଦକ ବିଜୟ କୁମାର ପତି,ମହେନ୍ଦ୍ର କଣ୍ଟା ଓ ଇନାୟତ ଖାନ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ବନ୍ଧବାହାଲ ଗ୍ରାମମଣ୍ଡପ ଗୋପପୁରରେ ନରେନ୍ଦ୍ର ପୂଜାରୀ ପୂଜାର୍ଚ୍ଚନା କରିଥିଲେ । ଏହି ପୂଜାରେ ଗ୍ରାମର ଜମିଦାର ସଞ୍ଜୟ କୁମାର ସିଂହ ଓ ତାଙ୍କ ସ୍ତ୍ରୀ ପ୍ରିୟା ସିଂହ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ତା'ପରେ ଗୋପପୁରରେ କୃଷ୍ଣଜନ୍ମ ସହ ନନ୍ଦୋତ୍ସବ, କୃଷ୍ଣଙ୍କୁ କ୍ଷୀରପାନ, କୃଷ୍ଣ ବଳରାମଙ୍କୁ ଗୋପୀମାନଙ୍କ ମେଳରେ ଦୋଳିଝୁଲଣ, ପୁତନା ବଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଥୁରାପୁର କଂସ ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ କଂସଙ୍କ ଆଲୋଚନା, ପୁତନା ବଧରେ କଂସ ମର୍ମାହତ ଓ ଗୋପପୁରକୁ ଅଷ୍ଟମଲ୍ଲ ପ୍ରେରଣ ଆଦି ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ କଂସ ଦରବାରରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଯାତ୍ରା କମିଟି କର୍ମକର୍ତ୍ତା ପ୍ରେମାନନ୍ଦ ସାହୁ, ସୁବ୍ରତ ପ୍ରଧାନ, ସୌକି ପ୍ରଧାନ, ବିରଞ୍ଚି ପ୍ରଧାନ, ପ୍ରଦୀପ କରାଳୀ, ସାଲେଗ୍ରାମ ନାୟକ, ପ୍ରସନ୍ନ କୁମାର ସିଂହ, ନିରଞ୍ଜନ କରାଳୀ, ପ୍ରଫୁଲ ରାୟ, ରବିନ୍ଦ୍ର କୁମାର ହୋତା, ଭୀଷ୍ମଦେବ ପାତ୍ର, ଟିଆର୍ ବହିଦାର ପ୍ରମୁଖ ସହଯୋଗ କରିଥିଲେ ।

■ସମାସିଂହା ମକର ମେଳା ପାଇଁ ପ୍ରସ୍ତୁତି

# ନୂତନ କର୍ମକର୍ତ୍ତା ଚୟନ

କୋଲାବିରା,୬।୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକର ସମାସିଂହା ଠାରେ ପ୍ରତିବର୍ଷ ଭଳି ଆୟୋଜିତ ହେଉଥିବା ପ୍ରସିଦ୍ଧ ମକର ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷର ମେଳା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସମାସିଂହା ପ୍ରଗତୀ ଯୁବକ ସଂଘ ଆନୁକୂଲ୍ୟରେ ସରପଞ୍ଚ ହେମନ୍ତ ସାହୁଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ବୈଠକରେ ବିଗତ ବର୍ଷର କର୍ମକର୍ତ୍ତା, ଗ୍ରାମବସୀ ଏବଂ ପ୍ରଗତୀ ଯୁବକ ସଂଘର ସଦସ୍ୟମାନେ ଭାଗ ନେଇଥିଲେ । ବୈଠକରେ ଚଳିତ ବର୍ଷ ମକର ମେଳାର କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ଏହାସହିତ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଆଇନଜୀବୀ ମନୋଜ କାଲୋଙ୍କୁ ସଭାପତି,ପ୍ରକାଶ ସାହୁଙ୍କୁ ସମ୍ପାଦକ,ସରୋଜ ପଟେଲଙ୍କୁ କୋଷାଧ୍ୟକ୍ଷ ,ଭୀଷ୍ମଦେବ ପଟେଲଙ୍କୁ ସ୍ଥାନ ବିତରକ ଭାବେ ମନୋନୀତ କରାଯାଇଛି । ଗ୍ରାମର ବୟୋଜ୍ୟୋଷ୍ଠ ନାଗରିକଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ନାଏକ, ପ୍ରଦୀପ କୁମାର ପଟେଲ,ଭୀଷ୍ମଦେବ ପଟେଲ,ତୁଲେଶ୍ୱର ପଟେଲ,ତୁଳାରାମ ସେନାପତି,ମଦନ ମୋହନ ପଟେଲ, ଗୌତମ ନାଏକ,କରୁଣାକର ସେଟ,ଚେତାନନ୍ଦ ପଟେଲ,ରିଙ୍କୁ ସାହୁ, ରିତେଶ ପଟେଲ,କୌଶଲ ଜୟପୁରିଆ,ରିତେଶ ସାହୁ,ମନୋଜ ପଟେଲ,ସୁନୀଲ ପୃଷ୍ଠେଠ ,ପ୍ରଫୁଲ୍ଲ ନାଥ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ୧୦ ତାରିଖଠାରୁ ଦୋକାନୀମାନେ ନିଜ ନିଜ ସ୍ଥାନ ଅଗ୍ରୀମ ସଂରକ୍ଷିତ କରିବାକୁ ଯୋଗାଯୋଗ କରିପାରିବେ ବୋଲି ଘୋଷଣା କରାଯାଇଥିଲା।


ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ ।


ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜିଲାସ୍ତରୀୟ ରଜକ ଜୟନ୍ତୀ ଅବସରରେ ଯୋଗଦେଇଥିବା ପ୍ରଭାରୀମାନେ।

# ରଜତ ଜୟନ୍ତୀ ସ୍ଥାପନା ଦିବସ ପାଳିତ

ବ୍ରଜରାଜନଗର, ୬।୧ (ଡି.ଏନ.ଏ)

ସ୍ଥାନୀୟ ଶିବ ମନ୍ଦିର ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜିଲାସ୍ତରୀୟ ରଜତ ଜୟନ୍ତୀ ସ୍ଥାପନା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହୋମଯଜ୍ଞ ସହିତ ଯୋଗଶିକ୍ଷା ଦିଆଯାଇଥିଲା । ୧୦ଜଣ ଯୋଗ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ଜିଲା ପ୍ରଭାରୀ ବବନ ସିଂ, ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ପ୍ରଶାନ୍ତ ପ୍ରଧାନ, ମହିଳା ପ୍ରଭାରୀ ଜୟଶ୍ରୀ ପଣ୍ଡା, କିଷାନ ସେବା ସମିତି ପ୍ରଭାରୀ ମୀନାକ୍ଷୀ ରାଜ, ଯୁବ ପ୍ରଭାରୀ ଯୁବରାଜ ସାହୁ ପ୍ରମୁଖ ଯୋଗଦେଇଥିଲେ । ବ୍ରଜରାଜନଗରରୁ ପ୍ରଶାନ୍ତ ପାଲଟାସିଂ, ଓମ୍ ପ୍ରକାଶ ସିଂ, ଅଭୟ ଯାଯୁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

# ମୁରୁମ ଚୋରା ଚାଲାଣ, ରାଜସ୍ୱହାନି

କୋଲାବିରା,୬।୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ରାଜସ୍ୱ କ୍ଷେତ୍ରରେ ବିପୁଳ ପରିମାଣରେ ଲଘୁଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି। ବିଭାଗୀୟ ଅଧିକାରୀ ଜାଣତରେ ହେଉ କିମ୍ବା ଅଜାଣତରେ ଚୋରା ଚାଲାଣକାରୀମାନେ ଏପରି କରୁଥିବା ଅଭିଯୋଗ ହେଉଛି। କାରଣ ମୁଖ୍ୟ ରାସ୍ତାକଡରୁ ଲଗାତାର ଶହ ଶହ ଟ୍ରିପ୍ ମୁରୁମ ଚୋରି ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଚୋରା ବ୍ୟବସାୟୀମାନେ ଅଧିକ ସକ୍ରିୟ ହୋଇପଡିଛନ୍ତି। କାର୍ଯ୍ୟାଳୟର ଛୁଟିଦିବସ କିମ୍ବା ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ସମୟରେ ଏହି ବ୍ୟବସାୟୀମାନେ ମେଶିନ ଲଗେଇ ମୁରୁମ ଖୋଳି ନେଉଛନ୍ତି। ଏହାଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି । ଏପରି ଘଟଣା ନିୟମିତ ଭାବେ କୋଲାବିରା ତହସିଲ ଅନ୍ତର୍ଗତ ପତ୍ରାପାଲି ରାଜସ୍ୱ ସର୍କଲର ପତ୍ରାପାଲି ସାପ୍ତାହିକ ବଜାର ନିକଟସ୍ଥ ମୁରୁମ ଗାଡ ଅଞ୍ଚଳରେ ଦେଖିବାକୁ ମିଳୁଛି। ରବିବାର ଦିନ ତମାମ ଉକ୍ତ ସ୍ଥାନରୁ ମେଶିନ ଲଗାଇ ମୁରୁମ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ରାସ୍ତା ଚଉଡା ହେଉଛି । ସେହି କାମରେ ଏହି ମୁରୁମ ବ୍ୟବହାର କରାଯାଉଥିବା ଜଣାପଡିଛି। ବିଭାଗୀୟ ଅନୁମତି ବିନା ଏତେ ପରିମାଣରେ ମୁରୁମ ଚାଲାଣ କରାଯାଉଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ଏଦିଗରେ ରାଜସ୍ୱ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି।



ମେଶିନ ଲଗାଯାଇ ମୁରୁମ ଉଠାଯାଉଛି ।

## ସଂକ୍ଷେପରେ

### ଏମ୍‌ସିଏଲ୍ ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର

ଚିପିଲିମା, ୬।୧ (ଡି.ଏନ.ଏ.)
ବୁର୍ଲାସ୍ଥିତ ଏମସିଏଲ ଡିଏଭି ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ରଶ୍ମି ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଅଭିଭାବକ, ପୁରାତନ ଛାତ୍ର, ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ରକ୍ତଦାନ କରିଥିଲେ। ଏଥିରେ ୧୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରରେ ଭିମ୍‌ସାର ରକ୍ତ ଭଣ୍ଡାରର ଅଧିକାରୀ ଡ. ଚିତ୍ତରଞ୍ଜନ ପ୍ରସାଦ ଏବଂ ତାଙ୍କ କର୍ମଚାରୀମାନେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ।

### ନିଶାସକ୍ତ ଗାଡି ଚାଳକ ଗିରଫ

ସମ୍ବଲପୁର,୬।୧(ବ୍ୟୁରୋ)
ସମ୍ବଲପୁର ସଦର ଥାନା ପୋଲିସ ନିଶା ଦ୍ରବ୍ୟ ସେବନ କରି ବାଇକ ଚଳାଉଥିବା ସମୟରେ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ହେଲେ ମାନେଶ୍ୱର ଗ୍ରାମର ବସନ୍ତ ଗୁରୁ। ମାନେଶ୍ୱର ଛକରେ ପୋଲିସ ଯାନବାହାନ ଯାଞ୍ଚ କରୁଥିଲା ବେଳେ ବସନ୍ତ ପୋଲିସ ହାବୁଡରେ ପଡିଥିଲେ।

### ସୁଦ ସମାଜ ମିଳିତ ବୈଠକ

ପଡିଆବାହାଲ,୬।୧(ଡି.ଏନ.ଏ.)
ଝୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲଠାରେ ରବିବାର ପଶ୍ଚିମ ଓଡିଶା ସୁଦ ସମାଜ ପରିଚାଳନା ପରିଷଦ ଉପଦେଷ୍ଟା ମଣ୍ଡଳୀ ଓ ସଂସ୍କାର କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଦ ସମାଜର ମଙ୍ଗଳ ନିମନ୍ତେ ବିଭିନ୍ନ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଛି । ସୁନ୍ଦରଗଡ, ବରଗଡ, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡା, ସୋନପୁର ଓ ଦେବଗଡର ସୁଦ ସମାଜର ଜାତି ଭାଇ ଏକାଠି ହୋଇଥିଲେ । ବାହାମ ପୀଠ ସ୍ଥିତ ମାଁ ଖମ୍ଭେଶ୍ୱରୀ ମନ୍ଦିର ନିର୍ମାଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି। ସଭାରେ କେନ୍ଦ୍ରୀୟ ସଭାପତି କିଶୋର ଚନ୍ଦ୍ର ନାୟକ, ସମ୍ପାଦକ ଅଶ୍ୱିନୀ ନାଏକ ଏବଂ କେନ୍ଦ୍ରୀୟ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ଜୟରାମ ବେହେରା ସଭାପତିତ୍ୱ କରିଥିବାବେଳେ ସଭାପତି ଜୟରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରିଲା ସମ୍ବଲପୁର ଲୋକ ମହୋତ୍ସବ


ସୋମବାର ସମ୍ବଲପୁର ଲୋକ ମହୋତ୍ସବ ମଞ୍ଚରେ ଅତିଥି, କର୍ମକର୍ତ୍ତା ଓ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।


କହଁର କଳାକାରଙ୍କ ନୃତ୍ୟ ।


କଳାପରିଷଦ କଳାକାରମାନେ ନୃତ୍ୟ କରୁଛନ୍ତି ।


ପଦ୍ମିନୀ ଦୋରା ଗୀତ ଗାଉଛନ୍ତି ।

ସମ୍ବଲପୁର, ୬।୧ (ବ୍ୟୁରୋ)

ସମ୍ବଲପୁର ଲୋକମହୋତ୍ସବ ସୋମବାର ରାତିରେ ଅଇଁଠାପାଲି ପିଏଚଡି ପଡିଆ ମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ସମ୍ବଲପୁରୀ ଲୋକସଂଗୀତର ମୂର୍ଚ୍ଛନାରେ ଦର୍ଶକ ବିମୋହିତ ହୋଇଥିଲେ । ବ୍ରହ୍ମା ଦେଇଥିଲେ ମୋହନ ମୁରଲୀ, ମୁରଲୀ ଡାକୁଛେ ରାଇ.... ଗୀତ ଉପସ୍ଥିତ ଜନସାଧାରଣଙ୍କୁ ଝୁମାଇ ଥିଲା । ଏଥିସହ ଆଗରେ କାଳିଆ ଭାଇ ପଛରେ ବଳିଆ...., ତୋର ଚନ୍ଦର ଉଦିଆଁ ମୁହଁ ଦେଖିଦେଲେ ପିଇବାକେ ମନ ଡାକେ...., ଲାଲ ଜର ଜର ଅଲତା ଗାର ମନକେ ନେଶି ଟାନି.... ପ୍ରଭୃତି ଗୀତ ଉତ୍ସବ ସ୍ଥଳକୁ ଝଙ୍କୃତ କରିଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘନ ଲୁହା, ପଦ୍ମିନୀ ଦୋରା, ପଙ୍କଜ ଜାଲ, ଶ୍ରୀଜା ପଣ୍ଡା ସଂଗୀତ ପରିବେଷଣ କରିଥିଲେ। ସେହିପରି ସମ୍ବଲପୁର କଳାପରିଷଦ, କହର, ରଙ୍ଗଫରୁଆ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । କୁଚିଣ୍ଡା ଓ ବାମରା କଳାକାରମାନେ କିଶାନ ନାଚ, ବଡମାଲର ସଂପ୍ରଦା ନାଚ, ଉତ୍ତରପ୍ରଦେଶ, ରାଜସ୍ଥାନ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବ ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହାନ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପଦ୍ମଶ୍ରୀ ଡି. ପ୍ରକାଶ ରାଓ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ଲୋକମହୋତ୍ସବର ପରମ୍ପରା ଉପରେ ଆଲୋକପାତ କରିଥିଲେ । ସୂର୍ଯ୍ୟ ପାଣିଗ୍ରାହୀଙ୍କ ପରିଚାଳନାରେ ଲୋକନୃତ୍ୟ ଗୁରୁ ଗଙ୍ଗାଧର ଦାଶଙ୍କୁ ସମ୍ମାନୀତ କରାଯାଇଥିଲା । ତର୍ପଣ ପ୍ରଧାନ, ରାମାଶିଷ ତ୍ରିପାଠୀ, ସୀମାନ୍ତିକା ଦାଶ, ମାନସ ମିଶ୍ର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ମହୋତ୍ସବ କମିଟି କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀମାନେ ସମବେତ ହୋଇ ନୃତ୍ୟ ପରିବେଷଣ କରିଥିଲେ।


ଉତ୍ତରପ୍ରଦେଶ କଳାକାରଙ୍କ ନୃତ୍ୟ ।


ପଙ୍କଜ ଜାଲ ଗୀତ ଗାଉଛନ୍ତି ।

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସରେ ୬୭ ୟୁନିଟ୍ ରକ୍ତ ସଂଗ୍ରହ


ୟୁକୋ ବ୍ୟାଙ୍କ ଜୋନାଲ ଅଫିସ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ।

ସମ୍ବଲପୁର, ୬।୧ (ବ୍ୟୁରୋ)
ୟୁକୋ ବ୍ୟାଙ୍କର ୭୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଞ୍ଚଳିକ ଅଫିସ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଅମୃତବିହାର) ପରିସରରେ ରକ୍ତଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ୬୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତଦାନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଜିଏମ୍‌ୟୁ କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । ୟୁକୋ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ପାଟିଲ, ଚିଫ୍ ମ୍ୟାନେଜର ରାମ ମୋହନ, ବୁଢ଼ାରଜା ୟୁକୋ ବ୍ୟାଙ୍କ ଅଧିକାରୀ ମୀରା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଜିଏମ୍‌ୟୁ ଛାତ୍ର ସାଇପ୍ରସାଦ ସାହୁ, ଶ୍ୱେତାଂଶୁ ବରାଇ, ରିଷଭ ସୋନୁ, ଶିବାଶିଷ ନନ୍ଦ, ସ୍ୱାଗତିକା ଦେଶ୍ରୀ, ସ୍ୱପ୍ନା ପଣ୍ଡିତ ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ସଂଯୋଜକ ଡ. ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସକାଳେ ଅଇଁଠାପାଲି ଛକରୁ ଶୋଭାଯାତ୍ରା ସହର ପରିକ୍ରମା କରି ଜଗନ୍ନାଥ କଲୋନୀ ମନ୍ଦିର ଛକଠାରେ ଶେଷ ହୋଇଥିଲା। ଏଥିରେ ୧୨୦ଜଣ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

## ଅଚାନକ ଡାକ୍ତରଖାନାରେ ଜିଲାପାଳଙ୍କୁ ଦେଖି ସମସ୍ତେ ଛାନିଆ

ସମ୍ବଲପୁର,୬।୧(ବ୍ୟୁରୋ)
ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ସୋମବାର ଅତର୍କିତ ଭାବେ ଜିଲା ସଦରଡାକ୍ତରଖାନା ପରିଦର୍ଶନ କରିଛନ୍ତି। ସେ ମାତୃଭବବନ, ଅସ୍ତ୍ରିଶଲ୍ୟ ବିଭାଗ, ସ୍ତ୍ରୀ ଓ ପ୍ରସୁତି ବିଭାଗ, ମେଡିସିନ ବିଭାଗ ସହ ସମସ୍ତ ୱାର୍ଡ ବୁଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ସ୍ୱାସ୍ଥ୍ୟ ସେବା ଉପରେ ପଚାରି ବୁଝିଥିଲେ। ମାଗଣାରେ ମେଡିସିନ ଠିକ ଭାବେ ଓ ଠିକ ସମୟରେ ଦିଆଯାଇଛି କି ନାହିଁ, ଡାକ୍ତର ଓ ନର୍ସମାନେ ସେବା ଦେବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି କି ନାହିଁ, ରକ୍ତ ପରୀକ୍ଷା ଡାକ୍ତରଖାନାରେ ହେଉଛି କି ନାହିଁ, ନିୟମାନୁସାରେ ଖାଦ୍ୟ ଦିଆଯାଉଛି କି ନାହିଁ ଆଦି ପଚାରି ବୁଝିଥିଲେ। ଜିଲାପାଳ ସକସେନାଙ୍କ ଏହି ଅଚାନକ ଗସ୍ତ ଯୋଗୁ ଡାକ୍ତର ଓ କର୍ମଚାରୀ ଛାନିଆ ହେଇଯାଇଥିଲେ।

### ଫୁଟବଲ ଟୁର୍ନାମେଣ୍ଟ

## କୁଚିଣ୍ଡା ମହାବୀର କ୍ଲବ ବିଜୟୀ


ଖଣ୍ଡୁଆଲ ଗ୍ରାମରେ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିମାନେ ।

ସମ୍ବଲପୁର,୬।୧(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ଖଣ୍ଡୁଆଲ ଗ୍ରାମ ଖେଳ ପଡିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ମହାବୀର କ୍ଲବ ପେନାଲଟିରେ ୫-୪ରେ ବିଜୟୀ ହୋଇଛି। ବାପୁଜୀ ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ନିର୍ମଳ ଷଣ୍ଢ ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଏଥିରେ ଆଇଓସିଏଲ ଜିଏମ ପ୍ରମୋଦ ଚିଲି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ହୀରାକୁଦ ଲାୟନ୍ସ କ୍ଲବ ରୟାଲ୍ସ ସଂପାଦକ କାର୍ତ୍ତିକ କଲେତ ଅତିଥି ଭାବେ ଯୋଗ ଦେଇଥିଲେ । ବାଦଲ କୁମାର ଷଣ୍ଢ, ବିଜୟ ବାରିକ, ପର୍ଶୁରାମ ଷଣ୍ଢ, ସରୋଜ ମହାକୁଡ, ରାଜମୋହନ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

## ଡକାୟତି ଯୋଜନାବେଳେ ଧରା ପଡିଲେ ଦୁଇ ଅପରାଧୀ

ସମ୍ବଲପୁର,୬।୧(ବ୍ୟୁରୋ)
ସମ୍ବଲପୁର ପୋଲିସ ପ୍ରାୟ ବର୍ଷେ ପରେ କୁଖ୍ୟାତ ଅପରାଧୀ ସରଫରାଜ ଖାନ (ବାବୁକଙ୍ଗ)ଙ୍କୁ ଗିରଫ କରିଛି। ଏହା ସହ ତାଙ୍କ ସହଯୋଗୀ ମହମ୍ମଦ ୟକିମଙ୍କୁ ମଧ୍ୟ ଗିରଫ କରିଛି। ରବିବାର ବିଳମ୍ବିତ ରାତିରେ ସମ୍ବଲପୁର-ଝାରସୁଗୁଡା ରୋଡ୍ ତଥା ଠେଲକୋଲି ଥାନା ଅଞ୍ଚଳରେ ଏ ଦୁହେଁ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ସମୟରେ ପୋଲିସ ଚଢାଉ କରିଥିଲା। ପୋଲିସକୁ ଦେଖି ଦୁଇ ଅପରାଧୀ ଗୁଳି ଚଳାଇଥିଲେ। ଏଣୁ ପୋଲିସ ମଧ୍ୟ ଗୁଳି ଚଳାଇଥିଲା। ଖସି ପଳାଇବାକୁ ଉଦ୍ୟମ କଲାବେଳେ ପୋଲିସ ଗୋଡାଇ ଧରିଥିଲା। ଦୁଇ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ବନ୍ଧୁକ, ଗୋଟିଏ ବାଇକ୍ ଜବତ କରିଛି।

## ଡିଆରଏମ୍ ଅଫିସ ସମ୍ମୁଖରେ ଶ୍ରମିକ ୟୁନିୟନର ଧାରଣା

ସମ୍ବଲପୁର, ୬।୧ (ବ୍ୟୁରୋ)

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ୧୨ ଦଫା ଦାବି ନେଇ ସୋମବାର ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଏହାସହ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସେମାନେ ଦାବି ପୂରଣ କରିବା ନେଇ ସ୍ଲୋଗାନ ଦେଇଥିଲେ । ରେଲୱେର ଘରୋଇକରଣ, ରେଳ ବୋର୍ଡର ପୁନର୍ଗଠନକୁ ପ୍ରତ୍ୟାହାର କରିବା, ରନିଂ କର୍ମଚାରୀମାନଙ୍କ ଡ୍ୟୁଟିକୁ ୯ଘଣ୍ଟାରେ ସୀମିତ କରିବା, ଟ୍ରାକ୍‌ମ୍ୟାନମାନଙ୍କର ପଦୋନ୍ନତି, ସମସ୍ତ କର୍ମଚାରୀଙ୍କ ବକେୟା ପ୍ରଦାନ କରିବାକୁ ଦାବି କରିଛନ୍ତି। ମଣ୍ଡଳ ସଂଯୋଜକ ସଜନ କୁମାର ଅଗ୍ରୱାଲ, କେନ୍ଦ୍ରୀୟ ଉପସଭାପତି ସନ୍ତୋଷ କୁମାର ମିଶ୍ର, ଶାଖା ସମ୍ପାଦକ ଅରବିନ୍ଦ ମହାନ୍ତି, ସିଇସିଏଲ ନେତା ବି.କେ. ରାୟ ଓ ସୁନୀଲ କୁମାର କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।



ସୋମବାର ସମ୍ବଲପୁର ଡିଆରଏମ ଅଫିସ ସମ୍ମୁଖରେ ଶ୍ରମିକ ୟୁନିୟନ ପକ୍ଷରୁ ଧାରଣା ଦିଆଯାଇଛି ।

## ଲୁଇସ ବ୍ରେଲଙ୍କ ଜୟନ୍ତୀ

ସମ୍ବଲପୁର,୬।୧(ବ୍ୟୁରୋ)

ଲୁଇସ୍‌ବ୍ରେଲ ଦୃଷ୍ଟିହୀନମାନଙ୍କ ଶିକ୍ଷା କ୍ଷେତ୍ରରେ ବ୍ରେଲ ପଦ୍ଧତି ଆବିଷ୍କାର କରି ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ୧୮୦୯ ଜାନୁଆରୀ ୪ରେ ଫ୍ରାନ୍ସର ପେରିସ ନିକଟସ୍ଥ କୁପଭେରୀ ଗ୍ରାମରେ ତାଙ୍କ ଜନ୍ମ। ମାତ୍ର ୪୨ ବର୍ଷ ବୟସରେ ୧୮୫୨ ଜାନୁୟାରୀ ୬ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଦ୍ୱାରା ପ୍ରସ୍ତୁତ ୬ ବିନ୍ଦୁ ବିଶିଷ୍ଟ ବ୍ରେଲ ପଦ୍ଧତି ତାଙ୍କ ମୃତ୍ୟୁର ବହୁବର୍ଷ ପରେ ୧୯୭୫ ମେରେ ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଥିଲା। ସମ୍ବଲପୁରର ଜ୍ୟାତି ଅନୁଷ୍ଠାନ ସଭାଗୃହରେ ଲୁଇସ୍ ବ୍ରେଲଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠାନର ସଭାପତି ପରେଶ ଚନ୍ଦ୍ର ଦାନୀ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମ ;ର ଅଖିଳ ରଂଜନ ପଟ୍ଟନାୟକ, ତାପସ କୁମାର ଦାସ, ପ୍ରଶାନ୍ତ କୁମାର ପାଟ୍ଟଯୋଷୀ, ମନବୋଧ ତ୍ରିପାଠୀ, ସୁକାନ୍ତ ବହିଦାର, ବିବେକାନନ୍ଦ ମହାନ୍ତି, ରତନ କୁମାର ବହିଦାର, ବଦ୍ରିନାରାୟଣ ହୋତା, ଦୁର୍ଗାଚରଣ ଦାନୀ, ଅଶୋକ କୁମାର ମିଶ୍ର, ରବି ନାରାୟଣ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାସ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।

- ଗୁରୁ ନାନକ



## ସଂକ୍ଷେପରେ

### ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ

ଲଖନପୁର,୬।୧(ଡି.ଏନ୍.ଏ.)- ଝାରସୁଗୁଡା ଜିଲା ଲଖନପୁର ତହସିଲ ତରଫରୁ ସୋମବାର ରେମଣ୍ଡା ଓ ସୁନାରୀ ପଞ୍ଚାୟତର ୧୦୬ଜଣ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି । ଏଥିମଧ୍ୟରେ ରହିଛନ୍ତି ହୀରାକୁଦ ବିସ୍ଥାପିତ ହିତାଧିକାରୀ ଓ ଭୂମିହୀନ ହିତାଧିକାରୀ । ହୀରାକୁଦ ବିସ୍ଥାପିତ ହିତାଧିକାରୀଙ୍କୁ ଏଚ୍‌ଏଲ୍‌ଓ ପଟ୍ଟା ଓ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା ଯୋଗାଇ ଦିଆଯାଇଛି । ରେମଣ୍ଡା ପଞ୍ଚାୟତର ୫୫ଜଣ ହିତାଧିକାରୀ ଓ ସୁନାରୀ ପଞ୍ଚାୟତର ୫୧ ହିତାଧିକାରୀ ରହିଛନ୍ତି । ଏହି ପଟ୍ଟାବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ କିଶୋର ମହାନ୍ତି, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ରେମଣ୍ଡା ସରପଞ୍ଚ ଦମୟନ୍ତୀ ଦାନି, ସମିତିସଭ୍ୟା ସୁରେଖା ଖମାରୀ, ସୁନାରୀ ସରପଞ୍ଚ ଅକ୍ଷୟ ସାହୁ, ସମିତିସଭ୍ୟ ମିତ୍ରଭାନୁ କିଷାନ, ବନ୍ଧବାହାଲ ଆର୍‌ଆଇ ସଞ୍ଜୟ କୁମାର ବଖରା, ଲଖନପୁର ଏଆର୍‌ଆଇ ନାରାୟଣ କୁଅଁର ପ୍ରମୁଖ ଉପସ୍ଥିତ ରହି ହୀତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ ।

### ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ବ୍ରଜରାଜନଗର, ୬।୧ (ଡି.ଏନ.ଏ.)- ସ୍ଥାନୀୟ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓରିଏଣ୍ଟ କୋଇଲା କ୍ଷେତ୍ର ଆନୁକୂଲ୍ୟରେ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ପ୍ରଦୀପ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡସ ରୋଗର ଲକ୍ଷଣ ଏବଂ ଏହାର ନିରାକରଣ ଉପରେ ଅବଗତ କରାଇଥିଲେ । ଏଚଆଇଭି ଏଡସର ମାଷ୍ଟର ଟ୍ରେନର ସଂଯୁକ୍ତା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ରୋଗର ଭୟାବହତା ଉପରେ ଆଲୋକପାତ କରିବା ସହ ସଚେତନତା ଏକ ମାତ୍ର ବିକଳ୍ପ ବୋଲି ପ୍ରକାଶ କରିଥିଲେ । ଓରିଏଣ୍ଟ କୋଇଲା କ୍ଷେତ୍ର ପଦାଧିକାରୀମାନଙ୍କ ସହିତ କେନ୍ଦ୍ରୀୟ ଚିକିତ୍ସାଳୟର ଡାକ୍ତର, ନର୍ସମାନେ ଯୋଗଦେଇଥିଲେ ।

### ଗତ ବର୍ଷର ଫସଲ ବୀମା ପ୍ରାପ୍ୟ ଦାବି

# ବ୍ୟାଙ୍କ ବନ୍ଦ କରିଦେଲେ ଚାଷୀ

## ଲ୍ୟାମ୍ପ ବନ୍ଦ, ଧାନ ମଣ୍ଡି ପ୍ରଭାବିତ: ସରକାରୀ କଳ ଅଚଳ

ବାମରା,୬।୧(ଡି.ଏନ.ଏ.)

ବାମରା ବ୍ଲକରେ ଚାଷୀ ସଙ୍ଗଠନ ପକ୍ଷରୁ ଗତ ବର୍ଷର ଫସଲ ବୀମା ପ୍ରାପ୍ୟ ଦାବି ନେଇ ଗତ ଶନିବାର ବାମରାଠାରେ ରାସ୍ତା ରୋକୋ ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଅନୁଷ୍ଠିତ କାଳ ପର୍ଯ୍ୟନ୍ତ ବନ୍ଦ କରାଇଥିଲେ। କେତେକ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସୋମବାର ବାମରା ବ୍ଲକ କୃଷକ ସଙ୍ଗଠନ ସଦସ୍ୟମାନେ ପିକେଟିଂ କରି ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଦାବି ପୂରଣ ନ ହେବ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ତାଗିଦ କରିବା ସହ ଖୋଲାଥିବା ଷ୍ଟେଟ ବ୍ୟାଙ୍କ ଓ ପିଏନବି ବ୍ୟାଙ୍କକୁ ବନ୍ଦ କରାଇଥିଲେ। ବ୍ଲକ କୃଷକ ସଙ୍ଗଠନ ସଦସ୍ୟଙ୍କ ମଧ୍ୟରୁ ଦିଲୀପ ଛତ୍ରିଆ, ଜଗଦିଶ ପାଲ, ସୁଦୀପ ପଟେଲ,



ଚାଷୀ ସଙ୍ଗଠନ ବ୍ୟାଙ୍କ ବନ୍ଦ କରି ପିକେଟିଂ କରୁଛନ୍ତି ।

ମହାବୀର ଖଣ୍ଡେଲୱାଲ, ଲକ୍ଷ୍ମୀନାରାୟଣ ଛତ୍ରିଆ, ସଚିଦା ସାହୁ, କିରଣ ନାୟକ ଓ ମିତ୍ରଭାନୁ କେଛୁଙ୍କ ସହ ଅନ୍ୟମାନେ ପିକେଟିଂରେ ସାମିଲ ହୋଇଥିଲେ। ସେହିପରି କେସାଇବାହାଲଠାରେ ମଧ୍ୟ ଷ୍ଟେଟବ୍ୟାଙ୍କ ଓ ଲ୍ୟାମ୍ପକୁ ଚାଷୀମାନେ ବନ୍ଦ କରାଇଥିଲେ । ସନ୍ତୋଷ ପଟେଲ, ନୀଳାଦ୍ରି ବିହାରୀ ପଟେଲ, ସୁଦୀପ୍ତ ପଟେଲ, ରଞ୍ଜନ ପଟେଲ ଓ ପବିତ୍ର ପଟେଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଗୋବିନ୍ଦପୁର ଲ୍ୟାମ୍ପ ଅନ୍ତର୍ଗତ କୁଟାରୀମାଲ ଧାନ ମଣ୍ଡି କେସାଇବାହାଲ ଲ୍ୟାମ୍ପ ଅନ୍ତର୍ଗତ ମହୁଲପାଲି ଧାନ ମଣ୍ଡି ଓ ଗଡପୋଷ ଲ୍ୟାମ୍ପ ଅନ୍ତର୍ଗତ ଗଡପୋଷ ଧାନ ମଣ୍ଡି ସମସ୍ତ ଲ୍ୟାମ୍ପ କାର୍ଯ୍ୟାଳୟରେ ତାଲା ପଡିଥିବା ଯୋଗୁ ଧାନ କିଣା ହୋଇ ନ ଥିଲା । ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡିକ ବନ୍ଦ ଥିବା କାରଣରୁ ସାଧାରଣ ଜୀବନଯାପନ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ବ୍ଲକର ସମସ୍ତ ବ୍ୟାଙ୍କଗୁଡିକ ବନ୍ଦଥିବାରୁ ବ୍ୟବସାୟ ମଧ୍ୟ ମାନ୍ଦା ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡିକ ବନ୍ଦ ରହିଥିବା କାରଣରୁ ସରକାରୀ କଳ ଅଚଳ ହୋଇପଡିଛି ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳ ଶିବିରରେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

ଦେବଗଡ,୬।୧(ଡି.ଏନ.ଏ.)

ଦେବଗଡ କଲ୍ୟାଣ ମଣ୍ଡପଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁଧାଂଶୁ ମୋହନ ସାମଲ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିବା ୨୯ଟି ଦରଖାସ୍ତର ଶୁଣାଣି କରି ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗତ ଦରଖାସ୍ତ ମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ସମସ୍ୟା ଉପରେ ଥିଲା । ୧୮ଟି ଦରଖାସ୍ତର ତୁରନ୍ତ ଶୁଣାଣି କରି ସମାଧାନ କରାଯାଇଥିଲା । ରଜାମୁଣ୍ଡାର ଜମ୍ବୁ ନାଏକ, ବାବୁସାହିର ଊର୍ମିଳା ବଣିତ୍ରକ ଏବଂ ଅସନନାଳୀର ଧନେଶ୍ୱରୀ ପ୍ରଧାନଙ୍କୁ ଯଥାକ୍ରମେ ୫ହଜାର, ୧୦ହଜାର ଏବଂ ୫ହଜାର ଟଙ୍କା ଲେଖାଏ ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ମଞ୍ଜୁର କରିଥିଲେ। ମଳେହିପଡା ତାଳବାହାଲି ଗ୍ରାମର ରିତଶ କୁମାର ବେହେରାଙ୍କୁ ୨ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ଦେବକୀ ପଟେଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

### ତୁଳସୀତଇଲା ଷ୍ଟାର ହକି ଟୁର୍ନାମେଣ୍ଟ

# ବରତଇଲା ନେତାଜୀ କ୍ଲବ ଚାମ୍ପିୟନ

ରିଆମାଳ,୬।୧(ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ତାବଡା ପଞ୍ଚାୟତର ରଙ୍ଗମାଟିଆ ଖେଳ ପଡିଆରେ ତୁଳସୀତଇଲା ନେତାଜୀ କ୍ଲବ ଆନୁକୂଲ୍ୟରେ ଷ୍ଟାର ହକି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବରଡାତଇଲା ବିର୍ସାମୁଣ୍ଡା ଦଳ ଓ ବରତଇଲା ନେତାଜୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରତଇଲା ୨-୦ଗୋଲରେ ବିର୍ସାମୁଣ୍ଡା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତାବଡା ସରପଞ୍ଚ ପାଞ୍ଜିଆ ଭୋଇ, ସମିତିସଭ୍ୟ ଭୋଳେଶ୍ୱର ଭୋଇ, ସାମାଜିକ କର୍ମୀ ଶରତ ସାହୁ, କ୍ରୀଡା ଶିକ୍ଷକ ଭୋଳେଶ୍ୱର ଗଡନାଏକ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଲୁଦୁ ପୂର୍ତ୍ତୀ ଓ ସୁରେଶ ସାଏ ଖେଳ ପରିଚାଳନା କରିଥିଲେ। ସାନିକା ସଏ, ସଦାନନ୍ଦ ସଏ, ବରସା ଟପ୍ପୋ, ସାନିକା ମୁଣ୍ଡା, ତେଜୁଆ ପୂର୍ତ୍ତୀ, ଲମ୍ବୋଦର ଟପ୍ପୋ ଓ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ । କ୍ଲବ ସଭାପତି କରମସିଂ ସାଏ ଓ ସମ୍ପାଦକ ନାରାୟଣ ନାଗଙ୍କ ତତ୍ତ୍ୱାବଧାନରେ ଉକ୍ତ ଟୁର୍ନାମେଣ୍ଟରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ ।

### ଏମ୍‌ଜିଏନ୍‌ଆରଇଜିଏସ୍ କାମ ମେଶିନ୍‌ରେ ହେଉଥିବା ଅଭିଯୋଗ

# ବ୍ଲକ ପ୍ରଶାସନ ପକ୍ଷରୁ କାମର ତଦନ୍ତ ଆରମ୍ଭ





ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଖୋଳ ପଡିଆ ସମତଳ କରାଯାଉଛି (ବାମ) । ବ୍ଲକ ପ୍ରଶାସନ ପକ୍ଷରୁ କାମର ତଦନ୍ତ କରାଯାଉଛି।

ବାମରା,୬।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ କେସାଇବାହାଲ ଗୁଦାମଗୁଡା ଖେଳ ପଡିଆର ଉନ୍ନତିକରଣ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଲିଛି। ଏଥିରେ ଜେସିବି ମେଶିନ ଓ ଟ୍ରାକ୍ଟର ବ୍ୟବହାର ନେଇ ଅଭିଯୋଗ ହୋଇଥିଲା । ଏହାର ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି ବ୍ଲକ ପ୍ରଶାସନ ପକ୍ଷରୁ କାମର ତଦନ୍ତ କରାଯାଇଥିବା ଜଣାପଡିଛି। ଘଟଣା ଅନୁସାରେ କେସାଇବାହାଲ ପଞ୍ଚାୟତ ଗୋଦାମଗୁଡା ଖେଳ ପଡିଆ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ୨୦୧୮-୧୯ରେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ୧୯ ଲକ୍ଷ ଟଙ୍କାର କାମ ଶେଷ ହୋଇଥିବା ଜଣାପଡିଛି। ଉକ୍ତ ପଡିଆଠାରେ ସୋମବାର ଶ୍ରମିକ ବଦଳରେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ମାଟି ଖୋଳି ପଡିଆର ବିଭିନ୍ନ ଗାତଗୁଡିକୁ ସମତଳ କରାଯାଉଥିବା ସତ୍ୟଜିତ ନାୟକ ଅଭିଯୋଗ କରିଥିଲେ। ଖବର ପାଇ ବ୍ଲକ ପ୍ରଶାସନ ପକ୍ଷରୁ ଏବିଡିଓ ସୁଶାନ୍ତ କୁମାର ପଣ୍ଡା, ଏପିଓ ସବ୍ୟସାଚୀ ଡନସନା, ଜେଇ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କେସାଇବାହାଲ ଇଓ ନୟନ ପଟେଲ ଓ ଜିଆରଏସ ପ୍ରଦୀପ ଡୁଡୁମଙ୍କ ସହ ଆଲୋଚନା କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ମେଶିନ ବ୍ୟବହାର ନ କରିବାକୁ ମଧ୍ୟ ତାଗିଦ କରିଥିଲେ। ମାତ୍ର ଉକ୍ତ କାମ ଏମ୍‌ଜିଏନ୍‌ଆରଇଜିଏସ୍ ନୁହଁ ବରଂ ଗ୍ରାମର କେତେକ ଯୁବକ ସ୍ୱେଚ୍ଛାରେ କରାଉଥିବା ଇଓ କହିଥିଲେ । ହେଲେ ଉକ୍ତ ଖେଳ ପଡିଆର ଉନ୍ନତିକରଣ ନିମନ୍ତେ ୭ ଲକ୍ଷ ଟାଙ୍କର ଫାଇଲ ଖୋଲାଯାଇଥିବା ବେଳେ କିପରି ଅନ୍ୟମାନେ ମେଶନ ସାହାର୍ଯ୍ୟରେ ମାଟି ପକାଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ଘଟଣା ତଦନ୍ତ କରାଯିବ ବୋଲି ବାମରା ବିଡିଓ ଗୋବିନ୍ଦ ଡନସନା କହିଛନ୍ତି ।

### ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ

# ଭଞ୍ଜନଗରକୁ ହରାଇଲା ଜଟଣୀ



ଉଦ୍‌ଘାଟନୀ ମ୍ୟାଚର ଖେଳାଳି, ରେଫରୀ ଓ ଟୁର୍ନାମେଣ୍ଟ ଆୟୋଜକଙ୍କ ସହ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ।

ଦେବଗଡ଼,୬।୧(ଡି.ଏନ୍.ଏ.)

ଦେବଗଡ ଶୁଳିଆପଦା ଇନ୍ଦିରା ଗାନ୍ଧୀ ଖେଳ ପଡ଼ିଆରେ ସର୍ବଭାରତୀୟ ୨ୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଫ୍ରେଣ୍ଡସ୍ କ୍ଲବ୍ ଜଟଣୀ ଓ ବାଳରାଜା ଫୁଟବଲ କ୍ଲବ ଭଞ୍ଜନଗର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜଟଣୀ ୪-୩ ଗୋଲରେ ଭଞ୍ଜନଗରକୁ ପରାସ୍ତ କରିଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଜଟଣୀ ଦଳର ରୂପକ ରାଓଙ୍କୁ ବିବେଚିତ କରାଯାଇଥିଲା । ରେଫରୀ ଅଶ୍ୱିନୀ କୁମାର ବରିହା, ଅରୁଣ କୁମାର ଭୋଇ, ନିଳ ନାଏକ ଓ ରାଜନ ଝାଙ୍କର ମ୍ୟାଚ୍ ପରିଚାଳନା କରିଥିଲେ । କ୍ଲବ ସଭାପତି ସୁବାଷ ଚନ୍ଦ୍ର ଭୋଇ ଏବଂ ସମ୍ପାଦକ ବିକାଶ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଆଇନଜୀବୀ ଦିଲୀପ ଗୁରୁ, ଦେବଗଡ଼ ସମଗ୍ର ବିକାଶ ମଞ୍ଚ ଆବାହକ ସୁଧିର କୁମାର ବ୍ରହ୍ମା, ଜିଲା ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ପ୍ରମୋଦ କୁମାର ପ୍ରଧାନ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଧିରେନ୍ଦ୍ର କୁମାର ନାଏକ ମଞ୍ଚାସୀନ ଥିଲେ ।

# ମଦ ବିକ୍ରି ବନ୍ଦ କରିବାକୁ ଏସ୍‌ପିଙ୍କୁ ମହିଳାଙ୍କ ଅଭିଯୋଗ

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଥାନା ଅଧୀନ ଗୋଶାଳା କ୍ଲବ୍ ପଡାରେ ଜଣେ ବ୍ୟକ୍ତି ଦୋକାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଛନ୍ତି । ଏହାକୁ ବିରୋଧ କରିବାରୁ ଗାଁର ମହିଳାମାନଙ୍କୁ ସେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଛନ୍ତି। ଏ ନେଇ ମହିଳାମାନେ ଗୋଶାଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନାହିଁ। ମଦ ବିକ୍ରିକୁ ଫାଣ୍ଡି ଅଧିକାରୀ ପ୍ରଶୟ ଦେଉଛନ୍ତି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମହିଳାମାନେ ସୋମବାର ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟି ଅଭିଯୋଗ କରିଛନ୍ତି।



ଗୋଶାଳାର ମହିଳାମାନେ ଏସ୍‌ପି ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି ।

## ଫଟୋରେ ଖବର





ଜାନୁୟାରୀ ୪ ତାରିଖ ଶନିବାରଠାରୁ ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆରେ ୩ ଦିନ ଧରି ଚାଲିଥିବା ‘ସମ୍ବଲପୁର ଲୋକ ମହୋତ୍ସବ-୨୦୨୦’ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଶେଷ ସନ୍ଧ୍ୟାରେ ମଞ୍ଚରେ ଏକତ୍ରିତ ହୋଇଥିବା ଉଦ୍‌ଘୋଷିକା, ଉଦ୍‌ଘୋଷକମାନେ ।



ନିର୍ଦ୍ଦେଶକ ମେଘ୍‌ନା ଗୁଲ୍‌ଜାର ମୋତେ ଫିଲ୍ମ ଟାଇଟଲ ‘ଛପକ’ ରଖିବା ଲାଗି କହିବା ପରେ ମୋର ଏହା ଉପରେ ସେତେ ବିଶ୍ୱାସ ନ ଥିଲା। ଏବେ ଏହା ସଫଳ ହେବ ବୋଲି ଭାବୁଛି।

**- ଦୀପିକା ପାଦୁକୋନ୍, ବଲିଉଡ୍ ଅଭିନେତ୍ରୀ**



# ପ୍ରଦୂଷଣ ଶୋଷିବ ‘ସିଟି ଟ୍ରି’

## କ’ଣ ଏହି ‘ସିଟି ଟ୍ରି’

‘ସିଟି ଟ୍ରି’ ହେଉଛି ଏକ ଜୈବ ପ୍ରାଦ୍ୟୋଗିକ ପ୍ରଦୂଷଣ ଫିଲ୍ଟର। ସବୁଜ ଗ୍ରହ ପୃଥିବୀରେ ଏପରି ଅନେକ ଗଛଲତା ରହିଛି, ଯାହା ବାୟୁମଣ୍ଡଳର ପ୍ରଦୂଷଣ କାରକଗୁଡ଼ିକ ଶୋଷିନେଇଥାନ୍ତି। ସେମାନଙ୍କ ଭିତରେ ଏପରି କିଛି ଲତାଗୁଳ୍ମ ରହିଛି, ଯେଉଁଗୁଡ଼ିକ ବାୟୁମଣ୍ଡଳରୁ ବଞ୍ଚିବାର ସମସ୍ତ ଆବଶ୍ୟକତାକୁ ପୂରଣ କରିଥାନ୍ତି ଏବଂ ବିନା ମାଟିରେ ଦୀର୍ଘଦିନ ଧରି ତିଷ୍ଠି ରହିପାରନ୍ତି। ଏପରି ଗଛକୁ ଚିହ୍ନଟ କରି ଏକ ଫ୍ରେମ୍‌ରେ ସଙ୍ଗଠିତ ଭାବେ ଲଗାଯାଏ। ଏହାକୁ କାନ୍ଥ କିମ୍ବା ଖାଲିସ୍ଥାନରେ ଲଗାଯାଇଥାଏ। ‘ସିଟି ଟ୍ରି’ ଷ୍ଟ୍ରକ୍ଚରରେ ପାଣି ଟ୍ୟାଙ୍କ, ସୋଲାର ପ୍ୟାନେଲ, ବ୍ୟାଟେରି ଏବଂ ସେନ୍ସର ଲାଗିଥାଏ। ସ୍ୱୟଂକ୍ରିୟ ପ୍ରକ୍ରିୟାରେ ଗଛରେ ଆପେ ଆପେ ପାଣି ସିଞ୍ଚନ ହୋଇଥାଏ। ଫଳରେ ଗଛ ବଢ଼ିବାରେ ସମସ୍ୟା ଉପୁଜେନାହିଁ। କମ୍ ଖର୍ଚ୍ଚରେ ଏବଂ ସ୍ୱଳ୍ପ ସ୍ଥାନରେ ଏହାକୁ ଲଗାଯାଇପାରିବ। ତେଣୁ ଆଗାମୀ ଦଶନ୍ଧିରେ ଏହି ‘ସିଟି ଟ୍ରି’ ପ୍ରଦୂଷଣ ଶୋଷିବାରେ ପ୍ରମୁଖ ବିକଳ୍ପ ହେବ ବୋଲି କୁହାଯାଉଛି।

**ଲଣ୍ଡନ:** ପ୍ରଦୂଷଣରେ ସନ୍ତୁଳି ହେଉଛି ସହରୀ ଜୀବନ। ଏହାକୁ ନେଇ ଚିନ୍ତାରେ ପଡ଼ିନ୍ତି ବିଶ୍ୱ ସମୁଦାୟ। ଏଥିରୁ ମୁକ୍ତି ପାଇବାକୁ ବିଭିନ୍ନ ସ୍ତରରେ ଆରମ୍ଭ ହୋଇଛି ଉଦ୍ୟମ। ପ୍ରଦୂଷିତ ସହରଗୁଡ଼ିକରେ ଲଗାଯାଉଛି ସ୍ମଗ୍ ଟାୱାର। ହେଲେ ଏହାର ପରିଣାମ ସେତେ ପ୍ରଭାବୀ ହୋଇପାରୁନାହିଁ। ଏହାକୁ ନଜରରେ ରଖି ବିଶେଷଜ୍ଞମାନେ ନୂଆ ବିକଳ୍ପର ସନ୍ଧାନ କରିଛନ୍ତି, ଯାହାର ନାମ ‘ସିଟି ଟ୍ରି’।

ଲଣ୍ଡନର ସର୍ବାଧିକ ପ୍ରଦୂଷିତ ସହର ବର୍ଲିନ ସମେତ ଅନ୍ୟ କେତେକ ସ୍ଥାନରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି ‘ସିଟି ଟ୍ରି’। ସ୍ମଗ୍ ଟାୱାର ଅପେକ୍ଷା ଅଧିକ ପ୍ରଭାବୀ ସାବ୍ୟସ୍ତ ହେଉଛି। ଗୋଟିଏ ‘ସିଟି ଟ୍ରି’ର ପ୍ରଦୂଷିତ ବାୟୁ ଶୋଷଣ କ୍ଷମତା ୨୭୫ ଗଛ ସହିତ ସମାନ। ଏହା ବାୟୁମଣ୍ଡଳରୁ ପ୍ରଦୂଷିତ ଧୂଳିକଣା, କାର୍ବନ୍ ଡାଇଅକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ ଭଳି ହାନିକାରକ ବାୟୁ ଶୋଷିନେବ। ଏଥିସହ ଅକ୍ସିଜେନ ଛାଡ଼ିବ। ନିକଟରେ ଲଣ୍ଡନର ସର୍ବାଧିକ ପ୍ରଦୂଷିତ ଦୁଇଟି ସ୍ଥାନ ଚିହ୍ନଟ କରି ‘ସିଟି ଟ୍ରି’ ଲଗାଯାଇଛି। ୨୦୧୯ ଏପ୍ରିଲରେ ଉକ୍ତ ଦୁଇ ସ୍ଥାନର ଜଳବାୟୁକୁ ବିପଜ୍ଜନକ ବୋଲି ଘୋଷଣା କରାଯାଇଥିଲା। ଜର୍ମାନୀ ସମେତ ସାରା ଦୁନିଆର ସବୁଠୁ ପ୍ରଦୂଷିତ ୨୦ ସହରରେ ଏହାର ସଫଳ ପ୍ରୟୋଗ କରାଯାଇଛି। ଜର୍ମାନୀର ପ୍ରଦୂଷିତ ସହର ଷ୍ଟଟ୍‌ଗାର୍ଟରେ ୧୦୦ ମିଟର କାନ୍ଥରେ ‘ସିଟି ଟ୍ରି’ ପ୍ରସ୍ତୁତ କରାଯାଇଛି।

ଏକ ସାଧାରଣ ‘ସିଟି ଟ୍ରି’ ଦୈନିକ ୨୫୦ ଗ୍ରାମ ଏବଂ ବାର୍ଷିକ ୯୦ କେଜି ଯାଏ ପ୍ରଦୂଷିତ କଣିକା ଶୋଷିପାରିବ। ସେହିପରି ବାର୍ଷିକ ୨୪୦ ମେଟ୍ରିକ ଟନ୍ କାର୍ବନ ଡାଇଅକ୍ସାଇଡ ମଧ୍ୟ କମ୍ କରିଥାଏ। ଏହାର ୫ମିଟର ପରିଧିର ତାପମାତ୍ରା ହାରାହାରି ୧୭ ଡିଗ୍ରୀ ରହିଥାଏ, ଯାହା ତାପମାତ୍ରା ହ୍ରାସ କରିବାରେ ସହାୟକ ହେବ। ଡବ୍ଲ୍ୟୁଏଚ୍‌ଓର ତଥ୍ୟ ଅନୁଯାୟୀ, ବାୟୁ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ୭୦ ଲକ୍ଷ ଲୋକ ଅକାଳରେ ଜୀବନ ହରାଉଛନ୍ତି। କେବଳ ବ୍ରିଟେନରେ ଏହି ସଂଖ୍ୟା ୫୦,୦୦୦। ଏହାକୁ ରୋକିବା ଦିଗରେ ‘ସିଟି ଟ୍ରି’ବେଶ୍ ସହାୟକ ହେବ। ଏହାଦ୍ୱାରା ଜଣେ ନବଜାତକର ହାରାହାରି ଆୟୁ ୬ ସପ୍ତାହ ବଢ଼ିଯିବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

## ‘ମଲଙ୍ଗ୍’ ଟ୍ରେଲର୍ ରିଲିଜ୍

# ଆଦିତ୍ୟ-ଦିଶାଙ୍କ ଭୟଙ୍କର ଅବତାର





**ମୁମ୍ବାଇ:** ମୋହିତ୍ ସୁରୀଙ୍କ ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ ଫିଲ୍ମ ‘ମଲଙ୍ଗ୍’ର ଟ୍ରେଲର୍ ସୋମବାର ରିଲିଜ୍ ହୋଇଯାଇଛି। ଅନିଲ କପୁର, ଆଦିତ୍ୟ ରାୟ କପୁର, ଦିଶା ପଟାନୀ ଏବଂ କୁନାଲ ଖେମୁ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ୨ ମିନିଟ୍ ୪୫ ସେକେଣ୍ଡର ଏହି ଟ୍ରେଲର୍‌ରେ ୪ କଳାକାରଙ୍କ ଭୟଙ୍କର ଅବତାର ଦେଖିବାକୁ ମିଳିଛି। ଟ୍ରେଲର୍‌ରେ ଭରପୂର ଆକ୍ସନ ସାଙ୍ଗକୁ ରୋମାନ୍ସର ଝଲକ୍ ରହିଛି। ଏନେଇ ଫିଲ୍ମ ରିଲିଜ୍‌କୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି ଦର୍ଶକ। ଫିଲ୍ମ ‘ମଲଙ୍ଗ୍’ର ଟ୍ରେଲର୍ ଏବେ ଚର୍ଚ୍ଚାରେ। ୨୦୨୦ ଆରମ୍ଭରୁ ଭରପୂର ଆକ୍ସନ ନେଇ ଆସିଛି ଏହି ମଲ୍‌ଟି ଷ୍ଟାରର ଫିଲ୍ମ। ଟ୍ରେଲର୍‌କୁ ଦର୍ଶକଙ୍କ ପକ୍ଷରୁ ଭଲ ରେସ୍ପନ୍ସ ମଧ୍ୟ ମିଳୁଛି। ଫିଲ୍ମରେ ଉଚ୍ଚକୋଟୀର ଗ୍ରାଫିକ୍ କଣ୍ଟେଣ୍ଟ ବ୍ୟବହାର କରାଯାଇଛି। ପ୍ରଥମେ ମୋହିତ୍ ସୁରୀ ପରେ ଅନିଲ କପୁର ଏବଂ ତା’ପରେ ଅନ୍ୟ କଳାକାରମାନେ ନିଜ ନିଜ ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଫିଲ୍ମର ଟ୍ରେଲର୍ ଶେୟାର କରିଥିଲେ। ଫିଲ୍ମରେ ୪ ପ୍ରମୁଖ ଚରିତ୍ରଙ୍କୁ କିଲର୍ ବା ହତ୍ୟାକାରୀ ଭାବେ ଦେଖିବାକୁ ମିଳିବ। ଟ୍ରେଲର୍ ଆରମ୍ଭରେ ହିଁ ହତ୍ୟାକାରୀଙ୍କ ପାଗଳାମିର ପରିଚୟ ମିଳିଯାଇଛି। "ତୁଝେ ପତା ହେ, ହମ୍ ତିନ୍ ଏକ ଜୈସେ ହେଁ, ସାରେ କିଲର୍ସ...।" ଏଭଳି ନାରେଶନ ଟ୍ରେଲର୍ ଆରମ୍ଭରୁ ହିଁ ଶୁଣିବାକୁ ମିଳିଛି। ଏଥିରେ ଆଦିତ୍ୟଙ୍କ ଦମ୍‌ଦାର ବଡି ଏବଂ ଲୁକ୍‌ର ଝଲକ୍ ଦେଖିବାକୁ ମିଳିଛି। ଏହାସହ ଆଦିତ୍ୟ-ଦିଶାଙ୍କ ରୋମାନ୍ସ ସିନ୍ ମଧ୍ୟ ରହିଛି, ଯ। ହ। ଫିଲ୍ମର ୟୁଏସ୍‌ପି ମଧ୍ୟ ହୋଇପାରେ। ଦିଶାଙ୍କ ଏଣ୍ଟ୍ରି କାଫି ଗ୍ଲାମର୍ସ ରହିଥିବାବେଳେ ଟ୍ରେଲର୍ ଶେଷରେ ସେ ବି ଜଣେ ହତ୍ୟାକାରୀ ବୋଲି ଜଣାପଡ଼ିଛି। ଫିଲ୍ମରେ ଦିଶାଙ୍କୁ ରେଡ୍ ବିକିନିରେ ମଧ୍ୟ ଦେଖିବାକୁ ମିଳିବ। ଏହାସହ ସେ ଆଦିତ୍ୟଙ୍କ ସହ ଆଡ୍‌ଭେଞ୍ଚର ମଧ୍ୟ କରୁଥିବା ଦେଖିବାକୁ ମିଳିବ। ସେହିଭଳି ଟ୍ରେଲର୍‌ର ବିଜେଏମ୍‌ରେ ମଲଙ୍ଗ୍ ଟାଇଟଲ୍ ଥିମ୍ ବାଜୁଥିବା ଶୁଣିବାକୁ ମିଳିଛି। ତେବେ ସବୁଠାରୁ ଭୟଙ୍କର ଅନିଲ କପୁର ଲାଗୁଛନ୍ତି। ସେ ଡନ୍ ଭଳି ନଜର ଆସିଥିଲେ ହେଁ ପୋଲିସ ଭୂମିକାରେ ଅଭିନୟ କରୁଥିବା ଜଣାପଡ଼ିଛି। ସେହିପରି ଖୁବ୍‌କମ୍ ସମୟ ପାଇଁ ହେଲେ ସୁଦ୍ଧା କୁନାଲ ମଧ୍ୟ ଦମ୍‌ଦାର ଲୁକ୍‌ରେ ନଜରକୁ ଆସିଛନ୍ତି। ଫିଲ୍ମଟି ଡ୍ରାକ୍ ଥିମ୍ ସହ ସିରିଏଲ୍ କିଲର୍ସଙ୍କ କାହାଣୀ ଦେଖାଇବ। ଟ୍ରେଲର୍ ଶେଷରେ ୪ କିଲର୍ସ କାହିଁକି ହତ୍ୟା କରୁଛନ୍ତି, ସେ ନେଇ ଖୁଲାସା କରୁଥିବା ଦେଖିବାକୁ ମିଳିଛି। ତେବେ ଭରପୂର ଆକ୍ସନ, ଡ୍ରାମା, ରୋମାନ୍ସ ନେଇ ପ୍ରସ୍ତୁତ ଫିଲ୍ମ ‘ମଲଙ୍ଗ୍’ ୭ ଫେବୃୟାରୀରେ ରିଲିଜ୍ ହେବ।



# ଏ.ଆର୍. ରହମନ୍‌ଙ୍କୁ ପୂରିଲା ୫୩

## ଅସଫଳ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ

**ମୁମ୍ବାଇ:** ସଙ୍ଗୀତକାର ଏ.ଆର୍.ରହମନ୍ ସୋମବାର ୫୪ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୬୭ ଜାନୁୟାରୀ ୬ରେ ଚେନ୍ନାଇଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ଏ.ଏସ୍. ଦିଲ୍ଲୀପ୍ କୁମାର ମୁଦଲିଆର ଥିଲା। ତାଙ୍କ ଭଉଣୀ ୧୯୮୬ରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏହି ସମୟରେ ତାଙ୍କର ସାକ୍ଷାତ୍ ଜଣେ ସୁଫି ସନ୍ଥଙ୍କ ସହିତ ହୋଇଥିଲା। ଏହାପରେ ସେ ୧୯୮୯ରେ ୨୩ ବର୍ଷ ବୟସରେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ। ଜୀବନରେ ଅସଫଳ ହେଉଥିବାରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ସେ ପ୍ରତିଦିନ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ। ଏହାପରେ ସେ ସାୟାରା ବାନୋଙ୍କୁ ବିବାହ କରିଥିଲେ। ସାୟାରାଙ୍କ ସହିତ ପ୍ରଥମ ଦେଖାରେ ସେ କହିଥିଲେ ଯେ, ମତେ ହଠାତ୍ ସଙ୍ଗୀତ ସ୍ୱର ମନେପଡ଼ିଲେ ମତେ ଖାଇବା ଥାଳିରୁ ମଧ୍ୟ ଉଠିବାକୁ ପଡ଼ିବ, ତୁମେ ଏଥିରେ ରାଜି ତ? ଏଥିରେ ସାୟାରା ନିଜର ସମ୍ମତି ପ୍ରକାଶ କରିଥିଲେ। ଏବେ ସେ ନିଜର ୩ ସନ୍ତାନ ଖଦିଜା, ରହିମ୍ ଏବଂ ଅମନ୍‌ଙ୍କ ସହିତ ବେଶ୍ ଆନନ୍ଦିତ ରହିଥିବା କୁହନ୍ତି। ରୋଜା ଫିଲ୍ମରେ ରହମାନ୍‌ଙ୍କ ସଙ୍ଗୀତର ଯାଦୁ ଲୋକଙ୍କୁ ପାଗଳ କରିଥିଲା। ଏହାପରେ ସେ ଅନେକ ଫିଲ୍ମରେ ନିଜର ପ୍ରତିଭା ଦେଖାଇଛନ୍ତି।

# ୧୧୭ତମ ଜନ୍ମଦିନ ପାଳିଲେ କେନ୍



**ଟୋକିଓ:** ଜାପାନର ଜଣେ ବୃଦ୍ଧା ରବିବାର ୧୧୭ତମ ଜନ୍ମଦିବସ ପାଳନ କରିଛନ୍ତି। ସେ ବିଶ୍ୱର ସବୁଠୁ ବୟସ୍କ ମହିଳା ଭାବେ ପରିଗଣିତ ହୋଇଛନ୍ତି। କେନ୍ ତନାକା ନାମକ ଏହି ବୃଦ୍ଧା ଜଣକ ୧୯୦୩ ଜାନୁଆରୀ ୬ରେ ଜନ୍ମଗ୍ରହଣ କରିଥିଲେ। ସେମାନେ ୮ ଭାଇ ଭଉଣୀ ହୋଇଥିବା ବେଳେ ୧୯ ବର୍ଷ ବୟସରେ ହିଦେଓ ତନାକାଙ୍କୁ ବିବାହ କରିଥିଲେ କେନ୍। ତାଙ୍କର ୪ ସନ୍ତାନ। ସ୍ୱାମୀ ଏବଂ ବଡ଼ ଝିଅଙ୍କ ମୃତ୍ୟୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହୋଇଥିଲା। ଏହା ପରେ କେନ୍ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ବିଶେଷକରି ଜାପାନରେ ହିଁ ଅଧିକାଂଶ ଲୋକ ୧୦୦ ବର୍ଷରୁ ଅଧିକ ବଞ୍ଚିଥାନ୍ତି। ଗତ ଜୁଲାଇରେ ୧୧୭ ବର୍ଷୀୟା ଆଉ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦେଶ ତୁଳନାରେ ଜାପାନର ଲୋକଙ୍କୁ କମ୍ ରୋଗ ହୋଇଥାଏ। ତେଣୁ ସେମାନେ ଦୀର୍ଘାୟୁ ହୋଇଥାନ୍ତି ବୋଲି ଏକ ରିପୋର୍ଟରୁ ପ୍ରକାଶ।

# ସ୍ୱାସ୍ଥ୍ୟ ପାଇଁ ଗୁଣକାରୀ ‘ଚିୟା ସିଡ୍‌ସ’

**ନୂଆଦିଲ୍ଲୀ:** ମଣିଷ ନିଜ ଅର୍ଜିତ ଟଙ୍କାକୁ ଭଲ ପିନ୍ଧିବା, ଫାଷ୍ଟଫୁଡ୍ ଖାଇବା, ନିଶାସେବନ ଏବଂ ସିନେମା ଦେଖିବାରେ ବ୍ୟୟ କରିବାକୁ ପଛାନ୍ତିନି। ହେଲେ ଅନେକ ଲୋକ ନିଜ ଶରୀରକୁ ସୁସ୍ଥ ରଖିବାପାଇଁ ଉପଯୋଗୀ ଖାଦ୍ୟ କିଣିବା ସମୟରେ ଅଧିକ ଟଙ୍କା ଦେଖି ପଛଘୁଞ୍ଚା ଦିଅନ୍ତି। ଫଳସ୍ୱରୂପ ଶରୀରକୁ ଆବଶ୍ୟକ ପୋଷଣର ଅଭାବ ଯୋଗୁ ଅନେକେ ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ପାଇବା ସହ ମେଡିକାଲ୍‌ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହୁଅନ୍ତି। ଜାଣନ୍ତି, ଦୈନିକ ଜଣେ ବ୍ୟକ୍ତିଙ୍କ ଶରୀର ଆବଶ୍ୟକ କରୁଥିବା ପୋଷଣ ଦୈନନ୍ଦିନ ଖାଦ୍ୟରୁ ପୂରଣ ହୋଇପାରି ନ ଥାଏ, ଯଦ୍ୱାରା କୁପୋଷଣର ଶିକାର ହେବାକୁ ପଡ଼ିଥାଏ। ତେଣୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୋଷଣରେ ଭରପୂର ଖାଦ୍ୟ ଖାଇବା ଜରୁରୀ।



ଚିୟା ସିଡ୍‌ସ(ମଞ୍ଜି) ହେଉଛି ପ୍ରକୃତିର ଏପରି ଏକ ବରଦାନ। ଏହା ଶରୀର ପାଇଁ ବହୁ ଗୁଣକାରୀ। ଏହା ଖାଇବା ଦ୍ୱାରା ମେଦବହୁଳତା କମାଇବା, କୋଲେଷ୍ଟରଲ୍ କମାଇବା ଏବଂ ହୃଦ୍‌ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଏହା ଦେଖିବାକୁ ତୁଳସୀ ମଞ୍ଜି ଭଳି ହୋଇଥାଏ। ଏହା ଓଜନ କମାଇବା ସହ ଅନ୍ୟ ସ୍ୱାସ୍ଥ୍ୟକାରୀ ଗୁଣରେ ଭରପୂର। ଏଥିରେ ଅନେକ ପୋଷକତତ୍ତ୍ୱ ସହ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହାକି ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ। ଏହାସହ ଏଥିରେ ଓମେଗା-୩, ଫେଟି ଏସିଡ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ପ୍ରୋଟିନ୍, ଫାଇବର୍ ଏବଂ ମିନେରାଲ୍‌ସ ଭରପୂର ରହିଛି। ଏହାକୁ ଖାଇବା ଦ୍ୱାରା ଶରୀରରେ ମେଟାବୋଲିଜମ୍ ବଢ଼ାଇବା ସହ ଜଳର ମାତ୍ରାକୁ ମଧ୍ୟ ଠିକ୍ ରଖିବାରେ ଉପଯୋଗୀ ହୋଇଥାଏ। ଏହାସହ ମାଂସପେଶୀ ତିଆରି କରିବା ସହ ଶକ୍ତି ବୃଦ୍ଧି କରିଥାଏ। ତେଣୁ ଦୈନନ୍ଦିନ ଭୋଜନରେ ଏକ ଚାମଚ୍ ଚିୟା ସିଡ୍‌ସ ସାମିଲ କରନ୍ତୁ। ଏଥିରେ ଦୈନିକ ଆବଶ୍ୟକ ପୋଷକତତ୍ତ୍ୱ ପୂରଣ ହୋଇପାରିବ। ଏହି ମଞ୍ଜିକୁ ଦହି, ସାଲାଡ୍, ଜୁସ୍, ଓଟ୍‌ସ୍‌ରେ ପକାଇ ଖାଇପାରିବେ। ଅନ୍ୟ ଉପାୟରେ ମଧ୍ୟ ଏହାକୁ ଖାଦ୍ୟରେ ସାମିଲ କରିପାରିବେ।

# ମିସ୍ ଗ୍ଲୋରି ଅଫ୍ ୟୁନିଭର୍ସରେ ମଞ୍ଜୁ



**ନୂଆଦିଲ୍ଲୀ:** ମିସ୍ ଗ୍ଲୋରି ଅଫ୍ ୟୁନିଭର୍ସ-୨୦୨୦ ଫେବୃୟାରୀ ୫ରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତାରେ ଗ୍ଲୋରି ଅଫ୍ ନର୍ଥ-ଇଷ୍ଟ ମଞ୍ଜୁ ଥାପ୍ପା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏହି ପ୍ରତିଯୋଗୀତାରେ ମଞ୍ଜୁ ସବୁଠାରୁ କନିଷ୍ଠ ପ୍ରତିଯୋଗୀ। ଏଥିପାଇଁ ତାଙ୍କୁ ଅମନ ଗାନ୍ଧୀ ଫିଲ୍ମ ପ୍ରଡକ୍ସନ ଚୟନ କରିଥିବା ସୂଚନା ମିଳିଛି। ଏଥିପାଇଁ ସେ ସମସ୍ତ ପ୍ରକାରର ପ୍ରସ୍ତୁତି ଚଳାଇଛନ୍ତି। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ଦୁବାଇରେ ହୋଇଥିବା ପ୍ଲାନେଟ୍ ୟୁନିଭର୍ସ ପ୍ରତିଯୋଗୀତାରେ ମଞ୍ଜୁ ଭାଗ ନେଇଥିଲେ। ମଞ୍ଜୁ ନିଜ ପରିବାର ସହ ପୈତୃକ ବାସଭବନ ଦାର୍ଜିଲିଂରେ ରହୁଛନ୍ତି।

**ଇନ୍ଦୋର:** ଦିଗମ୍ବର ଜୈନ ସମାଜର ସବୁଠୁ ବଡ଼ ସନ୍ଥ ଆଚାର୍ଯ୍ୟ ବିଦ୍ୟାସାଗରଙ୍କ ସଂଯମ ଜୀବନ ସମସ୍ତଙ୍କୁ ପ୍ରଭାବିତ କରେ। ତାଙ୍କ କଠୋର ସାଧନା ଆଗରେ ସଭିଙ୍କୁ ନତମସ୍ତକ ହେବାକୁ ପଡ଼େ। ୭୪ ବର୍ଷ ବୟସରେ ସେ ଏବେ ବି ଖାଲିପାଦରେ ଚାଲୁଛନ୍ତି। ୫୨ ବର୍ଷ ହେବ ସେ ଲୁଣ କି ଚିନି ଛୁଇଁ ନାହାନ୍ତି। ୧୯୬୭ରୁ ଏହି ମହାନ ସନ୍ଥ ଦୀକ୍ଷା ଗ୍ରହଣ କରିଥିଲେ। ସେବେଠାରୁ ସେ ଲୁଣ ଓ ଚିନି ଖାଇବା ତ୍ୟାଗ କରିଛନ୍ତି। କେବଳ ଏତିକି ନୁହେଁ ଲୁଣ ,ଚିନି,ସବୁଜ ପରିବା,ଫଳ ଓ ଶୁଖିଲା ଫଳ ଏହି ପାଞ୍ଚ ରସ ସେ ତ୍ୟାଗ କରିଛନ୍ତି। ସେ ମୁଗଡାଲି , ରୁଟି ଓ ଦହି ଖାଇଥାନ୍ତି। ଗୋଟିଏ ଜାଗାରେ ୩୬ ଘଣ୍ଟା ଠିଆ ହୋଇ ତପସ୍ୟା ମଧ୍ୟ କରିଛନ୍ତି। ଚତୁର୍ମାସ ଅବସରରେ ସେ ଚାରିଦିନ ଆହାର ଗ୍ରହଣ କରନ୍ତି ଓ ଦିନେ ଉପବାସ କରିଥାନ୍ତି। ସେ ଦିନରେ ଥରେ ଆହାର ଓ ଜଳ ଗ୍ରହଣ କରିଥାନ୍ତି ବୋଲି ତାଙ୍କ ସେବାକାର୍ଯ୍ୟରେ ନିଯୁକ୍ତ ବ୍ରହ୍ମଚାରୀ କହିଛନ୍ତି।

# ୫୨ ବର୍ଷ ଚିନି ଓ ଲୁଣ ଖାଇ ନାହାନ୍ତି ଆଚାର୍ଯ୍ୟ ବିଦ୍ୟାସାଗର



# ବର୍ଜ୍ୟବସ୍ତୁରୁ ବାର୍ଷିକ ଆୟ ୪ କୋଟି

**ଭୋପାଳ:** କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏବେ କିଛି କିଛି ସ୍ଥାନରେ ସଫଳ ହେବାର ଦେଖିବାକୁ ମିଳିଛି। ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ଜଣାଶୁଣା ମଧ୍ୟପ୍ରଦେଶର ଇନ୍ଦୋର ଏବେ ବର୍ଜ୍ୟବସ୍ତୁକୁ ଉଚିତ୍ ବ୍ୟବହାର କରି ବର୍ଷକୁ ୪କୋଟି ଟଙ୍କା ଆୟ କରୁଥିବା ଜଣାପଡ଼ିଛି। ରବିବାର ଇନ୍ଦୋର ନଗର ନିଗମର ଜଣେ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି। ଗତ ୩ବର୍ଷ ହେବ ଇନ୍ଦୋର ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ଘୋଷିତ ହୋଇଛି। ହେଲେ ଚତୁର୍ଥ ଥର ମଧ୍ୟ ଏହି ଖ୍ୟାତି ପାଇବା ପାଇଁ ଇନ୍ଦୋର ନଗର ନିଗମ ଓ ସ୍ଥାନୀୟ ଲୋକେ ପୁରା ଜୋରସୋରରେ ଉଦ୍ୟମ ଚଳାଇଛନ୍ତି। ଏକ ଘରୋଇ କମ୍ପାନୀ ସାର୍ବଜନୀନ ଭାବେ (ପିପିପି) ମଡେଲ ଜରିଆରେ ବର୍ଜବସ୍ତୁଗୁଡିକୁ କମ୍ପୋଷ୍ଟ କରି ପୁନଃ ବ୍ୟବହାର ନିମନ୍ତେ ପ୍ରସ୍ତୁତ କରୁଛି। ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ପାଇଁ ଉକ୍ତ କମ୍ପାନୀ ୩୦କୋଟି ଟଙ୍କା ନିବେଶ କରିଛି। ଆଉ ଏହି ପ୍ରକ୍ରିୟାକରଣ ପାଇଁ ୪ ଏକର ଜମି ଦିଆଯାଇଛି ବୋଲି ଇନ୍ଦୋର ନଗର ନିଗମର ପରାମର୍ଶଦାତା ଅସଦ ୱାରସି କହିଛନ୍ତି। ଏଥିରେ ପ୍ରତିଦିନ ୩୦୦ଟନ୍ ଶୁଖିଲା ଓ ଆଉ କିଛି ଓଦାଳିଆ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କରାଯାଉଛି। ଏହାପରେ ଏହାକୁ ଭିନ୍ନ ଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଇ ରାଜ୍ୟ ବର୍ଷକୁ ପ୍ରାୟ ୪ କୋଟି ଆୟ କରୁଛି ବୋଲି ନଗର ନିଗମ ଅଧିକାରୀ କହିଛନ୍ତି।





ସୌନ୍ଦର୍ଯ୍ୟ

# ନଡ଼ିଆ ତେଲ

ବେଳେବେଳେ ମହିଳାମାନଙ୍କ ମୁହଁରେ ଦାଗ ଓ ଅନ୍ୟ କେତେକ ସମସ୍ୟା ଦେଖାଯାଇଥାଏ। ନିଜ ସୌନ୍ଦର୍ଯ୍ୟକୁ ଆହୁରି ଚମକଦାର କରିବାକୁ ସେମାନେ ବଜାରରୁ ଏମିତି କିଛି ବିଉଟି ପ୍ରଡକ୍ଟ କିଣି ଆଣନ୍ତି। କିନ୍ତୁ ଏପରି କିଛି ପ୍ରାକୃତିକ ଉପଚାର ରହିଛି, ଯାହା ସୌନ୍ଦର୍ଯ୍ୟକୁ ଆହୁରି ଆକର୍ଷିତ କରିଥାଏ। ମୁହଁର ଏପରି ସମସ୍ୟା ଦୂର କରିବାକୁ ଆପଣ ନଡିଆତେଲ ବ୍ୟବହାର କରିପାରନ୍ତି। ତେବେ ଆସନ୍ତୁ ଜାଣିବା କିପରି ଏହାକୁ ବ୍ୟବହାର କରିବେ...

■ ନଡିଆ ତେଲରେ ଆପଣ ସ୍ପାର ଆନନ୍ଦ ଘରେ ନେଇପାରିବେ ଓ ତ୍ୱଚାକୁ ମୁଲାୟମ୍ କରିପାରିବେ। ଏଥିପାଇଁ ଆପଣ ଦୁଇରୁ ୩ ଚାମଚ ଓଟ୍ସ ନିଅନ୍ତୁ ଓ ସେଥିରେ ତେଲ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ୩୦ସେକେଣ୍ଡ ଲାଗି ମାଇକ୍ରୋୱେଭରେ ଗରମ କରିଦିଅନ୍ତୁ। ଏହା ପରେ ମସ୍‌ଲିନ୍ ବ୍ୟାଗ୍ ସାହାଯ୍ୟରେ ଏହି ପେଷ୍ଟକୁ ପୂରା ଶରୀରରେ ଲଗାଇ ମସାଜ୍ କରନ୍ତୁ। ଏହି ପେଷ୍ଟ ଶରୀରର ପିଏଚ୍ ଲେଭଲ୍‌କୁ ସମାନ ରଖିଥାଏ।

■ ନିଜ କେଶକୁ କୁଣ୍ଡାଇବା ପରେ,ଏକ ଚାମଚ ନଡିଆ ତେଲ ନେଇ କେଶରେ ଲଗାନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ କେଶ ଡ୍ରାଏ ନ ହେବା ସହ କେଶରେ ଚମକ ଆସିଥାଏ। ଯେତେବେଳେ ଆପଣଙ୍କ କେଶ ଅଡୁଆ ତଡୁଆ ହୋଇଯାଇଛି ତେବେ ନିଜ ଆଙ୍ଗୁଠିରେ ତେଲ ନେଇ କେଶରେ ଲଗାନ୍ତୁ। ଯଦି ଆପଣ ବିଚ୍ କିମ୍ବା ପୁଲ୍‌କୁ ଯାଉଛନ୍ତି କେଶରେ ନଡିଆ ତେଲ ଲଗାଇବାକୁ ଭୁଲନ୍ତୁ ନାହିଁ। ତେଲ ଆପଣଙ୍କ କେଶକୁ ଡ୍ରାଏନେସ,ଖାରିଆ ପାଣିରୁ ରକ୍ଷା କରିଥାଏ।

■ ଶୀତଦିନରେ ଓଠ ଡ୍ରାଏ ହୋଇ ଫାଟେ। ବାରମ୍ବାର ଲିପ୍‌ବାମ୍ ଲଗାଇବାକୁ ପଡିଥାଏ। ଆପଣ ନିଜର ଓଠକୁ ମୁଲାୟମ୍ ରଖିବାକୁ ହେଲେ ନଡିଆ ତେଲକୁ ଲଗାଇ ପାରିବେ। ଆପଣ ଏହାକୁ ଓଠରେ ଲଗାଇ ରଖନ୍ତୁ। ଏହାର କିଛି ସମୟ ପରେ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ମୃତ କୋଷ ବାହାରି ଯିବ। ଓଠକୁ ସଫା କରିବା କରିବା ପରେ ନଡିଆ ତେଲକୁ ବାମ୍ ପରି ଲଗାଇ ପାରିବେ।

■ ନଡିଆ ତେଲରେ ନାଚୁରାଲ ଆଣ୍ଟି ଫଙ୍ଗାଲ ଓ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଛି ଯାହା ଆପଣଙ୍କ ପାଦକୁ ଇନ୍‌ଫେକସନ୍ ଓ ଫଙ୍ଗସ୍‌ରୁ ଦୂର କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ନଡିଆ ତେଲକୁ ପ୍ରତିଦିନ ବ୍ୟବହାର କରୁଛନ୍ତି ତେବେ ଏହା ଆପଣଙ୍କ ପାଦକୁ କୋମଳ ଓ ଫଙ୍ଗାଲ ଇନ୍‌ଫେକ୍‌ସନ୍‌ରୁ ଦୂରେଇ ରଖିଥାଏ।



# ଅନୁଶାସନ



ଏକ ଶୃଙ୍ଖଳିତ ଜୀବନ ଗଢ଼ିବାରେ ଅନୁଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ପିଲାମାନେ ଏ ନେଇ ଆରମ୍ଭରୁ ସଚେତନ ରହିଲେ ତେବେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଅର୍ଥାତ୍ ପିଲାମାନଙ୍କର ଭବିଷ୍ୟତକୁ ଅନୁଶାସିତ କରିବା ପାଇଁ ମା-ବାପାଙ୍କର ପ୍ରମୁଖ ଭୂମିକା ରହିଛି। ପିଲା ଯେତେବେଳେ ଛୋଟ ଥାଏ ସେତେବେଳେ ମାତା ପିତା ତାଙ୍କର ସବୁ କାମ କରିଥାନ୍ତି। ତାଙ୍କର ଖେଳନା ଠିକ୍ ଜାଗାରେ ରଖିବା,ବେଡ୍ ସଜାଡିବା,ବହି ପଡି ଯାଇଛି ତାକୁ ସଜାଡି ରଖିବା,ରୁମ୍‌କୁ ସଫାକରିବା ଏବଂ ଆଉ କେତେ କ'ଣ କାମ। ହେଲେ ବୟସ ବଢ଼ିବା ସହ ପିଲାମାନେ କିପରି ନିଜ କାମ ନିଜେ କରିପାରିବେ ସେ ନେଇ ସେମାନଙ୍କୁ ଶିଖାଇବା ଦରକାର। ତା'ସହ ସେମାନଙ୍କର ଜୀବନଶୈଳୀ କିପରି ଶୃଙ୍ଖଳିତ ହେବ ସେ ନେଇ ମା-ବାପା ଯତ୍ନବାନ ହେବା ସହ ସେମାନଙ୍କୁ ବୁଝାଇବା ଆବଶ୍ୟକ। ତେବେ ଜାଣନ୍ତୁ ସେ ସମ୍ପର୍କରେ ଟିପ୍ସ ...

**ସମୟାନୁବର୍ତ୍ତିତା :** ନିଜ ଜୀବନକୁ ସରସ ସୁନ୍ଦର ଭାବରେ ଗଢ଼ି ତୋଳିବାକୁ ହେଲେ ପିଲାମାନେ ପ୍ରଥମେ ସମୟାନୁବର୍ତ୍ତୀ ହେବା ନିହାତି ଦରକାର। ସମୟର ମୂଲ୍ୟବୋଧ ସେମାନଙ୍କୁ ଶିଖାନ୍ତୁ। ଏହାଦ୍ୱାରା ସେମାନେ ନିଜ କାମକୁ ନିଜେ ବେଶ୍ ସୁଚାରୁରୂପେ ସମ୍ପାଦନ କରିପାରିବେ।

**ଦାୟିତ୍ୱବୋଧ :** ପିଲାମାନଙ୍କର ବୟସ ବଢ଼ିବା ସହ ସେମାନଙ୍କର ଦାୟିତ୍ୱବୋଧ ବଢ଼ିଥାଏ। ନିଜ କାମ ନିଜେ କରିବା, ନିଜର ଅସୁବିଧା ମା-ବାପାଙ୍କୁ କହିବା ଏବଂ ତାହାର ସମାଧାନ କରିବା ବିଷୟରେ ସେମାନେ ଅବଗତ ହେବା ଦରକାର। ନିଜ ଦାୟିତ୍ୱ ପ୍ରତି ଅବହେଳା କଲେ ତାହାର ପ୍ରଭାବ ନିଜ ପାଠପଢ଼ା ଏବଂ କ୍ୟାରିୟର ଉପରେ ପଡିଥାଏ।

**ଆଚାର ବ୍ୟବହାର :** ନିଜକୁ ପ୍ରଶଂସାଭାଜନ କରିବା ପଛରେ ପିଲାଟିର ଆଚାର ବ୍ୟବହାରର ଭୂମିକା ରହିଛି। ଗୁରୁଜନଙ୍କୁ ସମ୍ମାନ ଦେବା, କାହା ସହ କିପରି କଥା ହେବା, ସାମାନ୍ୟ କଥାରେ ଉତ୍ତେଜିତ ନ ହୋଇ ଶାନ୍ତ ସରଳ ଭାବରେ ତାହାକୁ ସମାଧାନ କରିବା ବିଷୟରେ ପିଲା ଜାଣିବା ଦରକାର। ଯଦି ଏଥିରେ କିଛି ଫରକ ଅନୁଭବ କରୁଛନ୍ତି ତେବେ ପିଲାଟିକୁ ଏ ନେଇ ଶିଖାଇବାକୁ ଭୁଲନ୍ତୁ ନାହିଁ।

**ଅଭ୍ୟାସ :** ପିଲାମାନେ ଯେ ମନକୁ ମନ ସବୁକଥା ଶିଖିଯିବେ ସେପରି ଭାବନା ପ୍ରଥମେ ମା-ବାପା ନିଜ ମନରୁ ଦୂର କରିବା ଆବଶ୍ୟକ। ନିଜ କାମ ନିଜେ କରିବା, ଭଲ କଥା ଶିଖିବାକୁ ସେମାନେ କିପରି ଅଭ୍ୟାସ କରିବେ ତାହା ଆରମ୍ଭରୁ ହିଁ ଶିଖାଇବା ଦରକାର। ଛୋଟ ପିଲା ଯେତେବେଳେ ଖେଳଣା ଖେଳୁଛି ସେତେବେଳେ ତାକୁ ଖେଳଣା ଖେଳିବା ପରେ ତାକୁ ସଜାଡି ରଖିବା ଲାଗି କୁହନ୍ତୁ। କାମ ଛୋଟ ହେଉ ନା କାହିଁକି ତାକୁ ଏପରି ଅଭ୍ୟାସ କରାନ୍ତୁ ଯେପରି ସମୟକ୍ରମେ ତାହା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯିବ।





**ଏବେ ଡେରି ହୋଇ ନାହିଁ :** ଇଂଲିଶରେ ଗୋଟିଏ କଥା ଅଛି 'ଇଟ୍ସ ନେଭର ଟୁ ଲେଟ୍ ଟୁ ଷ୍ଟାର୍ଟ'। ଏହାର ଅର୍ଥ ହେଉଛି ଆରମ୍ଭ କରିବାର ସମୟ ଏବେ ଡେରି ହୋଇନାହିଁ। ଯଦି ଆପଣଙ୍କ ପିଲା ବଡ ହୋଇଗଲାଣି ତେବେ ତାକୁ ନିଜ ରୁମ୍‌କୁ କିପରି ସଫାସୁତୁରା ରଖିବ ଏବଂ ଜିନିଷପତ୍ରଗୁଡିକୁ ସଜାଡି ରଖିବ ସେ ସମ୍ପର୍କରେ ଶିଖାନ୍ତୁ। ପ୍ରଥମରୁ ସଫା ରୁମ୍ ରଖିବା ଶିଖାନ୍ତୁ ପରେ ସେ ତା ନିଜ ହିସାବରେ କିପରି ରୁମ୍‌କୁ ସଜାଇବ ତା ଉପରେ ଛାଡି ଦିଅନ୍ତୁ।

**ପିଲାଙ୍କ ମୁତାବକ ଜିନିଷ ଚୟନ କରନ୍ତୁ :** ପିଲାଙ୍କ ବେଡ୍ ରୁମ୍ ହେଉ ଅବା ଷ୍ଟଡି ରୁମ୍-ପିଲାର ପସନ୍ଦ ଅନୁଯାୟୀ ଜିନିଷ ସେଠାରେ ରହିଲେ ତାହା ସେମାନଙ୍କ ମନରେ ଖୁସି ଆଣିଥାଏ। ପରଦାଠାରୁ ଆରମ୍ଭ କରି ତକିଆ ପର୍ଯ୍ୟନ୍ତ ବେଡ୍ ବି ରଙ୍ଗିନ ଓ ସୁନ୍ଦର ହେବା ଆବଶ୍ୟକ। ଯଦି ଫର୍ନିଚର ତାଙ୍କ ହିସାବରେ ନାହିଁ ତେବେ ତାଙ୍କ ହିସାବରେ ଅନୁକୂଳ ମୁତାବକ କରିପାରିବେ। ଏମିତିରେ ଫର୍ନିଚରକୁ ଅଲଗା ଅଲଗା ରଙ୍ଗରେ ସଜାଇ ପାରିବେ। ଜିନିଷ ଏମିତି ହେବା ଆବଶ୍ୟକ ଯାହାକୁ ପିଲା ନିଜେ ସଫା କରି ରଖି ପାରିବ।

**ବେଡ୍ ସଜାଡିବା :** ପିଲାମାନେ ନିଜ ବେଡ୍‌କୁ ନିଜେ ସଜାଡି ପାରୁଛନ୍ତି କି ନାହିଁ ପ୍ରଥମେ ଲକ୍ଷ୍ୟ କରନ୍ତୁ। ଯଦି କିଛି ଏପଟସେପଟ ହେଉଛି ତେବେ ତାହାକୁ ପରିବର୍ତ୍ତନ କରିବାକୁ ଶିଖାନ୍ତୁ ଯଥା ବେଡଶିଟ୍‌କୁ କିପରି ଠିକ୍ କରାଯିବ, ତକିଆ ଆଦିକୁ କିପରି ସଜଡାଯିବ ଓ କେତେଦିନରେ ବଦଳାଇବା ଆବଶ୍ୟକ ଆଦି।

**ଅନାବଶ୍ୟକ ଜିନିଷକୁ କାଢ଼ି ଦିଅନ୍ତୁ :** ଯେଉଁ ଜିନିଷ କାମରେ ଆସୁନି ତାକୁ କାଢ଼ି ଦିଅନ୍ତୁ କିମ୍ବା କାହାର ଆବଶ୍ୟକ ଆସୁଥିବା ଭଳି ଲୋକଙ୍କୁ ଦେଇ ଦିଅନ୍ତୁ। ହୋଇପାରେ ପିଲାଙ୍କ ଦ୍ୱାରା ଏହି କାମ କରାନ୍ତୁ। ଏହାଦ୍ୱାରା ସେ ଅନ୍ୟଙ୍କ ଲାଗି ଭାବିବ ଓ ତାଙ୍କ ପ୍ରତି ସେ ସମ୍ବେଦନଶୀଳ ହୋଇପାରିବ।

ପିଲା ଯେତେବେଳେ ନିଜ ରୁମ୍‌କୁ ନିଜ ହିସାବରେ ସେଟ୍ କରି ଦେଉଛି ତେବେ ତା'ର ଫଟୋ କିଛି ଉଠାଇ ରଖନ୍ତୁ। ଏହି ଫଟୋକୁ ତା'ର ଷ୍ଟଡି ଟେବୁଲ୍ ପାଖରେ ଓ ବେଡ୍ ପାଖରେ ରଖି ସଜାଇ ପାରିବେ। ଏହାଦ୍ୱାରା ସେ ଜାଣିବ ଯେ ଖୋଲାମେଲା ହୋଇପଡିଥିବା ରୁମ୍‌କୁ କେଉଁଠି କେଉଁ ଜିନିଷ ରଖିଲେ ସୁନ୍ଦର ଲାଗିବ ଓ ଏ ବିଷୟରେ ତା'ର ଟିକେ ଆଇଡିଆ ହୋଇଯିବ।

**ପିଲାମାନଙ୍କର ବୟସ ବଢ଼ିବା ସହ ସେମାନଙ୍କର ଦାୟିତ୍ୱବୋଧ ବଢ଼ିଥାଏ। ନିଜ କାମ ନିଜେ କରିବା, ନିଜର ଅସୁବିଧା ମା'-ବାପାଙ୍କୁ କହିବା ଏବଂ ତାହାର ସମାଧାନ କରିବା ବିଷୟରେ ସେମାନେ ଅବଗତ ହେବା ଦରକାର। ନିଜ ଦାୟିତ୍ୱ ପ୍ରତି ଅବହେଳା କଲେ ତାହାର ପ୍ରଭାବ ନିଜ ପାଠପଢ଼ା ଏବଂ କ୍ୟାରିୟର ଉପରେ ପଡିଥାଏ...**

## ସେମାନେ ଯାହା କରନ୍ତି...

**ବ୍ୟବହାର ଉପରେ ଗୁରୁତ୍ୱ ଦିଏ:**
**-କୁଞ୍ଜଲତା ରାଉତ,**
*ଜଗନ୍ନାଥ ନଗର, ଭୁବନେଶ୍ୱର*

ମୋ ପୁଅ ଛୋଟ ବେଳରୁ ନିଜ ବହିପତ୍ରକୁ ସଜାଡି ରଖିବା ତା'ର ଏକ ଅଭ୍ୟାସ । ବହିପତ୍ର ସହ ସେ ନିଜ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦିଏ। ମୋ ପିଲା କିପରି ଅନ୍ୟମାନଙ୍କୁ ଭଦ୍ର ବ୍ୟବହାର କରିବ



ସେ ନେଇ ସବୁବେଳେ ସଜାଗ ଥାଏ। ଏ ନେଇ ତାକୁ ପିଲାଟି ଦିନରୁ ବୁଝାଇ ଆସିଛି। ତେଣୁ ସେ ନିଜ ବ୍ୟବହାର ନେଇ ବେଶ୍ ସଚେତନ। ତା'ସହ ପିଲାର ଶୃଙ୍ଖଳିତ ଜୀବନଶୈଳୀ, ପାଠପଢ଼ା ପ୍ରତି ମଧ ନଜର ଦିଏ।

**ପିଲାମାନଙ୍କର ରୁଟିନ୍ ଲାଇଫ ଉପରେ ଗୁରୁତ୍ୱ ଦିଏ**
**-ସୁପ୍ରିୟା ପଟ୍ଟନାୟକ,**
*ଯାତ୍ରାଗାଚି,ନିୟୁ ଟାଉନ,କୋଲକାତା*

ଆଜିକାଲି ପିଲାମାନେ ନିଜକୁ କେବଳ ପାଠପଢ଼ା ନୁହେଁ ଅନ୍ୟ ବିଷୟ ସହ ଜଡିତ ରଖି ସେଥିରେ ନିଜର ପାରିଦର୍ଶିତ ଦେଖାଇ ପାରୁଛନ୍ତି। ତେଣୁ ସେମାନଙ୍କର ଶୃଙ୍ଖଳିତ ଜୀବନଧାରା ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର। କେତେବେଳେ ସେମାନେ କ'ଣ କରିବେ ତାହା ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦିଏ। ସେଥିପାଇଁ ଟାଇମଟେବୁଲ ପ୍ରସ୍ତୁତ କରିଛି। ଯେହେତୁ ମୋ ସ୍ୱାମୀ ନିଜ ଚାକିରି



ପାଇଁ ଅଧିକ ସମୟ ଦିଅନ୍ତି ତେଣୁ ପିଲା ପ୍ରତି ମୁଁ ଅଧିକ ଯତ୍ନବାନ ହୋଇଥାଏ। ସେ କେତେବେଳେ ଖାଇବ, ପଢ଼ିବ, ଖେଳିବ, ଟିଭି ଦେଖିବ-ସବୁ କଥାରୁ ମୁଁ ଟାଇଟ ଫିକ୍ସ କରିଛି। ଏହା ସହ ସେ କାହା ସହ କିପରି କଥା ହେଉଛି ତାକୁ ମଧ ନଜର ଦିଏ। ପିଲାଟି ଯଦି ଭଲ କାମ କରୁଛି ତେବେ ତାକୁ ସେ ଦିଗରେ ଉତ୍ସାହିତ କଲେ ତାହାର ଆଗ୍ରହ ବଢ଼ିଥାଏ। ଗୋଟିଏ କଥା- ଅନ୍ୟ ଲୋକଙ୍କ ସମ୍ମୁଖରେ ପିଲାର ମନ୍ଦଗୁଣ ଗପିବା ଠିକ୍ ନୁହେଁ, କାରଣ ଏହାର ଖରାପ ପ୍ରଭାବ ପିଲା ଉପରେ ପଡିଥାଏ। ଘରର ପରିବେଶ ଏପରି ହେବା ଦରକାର ଯାହାଦ୍ୱାରା ପିଲାଟି ନିଜ ଜୀବନଶୈଳୀକୁ ଶୃଙ୍ଖଳିତ କରିପାରିବ।

ଫ୍ୟାଶନ

# ଟ୍ରାଡିଶନାଲ ଓ ୱେଷ୍ଟର୍ନ ସ୍ୱେଟର୍ସ



**ସାଧାରଣତଃ ନିଜକୁ ଉଷୁମ ରଖିବା ପାଇଁ ଅନେକେ ରଙ୍ଗ ବେରଙ୍ଗ ଷ୍ଟାଇଲିଶ୍ ସ୍ୱେଟର୍ସ ପରିଧାନ କରିଥାନ୍ତି। ଏହା ସହ ଆମର ଲୁକ୍‌କୁ ମଧ ପରଫେକ୍ଟ କରିବାରେ ମଧ ସାହାଯ୍ୟ କରିଥାଏ। ଥଣ୍ଡା ବଢ଼ିବା ସହିତ ଗରମ କପଡାର ଡିଜାଇନ୍ ପ୍ୟାଟର୍ନ ଲଗାତର ଚେଞ୍ଜ ହୋଇଥାଏ, ଯେଉଁଥିରେ ଫର୍ମାଲ ଓ ପାର୍ଟିୱେର ଦୁଇଟି ସାମିଲ୍ ଅଛି। ଏଠାରେ ଆପଣଙ୍କୁ କେତୋଟି ଷ୍ଟାଇଲିଶ ସ୍ୱେଟର୍ସ ଜ୍ୟାକେଟ୍ସକୁ ପିନ୍ଧି ପାରିବେ ...**

**ଲଙ୍ଗ ସ୍ୱେଟର୍ସ:** ଆଗରୁ ଅଣ୍ଟା ପର୍ଯ୍ୟନ୍ତ ସ୍ୱେଟର ଫ୍ୟାଶନରେ ଥିଲା। ଏବେ କିନ୍ତୁ ଲଙ୍ଗ ସ୍ୱେଟର ଟ୍ରେଣ୍ଡ ଚାଲିଛି। ଲଙ୍ଗ ସ୍ୱେଟର୍ସକୁ ସାଧାରଣତଃ ଝିଅମାନେ ଜିନ୍ସ ଓ ଟ୍ରାଉଜର୍ସ ସହିତ ଟିମ୍‌ଅପ୍ କରିବା ପସନ୍ଦ କରୁଛନ୍ତି। କାହିଁକି ନା ଏହା ଟପ୍ ଓ ଶର୍ଟସ ପରି କାମ କରିଥାଏ।

**ପକେଟ୍ ଡିଜାଇନ୍ ସ୍ୱେଟର :** ଆଜିକାଲି ବଜାରରେ ଶାର୍ଟ ଭଳି ସ୍ୱେଟରରେ ମଧ ପକେଟ୍ ରହୁଛି। ଯାହା ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ପକେଟ୍ ରହିବା ଯୋଗୁ ହାତକୁ ଆମେ ଥଣ୍ଡା ଦାଉରୁ ରକ୍ଷା କରିବା ସହ ଏଥିରେ ମୋବାଇଲ୍, ଛୋଟ ଛୋଟ ଜିନିଷକୁ କ୍ୟାରି କରିବାରେ ସୁବିଧା ହୋଇଥାଏ।

**ଶର୍ଟ ସ୍ୱେଟର :** ଯଦି ଆପଣ ଶାଢ଼ୀ କିମ୍ବା ସୁଟ୍ ପିନ୍ଧିବାକୁ ପସନ୍ଦ କରୁଥାନ୍ତି ତେବେ ଶର୍ଟ ସ୍ୱେଟର ସବୁଠୁ ଭଲ ଅପଶନ୍ ହୋଇଥାଏ।

**ଟ୍ରେଞ୍ଚ କୋର୍ଟ :** ଇଭିନିଂ ପାର୍ଟିରେ ଯଦି ଆପଣ ସ୍ଲିଭ୍‌ର୍ସ ଡ୍ରେସ ପିନ୍ଧିବାକୁ ମନ ବଳାଇଛନ୍ତି ତେବେ ଆପଣ ଏହାକୁ ଟ୍ରେଞ୍ଚକୋର୍ଟ,ଡେନିମ୍ ଜ୍ୟାକେଟ୍,ସାମ୍ନା ବଟନ ଥିବା ସଲିଡ୍ ଉଲେନ୍ ସ୍ୱେଟର୍ସ ସହିତ ପିନ୍ଧିପାରିବେ।

**ଫ୍ରଣ୍ଟ ଓପନ୍ ସ୍ୱେଟର୍ସ :** ନର୍ମାଲ ସ୍ୱେଟର ପରି ଫ୍ରଣ୍ଟ ଓପନ ସ୍ୱେଟର ବି ଝିଅମାନଙ୍କୁ ବହୁତ ପସନ୍ଦ ଆସିଥାଏ। କାହିଁକି ନା ଏହାକୁ କ୍ୟାରି କରିବା ବି ସହଜ ହୋଇଥାଏ। କାରଣ ଗରମ ଲାଗିଲେ ଏହାକୁ ଫ୍ରଣ୍ଟ ଓପନ କରି ପାରିବେ। ଫ୍ରଣ୍ଟ ଓପନ୍ ସ୍ୱେଟରକୁ ଆପଣ ସୁଟ୍, ଶାଢ଼ୀ ବ୍ୟତୀତ ଜିନ୍ସ ସହିତ ସହଜରେ କ୍ୟାରି କରିପାରିବେ।

# କାର୍ପେଟ୍ ସଫା କରୁଥିଲେ

**କାର୍ପେଟ୍ ବ୍ରଶ:** କାର୍ପେଟ୍ ସଫା କରିବାକୁ ହେଲେ କାର୍ପେଟ୍ ବ୍ରଶ ବ୍ୟବହାର କରନ୍ତୁ। ଏହାକୁ କାର୍ପେଟ୍‌ର ବୀପରିତ ଦିଗରୁ ରଗଡନ୍ତୁ। ଏହାଦ୍ୱାରା ଧୂଳି ଜଲ୍‌ଦି ଦୂର ହେବ।

**ଭ୍ୟାକ୍ୟୁମ୍ କ୍ଲିନର:** କାର୍ପେଟ୍‌କୁ ସଫା ରଖିବାକୁ ହେଲେ ଏହାକୁ ପ୍ରତିଦିନ ଭ୍ୟାକ୍ୟୁମ୍ ସାହାଯ୍ୟରେ ସଫା କରନ୍ତୁ। ଯଦି ପ୍ରତିଦିନ ସଫା କରିବା ସମ୍ଭବ ହେଉନି ପ୍ରତି ଦୁଇଦିନରେ ଥରେ ସଫା କରିବାକୁ ଚେଷ୍ଟା କରନ୍ତୁ। ପାଣିରେ ଡିଟରଜେଣ୍ଟ ପାଉଡର ମିଶାଇ ଏକ କପଡା ସାହାଯ୍ୟରେ କାର୍ପେଟ୍‌କୁ ପୋଛନ୍ତୁ। ଡିଟରଜେଣ୍ଟକୁ ଭଲଭାବେ ସଫା କରିବାକୁ ହେଲେ ଖାଲିପାଣି ସାହାଯ୍ୟରେ କାର୍ପେଟ୍‌କୁ ପୋଛନ୍ତୁ। ଏହାକୁ ଓଦା କପଡା ପୋଛିବାର ତୁରନ୍ତ ପରେ ଏହାକୁ ଶୁଖିଲା କପଡାରେ ଭଲଭାବେ ପୋଛନ୍ତୁ। ଫଳରେ ଏହାଦ୍ୱାରା କାର୍ପେଟ୍ ଭଲଭାବେ ଶୁଖିଯିବ।

**କାର୍ପେଟ୍ ପ୍ରୋଟେକ୍ଟର :** କାର୍ପେଟ୍‌ରେ ଲାଗିଥିବା ଦାଗକୁ ତୁରନ୍ତ ସଫା କରନ୍ତୁ। ନ ହେଲେ ଏହି ଦାଗ ସ୍ଥାୟୀରୂପେ ରହିଯିବ। ଏହାକୁ ସଫା କରିବା ମଧ କଷ୍ଟ ହୋଇପାରେ। କାର୍ପେଟ୍‌କୁ ଷ୍ଟେନ୍‌ପ୍ରୁଫ୍ ରଖିବାକୁ ହେଲେ କାର୍ପେଟ୍ ପ୍ରୋଟେକ୍ଟର ବ୍ୟବହାର କରନ୍ତୁ।

**ଇଲେକ୍ଟ୍ରିକ୍ ଡ୍ରାୟର:** କାର୍ପେଟ୍‌କୁ ଧୋଇବା ପରେ ଏହାକୁ ଖରାରେ ଶୁଖାନ୍ତୁ। ଏହାକୁ ଶୁଖାଇବା ଲାଗି ଇଲେକ୍ଟ୍ରିକ୍ ଡ୍ରାୟର ବ୍ୟବହାର କରିପାରନ୍ତି। ନ ହେଲେ ଏହା ଓଦା ରହିଲେ ଖରାପ୍ ହୋଇଯିବ।



# ମୋତିଆବିନ୍ଦୁ ଲେନ୍ସ ର୍ୟାକେଟ୍ ସକ୍ରିୟ

## ■ ୪ ପ୍ରତିଶତ ରୋଗୀ ପାଇଛନ୍ତି ସରକାରୀ ଲେନ୍ସ

**କଟକ ଅଫିସ, ୬।୧**

କଟକରେ ମୋତିଆବିନ୍ଦୁ ଲେନ୍ସ ର୍ୟାକେଟ୍ ସକ୍ରିୟ। ମୋତିଆବିନ୍ଦୁରେ ଆକ୍ରାନ୍ତ ରୋଗୀମାନଙ୍କୁ ସରକାର ମାଗଣାରେ ଏହି ଲେନ୍ସ ଯୋଗାଇଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏସ୍‌ସିବି ମେଡିକାଲରେ ମୋତିଆବିନ୍ଦୁ ଅପରେଶନ କରିଥିବା ମାତ୍ର ୪ ପ୍ରତିଶତ ରୋଗୀଙ୍କୁ ସରକାରୀ ଲେନ୍ସ ମିଳିଥିବାବେଳେ ୯୬ ପ୍ରତିଶତ ରୋଗୀ ବାହାରୁ ଏହି ଲେନ୍ସ କିଣି ଲଗାଇଛନ୍ତି। ଏହି ଲେନ୍ସର ଦାମ୍ ୫ହଜାରରୁ ୩୦ହଜାର ପର୍ଯ୍ୟନ୍ତ ରହିଛି। ତେଣୁ ଏହି କାରବାର ପଛରେ ବଡ଼ବଡ଼ିଆଙ୍କ ହାତ ରହିଥିବା ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଉପରୋକ୍ତ ର୍ୟାକେଟ୍ ଓ ଏଭଳି କାରବାର ସ୍ପଷ୍ଟ କରୁଛି।

ସାମାଜିକ କର୍ମୀ ଅଚ୍ୟୁତ ସାହୁ ଏସ୍‌ସିବି ମେଡିକାଲକୁ ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ କେତେକ ତଥ୍ୟ ମାଗିଥିଲେ। ସେଥିରେ ସେ ଜାଣିବାକୁ ଚାହିଁଥିଲେ, ୨୦୧୯ ଜାନୁୟାରୀ ପହିଲାରୁ ମେ’ ୩୦ ତାରିଖ ମଧ୍ୟରେ ଏସ୍‌ସିବି ମେଡିକାଲରେ କେତେ ସଂଖ୍ୟକ ମୋତିଆବିନ୍ଦୁ ରୋଗୀଙ୍କୁ ଲେନ୍ସ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ରୋଗୀ ବାହାରୁ ଲେନ୍ସ କିଣି ଆଣିଛନ୍ତି। ସରକାର ଯୋଗାଉଥିବା ଲେନ୍ସର ମାନ ଖରାପ ରହୁଛି କି ଇତ୍ୟାଦି ତଥ୍ୟ ସେ ମାଗିଥିଲେ। ଏହାର ଉତ୍ତରରେ ଏସ୍‌ସିବି ମେଡିକାଲ ପକ୍ଷରୁ କୁହାଯାଇଛି, ଉପରୋକ୍ତ ସମୟ ମଧ୍ୟରେ ମେଡିକାଲରେ



ମୋଟ୍ ୧୯୬୪ ରୋଗୀଙ୍କର ଆଖିରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ସେମାନଙ୍କ ମଧ୍ୟରୁ ୭୯ ଜଣ ଆଖିରେ ସରକାରୀ ଲେନ୍ସ ଲଗାଇଥିବାବେଳେ ବାକି ୧୮୮୫ ଜଣ ବାହାରୁ କିଣି ଆଣିଛନ୍ତି। ତେବେ ସରକାରୀ ଲେନ୍ସର ମାନ ଖରାପ ରହୁ ନ ଥିବା ସମ୍ପର୍କରେ ଡାକ୍ତରମାନେ ବାରମ୍ବାର କହୁଥିବାବେଳେ ଏତେ ସଂଖ୍ୟକ ରୋଗୀ କାହା ପ୍ରୋତ୍ସାହନରେ ବାହାରୁ ଖର୍ଚ୍ଚାନ୍ତ ହୋଇ ଲେନ୍ସ କିଣିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆବେଦନକାରୀ ସାହୁଙ୍କ କହିବାନୁଯାୟୀ, ଅଧିକାଂଶ ଡାକ୍ତର ରୋଗୀମାନଙ୍କୁ ଖୋଲାଖୋଲି କହୁଛନ୍ତି ଯେ, ସରକାରୀ ଲେନ୍ସ କାମ ଦେଉନି। ତେଣୁ ବାହାରୁ କିଣି ଆଣିଲେ ଏହା ଉତ୍କୃଷ୍ଟ ରହୁଛି। କିଛିଦିନ ତଳେ ସାହୁ ତାଙ୍କ ବାପାଙ୍କ ଆଖିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଏସ୍‌ସିବି ମେଡିକାଲ ଆସିଥିଲେ। ତାଙ୍କୁ ମଧ୍ୟ ବାହାରୁ ଲେନ୍ସ କିଣି ଆଣିବା ପାଇଁ କୁହାଯାଇଥିଲା ବୋଲି ସେ କହିଛନ୍ତି। ହେଲେ ଏସ୍‌ସିବି ମେଡିକାଲ ଚକ୍ଷୁ ବିଭାଗର ବରିଷ୍ଠ ପ୍ରଫେସର ପି.କେ. ନନ୍ଦ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବା କଥା ହେଉଛି, ଯଦି ରୋଗୀ ସ୍ୱଇଚ୍ଛାରେ ବାହାରୁ କିଣି ଆଣୁଥିବେ ଅଲଗା କଥା। କିନ୍ତୁ ଆମେ ସରକାରୀ ଲେନ୍ସକୁ ବାଧ୍ୟତାମୂଳକ କରିଛୁ। ଯଦି ସରକାରୀ ଲେନ୍ସକୁ ବାଧ୍ୟତାମୂଳକ କରାଯାଇଛି ତେବେ ଏତେ କମ୍ ସଂଖ୍ୟକ ରୋଗୀ କିଭଳି ସରକାରୀ ଲେନ୍ସ ପାଇଲେ ସେ ପ୍ରଶ୍ନର ଉତ୍ତରରେ ପ୍ରଫେସର ନନ୍ଦ କହିଛନ୍ତି, ସେ ତଥ୍ୟରେ କୌଣସି ଭୁଲ୍ ଥାଇପାରେ।

ସୂଚନାଥାଉ କି, ଲେନ୍ସର ଏଭଳି କଳା କାରବାରକୁ ରୋକିବା ପାଇଁ ତତ୍କାଳୀନ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଉଦ୍ୟମ ଆରମ୍ଭ କରିଥିଲେ। ଲେନ୍ସ କଳାବଜାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶ୍ର ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ ଆଦେଶ ଦେଇଥିଲେ। ଏବେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଉପରୋକ୍ତ ତଥ୍ୟ ପୁନର୍ବାର ପୂର୍ବ କାରବାର ବଳବତ୍ତର ଥିବା ସମ୍ପର୍କରେ ସୂଚନା ଦେଉଛି।

# ଓଡ଼ିଶୀ ନୃତ୍ୟଶିଳ୍ପୀ ମିନତି ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ୬।୧ (ବ୍ୟୁରୋ)**



ମିନତି ମିଶ୍ର (ଫାଇଲ ଫଟୋ)

ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ମିନତି ମିଶ୍ରଙ୍କର ସୋମବାର ସକାଳେ ପରଲୋକ ଘଟିଛି। ୯୧ ବର୍ଷ ବୟସରେ ସୁଇଜରଲାଣ୍ଡର ଜୁରିଚ୍ ସହରରେ ସେ ଚିରଦିନ ପାଇଁ ଆଖି ବୁଜିଛନ୍ତି। କର୍କଟ ରୋଗରେ ପୀଡ଼ିତ ହୋଇ ସେ ଗତ କିଛିଦିନ ହେବ ଚିକିତ୍ସିତ ହେଉଥିଲେ। ଓଡ଼ିଶୀକୁ ଦେଶ ବିଦେଶରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଡ. ମିଶ୍ର ଜଣେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ସହ ଉଚ୍ଚକୋଟୀର ଚଳଚ୍ଚିତ୍ର ଅଭିନେତ୍ରୀ ମଧ୍ୟ ଥିଲେ। ୧୯୨୯ରେ କଟକରେ ଜନ୍ମଗ୍ରହଣ କରିଥିବା ମିନତିଙ୍କ ପିଲାବେଳୁ ଓଡ଼ିଶୀ ନୃତ୍ୟ ପ୍ରତି ଦୁର୍ବଳତା ରହିଥିଲା। ଓଡ଼ିଶୀ ନୃତ୍ୟଗୁରୁ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କଠାରୁ ନୃତ୍ୟ ଶିକ୍ଷା କରିବା ପରେ ସେ ଗୁରୁ କେଲୁଚରଣ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ଶିଖିଥିଲେ। ଏହାପରେ ସେ କଳାକ୍ଷେତ୍ରରେ ଗୋଟିଏ ବର୍ଷ ପାଇଁ ଭାରତନାଟ୍ୟମ୍ ଶିକ୍ଷା କରିବା ପରେ ଜର୍ମାନର ଫିଲିପ୍ ୟୁନିଭର୍ସିଟି ଅଫ୍ ମାର୍‌ବର୍ଗରୁ ଇଣ୍ଡୋଲୋଜିରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ। ୧୯୬୪ ରୁ ୧୯୮୯ ପର୍ଯ୍ୟନ୍ତ ସେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିଥିଲେ। କେବଳ ନୃତ୍ୟରେ ନୁହେଁ, ଅଭିନୟ କ୍ଷେତ୍ରରେ ମଧ୍ୟ ସେ ବେଶ୍ ପାରଙ୍ଗମ ଥିଲେ। ‘ସୂର୍ଯ୍ୟମୁଖୀ’, ‘ଅରୁନ୍ଧତୀ’, ‘ଭାଇ ଭାଉଜ’, ‘ସାଧନା’, ‘ଜୀବନ ସାଥୀ’ ଭଳି ୫ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। କେବଳ ‘ଭାଇ ଭାଉଜ’ ବ୍ୟତୀତ ତାଙ୍କ ଅଭିନୀତ ପ୍ରତ୍ୟେକ ଚଳଚ୍ଚିତ୍ର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସଫଳ ହୋଇଥିଲା। କେବଳ ଏତିକି ନୁହେଁ, ଅଲ୍ ଇଣ୍ଡିଆ ରେଡିଓ ପକ୍ଷରୁ ‘ଗ୍ରେଡ୍ ଏ’ କଳାକାର ଆଖ୍ୟା ପାଇଥିବାବେଳେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପାଇଁ ସେ ‘ସଙ୍ଗୀତ ପ୍ରଭାକର’ ଆଖ୍ୟା ଅର୍ଜନ କରିଥିଲେ। ୧୯୭୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେହିଭଳି କଳା କ୍ଷେତ୍ରରେ ପ୍ରମୁଖ ଅବଦାନ ପାଇଁ ୨୦୧୨ରେ କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ।

**ଜେଏନ୍‌ୟୁରେ ଆକ୍ରମଣ ଘଟଣା**

# ଭାଜପାକୁ ବିଜେଡି, କଂଗ୍ରେସର ଟାର୍ଗେଟ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଜେଏନ୍‌ୟୁ ଆକ୍ରମଣ ଘଟଣାର ପ୍ରତିବାଦରେ ଓଡିଶାର ସବୁ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଘଟଣାକୁ ନିନ୍ଦା କରିଛନ୍ତି। ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିଓ୍ୱାଲ ଘଟଣାର ନିନ୍ଦା କରିବା ସାଙ୍ଗକୁ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଦଳର ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଗଣତନ୍ତ୍ରରେ ଭିନ୍ନମତକୁ ଗ୍ରହଣ କରିପାରୁନାହାନ୍ତି। ଜେଏନ୍‌ୟୁ ହଷ୍ଟେଲ ଭିତରେ ପଶି ଅନ୍ତେବାସୀଙ୍କୁ ଆକ୍ରମଣ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଗଣତନ୍ତ୍ରରେ ଭିନ୍ନମତ ପୋଷଣ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଏହା ସରକାରୀ ପ୍ରାୟୋଜିତ ଆକ୍ରମଣ। ଜେଏନ୍‌ୟୁ ଘଟଣା ସାରା ଦେଶର ଛାତ୍ର ସମାଜ ପାଇଁ ଏକ ଆହ୍ୱାନ। ଦଳମତ ନିର୍ବିଶେଷରେ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଏବଂ ସର୍ବୋପରି ଛାତ୍ର ସମାଜ ପ୍ରତି ଆକ୍ରମଣ ନିନ୍ଦନୀୟ। ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ସହିତ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ ବୋଲି ଦେବାଶିଷ କହିଛନ୍ତି।

**ରାଜ୍ୟବ୍ୟାପୀ ମହମବତି ଶୋଭାଯାତ୍ରା**

ବିଜେଡି ପକ୍ଷରୁ ମଧ୍ୟ ଘଟଣାକୁ ନିନ୍ଦା କରାଯିବା ସହ ଦଳର ନେତା ଚିନ୍ମୟ ସାହୁ କହିଛନ୍ତି, ଜେଏନ୍‌ୟୁରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରୁଛୁ। ଶିକ୍ଷା ଏବଂ ବୁଦ୍ଧିଜୀବୀଙ୍କ ଗନ୍ତାଘର କୁହାଯାଉଥିବା ଜେଏନ୍‌ୟୁରେ ଦୁର୍ବୃତ୍ତଙ୍କ ଆତଙ୍କରାଜ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରୁଛି। ଏହାକୁ ବିରୋଧ କରି ବିଜେଡି ପକ୍ଷରୁ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକରେ ହିଂସାରେ ଆହତ ହୋଇଥିବା ଛାତ୍ରୀଛାତ୍ରଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଭଳି ହିଂସାକାଣ୍ଡକୁ ନିନ୍ଦା କରିବା ସହ ସାରା ରାଜ୍ୟରେ ବିଜେଡି ପକ୍ଷରୁ ମହମବତି ଶୋଭାଯାତ୍ରା କରିବା ସହିତ ଶାନ୍ତିପୂର୍ଣ୍ଣଭାବେ ବିକ୍ଷୋଭ କରାଯାଇଛି ବୋଲି ସେ କହିଛନ୍ତି।

# ୧୯ରେ ଡଲଫିନ୍ ଗଣନା

**ରାଜନଗର, ୬।୧ (ଡି.ଏନ୍.ଏ.)**

**ଭିତରକନିକା ଜାତୀୟ ଉଦ୍ୟାନ**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଆସନ୍ତା ୧୯ ତାରିଖରେ ଡଲଫିନ୍ ଗଣନା କରାଯିବ। ୧୮ ତାରିଖରେ ଡଲଫିନ ଗଣନା ପାଇଁ ତାଲିମ ପ୍ରଦାନ କରାଯିବ ଓ ୧୯ ତାରିଖ ଦିନ ସକାଳୁ ଡଲଫିନ ଗଣନା ଆରମ୍ଭ ହେବ ବୋଲି ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଧାମରା ମୁହାଣଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଏବଂ ନଦୀରେ ଡଲଫିନ୍ ଗଣନା କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲଫିନ୍ ଗଣନା କରାଯାଉଥିବା ବେଳେ ୨୦୧୫ ଠାରୁ ଭିତରକନିକା, ପୁରୀ, ଭଦ୍ରକ, ବାଲେଶ୍ୱର ଓ ବାରିପଦାରେ ଡଲଫିନ୍ ଗଣନା କରାଯାଉଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବଡଗାଁ,୬।୧(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଧୀନ ବାଇବାଇ ଗାଁ ନିକଟରେ ସୋମବାର ସନ୍ଧ୍ୟା ୭ଟାରେ ଦୁର୍ଘଟଣା ଘଟିଛି। ଏକ ଭାରିଯାନ ପଛରେ ଜଣେ ବାଇକ୍ ଆରୋହୀ ଧକ୍କା ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ବାଇକ୍ ଆରୋହୀ ଉକ୍ତ ଗାଁର ବ୍ରଜମୋହନ ବେହେରା (୫୧)। ତାଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଲାଙ୍ଗୀର ଝିଅ ପାଇଲେ ଓଏଏସ୍



ଭୁବନେଶ୍ୱର, ୬।୧(ବ୍ୟୁରୋ)

ବଲାଙ୍ଗୀର ଜିଲା ବାଙ୍ଗିପଦରର ଉପାଞ୍ଜଳି ମାଝି ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ୨୧୮ ଜଣଙ୍କ ମଧ୍ୟରୁ ଉପାଞ୍ଜଳି ୧୭୩ତମ ସ୍ଥାନ ହାସଲ କରିଛନ୍ତି। ସେ ତାଙ୍କର ଦ୍ୱିତୀୟ ଉଦ୍ୟମରେ କୃତକାର୍ଯ୍ୟ ହୋଇଛନ୍ତି। ସେ ବର୍ତ୍ତମାନ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗରେ ଏଏସଓ ଭାବେ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟବ୍ୟସ୍ତତା ଭିତରୁ ସମୟ କାଢ଼ି ଉପାଞ୍ଜଳି ପରିଶ୍ରମ କରି ଏହି ସଫଳତା ପାଇଛନ୍ତି।

### ଶେୟାର ବଜାର ଉପରେ ୟୁଏସ୍-ଇରାନ ତିକ୍ତତା ପ୍ରଭାବ

# ନିବେଶକଙ୍କୁ ୩ ଲକ୍ଷ କୋଟି ଟଙ୍କା କ୍ଷତି

**ମୁମ୍ବାଇ,୬।୧**




ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ସୋମବାର ୭୮୮ ପଏଣ୍ଟ ହ୍ରାସ ଘଟିଛି। ଏହା ୬ ମାସ ମଧ୍ୟରେ ସବୁଠାରୁ ବଡ ହ୍ରାସ ବୋଲି ଜଣାପଡିଛି। ଇରାନ ଉପରେ ଆମେରିକା ଏୟାର ଷ୍ଟ୍ରାଇକ କରିବା ପରେ ଇରାନ ସେନାର ଶୀର୍ଷ କମାଣ୍ଡରଙ୍କ ମୃତ୍ୟୁ ଘଟିବା ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢିଛି। ଏଭଳି ସ୍ଥିତିରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଛି। ଆମେରିକା ଇରାନର ୫୦ ସ୍ଥାନ ଉପରେ ଆକ୍ରମଣ କରିବ ବୋଲି ଚେତାବନୀ ମଧ୍ୟ ଦେଇଛି। ଯାହାର ପ୍ରଭାବ ସାରା ବିଶ୍ୱର ଶେୟାର ବଜାର ଉପରେ ଗତ କିଛି ଦିନ ହେବ ଦେଖାଯାଇଛି। ହେଲେ ଏହାର ପ୍ରଭାବରେ ସୋମବାର ଭାରତୀୟ ଶେୟାର ବଜାର ୬ ମାସର ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଏହାଯୋଗୁ ନିବେଶକ ୩.୩୭ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ଅଶୋଧିତ ତୈଳ ଦର ବଢିବା ଯୋଗୁ ନିବେଶକମାନେ ନିରାପଦ ଆସେଟ୍ ଉପରେ ନିବେଶ ନେଇ ଅଗ୍ରସର ହେବାରୁ ବଜାର ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି।

ଜୁଲାଇ ପରଠାରୁ ସେନ୍‌ସେକ୍ସର ପରଫରମାନ୍ସ ସୋମବାର ସବୁଠାରୁ ଖରାପ ରହିଛି। ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୭୮୭.୯୮ ପଏଣ୍ଟ ବା ୧.୯୦% ୪୦,୬୭୬.୬୩ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଦିନ ମଧ୍ୟରେ ସେନସେକ୍ସ ୪୦,୬୧୩.୯୬ ପଏଣ୍ଟ ସ୍ତରକୁ ଖସିଥିଲା। ଏହାବାଦ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୨୩୩.୬୦ ପଏଣ୍ଟ ବା ୧.୯୧% ଖସିବା ଯୋଗୁ ଏହା ୧୧,୯୯୩.୦୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ବିଏସ୍‌ଇ ସେନସେକ୍ସର ବିଭିନ୍ନ କ୍ଷେତ୍ରର ଶେୟାର କାରବାର କ୍ଷତିଗ୍ରସ୍ତ ରହିଛି। ଧାତୁ, ଫାଇନାନ୍ସ, ରିୟଲ ଇଷ୍ଟେଟ, ବ୍ୟାଙ୍କିଙ୍ଗ, ଶକ୍ତି, ଅଟୋମୋବାଇଲ, ତୈଳ ଏବଂ ବାଷ୍ପ, କ୍ୟାପିଟାଲଗୁଡସ୍ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୂଚୀ ୨.୯୬% ହ୍ରାସ ହୋଇଛି। ସେନସେକ୍ସର ମିଡକ୍ୟାପ ଏବଂ ସ୍ମଲ କ୍ୟାପ୍ ୨.୩୧ ପର୍ଯ୍ୟନ୍ତ ହ୍ରାସ ଘଟିଛି। ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିବା ଯୋଗୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଛି। ଟଙ୍କା ମୂଲ୍ୟ ଡଲାର ତୁଳନାରେ ୧୩ ପଇସା କମିବା ସହ ୭୧.୯୩ ସ୍ତରରେ ରହିଛି। ସେହିଭଳି ସୁନା ଦର ସର୍ବକାଳୀନ ରେକର୍ଡ ୪୧,୭୩୦ ସ୍ତର ଛୁଇଁଥିବା ନଜରକୁ ଆସିଛି।

ଆମେରିକା-ଇରାନ ମଧ୍ୟରେ ତିକ୍ତତା ଆହୁରି ବଢିବ ବୋଲି ନିବେଶକମାନେ ଆଶଙ୍କା କରିଥିବା ଜିଓଜିତ ଫାଇନାନସିଆଲ ସର୍ଭିସେସର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି। ଏଥିଲାଗି ନିବେଶକ ପୁଞ୍ଜି ବଜାର ନିବେଶକୁ ବାଦ ଦେଇଥିବାରୁ ବଜାରରେ ଏଭଳି ସ୍ଥିତି ଦେଖାଯାଇଛି। ଭାରତ ଏହାର ଇନ୍ଧନ ଆବଶ୍ୟକତା ପୂରଣ ଲାଗି ବିଦେଶୀ ବଜାର ଉପରେ ନିର୍ଭର କରୁଛି। ଅନ୍ତର୍ଜାତୀୟ ବଜାରରେ କୌଣସି ଅସୁବିଧା ଆସିଲେ ଏହାର ପ୍ରଭାବ ଭାରତୀୟ ବଜାର ଉପରେ ସବୁବେଳେ ପଡି ଆସିଛି। ନିବେଶକ ଶେୟାର ପରିବର୍ତ୍ତେ ଏବେ ସୁନା ଉପରେ ଧ୍ୟାନ କେନ୍ଦ୍ରିତ କରିବାରୁ ସୁନା ଦର ହଠାତ ବଢିଥିବା ସାଙ୍କଟମ୍ ୱେଲଥର ଇକ୍ୱିଟି ଇନଭେଷ୍ଟମେଣ୍ଟ ପ୍ରଡକ୍ଟ ପୋର୍ଟଫୋଲିଓ ମ୍ୟାନେଜର ହେମାଙ୍ଗ କାପାସି କହିଛନ୍ତି।


**OFFICE OF THE PURI MUNICIPALITY, PURI**

Phone: 06752 222122, e-mail: purim.hud@nic.in

No. 66 Dt. 04.01.20

Sealed quotations are invited from the intending agencies/firms having experience in sanitation activities for "Management & maintenance of cleaning activity at premises of Main office, Health Office, Kalyan mandap, Town Hall, Gadikhana store offices under SWACHHA OFFICE PROJECT as per the terms & condition available in the website **www.purimunicipality.nic.in**.

The quotation paper along with terms & conditions shall be submitted to the Office of the Executive Officer, Puri Municipality, Puri on or before 21.01.2020 at 5 PM through Speed Post/Regd. Post only.

The authority reserves the right to reject any or all the tenders without assigning any reason thereof.

**Sd./- Executive Officer,**
**Puri Municipality, Puri**



**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**

**Letter No. 36/ (DMF)** **Dated the 06.01.2020**

**RFP NO:- DMF/SNG/12-2019-20**

| | | | |
|---|---|---|---|
| 1. | Nature of Work | : | Tender for hiring of Buses for Sundargarh. |
| 2. | Availability of bid document in the website | : | From 11.00 AM of 07.01.2020 to 21.01.2020 upto 5.00 PM |
| 3. | Last date of receipt of Bid | : | 21.01.2020 upto 5.00 PM |
| 4. | Mode of Receipt of Bids | : | Through Speed Post/Registered Post (India Post)/ and by no other means. |
| 5. | Date of opening of Technical Bid and Commercial Bid | : | Date: 22.01.2020 at 11.00 AM |
| 6. | The bidders have to participate in OFF-LINE bidding only. Further details can be seen from the Sundargarh District website **(www.sundergarh.nic.in)**. Any addendum/ corrigendum/ cancellation of tender can also be seen in the said websites. If any query then contact E-mail ID- **dmfsundergarh@gmail.com** | | |

**Sd./-**
**Collector & Chairperson,**
**DMF, Sundargarh**



**OFFICE OF THE MUNICIPAL COUNCIL, RAIRANGPUR**

**Phone No:-06794-222054**
**E-Mail ID:-rairangpurn.hud@ori.nic.in/rrpurnac@gmail.com**
**“e” PROCUREMENT NOTICE**

**No.46** **TENDER CALL NOTICE** **Dt. 06.01.2020**

**BID IDENTIFICATION NO:- T7RRP2019-20**

Bid documents consisting of Speciation the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

1. **Nature of the works :- Sanitation Works 1 (ONE) no.**
2. **No. of Works :- Bid Identification No. T7RRP2019-20**

| Procurement Officer | Bid Identification No. | Availability of Tender on-line for bidding | | End Date for Submission of Bid documents EM D. Tender Paper Cost Etc. as per DTCN dropping on the Office Tender BOX Otherwise tender will be rejected | Date & Time of opening of tender |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Executive Officer, Rairangpur Municipality | T7RRP2019-20 | 07.01.2020 At 10.00 P.M. | 16.1.2020 Up to 5.00 PM | 17.01.2020 up to 5.00PM | 18.01.2020 At 11 AM |

8. If all the tender work will be not completed within fixed period mention in the tender schedule the work agreement and work order automatically canceled.
9. The Authority reserves the right to reject any or all tender without assigning any reason thereof.
10. Further the details can be seen from the procurement portal:- www.tendersorissa.gov.in

**Sd./- Executive Officer,**
**Rairangpur Municipality**



**PANCHAYAT SAMITI DEGREE COLLEGE, BARGAON**

**At/Po: Bargaon, Dist: Sundargarh (770016) (Odisha),**
**E-mail: psdcbargaon@gmail.com**

Applications are invited for the following Posts for recruitment in the College. Desirous candidates with requisite qualification may attend an interview to be held in the office of the principal at 10.00 AM on dt. 21.01.2020 with bio-data, xerox copies of all testimonials and all original certificates for verification.

| Sl. No. | Name of the Post | Qualification |
|---|---|---|
| 1. | Lecturer in History, Economics & Political Science | Post Graduate Degree in the Subject with at least 55% of marks. |
| 2. | Junior Clerk | Gaduation with proficiency in Computer. |
| 3. | Watch Man | HSC with good and sound physicque. |

Salary is negotiable and no TA/DA shall be borne by the institution.

**Sd./- Principal I/C cum-Secretary**
**P.S. Degree College, Bargaon**



**DISTRICT PROJECT OFFICE**
**SAMAGRA SIKHYA, NABARANGPUR**

**No. 72 / Ped/2020** **Date: 06.01.2020**

**TENDER CALL NOTICE FOR PRINTING & SUPPLY OF QUESTION-CUM-ANSWER SHEET AND STUDENT REPORT CARD 2019-20**

Sealed tenders under two bid system are invited in prescribed format from the registered offset printers for printing and supply of Question-Cum-Answer sheet including MLE Language & Student Report Card for the Summative Assessment-II, 2019-20 of Nabarangpur district. The detailed terms and conditions can be downloaded from the official website **http://osepa.odisha.gov.in/**and **http.//www.nabarangpur.nic.in**.

By the order of Collector-cum-Chairman
**Sd./- District Project Coordinator**
**Samagra Sikhya, Nabarangpur**



**ODISHA COOPERATIVE TASAR & SILK FEDERATION (SERIFED) LTD.**
**Sahid Nagar, Janpath, Bhubaneswar-751007**
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

**Bid identification no :- VI-29 (33)/SERIFED/2019-20/24/ Dt. 06.01.2020**

The MANAGING DIRECTOR (SERIFED), Odisha, Bhubaneswar invites percentage rate bids in double cover system in ONLINE MODE only, for work “Establishment of Womens Weaving Centre” at Atta Weavers Co-op Society Ltd., Atta, Sainkul, Keonjhar as follows. **(1) Nature of the work :** Construction of building (Civil, Electrical, Water Supply and Sanitation) etc. **(2) Value of Tender : Rs.2,31,88,117/-** (Excluding GST), **(3) Cost of bid document** : Rs.10,000/- + 1800 (GST @18%), **(4) EMD : Rs.2,31,881/-, (5) Class of Contractor :** “B” & “Above” Class, **(6) Availability of Bid Documents in the website - www.tendersodisha.gov.in :** Dt.08.01.2020 to 29.01.2020 up to 5.00 PM, **(7) Pre bid meeting for clarification of bidders :** Dt.16.01.2020 at 3.00 P.M. in the office of SERIFED, **(8) Last date / time of receipt of Bids in the Portal :** Dt.29.01.2020 up to 5.00 PM, **(9) Date of Opening of Technical Bid (Online) :** 11.30 A.M. on Dt.30.01.2020. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**. Any addendum/corrigendum / cancellation of tender can also be seen in the said website.

**Sd/- Managing Director**



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001**
**email: ceworldbankprojects@gmail.com**
**ROAD CONNECTIVITY PROJECT OF LEFT WINGEXTREMISM AFFECTED AREA (RCPLWEA)**
**e-Procurement Notice**
**Bid Identification No. CE-WBP(O)-09/2019-20**
**File No- CERP-RCPLWE-PH-2-14/2018**

No.B-533 :- The Chief Engineer, (World Bank Projects), Bhubaneswar, Odisha on behalf of Odisha State Rural Connectivity Project Agency invites the percentage rate bids in electronic tendering system for construction of roads using New Technology under RCPLWEA in the districts of Malkangiri & Rayagada for 13 number of packages with estimated cost as mentioned in IFB totaling to Rs.5043.86lakhs including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement.dtd.10.01.2020.**

Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in.** The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.E., (World Bank Projects), NirmanSoudha, Unit-V, Bhubaneswar-751001, Odisha, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement:10.02.2020upto 5.00 P.M**

For further details please log on to **www.pmgsytenders.gov.in**

**Sd./- A. K. Tripathy**
**Chief Engineer, World Bank Projects, Odisha**
**O/o E.I.C (Civil), Odisha Nirman Soudha,**
**Unit-V, Bhubaneswar-751001**
**34003/11/0014/1920**

# ଜେଏନ୍‌ୟୁ ଆକ୍ରମଣ ସବୁଠି ପ୍ରତିବାଦ

ମୁମ୍ବାଇ



ମୁମ୍ବାଇର ହୁତାତ୍ମା ଚୌକରୁ ଗେଟୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ବିକ୍ଷୋଭ ଶୋଭାଯାତ୍ରାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ସାମାଜିକ କର୍ମୀ।

ମୁମ୍ବାଇ



ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କୁ ଆକ୍ରମଣର ପ୍ରତିବାଦ କରୁଛନ୍ତି ବଲିଉଡ କଳାକାର, ଫିଲ୍ମ ନିର୍ମାତା।

ଚେନ୍ନାଇ




ମାଡ୍ରାସ ୟୁନିଭର୍ସିଟି ଛାତ୍ରୀଛାତ୍ର ଜେଏନ୍‌ୟୁ ହିଂସା ବିରୋଧରେ ଚେନ୍ନାଇଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ରବିବାର ରାତିରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ମୁଖାପିନ୍ଧା ଦୁର୍ବୃତ୍ତମାନଙ୍କ ମରଣାନ୍ତକ ଆକ୍ରମଣର ପ୍ରତିବାଦ ସୋମବାର ସାରା ଦେଶରେ ଦେଖିବାକୁ ମିଳିଛି। ବିଭିନ୍ନ ଛାତ୍ର ସଂଗଠନ, ରାଜନୈତିକ ଦଳ, ସାମାଜିକ ସଂଗଠନ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ବିକ୍ଷୋଭ, ଶୋଭାଯାତ୍ରା କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣା ପଛରେ ଆରଏସ୍ଏସ୍‌ର ଛାତ୍ର ସଂଗଠନ ଏବିଭିପିର ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛନ୍ତି ବିଭିନ୍ନ ବାମପନ୍ଥୀ ଦଳ ଓ ଅନ୍ୟାନ୍ୟ ସଂଗଠନ। ସେମାନେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି କରିଛନ୍ତି।**

ନୂଆଦିଲ୍ଲୀ



ଜେଏନ୍‌ୟୁ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

ହାଇଦ୍ରାବାଦ




ହାଇଦ୍ରାବାଦ ଓସ୍‌ମାନିଆ ୟୁନିଭର୍ସିଟି ସମ୍ମୁଖରେ ଛାତ୍ର, ପ୍ରଫେସର ଓ ବିଭିନ୍ନ ଏନ୍‌ଜିଓ ପ୍ରତିନିଧି ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୁରୀ




ପୁରୀରେ ଏସ୍ଏଫ୍ଆଇ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା।

କଟକ




କଟକ କଲେଜ ଛକ ନିକଟରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ




କଟକ କଲେଜ ଛକରୁ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଭୁବନେଶ୍ୱର




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର




ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ।

ଭୁବନେଶ୍ୱର




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ବିକ୍ଷୋଭ।

ଭୁବନେଶ୍ୱର




ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଶା ବିପିୟୁଟି ଡିପ୍ଲୋମା ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ।

ଭୁବନେଶ୍ୱର




ଓଡ଼ିଶା ଷ୍ଟାଣ୍ଡସ୍ ୱିଥ୍ ଜେଏନ୍‌ଓ ପକ୍ଷରୁ ମ୍ୟାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ଓ କ୍ୟାଣ୍ଡେଲ ଶୋଭାଯାତ୍ରା।

ଭୁବନେଶ୍ୱର




ଏଓବିଏସ୍ଓ ଏବଂ ଏଓଡିଏସଓ ପକ୍ଷରୁ ରାଜମହଲ ଛକରେ କ୍ୟାଣ୍ଡେଲ ଶୋଭାଯାତ୍ରା।

## ସଂକ୍ଷେପରେ

### ୧୩ ପଇସା ଖସିଲା ଟଙ୍କା



ମୁମ୍ବାଇ,୬-୧
ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୧୩ ପଇସା ଖସି ୭୧.୯୩ ସ୍ତରରେ ରହିଥିବା ଜଣାପଡିଛି। ବିଶ୍ୱସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ମଧ ପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହାର ପ୍ରଭାବ ଭାରତ ବଜାର ଉପରେ ପଡିଥିବା ବିଦେଶୀ ମୁଦ୍ରା ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ୭୨.୦୩ ସ୍ତରରୁ କାରବାର ଆରମ୍ଭ କରିଥିଲା। ଦିନ ମଧରେ ଡୋମେଷ୍ଟିକ ୟୁନିଟ ନିମ୍ନ ସ୍ତର ୭୨.୧୧ ଟଙ୍କା ଛୁଇଁଛି। କାରବାର ଶେଷ ବେଳକୁ ଟଙ୍କା ମୂଲ୍ୟରେ କିଛିଟା ଉନ୍ନତି ଆସିଥିବା ବେଳେ ଏହା ୧୩ ପଇସା ନିମ୍ନରେ ରହି ୭୧.୯୩ ସ୍ତରରେ ବନ୍ଦ ହୋଇଛି। ଶୁକ୍ରବାର ଟଙ୍କା ୭୧.୮୦ ସ୍ତରରେ ବନ୍ଦ ହୋଇଥିଲା। ଗତ ୩ଟି ସେସନରେ ଟଙ୍କା ମୂଲ୍ୟ କମୁଥିବା ଦେଖାଯାଇଛି।

### ସେବା କ୍ଷେତ୍ର ପିଏମ୍‌ଆଇରେ ଉନ୍ନତି

ମୁମ୍ବାଇ,୬-୧
ଡିସେମ୍ବର ମାସରେ ଦେଶର ସେବା କ୍ଷେତ୍ର କାର୍ଯ୍ୟକଳାପରେ ଉନ୍ନତି ଆସିଥିବା ଜଣାପଡିଛି। ଏହି ସମୟରେ ଉକ୍ତ କ୍ଷେତ୍ରର କାର୍ଯ୍ୟକଳାପ ୫ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆର ସର୍ଭିସେସ ବିଜନେସ ଆକ୍ଟିଭିଟି ଇଣ୍ଡେକ୍ସ ନଭେମ୍ବରରେ ୫୨.୭% ରହିଥିଲା। ଏହା ଡିସେମ୍ବରରେ ୫୩.୩%କୁ ବୃଦ୍ଧି ଘଟିଛି। ନୂଆ ଅର୍ଡରରେ ବୃଦ୍ଧି ଏବଂ ନିଯୁକ୍ତିରେ ବୃଦ୍ଧି ଏହି ସମୟରେ ହୋଇଥିବା ରିପୋର୍ଟରେ କୁହାଯାଇଛି।



ଅର୍ଥବ୍ୟବସ୍ଥାରେ ପ୍ରକୃତ ସମସ୍ୟା କେଉଁଠାରେ ରହିଛି ସେ ସମ୍ପର୍କରେ ସରକାର ସମ୍ପୂର୍ଣ୍ଣ ଅଜ୍ଞ।
– ପି.ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ



ବିଭିନ୍ନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ଦ୍ୱାରା ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ଦିଗରେ ସହାୟକ ହେବ।
–ପୀୟୂଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ

# ୭୦ ଡଲାର ଟପିଲା ଅଶୋଧିତ ତେଲ ଦର

ନୂଆଦିଲ୍ଲୀ,୬-୧

**ଅନ୍ତର୍ଜାତୀୟ ବଜାର ଉପରେ ଆମେରିକା-ଇରାନ୍ ତିକ୍ତତାର ପ୍ରଭାବ**

- ସୋମବାର ଡିଜେଲ ୧୭ ପଇସା , ପେଟ୍ରୋଲ ୧୫ ପଇସା ବଢ଼ିଲା
- ଲଗାତର ତେଲ ଦର ବଢ଼ୁଛି
- ସରକାରଙ୍କ ଲାଗି ଚିନ୍ତା ବଢ଼ାଇବ



ଘରୋଇ ବଜାରରେ ପେଟ୍ରୋଲ ଲିଟର ପିଛା ସୋମବାର ୧୫ ପଇସା ଏବଂ ଡିଜେଲ ୧୭ ପଇସା ଦର ବୃଦ୍ଧି ଘଟିଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୭୦ ଡଲାର ଛୁଇଁଛି। ମାଧ୍ୟପ୍ରାଚ୍ୟରେ ଉପୁଜିଥିବା ଯୁଦ୍ଧ ସ୍ଥିତି ଯୋଗୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀରେ ପେଟ୍ରୋଲର ରିଟେଲ ପମ୍ପ ମୂଲ୍ୟ ବୃଦ୍ଧି ଘଟି ୭୫.୬୯ ଟଙ୍କା ସ୍ତର ଝୁଇଁଛି। ୨୦୧୮ ନଭେମ୍ବର ପରେ ଏହା ସର୍ବାଧିକ ସ୍ତର ବୋଲି କୁହାଯାଉଛି। ଏହାବାଦ ଡିଜେଲ ଦର ୬୮.୬୮ ଟଙ୍କାକୁ ବୃଦ୍ଧି ଘଟିଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ଦେଇଥିବା ସୂଚନାରୁ ଏହା ଜଣାପଡିଛି। ଲଗାତର ଭାବେ ୫ ଦିନ ଧରି ଇନ୍ଧନ ଦର ବୃଦ୍ଧି ଘଟୁଛି। ବ୍ରେଣ୍ଟ ଫିଚର ଅଶୋଧିତ ତୈଳ ୩.୧% ବା ୨.୧୪ ଡଲାର ବଢ଼ିବା ଯୋଗୁ ବ୍ୟାରେଲ ପ୍ରତି ଏହାର ଦର ୭୦.୭୪ ଡଲାର ରହିଛି। ସେହିଭଳି ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ୧.୭% ବଢ଼ିବା ସହ ୬୪.୧୦ ସ୍ତର ଛୁଇଁଥିବା ନ୍ୟୁୟର୍କ ମର୍ଚ୍ଚାଣ୍ଟାଇଲ ଏକ୍ସଚେଞ୍ଜ ପକ୍ଷରୁ ସୂଚନା ରହିଛି।

ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଏବେ ଦରଦାମ ବଢ଼ିଥିବା ବେଳେ ତେଲ ଦର ଲଗାତର ଭାବେ ବଢୁଥିବାରୁ ଏହା ସରକାରଙ୍କ ଲାଗି ଚିନ୍ତା ବଢ଼ାଇବ ବୋଲି କୁହାଯାଉଛି। ତେଲର ଚଢ଼ାଦର ଲାଗି ରହିଲେ ଏଥି ଲାଗି ସରକାରଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହେବ ବୋଲି କୁହାଯାଉଛି। ଜାନୁୟାରୀ ୨ ପରଠାରୁ ପେଟ୍ରୋଲ ଦର ୫୩ ପଇସା ଏବଂ ଡିଜେଲ ଦର ୭୨ ପଇସା ବଢ଼ିଛି। ଡିସେମ୍ବର ୨୬ ପରଠାରୁ ପେଟ୍ରୋଲ ଦର ବଢି ଚାଲିଥିବା ବେଳେ ଡିଜେଲ ନଭେମ୍ବର ୨୯ ପରଠାରୁ ବଢ଼ିଚାଲିଛି। ଏହି ସମୟ ମଧ୍ୟରେ ଡିଜେଲ ଦର ଲିଟର ପିଛା ୨.୯୫ ଟଙ୍କା ଏବଂ ପେଟ୍ରୋଲ ଦର ୧.୦୬ ଟଙ୍କା ବୃଦ୍ଧି ଘଟିଛି।

ସୌଦି ତୈଳ କୂପ ଉପରେ ଡ୍ରୋନ ଆକ୍ରମଣ ହେବା ପରେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଗତ ସେପ୍ଟେମ୍ବର ମାସଠାରୁ ଉଚ୍ଚରେ ରହିଛି। ତେଲ ଦର ବୃଦ୍ଧି ଜନିତ ସମସ୍ୟା ଜାପାନ ଏବଂ ହଂକଂ ଭଳି ସ୍ଥାନଗୁଡିକରେ ମଧ୍ୟ ଦେଖାଯାଉଛି। ଭାରତ ଏହାର ୮୪% ତେଲ ଆବଶ୍ୟକତା ଆମଦାନୀ ଦ୍ୱାରା ପୂରଣ କରିଥାଏ। ଭାରତ ଏହାର ପ୍ରାୟ ଦୁଇ ତୃତୀୟାଂଶ ତେଲ ଆବଶ୍ୟକତା ମଧ୍ୟପ୍ରାଚ୍ୟ ଦେଶଗୁଡିକର ତେଲ ଦ୍ୱାରା ପୂରଣ କରୁଛି। ଏହା ମଧ୍ୟରେ ଇରାକ ଏବଂ ସୌଦି ଆରବ ପ୍ରମୁଖ ରାଷ୍ଟ୍ର ସାମିଲ ଅଛନ୍ତି। ଭାରତ ଉପରେ ତ୍ୱରିତ ଭିତ୍ତିରେ ଯୋଗାଣ କ୍ଷେତ୍ରରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। କେବଳ ମୂଲ୍ୟ ବଢ଼ିବା ନେଇ ସେ ସ୍ପଷ୍ଟ କରିଛନ୍ତି। ଇନ୍ଧନ ଦରକୁ ନିୟନ୍ତ୍ରଣରେ ରଖିବା ବର୍ତ୍ତମାନ ବଜାର ଲାଗି ଏକ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

# ସର୍ବକାଳୀନ ରେକର୍ଡ ସ୍ତରରେ ସୁନା

ନୂଆଦିଲ୍ଲୀ,୬-୧:



- ୧୦ ଗ୍ରାମ୍ ପିଛା ମୂଲ୍ୟ ୪୧,୭୩୦
- ଗୋଟିଏ ଦିନରେ ବଢ଼ିଲା ୭୨୦ ଟଙ୍କା

ସୋମବାର ସୁନା ଦର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ଏହି ସମୟରେ ୧୦ ଗ୍ରାମ ପିଛା ସୁନା ଦର ୪୧,୭୩୦ ଟଙ୍କା ସ୍ତରରେ ରହିଛି। ଗୋଟିଏ ଦିନରେ ସୁନା ୭୨୦ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଶେୟାର ବଜାର କାରବାର ମାନ୍ଦା ରହିବା ଯୋଗୁ ସୁନା ପ୍ରତି ଲୋକଙ୍କର ଚାହିଦା ବଢ଼ିଛି ବୋଲି ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ରୁପା ଦାମ ମଧ ବଢ଼ିଛି। ରୁପା ଦର ୧,୧୦୫ ଟଙ୍କା ବଢ଼ିଥିବା ବେଳେ କିଲୋ ପ୍ରତି ଏହାର ଦର ୪୯,୪୩୦ ଟଙ୍କା ରହିଛି। ଏହାର ପୂର୍ବ ଟ୍ରେଡରେ ରୁପା ଦର କିଲୋ ପ୍ରତି ୪୮,୩୨୫ ଟଙ୍କା ରହିଥିଲା। ସେହିଭଳି ପୂର୍ବ ଟ୍ରେଡରେ ସୁନା ଦାମ ୪୧,୦୧୦ ଟଙ୍କାରେ ବନ୍ଦ ହୋଇଥିଲା। ଇରାନ-ଆମେରିକା ମଧ୍ୟରେ ଯୁଦ୍ଧ ଆଶଙ୍କା, ଡଲାର ତୁଳନାରେ ଟଙ୍କା ମୂଲ୍ୟ ଖସିବା ଏବଂ ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢ଼ିବା ଯୋଗୁ ଭାରତ ବଜାର ଉପରେ ଏହାର ପ୍ରଭାବ ପଡିଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିର ପିସିଜି ଆଡଭାଇଜରି ମୁଖ୍ୟ ଦେବାର୍ଷ ଭାକିଲ କହିଛନ୍ତି। ବିଶ୍ୱ ବଜାରରେ ସୁନା କାରବାର ଆଉନ୍ସ ପ୍ରତି ୧୫୭୫ ଡଲାର ଛୁଇଁଛି। ସେହିଭଳି ରୁପା ୧୮.୩୪ ପ୍ରତି ଆଉନ୍ସ ରହିଛି।ସୋମବାର ପୂର୍ବାହ୍ନରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୩୧ ପଇସା ଖସିଥିବା ଦେଖାଯାଇଥିଲା। ଫଳରେ ଡଲାର ତୁଳନାରେ ଟଙ୍କା ୭୨.୧୧ ସ୍ତରକୁ ଖସି ଆସିଥିଲା।

## ଆର୍‌ଓସି ଆବେଦନ ଖାରଜ କଲେ ଏନ୍‌ସିଏଲ୍‌ଏଟି

**ମୁମ୍ବାଇ,୬-୧:** ଟାଟା-ମିସ୍ତ୍ରି କର୍ପୋରେଟ ମାମଲାରେ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ଟାଟା ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ସାଇରସ ମିସ୍ତ୍ରୀଙ୍କୁ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଇବା ବେଆଇନ ଥିଲା ବୋଲି ଟ୍ରିବ୍ୟୁନାଲ କହିଥିଲେ। ଏହା ସହ ମିସ୍ତ୍ରିଙ୍କୁ ପୁଣି ଥରେ ଟାଟାସନ୍ସ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିବାକୁ ଟ୍ରିବ୍ୟୁନାଲ କହିବା ସହ ଟାଟାସନ୍ସକୁ ଏକ ଘରୋଇ କମ୍ପାନୀ ଭାବେ ପରିବର୍ତ୍ତନକୁ ବେଆଇନ ବୋଲି ରାୟରେ କୁହାଯାଇଥିଲା। ଏହି ରାୟରେ ସଂଶୋଧନ କରିବାକୁ ରେଜିଷ୍ଟ୍ରାର ଅଫ୍ କମ୍ପାନିଜ(ମୁମ୍ବାଇ) ପକ୍ଷରୁ ଏନ୍‌ସିଏଲ୍‌ଏଟିର ଆବେଦନ କରାଯାଇଥିଲା। ଏହି ଆବେଦନ ଉପରେ ଟ୍ରିବ୍ୟୁନାଲ ରାୟକୁ ସଂରକ୍ଷିତ ରଖିଥିଲେ। ସୋମବାର ଆସିଥିବା ରାୟରେ ଆର୍‌ଓସି ଆବେଦନକୁ ଖାରଜ କରାଯାଇଛି ଏବଂ ରାୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଟ୍ରିବ୍ୟୁନାଲ କହିଛନ୍ତି।

## ଏସ୍‌ଆର୍‌ଏମ୍ ପକ୍ଷରୁ ସମାବର୍ତ୍ତନ ଉତ୍ସବ

**କଟନକୁଲଥର,୬-୧:** ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୮୮୪ ଛାତ୍ରୀଛାତ୍ର ମେଡାଲ, ର୍ୟାଙ୍କ, ଡିଗ୍ରୀ ଗ୍ରହଣ କରିଛନ୍ତି। ନୂଆ ବର୍ଷରେ ନୂଆ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏଣୁ ପ୍ରତିଦିନକୁ ଚ୍ୟାଲେଞ୍ଜ ଭାବେ ନେଇ ଅଗ୍ରସର ହେବାକୁ ଏମ୍ସର ମଙ୍ଗଳାଗିରି ଆନ୍ଧ୍ରପ୍ରଦେଶର ସଭାପତି ଡ.ଟି.ଏସ୍.ରାଜକୁମାର କହିଛନ୍ତି। ଛାତ୍ରୀଛାତ୍ର ସମୟର ଠିକ୍ ଉପଯୋଗ କରିବାକୁ ଏଠାରେ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ରମରେ ଏଆଇସିଟିଇର ପୂର୍ବତନ ଅଧ୍ୟକ୍ଷ ଡ.ଦାମୋଦର ଆଚାର୍ଯ୍ୟ, ଅନୁଷ୍ଠାନର ପ୍ରତିଷ୍ଠାତା ଚାନ୍ସେଲ୍‌ର ଡ.ଟି.ଆର୍.ପାରିଭେନ୍ଦର, କୁଳପତି ଡ. ସନ୍ଦିପ ସାଞ୍ଚେତି,ସଭାପତି ପି.ସତ୍ୟେନ୍ଦ୍ରିୟନ, ଉପସଭାପତି ଆର୍.ଶିଭକୁମାର, ପ୍ରୋ ଭାଇସ ଚାନସେଲର ଟିପି ଗଣେଷନ, ପ୍ରୋ ଭାଇସଚାନସେଲର ଆର୍.ବାଲସୁବ୍ରମଣ୍ୟନ ଏବଂ ରେଜିଷ୍ଟ୍ରାର ଏନ୍.ସେଥୁରାମନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।





**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: http://www.bda.gov.in/

No. 07 Date. 06.01.2020

'e' Procurement Notice, BID IDENTIFICATION NO. BDA/06- EE-III/2019-20

Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Single cover system to be received in online mode only for the work detailed below.

| | | | |
|---|---|---|---|
| 1. | No. of works | - | Development of Lilly Pool area in Biju Patnaik Park, Bhubaneswar. |
| 2. | Estimated Cost | - | Approximate Rs.5.45 Lakh |
| 3. | Period of Completion | - | 45 (Forty Five) Days |
| 4. | Tender Cost | - | Rs. 4,480/- including 12% GST |
| 5. | Date & Time of availability of Bid | - | 08.01.2020 to 5.00 P.M. of 18.01.2020 |
| 6. | Class of Contractor | - | 'D' Class & 'C' Class |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in/.
*N.B. The quoted rate should be all inclusive but excluding G.S.T. applicable under works contract.*

Sd/-
Executive Engineer,
Division No.III, BDA.



**Form No. INC-26**
[Pursuant to rule 30 the Companies (Incorporation) Rules, 2014]
**Before the Central Government / Regional Director**
**Eastern Region, Ministry of Corporate Affairs**
In the matter of sub-section (4) of Section 13 of Companies Act, 2013 and clause (a) of sub-rule (5) of rule 30 of the Companies (Incorporation) Rules, 2014
AND
In the matter of **Qualicom Solutions Private Limited** having its registered office at C – 68, Palaspalli (Near BSNL Exchange) Bhubaneswar - 751020, Odisha, India… **Petitioner**
Notice is hereby given to the General Public that the Company proposes to make application to the Central Government / Regional Director under Section 13 of the Companies Act, 2013, seeking confirmation of alteration of the Memorandum of Association of the Company in terms of the Special Resolution passed at the Extra Ordinary General Meeting held on 27th December, 2019 to enable the Company to change its Registered Office from "State of Odisha" to "State of West Bengal".
Any person whose interest is likely to be affected by the proposed change of the Registered Office of the Company may deliver either on the **MCA-21 portal (www.mca.gov.in) by filing investor complaint form** or cause to be delivered or send by Registered Post of his/her objections supported by an Affidavit stating the nature of his/her interest and grounds of opposition to the **Regional Director, Eastern Region, MCA** at the address **"Nizam Palace, IInd MSO Building, 3rd Floor, 234/4, A. J. C. Bose Road, Kolkata – 700020, West Bengal"**, within fourteen days of the date of publication of this notice with a copy to the applicant Company with a copy of the applicant Company at its Registered Office at the address mentioned below:
**Qualicom Solutions Pvt. Ltd.**
C – 68, Palaspalli (Near BSNL Exchange)
Bhubaneswar - 751020, Odisha, India
Date: 7th January, 2020
Place: Bhubaneswar

For and on behalf of the Applicant
**Qualicom Solutions Pvt. Ltd.**
Sd/-
**Subharun Banerjee**
Director
DIN: 01930934



**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**
Cont.15 (365)/2019/JNP-PKD Date: -06.01.2020
**INVITATION FOR E-TENDER**
On behalf of FCI, Odisha Region online tenders are invited from eligible tenderers for appointment of regular **Road Transport Contractor(s)** for transportation of food grains from **RH, Jagannathpur/FSD, Jagannathpur/SWC, Jagannathpur to FSD, Paralakhemundi & vice-versa** for a period of two years. The tender documents containing detailed terms and conditions can be obtained from **https://eprocure.gov.in/eprocure/app** or **FCI website www.fci.gov.in.**



**ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ୱାଟ୍‌କୋ ସବ୍‌ଡିଭିଜନ**
ଓଲ୍ଡ ଟାଉନ୍, ଭୁବନେଶ୍ୱର
ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି କି, WATCO (ୱାଟ୍‌କୋ ଖଣ୍ଡ-୨, ଭୁବନେଶ୍ୱର) ତରଫରୁ ଭୁଆସୁଣୀ ଜଳ ବିଶୋଧନାଗାରର ଜରୁରିକାଳୀନ ମରାମତି ନିମନ୍ତେ ପୁରୁଣା ଭୁବନେଶ୍ୱର, ପାଣ୍ଡବନଗର, ବରଗଡ଼ ବ୍ରିଟ୍ କଲୋନି (ଆଂଶିକ), ଲୁଇସ୍‌ରୋଡ୍, ଜୟଦେବନଗର, ନାଗେଶ୍ୱର ଟାଙ୍ଗି, ନାଗେଶ୍ୱର ଟାଙ୍ଗି ହାଉସିଂବୋର୍ଡ୍, ବ୍ରହ୍ମେଶ୍ୱର ପାଟଣା, ରତ୍ନାକରବାଗ, ମେଘେଶ୍ୱର କଲୋନି ଏବଂ ତା'ର ଆଖପାଖ ଅଞ୍ଚଳରେ ଆସନ୍ତା ୦୮।୦୧।୨୦୨୦ ଦିବା ୧୧ଘଟିକାଠାରୁ ରାତ୍ର ୧୧ଘଟିକା ପର୍ଯ୍ୟନ୍ତ ଜଳଯୋଗାଣ ବନ୍ଦ ରହିବ। ଏଥିପାଇଁ ସହଯୋଗ କରିବାକୁ ଜନସାଧାରଣଙ୍କୁ ୱାଟ୍‌କୋ ତରଫରୁ ଅନୁରୋଧ କରାଯାଉଅଛି।
ସ୍ୱା./- ମ୍ୟାନେଜର, ୱାଟ୍‌କୋ ସବ୍-ଡିଭିଜନ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର



**boyanika**
PJN Marg, Unit-III, Bhubaneswar
**TENDER CALL NOTICE**
No.45 Dt.04.01.2020
Name of the work :- supply and installation of various capacity portable **DG set** at different Boyanika Showroom. The last date and time of submission of offer **28.01.2020 at 2.00 P.M.** Refer website for details- www.sadhacodisha.org. All the information on this tender notice will be available from 06.01.2020 in the above website.
Sd/-
Managing Director, Boyanika
Handlooms, Textiles & Handicrafts Deptt., Govt. of Odisha



ବିଜ୍ଞାପନ ସଂଖ୍ୟା.୧୩୭ **ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ** ତାରିଖ:୦୬।୦୧।୨୦୨୦
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ମୁଖ୍ୟ ବଜାର ପ୍ରାଙ୍ଗଣରେ ନିର୍ମିତ ହୋଇଥିବା ଶୁଖୁଆ ହାଟର ୨୪ଗୋଟି ଦୋକାନ ଘର, ପାଳିଆବିନ୍ଧା ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର ୧୮ଗୋଟି ଦୋକାନ ଘର, ଶହୀଦ ନଗର ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର ୧୫ଗୋଟି ଦୋକାନ ଘର, ପାଳସାହି ମାର୍କେଟ କମ୍ପ୍ଲେକ୍ସର ଥିବା ୦୮ଗୋଟି ଦୋକାନ ଘର ଓ ଖାଂକି ହାଟ ତିହିଡ଼ିରେ ଥିବା ମାଛ ହାଟର ୧୫ ଗୋଟି ଦୋକାନ ଘର ଗୁଡିକୁ ଇଚ୍ଛୁକ ବ୍ୟବସାୟିମାନଙ୍କୁ ମାସିକ ଭଡ଼ା ସୂତ୍ରରେ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବା ସହିତ ଭଦ୍ରକ ଜିଲ୍ଲା website www.bhadrak.nic.inରେ ମଧ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନ ଘର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବେଦନ କରିପାରିବେ। ଦୋକାନ ଘର ଆବଣ୍ଟନ ସମ୍ପର୍କରେ ବଜାର କମିଟି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ ଓ ବଜାର କମିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଉକ୍ତ ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ।
ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ



See Career Appointment on every Wednesday & Saturday



**GOVT. OF ODISHA**
No.A-538 :- **DEPARTMENT OF WATER RESOURCES**
OFFICE OF THE SUPERINTENDING ENGINEER,
DRAINAGE CIRCLE, GANDARPUR, CUTTACK-753 003
E-PROCUREMENT NOTICE NO.-SEDC-CTC-04/2019-20
email Id :- sedrainagecirclectc@gmail.com

| | | | |
|---|---|---|---|
| 1. | Name of Works | : | 5 Nos. of Packages –Ranging from Rs. 154.22 Lakhs to Rs. 362.85 Lakhs |
| 2. | Bid Identification No. | : | 1) SEDC-CTC/DD- CTC- 11/2019-20, 2) SEDC-CTC/DD- CTC- 12/2019-20 3) SEDC-CTC/DD- KPD -13/2019-20, 4) SEDC-CTC/DD- KPD -14/2019-20 5) SEDC-CTC/DD- KPD -15/2019-20 |
| 3. | Period of completion | : | 11( Eleven) Calendar months |
| 4. | Availability of Tender On - Line | : | 13.01.2020 from 10.00 Hours to 27.01.2020 upto 17.00 Hours. |
| 5. | Date of Opening of Technical Bid | : | 28.01.2020 at 11.30 Hours in the O/o The Superintending Engineer Drainage Circle, Gandarpur, Cuttack. |
| 6. | Date of Opening of Financial Bid | : | 11.02.2020 at 11.30 Hours in the O/o The Superintending Engineer Drainage Circle, Gandarpur, Cuttack. |
| 7. | Date of Lottery (If Required) | : | 15.02.2020 at 11.30 Hours in the O/o The Superintending Engineer Drainage Circle, Gandarpur, Cuttack. |
| 8. | Procurement Officer | : | Superintending Engineer, Drainage Circle, Gandarpur, Cuttack-753 003. |

Further details can be seen from the Govt. web site www.tendersorissa.gov.in.
32174/11/0007/1920 Sd-/ Superintending Engineer, Drainage Circle, Cuttack.



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**P.H. CIRCLE, NAYABAZAR, CUTTACK-753004**
Ph.-0671-2440841, Fax- 0671-2440841, E-mail : sephctc@gmail.com
No.C-433 :- NATIONAL COMPETITIVE BIDDING THROUGH e-Procurement
Invitation For Bids (IFB) No.SEPHCTC-07/2019-20 Dtd.06.01.2020

| Sl. No. | Name of the work | Estimated cost (Approx) |
|---|---|---|
| 1. | Laying of pipe line including storage and ancillary work for water supply to uncovered area of Kumurda and adjoining area of Bhuban NAC under State Plan for the year 2019-20. | ₹186.56 lakh |

1. Date & time of availability of bid document in the portal:- 11.00 hours of dt.14.01.2020 to 17.30 hours of dt.28.01.2020.
2. Last date / time of receipt of bids in the portal :- 28.01.2020 upto 05.30 P.M.
3. Date & time of opening of bids :- 29.01.2020 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in
13029/11/0007/1920 Superintending Engineer, Public Health Circle, Cuttack.



**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Odisha
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
Advt.No.08/2019-20 NOTICE INVITING TENDER
Sealed tenders are invited from VEHICLE OWNERS/TRAVEL AGENCIES SEPARATELY for Engagement of One Number hired A/C Bolero(9 Seater) or equivalent required for the field & office works of DGM, E&MR Division, Berhampur (LOT-I) and One Number hired Non-A/C Bolero(9 Seater) or equivalent required for SDO, EHT(O&M) Sub-Division, Phulbani (LOT-II) on monthly basis with daily hiring rate along with copies of required documents of the Vehicle, GST Registration No. & copy of valid PAN of the Vehicle Owner. The said vehicles should not be more than 3 years old from the date of initial Registration. Commencement of Sale of Tender Paper: From Dated 07.01.2020 to Dated 27.01.2020 up to 5.30 PM. (GST Registration No. is to be produced at the time of purchase of Tender Specification). Last Date of Submission of Tender Paper:Dated 28.01.2020 up to 02.00 PM. Date of Opening of Tender Paper:Dated 28.01.2020 at 3.00 PM. Cost of Tender Paper:Rs.4,000 + GST @12% = Rs.4,480/- for each LOT. For details please visit our website www.optcl.co.in. Corrigendum if any will be published In the website only.
*General Manager (Elect.)*



**GOVERNMENT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
No. 64 Date. 04.01.2019
No. O-763:-
**NOTICE INVITING TENDER FOR CIVIL WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**
Bid Identification No: EERWDJYP – Online - 05/2019-20
1) Type of works : Roads
2) Class of contractor "C & B" Class Contractor (of Odisha PWD) or relevant class of other licensing authorities.
3) Mode of submission of tender : Tender should be submitted online only in https://tendersodisha.gov.in
4) Period of completion : 2 months
5) Period of availability of tenders online/Date & time of bidding online / Date of opening of tender papers : The details are as follows :

| Procurement officer | Bid Identification No. | No. of works | Availability of Tender online for bidding | | Date & Time of opening of tender in O/o E.E. R.W. Division, Jeypore |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Jeypore | EERWDJYP-Online-05/2019-20 | 01(One) No. | 09.01.2020 at 11.00 AM | 17.01.2020 upto 5.30 PM | 18.01.2020 at 11.00 AM |

6) Bid documents consisting of qualification information and eligibility criterion of bidders, specifications, the schedule of quantities and the set of terms and conditions of contract and other necessary documents can be seen in the website: www.tendersodisha.gov.in.
25160/11/0005/1920 Sd/- Executive Engineer, Rural Works Division, Jeypore



No.CAD-783 :- idco Your power to grow | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (CIVIL) IDCO,IDCO TOWER, BHUBANESWAR.**
Tender Call Notice No. EST- 25 & 26 /2019-20 / 07 Dt. 01.01.2020
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-line for Bidding | |
|---|---|---|---|---|---|---|---|
| | | | | | | From | To |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of 48 Seated Boys and 48 Seated Girls Hostel (G.F & F.F) for Skill Development Centre at Chandama, District Jajpur. | CGM(Civil),IDCO, IDCO Tower, Janpath, Bhubaneswar | Bid ID. No. Civil - EST- E - 25 / 2018-19 | 09 (Nine) Calendar Months | Rs.344.92 Lakhs | 18.00 Hours of 09.01.2020 | 17.00 Hours of 27.01.2020. |
| 2 | Construction of 48 Seated Boys and 48 Seated Girls Hostel (G.F & F.F) for Skill Development Centre at Bankisole, Baripada in District Mayurbhanj. | CGM(Civil),IDCO, IDCO Tower, Janpath, Bhubaneswar | Bid ID. No. Civil - EST- E - 26 / 2018-19 | 09 (Nine) Calendar Months | Rs.343.59 Lakhs | 18.00 Hours of 09.01.2020 | 17.00 Hours of 27.01.2020 |

Further details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website.**
Sd./- Chief General Manager (Civil)
IDCO, Bhubaneswar
14003/11/0035/1920



**OFFICE OF THE FIRE OFFICER, (PRINCIPAL), ODISHA FIRE AND DISASTER RESPONSE ACADEMY, BARAMUNDA, BHUBANESWAR**
**TENDER CALL NOTICE NO.05/2018-19** D-248
Sealed tenders are invited from intending persons to provide catering service for breakfast, lunch and dinner to the trainees of Odisha Fire and Disaster Response Academy, Baramunda, Bhubaneswar. The tender should be accompanied with fixed deposit receipt or National Savings Certificate of Rs.10.000/- (Rupees Ten Thousands) only duly pledged in favor of Fire Officer (Principal), OFDRA, Baramunda, Bhubaneswar. The monthly rent for the canteen & water charges @ Rs.2,000/- per month will be paid by the caterer in advance each month. The electricity charge will be paid by him regularly as per consumption. The tenders should be accompanied with income Tax and GST clearance certificate along with self certified identity proof. The last date of submission of tender is 24.01.2020. The tender will be opened on 25.01.2020 by tender opening committee. The renderer may attend or send their representatives to remain present on the date of opening of tender. The intending persons may collect the detail list of menu of breakfast, lunch & dinner and weight of items from the O/o the Fire Officer (Principal), OFDRA, Baramunda, Bhubaneswar to offer their rates accordingly.
Office of the Fire Officer (Principal), OFDRA, Baramunda, Bhubaneswar reserves the right to cancel any or all tenders without assigning any reason thereof.
-sd-
Maheswar Swain
Fire Officer (Principal)
OFDRA, Bhubaneswar
12080/11/0001/1920



“ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ଏବଂ ପ୍ରଫେସରଙ୍କ ଉପରେ ଆକ୍ରମଣ କରିଥିବା ଅଜ୍ଞାତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରି ଉପଯୁକ୍ତ ଶାସ୍ତି ପ୍ରଦାନ କରାଯିବା ଉଚିତ ।

–ଜ୍ୱାଲା ଗୁଟ୍ଟା, ଭାରତର ବ୍ୟାଡ୍‌ମିଣ୍ଟନ ଡବଲ୍ସ ସ୍ପେଶାଲିଷ୍ଟ



“ କ୍ରିକେଟ ଖେଳ ବିଷୟରେ ମୋ ଚିନ୍ତାଧାରା ଭିନ୍ନ। ମୋ ଉପରେ ଅନ୍ୟମାନେ କ’ଣ କହୁଛନ୍ତି, ସେଥିରେ ମୋତେ କିଛି ଫରକ ପଡୁନାହିଁ ।

–ରୋହିତ ଶର୍ମା, ଭାରତୀୟ ବ୍ୟାଟ୍ସମ୍ୟାନ୍

## କଳିଙ୍ଗରେ ଓଡ଼ିଶା ଏଫ୍‌ସିର ବିଜୟ ଜାରି

**ଭୁବନେଶ୍ୱର, ୬।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଘରୋଇ କଳିଙ୍ଗ ଷ୍ଟାଡିୟମରେ ବିଜୟ ଅବ୍ୟାହତ ରଖିଛି ଓଡ଼ିଶା ଏଫ୍‌ସି ଟିମ୍। ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ସୋମବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ୨-୦ ଗୋଲରେ ଦୁଇଥରର ଚାମ୍ପିୟନ ଚେନ୍ନାଇନ ଏଫ୍‌ସିକୁ ପରାସ୍ତ କରିଛି। ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ଏଫ୍‌ସିର ଏହା କ୍ରମାଗତ ୨ୟ ବିଜୟ। ପୂର୍ବରୁ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଜାମସେଦପୁର ଏଫ୍‌ସିକୁ ୨-୧ ଗୋଲରେ ମାତ୍ ଦେଇଥିଲା। ଫଳରେ କଳିଙ୍ଗରେ ଓଡ଼ିଶା ଏହାର ଶତପ୍ରତିଶତ ବିଜୟ ଧାରା ଜାରି ରଖିଛି। ଚଳିତ ବର୍ଷ ଆଇଏସ୍‌ଏଲ୍ ପଦାର୍ପଣ କରିଥିବା ଓଡ଼ିଶା ବର୍ତ୍ତମାନ ସୁଦ୍ଧା ମୋଟ୍ ୧୧ ମ୍ୟାଚ୍‌ରୁ ୪ଟି ଲେଖାଏ ବିଜୟ ଓ ପରାଜୟ ଏବଂ ୩ଟି ଡ୍ର ସହ ୧୫ ପଏଣ୍ଟ ପାଇ ଟେବୁଲ ତାଲିକାର ୫ମ ସ୍ଥାନକୁ ଉଠିଛି। ଚତୁର୍ଥ ସ୍ଥାନରେ ରହିଥିବା ମୁମ୍ବାଇ ସିଟି (୧୬ ପଏଣ୍ଟ)ଠାରୁ ମାତ୍ର ଗୋଟିଏ ପଏଣ୍ଟ ପଛରେ ରହି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ଅପରପକ୍ଷରେ ଚେନ୍ନାଇନ ୧୦ ମ୍ୟାଚ୍‌ରୁ ୫ମ ପରାଜୟ ସହ ୯ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ୯ମ ସ୍ଥାନରେ ରହିଛି। ଶୀତୁଆ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଆଇଏସ୍‌ଏଲ୍‌ର ୫୩ତମ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ବେଶ୍ ସତର୍କତାର ସହ ଖେଳିଥିଲେ। ଉଭୟ ଦଳ ପାସିଂ ଉପରେ ବେଶି ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭିକ ୨୫-୩୦ ମିନିଟ୍ ମଧ୍ୟରେ ଉଭୟ ଦଳ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ ତାହାକୁ ଗୋଲରେ ରୂପାନ୍ତରିତ କରି ପାରି ନ ଥିଲେ। ୨୪ତମ ମିନିଟ୍‌ରେ ପେନାଲ୍ଟି ଏରିୟାରେ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଫାଉଲ୍ ଯୋଗୁ ଚେନ୍ନାଇନ ଏଫ୍‌ସିକୁ ପେନାଲ୍ଟି ସୁଯୋଗ ମିଳିଥିଲା। ତେବେ ଚେନ୍ନାଇନର ୯ ନମ୍ବର ଜର୍ସି ପରିଧାନ କରିଥିବା ନେରିଜସ ଭାଲସ୍କିସ ଏହି ସୁବର୍ଣ୍ଣ ସୁଯୋଗର ଫାଇଦା ଉଠାଇ ପାରି ନ ଥିଲେ। ଭାଲସ୍କିସଙ୍କ ଶଟ୍ ବାର୍ ଉପର ଦେଇ ଚାଲିଯାଇଥିଲା। ଏହାପରେ ୪ ମିନିଟ୍ ଅନ୍ତରରେ ଘରୋଇ ଓଡ଼ିଶା ଖେଳାଳି ୨ଟି ଗୋଲସ୍କୋର କରି ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। ୩୭ତମ ମିନିଟ୍‌ରେ ଜେରୀ ମାୱିହମିଙ୍ଗଥାଙ୍ଗଙ୍କ ଗୋଲ ବଳରେ ଓଡ଼ିଶା ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଏହାର ୪ ମିନିଟ୍ ପରେ ଭାରତୀୟ ଦଳର ମଧ୍ୟକ୍ରମ ଖେଳାଳି ଭିନିତ୍ ରାଇ (୪୧ତମ ମିନିଟ୍) ଦଳ ପାଇଁ ୨ୟ ଗୋଲସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଓଡ଼ିଶା ୨-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଚେନ୍ନାଇନ ଖେଳାଳି ମ୍ୟାଚ୍‌କୁ ଫେରିବାକୁ ବେଶ୍ ସଂଘର୍ଷ କରିଥିଲେ। କେତୋଟି ସୁଯୋଗ ମଧ ଚେନ୍ନାଇନକୁ ମିଳିଥିଲେ ମଧ ଓଡ଼ିଶା ଗୋଲକିପର ତାହାକୁ ସଫଳ ହେବାକୁ ଦେଇ ନ ଥିଲେ। ମ୍ୟାଚର ଶେଷ ଭାଗରେ ଓଡ଼ିଶା ଖେଳାଳି ମଧ କେତୋଟି ସୁଯୋଗର ଫାଇଦା ଉଠାଇ ପାରି ନଥିଲେ। ଫଳରେ ଓଡ଼ିଶା ୨-୦ ଗୋଲରେ ବିଜୟ ଲାଭ କରିଥିଲା। ଭିନିତ୍ ରାଇ ହିରୋ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଜେରୀ ମାୱିହମିଙ୍ଗଥାଙ୍ଗ ଇମର୍ଜିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ।




ସୋମବାର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଜର୍ସି ଉନ୍ମୋଚନ ଅବସରରେ ଅତିଥିଙ୍କ ଗହଣରେ ଭାରତୀୟ ହକି ଦଳର ଖେଳାଳିମାନେ।

# ‘ନୂଆ ଅଧ୍ୟାୟର ଅୟମାରମ୍ଭ’

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

ଭୁବନେଶ୍ୱର, ୬।୧(କ୍ରୀଡ଼ା ପ୍ରତିନିଧି)

ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍, କିଟ୍ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ଏବଂ ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନର ମିଳିତ ସହଯୋଗରେ ଏହା ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ। ଏହାର ଅଧିକାଂଶ ଖେଳ କିଟ୍‌ରେ ଆୟୋଜିତ ହେବାକୁ ଥିବାବେଳେ ଏଥିରେ ଭାରତର ୧୦୦ ବିଶ୍ୱବିଦ୍ୟାଳୟରୁ ୪୦୦୦ରୁ ଉର୍ଦ୍ଧ୍ୱ ଆଥଲେଟ୍ ଅଂଶଗ୍ରହଣ କରିବେ। ମୋଟ ୧୭ଟି ଗେମ୍‌ରେ ଇଭେଣ୍ଟ ଗୁଡ଼ିକ ଆୟୋଜିତ ହେବ। ଏଥିପାଇଁ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମାସ୍କଟ ଓ କାର୍ଯ୍ୟସୂଚୀ ମଧ ଉନ୍ମୋଚିତ ହୋଇଛି।

ଭାରତକୁ କ୍ରୀଡ଼ା ଶକ୍ତିରେ ପରିଣତ କରିବା ପାଇଁ ଏକ ନୂଆ ଅଧ୍ୟାୟର ଅୟମାରମ୍ଭ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ସ୍ୱପ୍ନକୁ ସାକାର କରାଯିବ। କ୍ରୀଡ଼ାକୁ ପ୍ରମୋଟ କରିବା ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି। ଚଳିତ ବର୍ଷଠାରୁ ୪ଟି ବଡ଼ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ଏହା ପ୍ରତିବର୍ଷ ଚାଲିବ। ଏଠାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏହାର କାର୍ଯ୍ୟସୂଚୀ, ଲୋଗୋ, ମାସ୍କଟ ଓ ଜର୍ସି ଉନ୍ମୋଚନ ହେଉଛି। ଗୁଆହାଟୀରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତବର୍ଷଠାରୁ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ମଧ ଆରମ୍ଭ କରାଯିବ। ଆସନ୍ତା ବର୍ଷ ଭିନ୍ନକ୍ଷମଙ୍କ ପାଇଁ ଖେଲୋ ଇଣ୍ଡିଆ ଗେମ୍ସ ହେବ। ତେଣୁ ଏଣିକି ଖେଲୋ ଇଣ୍ଡିଆ ଗେମ୍ସ ୪ଟି ବିଭାଗରେ ଅନୁଷ୍ଠିତ ହେବ। ଏହାଦ୍ୱାରା ଭାରତ ଏକ କ୍ରୀଡ଼ାଶକ୍ତିରେ ପରିଣତ ହୋଇପାରିବ ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ।

### ୨୦୨୮କୁ ଟାର୍ଗେଟ

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ସମ୍ମତି ଦେଇଥିବାରୁ ମୁଁ ଅତ୍ୟନ୍ତ ଖୁସି ଏବଂ ତାଙ୍କୁ ଧନ୍ୟବାଦ ଦେଉଛି। ଆମେ ଟୋକିଓ ୨୦୨୦ ଅଲିମ୍ପିକ୍ସ ଉପରେ ଦୃଷ୍ଟି ନିବଦ୍ଧ କରୁଛୁ। ଏଥିରେ ଭାଗ ନେବାକୁ ଯାଉଥିବା ଆଥଲେଟ୍‌ମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ନିଶ୍ଚିତ। ଟୋକିଓରେ ଭାଗ ନେବାକୁ ଯାଉଥିବା ଆଥଲେଟ୍‌ଙ୍କ ମଧ୍ୟରେ ଭାରତ ହିଁ ଯୁବ ଦଳ। ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ, କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ସମସ୍ତ ଖେଳ ଫେଡେରେଶନ ୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସକୁ ଟାର୍ଗେଟ କରୁଛୁ। ଏହି ଅଲିମ୍ପିକ୍ସରେ ଭାରତକୁ ପଦକ ତାଲିକାର ଟପ୍-୧୦ରେ ପହଞ୍ଚାଇବା ଆମର ଉଦ୍ଦେଶ୍ୟ। ଆମର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ଏଥିପାଇଁ ଆମର ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ଲକ୍ଷ୍ୟ ପଥରେ ଅଗ୍ରସର ହେବାରେ ଆଜିର କାର୍ଯ୍ୟକ୍ରମ ହେଉଛି ପ୍ରଥମ ପାହାଚ। ୟୁନିଭର୍ସିଟି ଓ ସ୍କୁଲରୁ ହିଁ ଭବିଷ୍ୟତର ବିଶ୍ୱ ଚାମ୍ପିୟନ ବାହାରିବେ। ଆଗାମୀ ୟୁନିଭର୍ସିଟି ଗେମ୍ସର କେତେକ କ୍ରୀଡ଼ା ଭୁବନେଶ୍ୱରରେ ଏବଂ କେତେକ କଟକରେ ଆୟୋଜନ ହେବ ବୋଲି ରିଜିଜୁ ସ୍ପଷ୍ଟ କରିଛନ୍ତି

### ଓଡ଼ିଶାର ଅବଦାନ ସବୁଠୁ ଅଧିକ

ହକି ପାଇଁ ଓଡ଼ିଶାର ଅବଦାନ ଦେଶରେ ସବୁଠାରୁ ଅଧିକ। ଓଡ଼ିଶାରୁ ଯେତେବେଳେ ଚାମ୍ପିୟନ ଖେଳାଳି ବାହାରିଥାନ୍ତି ସେତେବେଳେ ବହୁତ ଗର୍ବ ଅନୁଭବ ହୋଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ କ୍ରମେ ଆମେ କ୍ରୀଡ଼ାର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛୁ। ଏହି ପରିପ୍ରେକ୍ଷୀରେ ପ୍ରତି ରାଜ୍ୟ ଅତିକମ୍‌ରେ ରାଜ୍ୟ ଗୋଟିଏ କ୍ରୀଡ଼ାକୁ ପ୍ରମୋଟ କରିବେ। ଏଥିପାଇଁ ଆର୍ଥିକ ସହାୟତା ଭାରତ ସରକାର ଯୋଗାଇ ଦେବେ। ଏହି ରାଜ୍ୟ ଗୁଡ଼ିକ ଅନ୍ୟ କ୍ରୀଡ଼ାକୁ ଅଗ୍ରାଧିକାର ଦେଲେ ହେଁ ଗୋଟିଏ କ୍ରୀଡ଼ାକୁ ଫୋକସ କରିବେ। ସେହିପରି ବଡ଼ କମ୍ପାନୀମାନେ ଖେଳାଳିଙ୍କୁ ଚାକିରି ଦେବା ସହ କ୍ରୀଡ଼ା ମନ୍ତ୍ରଣାଳୟ ସହିତ ଯୋଗାଯୋଗରେ ରହି ଯେ କୌଣସି ଗୋଟିଏ ଖେଳକୁ ପ୍ରମୋଟ କଲେ ନିଶ୍ଚିତ ଫାଇଦା ମିଳିବ। ପ୍ରତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୋଟିଏ ଲେଖାଏ କ୍ରୀଡ଼ାକୁ ଅଗ୍ରାଧିକାର ଦେଲେ ଓଭରଅଲ୍ ଭାରତ ବିଶ୍ୱର ଏକ କ୍ରୀଡ଼ାଶକ୍ତିରେ ପରିଣତ ହୋଇଯିବ। ସେହିପରି ପ୍ରତି ସ୍କୁଲ ଓ କଲେଜ ମଧ୍ୟ ଗୋଟିଏ ଲେଖାଏ କ୍ରୀଡ଼ାକୁ ଅଗ୍ରାଧିକାର ଦେବେ। ଭାରତକୁ ଖେଳ ଶକ୍ତିରେ ପରିଣତ କରିବାପାଇଁ ଯାହା ନୀତିଗତ ନିଷ୍ପତ୍ତି ନେବା କଥା ତାହା ନେଇ ସାରିଛୁ। ଗତ ୫-୬ ମାସରେ ବିଶ୍ୱର ଯେ କୌଣସି ସ୍ଥାନରେ ବିଶ୍ୱ ଚାମ୍ପିୟନଶିପ୍ ହୋଇଛି ସେଠାରେ ଭାରତ ପ୍ରଦର୍ଶନ ପୂର୍ବାପେକ୍ଷା ବହୁତ ଭଲ ରହିଛି। ଏହା ଆମପାଇଁ ବହୁତ ଭଲ କଥା ଏବଂ ଭବିଷ୍ୟତ ପାଇଁ ଶୁଭ ଲକ୍ଷଣ। ଆଗାମୀ ୟୁନିଭର୍ସିଟି ଗେମ୍ସ ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ମୋର ଶୁଭ କାମନା। ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ରିଜିଜୁ ପ୍ରକାଶ କରିଛନ୍ତି।

### କ୍ରୀଡ଼ାକୁ କ୍ୟାରିୟର କରିବାକୁ ଉତ୍ସାହିତ କରିବ: ଧର୍ମେନ୍ଦ୍ର

ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବାରୁ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ଲୋକମାନେ ଖେଳପ୍ରେମୀ। ଏହି କ୍ରୀଡ଼ା ନିଶ୍ଚିତ ଯୁବ ପୀଢ଼ିଙ୍କୁ ଖେଳକୁ କ୍ୟାରିୟର କରିବାକୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍ ଦର୍ଶନରେ କେନ୍ଦ୍ର ନେଇଥିବା ପଦକ୍ଷେପ ନିଶ୍ଚିତ ଭାରତକୁ ଏକ କ୍ରୀଡ଼ା ଶକ୍ତିରେ ପରିଣତ କରିବ। ଆସନ୍ତା ୨୦୨୪ ଓ ୨୦୨୮ ଅଲିମ୍ପିକ୍ସରେ ଭାରତ ନିଶ୍ଚିତ ଅଧିକରୁ ଅଧିକ ପଦକ ହାସଲ କରିବ। ପୂର୍ବ ଅଲିମ୍ପିକ୍ସରେ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଆଦି ଓଡ଼ିଆ ଆଥଲେଟ୍‌ମାନେ ପଦାର୍ପଣ କରିଥିଲେ। ଏଥର ମଧ ଓଡ଼ିଆ ଆଥଲେଟ୍ ଅଲିମ୍ପିକ୍ସରେ ପ୍ରଦର୍ଶନର ଛାପ ଛାଡ଼ିବେ ବୋଲି ଧର୍ମେନ୍ଦ୍ର ଆଶା ପ୍ରକାଶ କରିଥିଲେ।

#### ବଡ଼ ପ୍ଲାଟଫର୍ମ

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଯୁବ ଖେଳାଳିଙ୍କ ପାଇଁ ଏକ ବଡ଼ ପ୍ଲାଟଫର୍ମ। ପାଠପଢ଼ା ଯୋଗୁ ଅଧିକାଂଶ ଖେଳାଳି ଏଜ୍ ଗ୍ରୁପ୍, ଜୁନିୟର ଏବଂ ସବ୍‌ଜୁନିୟର ଇଭେଣ୍ଟରେ ଅଂଶଗ୍ରହଣ କରିପାରୁ ନାହାନ୍ତି। ବହୁ କ୍ରୀଡ଼ା ଭିତ୍ତିକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବାର୍ଷିକ କ୍ୟାଲେଣ୍ଡରରେ ସ୍ଥାନ ପାଇଲେ ଯୁବପିଢ଼ି ନିଶ୍ଚିତ ଉପକୃତ ହେବେ। ଏପରି ଏକ ଇଭେଣ୍ଟ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବାରୁ ରାଜ୍ୟ ସରକାର ଏବଂ କିଟ୍‌କୁ ମୁଁ ଧନ୍ୟବାଦ ଜଣାଉଛି ବୋଲି ଉତ୍ସବରେ ଉପସ୍ଥିତ ଅଲିମ୍ପିଆନ ଦୂତୀ ଚାନ୍ଦ ପ୍ରକାଶ କରିଛନ୍ତି।

#### ୧୭ ଇଭେଣ୍ଟ

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ୧୭ଟି କ୍ରୀଡ଼ା ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ଆର୍ଚେରୀ, ଆଥଲେଟିକ୍ସ, ବକ୍ସିଂ, ଫେନ୍‌ସିଂ, ଜୁଡୋ, ସୁଇମିଂ, ଭାରୋତ୍ତୋଳନ, କୁସ୍ତି, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଫୁଟବଲ, ହକି, ଟେବୁଲ ଟେନିସ, ଟେନିସ, ଭଲିବଲ, ରଗ୍‌ବୀ ଓ କବାଡ଼ି।




### ଆକର୍ଷଣରେ ଜୟ୍ ବିଜୟ୍

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଜର୍ସି ଉନ୍ମୋଚନ ଉତ୍ସବରେ ଆକର୍ଷଣର କେନ୍ଦ୍ରରେ ରହିଥିଲେ ମାସ୍କଟ ଓଲି, ଜୟ ଓ ବିଜୟ। ଓଲି ଓଡ଼ିଶାରେ ଆୟୋଜିତ ସମସ୍ତ କ୍ରୀଡ଼ାର ସ୍ଥାୟୀ ମାସ୍କଟ ହୋଇଥିବାବେଳେ ୟୁନିଭର୍ସିଟି ଗେମ୍ସ ପାଇଁ ବାଘ ଓ ହରିଣକୁ ଜୟ ଓ ବିଜୟ ରୂପରେ ପ୍ରଦର୍ଶିତ କରାଯାଇଛି। ତିନି ମାସ୍କଟ ଅତିଥିଙ୍କ ସହ ମିଶିବା ସହ ଉପସ୍ଥିତ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କ ପାଇଁ ମନୋରଞ୍ଜନର କେନ୍ଦ୍ର ପାଲଟିଥିଲେ।

## ସିକେ ନାଇଡୁ ଟ୍ରଫି: ଦୃଢ଼ ସ୍ଥିତିରେ ଓଡ଼ିଶା

### ଅମ୍ରିତ୍, ସୌରଭଙ୍କ ଶତକ

ସମ୍ବଲପୁର, ୬।୧(ବ୍ୟୁରୋ)

ଅମ୍ରିତ୍ ଖଟୁଆ ଓ ସୌରଭ କୁମାର ଗୌଡ଼ଙ୍କ ଆକର୍ଷଣୀୟ ଶତକ ଯୋଗୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ସିକ୍କିମ ବିପକ୍ଷ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ଘରୋଇ ଦଳ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୧୨୦ ଓଭରରେ ୨ ଉଇକେଟ ହରାଇ ୩୯୦ ରନ୍ ସଂଗ୍ରହ କରିଛି। ଏହା ଦ୍ୱାରା ସୌରଭ ୨୫୧ ବଲ୍‌ର ସମ୍ମୁଖୀନ ହୋଇ ୧୭୬ ରନ୍ କରି ଅପରାଜିତ ରହିଛନ୍ତି। ସେ ୧୯ଟି ଚୌକା ଓ ୨ଟି ଦର୍ଶନୀୟ ଛକା ମାରିଛନ୍ତି। ଅମ୍ରିତ୍ ୩୩୮ ବଲରେ ୧୨୨ ରନ୍ (୧୮ ଚୌକା), ବିନିତ ମହାନ୍ତି ୧୧୧ ବଲରେ ୬୩ ରନ୍ (୧୦ ଚୌକା ଓ ୧ ଛକା) କରିଛନ୍ତି। ସ୍ୱସ୍ତିକ ସାମଲ କ୍ରିଜ୍‌ରେ ୩୧ ମିନିଟ ରହି ୨୧ ବଲ୍‌ର ସମ୍ମୁଖୀନ ହୋଇ ୧୯ ରନ୍ କରି ଅପରାଜିତ ରହିଛନ୍ତି। ଏଥିରେ ସେ ୩ ଚୌକା ମାରିଛନ୍ତି। ଭ୍ରମଣକାରୀ ସିକ୍କିମ ବୋଲର ଚନ୍ଦ୍ର ଛେତ୍ରୀ ୩୩ ଓଭରରେ ୯୦ ରନ୍ ଦେଇ ୧ ଉଇକେଟ ଓ ଦୀନେଶ କୁମାର ଧୋବି ୨୫ ଓଭରରେ ୮୫ରନ୍ ଦେଇ ୧ ଉଇକେଟ ହାସଲ କରିଛନ୍ତି। ଅନ୍ୟ ବୋଲରମାନେ ଉଇକେଟ ନେବାରେ ବିଫଳ ହୋଇଛନ୍ତି। ଅମ୍ପାୟର ଭାରତୀ ଭିଜି ଓ ଅକ୍ଷୟ ମରାଠେ ମ୍ୟାଚ୍ ପରିଚାଳନା କରିଥିଲେ। ଏସ୍. ସୁରେଶ ମ୍ୟାଚ୍ ରେଫରି ରହିଥିବା ବେଳେ ରଜତ ଦାଶ ଓ ବୀରବର ନାୟକ ସ୍କୋରର ଦାୟିତ୍ୱ ତୁଲାଉଛନ୍ତି। ସୂଚନାଯୋଗ୍ୟ ଯେ, ରବିବାର ସିକ୍କିମ ଦଳ ପ୍ରଥମେ ବ୍ୟାଟିଂ କରି ୫୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୮୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୦ ଓଭରରେ କୌଣସି ଉଇକେଟ ନ ହରାଇ ୮୮ ରନ୍ ସଂଗ୍ରହ କରିଥିଲା।



ଶତକ ହାସଲକାରୀ ସୌରଭ କୁମାର ଗୌଡ଼ ଓ ଅମ୍ରିତ୍ ଖଟୁଆ।

**ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଭଲିବଲ୍**

## କୁରୁକ୍ଷେତ୍ର ଚାମ୍ପିୟନ, ଏସ୍‌ଆର୍‌ଏମ୍ ରନର୍ସଅପ୍

**ଭୁବନେଶ୍ୱର, ୬।୧ (ସ୍ପୋର୍ଟ୍ସ ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ (ପୁରୁଷ) ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ (ଚେନ୍ନାଇ)କୁ ପରାସ୍ତ କରି କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ସେହିଭଳି କାଲିକଟ ବିଶ୍ୱବିଦ୍ୟାଳୟକୁ ହରାଇ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ (କୋଟ୍ଟାୟମ) ୩ୟ ସ୍ଥାନ ହାସଲ କରିଛି।

ଅର୍ଜୁନ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏ. ରମନରାଓ (ପର୍ଯ୍ୟବେକ୍ଷକ, ଏଆଇୟୁ), ଅର୍ଜୁନ ପୁରସ୍କାର ବିଜେତା ଦଲେଲ ସିଂ (ପର୍ଯ୍ୟବେକ୍ଷକ, ଏଆଇୟୁ), ରଶ୍ମିତା ମହାନ୍ତି (ଆସିଷ୍ଟାଣ୍ଟ କ୍ରୀଡ଼ା ନିର୍ଦ୍ଦେଶିକା, କିଟ୍) ଓ ସଞ୍ଜୟ ଗଡ଼ନାୟକ (ମୁଖ୍ୟ ଆଥ୍‌ଲେଟିକ କୋଚ୍, କିଟ୍) ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ଆଗାମୀ ପ୍ରତିଯୋଗିତା ପାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଲଜ୍ଜାର ବିଷୟ

**ଭିଭିଏସ୍ ଲକ୍ଷ୍ମଣ**

ନୂଆବର୍ଷର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇ ନ ପାରିବା ଲଜ୍ଜାଜନକ ବିଷୟ। ଗୁଆହାଟୀରେ ଶ୍ରୀଲଙ୍କା ବିପକ୍ଷ ଏହି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ବର୍ଷା କାରଣରୁ ଗୋଟିଏ ହେଲେ ବଲ୍ ନ ପଡ଼ି ବାତିଲ ହୋଇଯାଇଥିଲା। ମ୍ୟାଚ ଦେଖିବା ଲାଗି ଷ୍ଟାଡିୟମ ଦର୍ଶକରେ ଭରପୂର ରହିଥିଲା। ସେମାନଙ୍କୁ ହତାଶ ହେବାକୁ ପଡ଼ିଛି। ଷ୍ଟାଡିୟମରେ କେତୋଟି ବ୍ୟବସ୍ଥା ରହିଥିଲେ ହୁଏତ ମ୍ୟାଚର ଓଭର ସଂଖ୍ୟା କମାଯାଇ ଖେଳାଯାଇ ପାରିଥାନ୍ତା। ଆଜିକାର ଯୁଗରେ କ୍ୱାଲିଟି ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଉଛି। ପଡ଼ିଆକୁ ଭଲରୂପେ ଘୋଡ଼ାଇ ରଖିବା ବ୍ୟବସ୍ଥା କରାଯାଉଛି। ଏଥିଲାଗି ଆବଶ୍ୟକ ଆର୍ଥିକ ସହାୟତା ମଧ ଯୋଗାଇ ଦିଆଯାଉଛି। ଆଜିକାଲି ଓଦା ପିଚ୍ ଯୋଗୁ ମ୍ୟାଚ୍ ଖେଳାଯାଇ ନ ପାରିବା ଭାବି ହେଉନାହିଁ। କ୍ରିକେଟ ବୋର୍ଡ ଏଥିପ୍ରତି ଧ୍ୟାନ ଦେବ ବୋଲି ମୋର ବିଶ୍ୱାସ। ଏହାର ଯେପରି ପୁନରାବୃତ୍ତି ନ ଘଟେ ସେ ଦିଗରେ ଅନ୍ୟମାନେ ଯତ୍ନବାନ୍ ହେବା ଉଚିତ। ଆସନ୍ତା କିଛିମାସ ମଧ୍ୟରେ ଯେଉଁ ଅନ୍ତର୍ଜାତୀୟ ଟି୨୦ ଖେଳାଯିବ, ସେଗୁଡ଼ିକ ଅଷ୍ଟ୍ରେଲିଆରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ପ୍ରସ୍ତୁତି ବୋଲି ଧରିନେବାକୁ ହେବ। ବିଭିନ୍ନ ଦଳ ଖେଳାଳିମାନଙ୍କୁ ପରଖିବେ। ନବଦୀପ ସଇନୀ ଏବଂ ଶାର୍ଦ୍ଦୁଳ ଠାକୁରଙ୍କ ଭଳି ଖେଳାଳି ଗତ ମ୍ୟାଚ୍‌ରେ ଗୋଟିଏ ସୁଯୋଗ ହରାଇଲେ। କହିବାକୁ ଗଲେ ଶିଖର ଧାୱନ ମଧ। ସେ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟପ୍ ଅର୍ଡରରେ ରୋହିତ ଶର୍ମାଙ୍କ ପାର୍ଟନର ହେବା ଲାଗି ବର୍ତ୍ତମାନ ତାଙ୍କୁ ସ୍ଥିର ପ୍ରଦର୍ଶନ କରି ଆସୁଥିବା କେ.ଏଲ୍. ରାହୁଲଙ୍କ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। ଦଳକୁ ଫେରିବା ଲାଗି ଅନ୍ୟ ଜଣେ ଖେଳାଳି ଅପେକ୍ଷା କରି ରହିଛନ୍ତି, ସେ ହେଲେ ଯଶପ୍ରୀତ ବୁମ୍‌ରା। ଷ୍ଟ୍ରେସ୍ ଫ୍ରାକ୍ଚର ଯୋଗୁ ଗତବର୍ଷ ଅଗଷ୍ଟରେ ୱେଷ୍ଟଇଣ୍ଡିଜର ଟୁର୍ ବେଳଠାରୁ ସେ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟରେ ଭାଗ ନେଇନାହାନ୍ତି। ବୁମ୍‌ରା ପାୱାର ପ୍ଲେ, ଡେଥ୍ ଓଭର ଏପରି କି ମିଡଲ ଓଭରରେ ଭଲ ବୋଲିଂ କରିପାରନ୍ତି। ଅଧିନାୟକ କୋହଲି ତାଙ୍କୁ ଦଳରେ ସ୍ଥାନ ଦେଇପାରନ୍ତି। ଖେଳରୁ ସାମୟିକ ବ୍ରେକ୍ ନେଇ ଫେରିଥିବାରୁ ବୁମ୍‌ରା ଅଧିକ ପ୍ରଭାବଶାଳୀ ବୋଲିଂ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ବର୍ତ୍ତମାନ ଟି୨୦ ସିରିଜ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜରେ ପରିଣତ ହୋଇଯାଇଛି। ନୂଆବର୍ଷରେ ହୋମ୍ ଗ୍ରାଉଣ୍ଡରେ ଭାରତ ଆଉ ଏକ ସଫଳତା ହାସଲ ଲକ୍ଷ୍ୟରେ ରହିବ। କିନ୍ତୁ ଲସିଥ୍ ମାଲିଙ୍ଗାଙ୍କ ଦଳ ଭାରତକୁ ସହଜରେ ଛାଡ଼ିବ ନାହିଁ।

–(ଗେମ୍ ପ୍ଲାନ)



ଭାରତକୁ ଟି୨୦ ସିରିଜରେ ପରାସ୍ତ କରିବାକୁ ହେଲେ ଆମ ଦଳର ସିନିୟର ଖେଳାଳିଙ୍କୁ ଅଧିକ ଦାୟିତ୍ୱସମ୍ପନ୍ନ ହେବାକୁ ପଡ଼ିବ ।
–କୁସାଲ ପେରେରା, ଶ୍ରୀଲଙ୍କା ଉଇକେଟ୍‌କିପର



ଇଞ୍ଜୁରିକୁ ପଛରେ ପକାଇ ୨୦୨୦ ନୂଆବର୍ଷରେ ଅଧିକ ପ୍ରଭାବଶାଳୀ ବ୍ୟାଟ୍ସମ୍ୟାନ୍ ହୋଇ ବାହାରିବା ମୋର ଲକ୍ଷ୍ୟ ରହିଛି ।
–ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ୍



## ସଂକ୍ଷେପରେ

### ଅଷ୍ଟ୍ରେଲିଆ ଜଙ୍ଗଲରେ ନିଆଁ
### ୱର୍ନ ନିଲାମ କରିବେ ପଦାର୍ପଣ କ୍ୟାପ୍



**ସିଡ୍‌ନୀ,୬।୧:** ଅଷ୍ଟ୍ରେଲିଆ ଜଙ୍ଗଲରେ ଲାଗିଥିବା ନିଆଁ କାରଣରୁ ପ୍ରାୟ ୫୦ କୋଟି ବନ୍ୟଜନ୍ତୁ ଜୀବନ ହରାଇ ସାରିଲେଣି। କେବଳ ଏତିକି ନୁହେଁ, ବହୁ ନିୟୁତ ଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ଜନସାଧାରଣଙ୍କ ମୃତ୍ୟୁ ଘଟିଛି। ଏଭଳି ଭୟଙ୍କର ପରିସ୍ଥିତିରେ ସାହାଯ୍ୟ ପାଇଁ ଦେଶର ବହୁ କ୍ରୀଡ଼ାବିତ ଆଗେଇ ଆସିଛନ୍ତି। ଏହି ତାଲିକାରେ ଯୋଡ଼ି ହୋଇଛନ୍ତି କିମ୍ବଦନ୍ତୀ ଲେଗ୍ ସ୍ପିନର ଶେନ୍ ୱର୍ନ। ସେ ତାଙ୍କ କ୍ରିକେଟ କ୍ୟାରିୟର ସହ ଜଡ଼ିତ ସବୁଠୁ ମୂଲ୍ୟବାନ୍ ସ୍ମୃତିକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ଦ୍ୱିତୀୟ ସର୍ବାଧିକ ଉଇକେଟ ନେଇଥିବା ବୋଲର ୱର୍ନ ନିଜ ପଦାର୍ପଣ ବେଳେ ପାଇଥିବା ନ୍ୟାଶନାଲ କ୍ୟାପ୍‌କୁ ନିଲାମ କରିବେ। ତାଙ୍କର ଉକ୍ତ ଗ୍ରୀନ୍ କ୍ୟାପର ଚାହିଦା ମଧ୍ୟ ଖୁବ୍ ଅଧିକ। କ୍ୟାପ୍ ସହ ୱର୍ନଙ୍କ ହସ୍ତାକ୍ଷର ଥିବା ପ୍ରମାଣପତ୍ର ବି ନିଲାମରେ ରହିବ। ଅନ୍‌ଲାଇନ ନିଲାମ ପ୍ରକ୍ରିୟାରୁ ମିଳିବାକୁ ଥିବା ଶତ ପ୍ରତିଶତ ଅର୍ଥ ରେଡ୍ କ୍ରସ୍ ପାଣ୍ଠିକୁ ଦାନ କରିବେ। ସୂଚନାଥାଉ, ୱର୍ନ ୧୪୫ ଟେଷ୍ଟ ଖେଳି ୭୦୮ ଉଇକେଟ ନେଇଥିଲେ। ତାଙ୍କ ଅବସର ବେଳକୁ ସେ ସର୍ବାଧିକ ଟେଷ୍ଟ ଉଇକେଟ ହାତେଇଥିବା ବୋଲର ଥିଲେ।

# ଭାରତ–ଶ୍ରୀଲଙ୍କା ଦ୍ୱିତୀୟ ଟି୨୦ ଆଜି

**ଇନ୍ଦୋର, ୬।୧(ପି.ଟି.)**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ଦ୍ୱିତୀୟ ମ୍ୟାଚ୍ ଏଠାରେ ମଙ୍ଗଳବାର ଖେଳାଯିବ। ରୋହିତ ଶର୍ମାଙ୍କ ସହ କିଏ ଓପନିଂ କରିବ, ବର୍ତ୍ତମାନ ତାହା ଏକ ପ୍ରଶ୍ନ। ଇଞ୍ଜୁରି ସମସ୍ୟାରୁ ମୁକ୍ତି ପାଇବା ପରେ ଶିଖର ଧାୱନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହେଲେ ତାଙ୍କ ସ୍ଥାନରେ ଖେଳିଆସୁଥିବା କେ.ଏଲ୍. ରାହୁଲ ଏବେ ଭଲ ଫର୍ମରେ ଅଛନ୍ତି। ଇତିମଧ୍ୟରେ ସେ କେତୋଟି ଭଲ ଇନିଂସ ମଧ୍ୟ ଖେଳିସାରିଛନ୍ତି। ଚଳିତ ବର୍ଷ ଆଗକୁ ଟି୨୦ ବିଶ୍ୱକପ୍ ଅଛି। ଟିମ୍ ମ୍ୟାନେଜ୍‌ମେଣ୍ଟ ଦଳ ଚୟନ କଲାବେଳେ ଏ ସମସ୍ତ ଦିଗ ପ୍ରତି ଧ୍ୟାନ ଦେବ ନିଶ୍ଚୟ। ୨୦୧୯ରେ ଇଞ୍ଜୁରି ଯୋଗୁ ଧାୱନଙ୍କୁ ଅନେକ କିଛି ହରାଇବାକୁ ପଡ଼ିଛି। ତେବେ ଏହିବର୍ଷ ସେ ୧୨ଟି ଗେମ୍‌ରୁ ୧୧୦ ଷ୍ଟ୍ରାଇକ୍ ରେଟ୍‌ରେ ୨୭୨ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଦଳରେ ଧାୱନଙ୍କ ଅନୁପସ୍ଥିତିରେ ମିଳିଥିବା ସୁଯୋଗର ପୂରା ସଦୁପଯୋଗ କରିଛନ୍ତି ରାହୁଲ। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ଏବଂ ଟି୨୦ ସିରିଜରେ ସେ ପ୍ରଭାବୀ ବ୍ୟାଟିଂ କରିଛନ୍ତି। ସେ ଖେଳିଥିବା ୬ଟି ଇନିଂସ୍‌ରେ ୩ଟି ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ହାସଲ କରିପାରିଛନ୍ତି। ପୂର୍ବତନ ଭାରତୀୟ ଓପନର ତଥା ମୁଖ୍ୟ ଚୟନକର୍ତ୍ତା କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଇତିମଧ୍ୟରେ କହିସାରିଛନ୍ତି ଯେ, ଧାୱନ ଓ ରାହୁଲଙ୍କ ମଧ୍ୟରେ ପ୍ରତିଯୋଗିତା ହେବା ଉଚିତ ନୁହେଁ। ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ରୋହିତ ଶର୍ମାଙ୍କ ପାର୍ଟନର ହେବା ଲାଗି ରାହୁଲ ଯୋଗ୍ୟ ବ୍ୟକ୍ତି। ଧାୱନ ଜଣେ ଅଭିଜ୍ଞ ଖେଳାଳି ହୋଇଥିବା ସ୍ଥଳେ ରାହୁଲ ମଧ୍ୟ ଖୁବ୍ ଭଲ ଖେଳୁଛନ୍ତି। ତେବେ ଶ୍ରୀଲଙ୍କା ବିପକ୍ଷରେ ଶ୍ରେଷ୍ଠ ଏକାଦଶ ଖେଳିବ। ଏଥିପାଇଁ ଆମକୁ ଆହୁରି ଉତ୍ତମ କମ୍ବିନେଶନ ଦେଖିବାକୁ ପଡ଼ିବ ବୋଲି କହିଛନ୍ତି ଅଧିନାୟକ ବିରାଟ କୋହଲି। ଗୁଆହାଟୀଠାରେ ଗୋଟିଏ ହେଲେ ବଲ୍ ପଡ଼ିପାରିନାହିଁ। ତେଣୁ କୋହଲି ହୁଏତ ଚୂଡ଼ାନ୍ତ ଏକାଦଶରେ କୌଣସି ପରିବର୍ତ୍ତନ କରି ନ ପାରନ୍ତି। ପୂର୍ବଭଳି ୩ ସ୍ପେଶାଲିଷ୍ଟ ପେସ୍ ବୋଲର ଏବଂ ୨ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇ ପାରନ୍ତି। ଇନ୍ଦୋରରେ ପାଗ ପରିଷ୍କାର ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହୋଲକାର ଷ୍ଟାଡିୟମ୍ ପୂର୍ବରୁ ଥରେ ମାତ୍ର ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିଛି। ତାହା ପୁଣି ଭ୍ରମଣକାରୀ ଶ୍ରୀଲଙ୍କା ବିପକ୍ଷରେ। ୨୦୧୭ ଡିସେମ୍ବରରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚ୍‌ରେ ରୋହିତ ୪୩ ବଲ୍‌ରୁ ଦ୍ରୁତ ୧୧୮ ଏବଂ ରାହୁଲ ୪୯ ବଲ୍‌ରୁ ୮୯ ରନ୍ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୬୦ ରନ୍ କରି ମ୍ୟାଚ୍‌କୁ ୮୮ ରନ୍‌ରେ ଜିତିନେଇଥିଲା। ଗୁଆହାଟୀଠାରେ ଶ୍ରୀଲଙ୍କାର ଅନ୍ୟତମ ଅଭିଜ୍ଞ ଖେଳାଳି ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିଲେ। ମଙ୍ଗଳବାର ମ୍ୟାଚ୍‌ରେ ତାଙ୍କୁ ନିଆଯାଉଛି କି ନା, ତାହା ଦେଖାଯାଉ। ୧୦ ବର୍ଷରୁ ଅଧିକ ସମୟ ହେଲା ଶ୍ରୀଲଙ୍କା ଭାରତ ବିପକ୍ଷରେ ଏକ ଦ୍ୱିପାକ୍ଷିକ ସିରିଜ ଜିତିପାରିନାହିଁ। ଏଠାରେ ଭାରତକୁ ଚ୍ୟାଲେଞ୍ଜ୍ କରିବାକୁ ହେଲେ ଶ୍ରୀଲଙ୍କାକୁ ସ୍ୱତନ୍ତ୍ର ପ୍ରଦର୍ଶନ କରିବାକୁ ପଡ଼ିବ।



ଶିଖର ଧାୱନ ଓ ଲୋକେଶ ରାହୁଲ।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, କେ.ଏଲ୍. ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ଥ (ଉଇକେଟ୍‌କିପର), ରବୀନ୍ଦ୍ର ଜାଡେଜା, ଶିବମ୍ ଦୁବେ, ଯୁଜ୍‌ବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶ୍‌ପ୍ରୀତ ବୁମ୍‌ରା, ନବଦୀପ ସଇନୀ, ଶାର୍ଦ୍ଦୁଳ ଠାକୁର, ମନୀଷ ପାଣ୍ଡେ, ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସମସନ।
- **ଶ୍ରୀଲଙ୍କା ଦଳ:** ଲସିଥ ମାଲିଙ୍ଗା (ଅଧିନାୟକ), ଡି. ଗୁଣତିଲକା, ଏ.ଫର୍ନାଣ୍ଡୋ, ଏ. ମାଥ୍ୟୁସ, ଡି. ଶାନକା, କେ. ପେରେରା, ଏନ୍. ଡିକ୍‌ୱେଲା, ଧନଞ୍ଜୟ ଡି. ସିଲ୍‌ଭା, ଆଇ. ଉଡାନା, ବି. ରାଜପାକ୍‌ସେ, ଓ’ ଫର୍ନାଣ୍ଡୋ, ଡବ୍ଲ୍ୟୁ. ହାସାରଙ୍ଗା, ଏଲ୍. କୁମାରା, କେ. ମେଣ୍ଡିସ୍, ଏଲ୍ ସଣ୍ଡାନ୍ ଏବଂ କେ. ରଜିଥା।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ସନ୍ଧ୍ୟା ୭ଟା | ଇନ୍ଦୋର | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |


## ଜନ୍ମଦିନ ଶୁଭେଚ୍ଛା





(ସିପୁ)
**ସାଇ ଶେଖର ଜେନା**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆଜି ତୁମର ଶୁଭ ଜନ୍ମଦିନ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୁମର ସୁଖ, ନିରାମୟ ତଥା ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ:
ବନ୍ଧୁ ଓ ପରିବାରବର୍ଗ ।
ଧ–୬୮୭୪୮


## କଭର୍ସରେ ଲିକ୍ ଘଟଣାକୁ ବିସିସିଆଇର ନାପସନ୍ଦ

**ନୂଆଦିଲ୍ଲୀ, ୬।୧:** ଗୁଆହାଟୀର ବର୍ସପାରା ଷ୍ଟାଡିୟମରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ବର୍ଷା ଏବଂ ଓଦା ଆଉଟ୍ ଫିଲ୍ଡ ଯୋଗୁ ବାତିଲ କରାଯାଇଥିଲା। କଭର୍ସ ଲିକ୍ ଥିବାରୁ ପିଚ୍‌ରେ ପ୍ୟାଚ୍ ଭଳି ଓଦା ହୋଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ବେଳେ ଏହା ଆଶା କରାଯାଏ ନାହିଁ। ଏହି ଘଟଣାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନାପସନ୍ଦ କରିଛି। ଏବେ ପିଚ୍‌ର ମୁଖ୍ୟ କ୍ୟୁରେଟର ଆଶିଷ ଭୌମିକଙ୍କୁ ରିପୋର୍ଟ ମଗାଯାଇଛି। ଘଟଣା ସମ୍ପର୍କରେ ବିସିସିଆଇର ଜଣେ ଅଫିସିଆଲ କହିଛନ୍ତି, ନୂଆ ରାଜ୍ୟ ଆସୋସିଏଶନର ଅଫିସିଆଲଙ୍କ ଅଭିଜ୍ଞତା ଅଭାବରୁ ଏହା ଘଟିଛି। ସେ ମୁଖ୍ୟ କ୍ୟୁରେଟର ଓ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ତତ୍ପରତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଲୋଧା ସୁପାରିସ କାର୍ଯ୍ୟକାରୀ ହେବା ପରେ ଏହିଭଳି ଘଟଣା ସାମ୍ନାକୁ ଆସୁଛି। ସଫଳ ହେବା ପାଇଁ କୌଣସି ଆସୋସିଏଶନ ନିକଟରେ ଯୋଜନା ପ୍ରସ୍ତୁତ କରିବାକୁ ସୁଯୋଗ ଦିଆଯାଉନାହିଁ।




**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ–ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ–ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786


## ଇଣ୍ଡିଆ–ସି’ ୧୦ ରନରେ ବିଜୟୀ

**କଟକ ଅଫିସ,୬।୧:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ସୋମବାର ଇଣ୍ଡିଆ–ସି ଦଳ ୧୦ରନରେ ଇଣ୍ଡିଆ–ଏ’କୁ ପରାସ୍ତ କରିଛି। ଇଣ୍ଡିଆ–ସି ପକ୍ଷରୁ ଧାର୍ଯ୍ୟ ୧୨୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଇଣ୍ଡିଆ–ଏ ୧୧୩ ରନ କରିଥିଲା। ପ୍ରତିଯୋଗିତାରେ ଦୁଇଟି ମ୍ୟାଚ୍ ଖେଳି ସାରିଥିବା ଇଣ୍ଡିଆ–ସି ଦଳର ଏହା ପ୍ରଥମ ବିଜୟ। ତେବେ ଏହି ଦଳରେ ସ୍ଥାନ ପାଇଥିବା ପ୍ରତିଭାବାନ ଓଡ଼ିଆ ଖେଳାଳି ମାଧୁରୀ ମେହେଟାଙ୍କୁ ସୋମବାର ମ୍ୟାଚ୍‌ରେ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇ ନ ଥିଲା।

ଇଣ୍ଡିଆ–ସି ଅଧିନାୟିକା ବେଦ କ୍ରୀଷ୍ଣମୂର୍ତ୍ତି ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର ଯଷ୍ଟିକା ଭାଟିଆ ଓ ଶେଫାଳି ବର୍ମା ଚମତ୍କାର ଆରମ୍ଭ କରିଥିଲେ। ପାୱାର ପ୍ଲେ’ରେ ଉଭୟ ୫୦ରନ ସଂଗ୍ରହ କରିଥିଲେ। ଦଳୀୟ ସ୍କୋର ୫୮ ହୋଇଥିବାବେଳେ ଇଣ୍ଡିଆ–ସି ସେହି ସ୍କୋରରେ ଦୁଇ ଓପନରଙ୍କୁ ହରାଇଥିଲା। ଯଷ୍ଟିକା ୧୮ ଓ ସେଫାଲୀ ୩୮ ରନ (୨୪ ବଲ, ୭ ଚୌକା, ୧ ଛକା)ରେ ଆଉଟ ହୋଇଥିଲେ। ଦୁଇ ଓପନର ପ୍ୟାଭିଲିୟନ ଫେରିବା ପରେ ରନ୍ ସଂଗ୍ରହ ଧୀମା ହୋଇ ଯାଇଥିଲା। ନିର୍ଦ୍ଧାରିତ ଓଭରରେ ଇଣ୍ଡିଆ–ସି ୭ ଉଇକେଟ ହରାଇ ୧୨୩ ରନ କରିଥିଲା। ଅଧିନାୟିକା କ୍ରୀଷ୍ଣାମୂର୍ତ୍ତି ୧୭, ଦୟଲାନ ହେମଲତା ୨୪, ଉଇକେଟ୍‌କିପର ନୁଜହତ ପରୱିନ ୧୦, ଅରୁନ୍ଧତୀ ରେଡ୍ଡୀ ୯, ଭୃଷାଳି ଭଗତ ୪ ରନ କରିଥିବାବେଳେ ମନାଲୀ ଦକ୍ଷିଣୀ ଖାତା ଖୋଲି ପାରି ନ ଥିଲେ। ଇଣ୍ଡିଆ–ଏ ପକ୍ଷରୁ ଦୀପ୍ତି ଶର୍ମା ୨ଟି ଏବଂ ରାଧା ଯାଦବ, ସ୍ନେହ ରାଣା, ମାନସୀ ଯୋଶୀ ଓ ଦେବିକା ବୈଦ୍ୟଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋପୀନାଥ କର
(ଶିକ୍ଷାବିତ୍)
(ସୁଆରସାହି, ବଣିଆ ଗଳି, ପୁରୀ ସହର)
ଆବିର୍ଭାବ: ୧୯।୦୬।୧୯୪୦
ତିରୋଧାନ: ୨୯।୧୨।୨୦୧୯
ତୁମେ ଯେଉଁଠାରେ ଥାଅ ଭଲରେ ଥାଅ, ଆମକୁ ଆଶିଷ ଢାଳୁଥାଅ। ତୁମ ଅବର୍ତ୍ତମାନରେ ଲୁହ ଢାଳିବା ଛଡ଼ା ଅନ୍ୟ ଉପାୟ ବା’ କ’ଣ!! ଶ୍ରୀଜଗନ୍ନାଥ ତୁମ ଆତ୍ମାର ସଦ୍‌ଗତି କରନ୍ତୁ, ଏହା ହିଁ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଧର୍ମପତ୍ନୀ– ପାପୁ, ପୁତ୍ର– ଅଶ୍ୱିନୀ, ଝିଅ– ସୁମିତ୍ରା, ଜ୍ୱାଇଁ– ପ୍ରଣବ, ନାତୁଣୀ– ପ୍ରତୀକ୍ଷା ଓ ମାମାଲି, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟମାନେ ।
ଧ–୬୮୮୧୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଚାରୁଲତା ମହାନ୍ତି
ପୂର୍ଣ୍ଣେଶ୍ୱରୀ ସାହି, ନିମାପଡା
ଆବିର୍ଭାବ: ୧୦।୦୫।୧୯୪୧
ତିରୋଧାନ: ୨୮।୧୨।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବନ୍ଧୁ ଓ ପରିବାରବର୍ଗ ।
ଧ–୧୬୦୧୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦଶାହ ଉପଲକ୍ଷେ



୰ ଗୋକୁଳ ଚନ୍ଦ୍ର ମିଶ୍ର
(ଡମକଟା, ନରସିଂହପୁର)
ଆବିର୍ଭାବ: ୦୧.୦୭.୧୯୩୭
ତିରୋଧାନ: ୨୯.୧୨.୨୦୧୯
ଆପଣଙ୍କର ସ୍ୱର୍ଗପୁର ଯାତ୍ରାର ଅନୁପସ୍ଥିତିକୁ ଆମେ ପ୍ରତିଟି ମୁହୂର୍ତ୍ତରେ ଆପଣଙ୍କର ଭଗବତ ପ୍ରେମ, ଭଲପାଇବା, ସ୍ନେହ ଓ ଉତ୍ସାହ, ନିରନ୍ତର କବିତା ଲେଖନର ଅଭିନବ ଉତ୍କଣ୍ଠାକୁ ଅନୁଭବ କରୁଥିବା ସହ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ଏତିକି ବିନତୀ କରୁଅଛୁ କି ଆପଣଙ୍କର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ ଏବଂ ବୈକୁଣ୍ଠେ ବାସ କରୁ।
ଶୋକସନ୍ତପ୍ତ:
ପତ୍ନୀ, ପୁଅ–ବୋହୂ, ଝିଅ–ଜ୍ୱାଇଁ, ଭଉଣୀ–ଭିଣୋଇ, ଭାଇ–ଭାଇବୋହୂ, ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ମାନେ।
ଧ–୧୬୦୬୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀ ଭୀମେଶ୍ୱର ସ୍ୱାଇଁ
ଆବିର୍ଭାବ: ୧୦।୦୧।୧୯୫୦
ତିରୋଧାନ: ୨୮।୧୨।୨୦୧୯
ଆପଣଙ୍କ ସତ୍ୟନିଷ୍ଠ, ସରଳ ଏବଂ କର୍ତ୍ତବ୍ୟପରାୟଣ ଜୀବନଶୈଳୀ ଆମମାନଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଇତି ଆପଣଙ୍କ ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ।
ଧ–୧୬୦୬୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରଘୁ ନାଗେଶ
ସୌରା ସାହି, ମୁଖ୍ୟରାସ୍ତା, ନବରଙ୍ଗପୁର
ଆବିର୍ଭାବ: ୦୧।୦୬।୧୯୭୧
ତିରୋଧାନ: ୦୭।୦୧।୨୦୧୯
ଦୀର୍ଘ ୨୦ବର୍ଷ ସରକାରୀ ଚାକିରି କରି ଆମ୍ଭମାନଙ୍କୁ ଛାଡି ଚାଲିଗଲ। ସବୁବେଳେ ଆମ୍ଭମାନଙ୍କୁ ତୁମରି କଥା ମନେପଡୁଛି। ଆଜି ଆମ ପାଖରେ ନଥିଲେ ବି ପାଖରେ ଥିଲା ପରି ଆମେ ଅନୁଭବ କରୁଛୁ। ସ୍ୱର୍ଗରେ ଥାଇ ଆପଣ ଆମ୍ଭଙ୍କୁ ଆଶୀର୍ବାଦ କରନ୍ତୁ। ଯେପରି ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୁଃଖ କଷ୍ଟେ ଏହି ସଂସାରରେ ବଞ୍ଚିବୁ।
ଆପଣଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି:
ଗୁପ୍ତେଶ୍ୱରୀ (ସହଧର୍ମିଣୀ)
ପବନ, ସୁମନ (ପୁତ୍ରଦ୍ୱୟ)
ସୁରେଖା (ଭଉଣୀ)
ରାହୁଲ, ବିଲ୍ଟୁ (ଭଣଜା)
ଧ–୧୬୦୬୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନିତ୍ୟାନନ୍ଦ ନାଥ
ଦକ୍ଷୀଣକାଳୀ, ଢେଙ୍କାନାଳ
ଆବିର୍ଭାବ: ୨୭।୦୮।୧୯୪୧
ତିରୋଧାନ: ୧୮।୦୧।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ ।
ଧ–୬୬୮୪୧

### ତ୍ରୟୋଦଶୀ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶକୁନ୍ତଳା ତ୍ରିପାଠୀ
ପଟିଆଗଡ଼, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୬
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ–୫୯୫୩୪

### ୨୫ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ କାର୍ତ୍ତିକ ନାୟକ
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ତୁମର ହତଭାଗ୍ୟ ପତ୍ନୀ: କାଞ୍ଚନ, ପୁତ୍ର: ବାପି, ପପୁ, ଝିଅ: ସୁଧା, ରୀନା, ଇତି, ନାତି: ଦୀପକ, ନାତୁଣୀ: ଆସ୍ଥା, ଶିଖା, ଲିଜା, ଲିକା, ଲିପା, ପୁତ୍ରବଧୂ: ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ–୧୬୦୬୨

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶିବ କୁମାର ହୋତା
H-1/11, କପିଳପ୍ରସାଦ, ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ– ୦୩.୦୨.୧୯୨୭ | ତିରୋଧାନ– ୨୭.୧୨.୨୦୧୯
“ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ”
“ ଉତ୍ସର୍ଗିତ ଶ୍ରଦ୍ଧାଞ୍ଜଳି ସହ ”
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଧ–୬୮୯୫୩

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ରଣଜୀ ଟ୍ରଫି: ଓଡ଼ିଶା–ତ୍ରିପୁରା ମ୍ୟାଚ୍ ଡ୍ର’

**କଟକ ଅଫିସ, ୬।୧:** ତ୍ରିପୁରାର ଅଗରାତାଲାସ୍ଥିତ ମହାରାଜା ବୀର ବିକ୍ରମ କଲେଜ ଷ୍ଟାଡିୟମରେ ଚାଲିଥିବା ଚଳିତ ରଣଜୀ ଟ୍ରଫିର ଓଡ଼ିଶା–ତ୍ରିପୁରା ବିପକ୍ଷ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଫଲୋଅନ ହୋଇଥିଲା। ତ୍ରିପୁରା ୩ ପଏଣ୍ଟ ହାସଲ କରିଥିବା ବେଳେ ଓଡ଼ିଶାକୁ ୧ ପଏଣ୍ଟ ମିଳିଛି । ୪ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ୩ଟିରେ ବିଜୟ ଓ ଗୋଟିଏ ଅମୀମାଂସିତ କରି ୨୨ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି । ପ୍ରଥମ ଦୁଇ ଦିନର ଖେଳ ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା। ରବିବାର ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୨୮୮/୬ରେ ଇନିଂସ ଘୋଷଣା କରିଥିବା ବେଳେ କୌଣସି ଉଇକେଟ ନ ହରାଇ ଓଡ଼ିଶା ୫ରନ କରିଥିଲା। ରବିବାର ତ୍ରିପୁରାର ପେସ୍ ବୋଲିଂ ଆଟାକ୍ ପ୍ରଭାବଶାଳୀ ରହିଥିଲା। ୩୫ରନରେ ଓଡ଼ିଶା ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ଗୋବିନ୍ଦ ପୋଦ୍ଦାର ୮, ଶାନ୍ତନୁ ମିଶ୍ର ୧୧, ଦେବାଶିଷ ସାମନ୍ତରାୟ ୫, ଅଧିନାୟକ ଶୁଭ୍ରାଂଶୁ ସେନାପତି ୦, ଅଭିଶେକ ରାଉତ ୧ରନ ଓ ଉଇକେଟ କିପର ସୁଜିତ ଲେଙ୍କା ୫ରନରେ ଆଉଟ ହୋଇଥିଲେ। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ସଂଘର୍ଷପୂର୍ଣ୍ଣ ୫୧ରନର ଇନିଂସ ଖେଳିବା ଫଳରେ ଓଡ଼ିଶାର ଦଳୀୟ ସ୍କୋର ୧୦୦ ଅତିକ୍ରମ କରିଥିଲା । ଏହାଛଡ଼ା ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକାନ୍ତ ପ୍ରଧାନ ୨୧ରନ ଓ ବସନ୍ତ ମହାନ୍ତି ୧୭ରନର ଉପଯୋଗୀ ଇନିଂସ ଖେଳିଛନ୍ତି। ରାଜେଶ ମହାନ୍ତି ଓ ପପୁ ରାୟ ଖାତା ଖୋଲି ପାରି ନଥିଲେ। ଓଡ଼ିଶା ୧୨୧ରନରେ ଅଲଆଉଟ ହେବା ସହ ଫଲୋଅନ ହୋଇ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। ପ୍ରଥମ ଇନିଂସରେ ତ୍ରିପୁରା ପକ୍ଷରୁ ମନିଶଙ୍କର ମୁରାସିଂ ୩ ଓ ରାଣା ଦତ୍ତ ୫ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ଓଡ଼ିଶା ଗୋଟିଏ ଉଇକେଟ ହରାଇ ୭୧ରନ କରିଥିଲା। ଶାନ୍ତନୁ ମିଶ୍ର ୬ନରରେ ଆଉଟ ହୋଇଥିବା ବେଳେ ଗୋବିନ୍ଦ ୩୩ ରନ ଓ ଶୁଭ୍ରାଂଶୁ ୨୬ ରନରେ ଅପରାଜିତ ରହିଥିଲେ।

## ଅଷ୍ଟ୍ରେଲିଆର ସିରିଜ ସୁଇପ୍

**ସିଡ୍‌ନୀ, ୬।୧ (ଏପି):** ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ସ୍ଥାନୀୟ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୨୭୯ ରନରେ ବୃହତ୍ ବିଜୟ ଲାଭ କରିଛି। ୪୧୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ସୋମବାର ୪ର୍ଥ ଦିବସରେ ମାତ୍ର ୧୩୬ ରନରେ ସୀମିତ ରହିଥିଲା। ପୂର୍ବରୁ ପର୍ଥ ଓ ମେଲବୋର୍ନ ଟେଷ୍ଟକୁ ଯଥାକ୍ରମେ ୨୯୬ ଓ ୨୪୭ ରନରେ ଜିତିଥିବା ଟିମ୍ ପାଇନ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୩–୦ରେ ହାତେଇ ସିରିଜ କ୍ଲିନ୍ ସୁଇପ୍ କରିଛି। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନରେ ରହିଥିବା ନ୍ୟୁଜିଲାଣ୍ଡ ଏହାର ନୈରାଶ୍ୟଜନକ ଟୁର୍ ଶେଷ କରିଛି। ଅପରପକ୍ଷରେ ସିରିଜ ଜିତିଥିବା ଅଷ୍ଟ୍ରେଲିଆ ଦଳ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ରେ ୧୦ ମ୍ୟାଚ୍‌ରୁ ୭ ବିଜୟ ଓ ୨ ପରାଜୟ ଓ ଗୋଟିଏ ଡ୍ର ସହ ୨୯୬ ପଏଣ୍ଟ ପାଇ ଟେବୁଲରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଭାରତ ୭ ମ୍ୟାଚ୍‌ରୁ ୭ ବିଜୟ ସହ ୩୬୦ ପଏଣ୍ଟ ପାଇ ପୂର୍ବବତ୍ ତାଲିକାର ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛି। ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ଖେଳି ୪ ପରାଜୟ ଓ ଗୋଟିଏ ବିଜୟ ସହ ୬୦ ପଏଣ୍ଟ ପାଇ ୫ମ ସ୍ଥାନ ଲାଭ କରିଛି।

ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୪୦/୦ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ସୋମବାର ୨୧୭/୨ରେ ଇନିଂସ ଘୋଷଣା କରିଥିଲା। ଇନ୍‌ଫର୍ମ ଓପନର ଡେଭିଡ୍ ୱାର୍ନର ୧୧୧ ରନ (୯ ଚୌକା)ର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଟେଷ୍ଟରେ ଏହା ତାଙ୍କର ୨୪ତମ ଶତକ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋ ବର୍ନ୍ସ ୪୦ ଓ ପ୍ରଥମ ଇନିଂସର ଦ୍ୱିଶତକ ହାସଲକାରୀ ମାର୍ନସ ଲାବୁସେନ ୫୯ ରନ କରିଥିଲେ। ଫଳରେ ପ୍ରଥମ ଇନିଂସରେ ୧୯୮ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଥିବା ଅଷ୍ଟ୍ରେଲିଆ ୪୧୬ ରନର କଷ୍ଟସାଧ ଲକ୍ଷ୍ୟ ନ୍ୟୁଜିଲାଣ୍ଡ ସମ୍ମୁଖରେ ରଖିଥିଲା।

ଜବାବରେ ୪୧୬ ରନର ଲକ୍ଷ୍ୟକୁ ପିଛା କରିଥିବା କିୱି ଦଳ ସ୍ପିନର ନାଥନ ଲିୟନଙ୍କୁ ସାମ୍ନା କରି ନ ପାରି ୪୭.୫ ଓଭରରେ ୧୩୬ ରନରେ ସମସ୍ତ ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ କଲିନ୍ ଡି ଗ୍ରାଣ୍ଡହୋମ୍ ୫୨, ରସ ଟେଲର ୨୨, ଉଇକେଟ୍‌କିପର ବିଜେ ୱାଟ୍‌ଲିଂ ୧୯, ଟଡ୍ ଆଷ୍ଟଲ ୧୭ ରନ କରିଥିଲେ। ପ୍ରଥମ ଇନିଂସ (୫/୬୮) ଭଳି ଲିୟନ ୫୦ ରନ ବିନିମୟରେ ୫ ଉଇକେଟ୍ ସଫଳତା ପାଇଥିଲେ। ଫଳରେ ମ୍ୟାଚ୍‌ରେ ସେ ୧୧୮ ରନ ବ୍ୟୟରେ ମୋଟ୍ ୧୦ ଉଇକେଟ୍ ଅକ୍ତିଆର କରିଛନ୍ତି। ଦ୍ୱିଶତକ ହାସଲକାରୀ ଲାବୁସେନ (୨୧୫)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୭/୨୦୨୦ Sambalpur, Tuesday, January 7 / 2020








ସୋମବାର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆସ୍ଥିତ ଚିତ୍ରକଳା ପ୍ରଦର୍ଶନୀକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି (ଉପର)। ୨ ଯୁବତୀ ରଙ୍ଗୋଲି ପ୍ରସ୍ତୁତ କରୁଛନ୍ତି ।

# ଚିତ୍ରକଳାରେ ଦର୍ଶକ ବିମୋହିତ

**ସମ୍ବଲପୁର, ୬।୧ (ବ୍ୟୁରୋ)**

ସମ୍ବଲପୁର ଲୋକ ମହୋତ୍ସବର ଚିତ୍ରକଳା ପ୍ରଦର୍ଶନୀ ହେଉଛି ଅବିଚ୍ଛେଦ୍ୟ ଅଙ୍ଗ। ପ୍ରଦର୍ଶନୀରେ ଚିତ୍ରକଳା, ଝୋଟି, ରଙ୍ଗୋଲି, ଫଟୋ ପ୍ରଦର୍ଶିତ କରାଯାଇ ଦର୍ଶକଙ୍କୁ ଆକୃଷ୍ଟ କରାଯାଇଥାଏ । ଚଳିତବର୍ଷ ପ୍ରଦର୍ଶନୀ ଦର୍ଶକଙ୍କୁ ବିମୋହିତ କରିଛି । ପଶ୍ଚିମ ଓଡିଶାର ପରମ୍ପରା, ସଂସ୍କୃତି, ଦୃଶ୍ୟରାଜି, ସଚେତନତାର ବାର୍ତ୍ତା ଶୀର୍ଷକ ଚିତ୍ରଗୁଡିକ ବେଶD ମନଛୁଆଁ ହୋଇଛି । ସ୍କୁଲସ୍ତରରେ ୩୫୦, ଫାଇନଆର୍ଟ ବର୍ଗରେ ୨୫୦ଟି, କର୍ମଶାଳାରେ ଆଙ୍କିଥିବା ଚିତ୍ରଶିଳ୍ପୀଙ୍କ ୮୦ଟି ଚିତ୍ରକଳା, ଝୋଟି ଓ ରଙ୍ଗୋଲି ସ୍ଥାନୀତ ହୋଇଛି । ପ୍ରଦର୍ଶନୀ ସମ୍ମୁଖ ଦ୍ୱାରରେ ସୌରାଆର୍ଟ ଶୋଭା ପାଉଛି । ମଧ ଭାଗରେ ସମ୍ବଲପୁରୀ ନୃତ୍ୟ ମଝିରେ ସମଲେଇ ଦେବୀ ବିରାଜମାନ ହୋଇଛନ୍ତି । ସମଲେଇଙ୍କ ତଳ ପାର୍ଶ୍ୱରେ ବାଳିକାମାନେ ଆଙ୍କିଥିବା ରଙ୍ଗୋଲି ପ୍ରଦର୍ଶନୀର ଶୋଭାକୁ ଦ୍ୱିଗୁଣିତ କରିଛି । ପ୍ରଦର୍ଶନୀ ଉପକମିଟି ଆବାହକ ସୁଶାନ୍ତ କୁମାର ବଢ଼େଇଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନୀ ହୋଇଛି । ଚିତ୍ରଶିଳ୍ପୀ କୁଳଦୀପ ବର୍ମା, ମୋନାଲିସା ଭଗତ, ମନୋଜ ଚୌଧୁରୀ, ମହମ୍ମଦ କାସିମ, ନିତ୍ୟାନନ୍ଦ ପଣ୍ଡା, ଯତୀନ ପାଢ଼ୀ, ନୃସିଂହ ନାୟକ, ସୁଧାଂଶୁ ନାୟକ ସହଯୋଗ କରିଛନ୍ତି । ଏହି ପ୍ରଦର୍ଶନୀ ଦେଖିବାକୁ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ମହିଳା,ପୁରୁଷ, ବାଳିକା, ବାଳକଙ୍କ ଭିଡ ଲାଗିଛି ।

# ସ୍ତ୍ରୀଙ୍କ ଗଳା ଚିପି ହତ୍ୟା,ସ୍ୱାମୀ ଗିରଫ

**ସୁନ୍ଦରଗଡ଼,୬।୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅଧୀନ ସେମନା ଗ୍ରାମରେ ଜଣେ ବ୍ୟକ୍ତି ସ୍ତ୍ରୀଙ୍କ ଗଳା ଚିପି ହତ୍ୟା କରିଛନ୍ତି। ସୋମବାର ପୋଲିସ ଅଭିଯୁକ୍ତ ସ୍ୱାମୀ କୁଶ ମାଝି (୪୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ମୁତାବକ କୁଶ ଓ ତାଙ୍କ ସ୍ତ୍ରୀ ସୁବାସିନୀ(୩୨)ଙ୍କ ମଧ୍ୟରେ ଶନିବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ନିଶାସକ୍ତ ଥିବା କୁଶ ସୁବାସିନୀଙ୍କ ଗଳା ଚିପି ହତ୍ୟା କରିଥିଲେ। ଗାଁର ଜନ ପ୍ରତିନିଧିଙ୍କ ଏତଲାକ୍ରମେ ସଦର ଥାନା ପୋଲିସ ସୁବାସିନୀଙ୍କ ମୃତଦେହ ଜବତ କରି ସୁନ୍ଦରଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ସକାଶେ ପଠାଇ ତଦନ୍ତ ଆରମ୍ଭ କରିଥିଲେ। ସୁବାସିନୀଙ୍କ ମୃତ୍ୟୁର ପ୍ରକୃତ କାରଣ ପ୍ରାଥମିକ ତଦନ୍ତରୁ ଜଣାପଡି ନ ଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ କୁଶଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା । ସେ ସୁବାସିନୀଙ୍କୁ ଗଳା ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏ ନେଇ ସଦର ଥାନାରେ ଏକ ହତ୍ୟା ମାମଲା (ନଂ. ୫/୨୦)ରୁଜୁ ହୋଇଛି ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ



ଅଧିକା ଲାଭକୁ ଧାଉଁଥିବା ଲୋଭୀ ଲୋକ
ହିଁ କେବଳ ଠକାମୀରେ ପଡିଥାଏ।
- ବାକନ



## ସଂକ୍ଷେପରେ

### ପାପକ୍ଷୟ ଲୋକ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିନିକା, ୬।୧(ଡି.ଏନ୍.ଏ.): ଫେବୃୟାରୀ ୧ ତାରିଖରୁ ଆରମ୍ଭ ହେବାକୁ ଥିବା ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଲୋକ ମହୋତ୍ସବ ପାଇଁ ଏକ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏନଏସି କମ୍ୟୁନିଟି ହଲ ସମ୍ମୁଖ ସ୍ପୋର୍ଟସ୍ କ୍ଲବ କୋଠାଘରକୁ କାର୍ଯ୍ୟାଳୟଭାବେ ମହୋତ୍ସବ କମିଟି ସଭାପତି ଜୟ ମଙ୍ଗଳ ବିଶି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ମହୋତ୍ସବ କମିଟି ସମ୍ପାଦକ ଶେଖର ଶର୍ମା, ସକ୍ରିୟ ସଦସ୍ୟ ଭୀମସେନ୍ ସାହୁ, ହିମାଂଶୁ ଭୂଷଣ ପଣ୍ଡା, ଉଷତ କର , ରାଘବ ଦାସ, ସୁଧାଂଶୁ ପଣ୍ଡା, ଅରୁଣ ପଣ୍ଡା, ମାନସ ବେହେରା, ବିନୋଦ ବିହାରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରୁଗୁଡ଼ିପାଲି ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷିତ

ସୋନପୁର, ୬।୧(ନି.ପ୍ର.)

ଗତ ବର୍ଷ ମୋ ନାତୁଣିର ବାହାଘର ଠିକ୍ ହୋଇଥିଲା। ସେତେବେଳେ ତାକୁ ପ୍ରାୟ ୧୫ ବର୍ଷ ହୋଇଥିଲା। ଗାଁର ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ଘରକୁ ଆସି ବାହାଘର ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମେ ଆମେ ତାଙ୍କ ଉପରେ ରାଗିଥିଲୁ। ପରେ ବାଲ୍ୟ ବିବାହର ଅପକାରିତା ବିଷୟରେ ଜାଣିଲା ପରେ ବିବାହ ବନ୍ଦ କରିଥିଲୁ। ଏଥିପାଇଁ ଗୀତାଞ୍ଜଳିଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଥିଲୁ ବୋଲି କୁହନ୍ତି ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ରୁଗୁଡିପାଲି ଗ୍ରାମର ମହିଳା ଜ୍ଞାନ ରଣା(୬୫)। କେବଳ ଜ୍ଞାନ ନୁହନ୍ତି, ତାଙ୍କ ପରି ଆହୁରି ଅନେକଙ୍କୁ ବୁଝାସୁଝା ପରେ ଏମିତି ବାଲ୍ୟ ବିବାହକୁ ଗାମରେ ବନ୍ଦ କରାଯାଇ ପାରିଛି। ଏହି ଗ୍ରାମରେ ୨୦୧୯ ମସିହାରେ ସବୁ ବାଲ୍ୟ ବିବାହକୁ ରୋକା ଯାଇ ପାରିଥିବାରୁ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ




ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ, ଶିଶୁ ଓ ଅଧିକାରୀଙ୍କ ସହିତ ଜିଲାପାଳ ମୋନିଷା ବାନାର୍ଜୀ।

ଘୋଷଣା କରାଯାଇଛି। ସୋମବାର ଏହି ଉଦ୍ଦେଶ୍ୟରେ ରୁଗୁଡିପାଲିଠାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ରୁଗୁଡିପାଲିକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରିଥିଲେ। ନିଜର ବକ୍ତବ୍ୟରେ ପିଲାମାନେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସାମାଜିକ ଉତ୍ତର ଦାୟିତ୍ୱ ସୃଷ୍ଟି କରନ୍ତୁ। ବିବାହ ସମ୍ପର୍କିତ ନିଷ୍ପତ୍ତି ନିଜେ ନେଇ ପାରିବା ଭଳି ସକ୍ଷମ କରିବାକୁ ପଡିବ ବୋଲି ଜିଲାପାଳ କହିଥିଲେ। ଏକ୍ସନ ଏଡର ଜାତୀୟ ପ୍ରବନ୍ଧକ ଘାସିରାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୦୩୦ ସୁଦ୍ଧା ସମଗ୍ର ରାଜ୍ୟକୁ ବାଲ୍ୟ ବିବାହମୁକ୍ତ ଘୋଷଣା ପାଇଁ ରାଜ୍ୟ ସରକାର ସଙ୍କଳ୍ପ ନେଇଛନ୍ତି। ସଂକଳ୍ପ ପୂରଣ ଦିଗରେ ଗ୍ରାମବାସୀଙ୍କ ପଦକ୍ଷେପ ସହାୟକ ହେବ। ଅଙ୍ଗନୱାଡି କର୍ମୀମାନେ ସକ୍ରିୟ ଭାବରେ କାର୍ଯ୍ୟ କଲେ ସମସ୍ତ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ କରାଯାଇ ପାରିବ ବୋଲି ଗୀତାଞ୍ଜଳି ପ୍ରମାଣିତ କରିଥିବା ପଣ୍ଡା କହିଥିଲେ। ସୋନପୁର ବ୍ଲକ ବାଲ୍ୟ ବିବାହ ନିଷେଧ ଅଧିକାରୀ ନିବେଦିତା ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପଟେଲ, ଜିଲା ସମାଜ ମଙ୍ଗଳ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ, ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ, ମୟୁରଉଡାନ ସରପଞ୍ଚ ଭାଗ୍ୟବତୀ ବାଘ ଯୋଗ ଦେଇଥିଲେ। ଏଥିରେ ଗ୍ରାମର ସମସ୍ତ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କିଶୋରୀ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ସୁବର୍ଣ୍ଣପୁରରେ ମିଳିତ ଜନ ଶୁଣାଣି

ସୋନପୁର,୬।୧(ନି.ପ୍ର.)

ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲାପାଳଙ୍କ ମିଳିତ ଜନଶୁଣାଣି ଓ କୃଷି ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଲୋକଙ୍କର ଅଭିଯୋଗ ଶୁଣି ତାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ, ସୋନପର ଉପଜିଲାପାଳ ବଳରାମ ମଲ୍ଲିକ, ବିଡିଓ ରବିନ୍ଦ୍ର କୁମାର ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଜେନା, ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ସିଡିପିଓ ନିବେଦିତା ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମୋଟ ୧୨୨ଟି ଅଭିଯୋଗ ଆସିଥିଲା ବେଳେ ୧୦୭ଟି ବ୍ୟକ୍ତିଗତ ଥିଲା । ୪ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ ହୋଇଥିଲା । ୧୭ଜଣ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ। ୧୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା।

# ଅଚାନକ ସ୍କୁଲ ପରିଦର୍ଶନ କଲେ ଗଣଶିକ୍ଷାମନ୍ତ୍ରୀ

## ଡେମୋ ପ୍ରଶ୍ନପତ୍ର ଦେଇ ନ ଥିବାରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ଅମରପାଲି, ୬।୧ (ଡି.ଏନ.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସ୍କୁଲକୁ ଅଚାନକ ପରିଦର୍ଶନ କରିଛନ୍ତି। ସୋନପୁରରୁ ରେଢ଼ାଖୋଲ ବ୍ଲକ କଦଳୀଗଡ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଯାଉଥିବା ବେଳେ ଉଲୁଣ୍ଡା ବ୍ଲକ ଧର୍ମଶାଳା ହାଇସ୍କୁଲ ଓ ପରେ ବୀରମହାରାଜପୁର ବାଳକ ହାଇସ୍କୁଲ ପରିଦର୍ଶନ କରିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଥମେ ଧର୍ମଶାଳା ହାଇସ୍କୁଲକୁ ଯାଇଥିଲେ। ସେଠାରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଡେମୋ ପ୍ରଶ୍ନପତ୍ର ଦେଇ ନଥିବାରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ବୀରମହାରାଜପୁର ବାଳକ ହାଇସ୍କୁଲକୁ ଯାଇଥିଲେ। ପ୍ରଥମେ ଦଶମ ଶ୍ରେଣୀକୁ ଯାଇ ଛାତ୍ରମାନଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। କିଭଳି ପାଠପଢ଼ା ହେଉଛି ଏ ନେଇ ଛାତ୍ରମାନଙ୍କଠାରୁ ବୁଝିଥିଲେ । ପରେ ଶିକ୍ଷକମାନଙ୍କୁ ଦଶମ ଶ୍ରେଣୀ ପିଲାଙ୍କୁ ଅତିକମରେ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ସ୍କୁଲରେ ପାଠ ପଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍କୁଲ ଶିକ୍ଷକମାନଙ୍କ ପକ୍ଷରୁ ସ୍କୁଲର ବିଭିନ୍ନ ସମସ୍ୟା ଓ ଅଧିକ ଶିକ୍ଷକ ଦେବାକୁ ଅନୁରୋଧ କରାଯାଇଥିଲା । ମନ୍ତ୍ରୀ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ସେଠାରୁ ମନ୍ତ୍ରୀ ବୀରମହାରାଜପୁର ସୀମାବର୍ତ୍ତୀ ରେଢ଼ାଖୋଲ ବ୍ଲକର କନ୍ଧରା ପ୍ରାଥମିକ ସ୍କୁଲକୁ ଯାଇଥିଲେ। ସେଠାରେ ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ ।



ବୀରମହାରାଜପୁର ହାଇସ୍କୁଲରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ।

# ଜିଲା ଦଣ୍ଡନୃତ୍ୟ ଲୋକମହୋତ୍ସବ ଉଦ୍‌ଯାପିତ

## ୪ଜିଲାର ୩୬ ଦଳ ପରିବେଷଣ କଲେ ଷୋହଳ ସୁଆଙ୍ଗ

ଅମରପାଲି, ୬।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ମହଦାଠାରେ ଜିଲା ଦଣ୍ଡନୃତ୍ୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ନିର୍ମାଣ ଶ୍ରମିକ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ମହଦା ସ୍କୁଲ ପଡିଆରେ ହୋଇଯାଇଛି। ସଂଘର ସୁବର୍ଣ୍ଣପୁର ଜିଲା ସଭାପତି କର୍ଣ୍ଣରାଜ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଏନଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା ମୁଖ୍ୟଅତିଥି ଏବଂ ସଂଘର ରାଜ୍ୟ ସଭାନେତ୍ରୀ ପ୍ରଣତୀ ମିଶ୍ର, କାର୍ଯ୍ୟକାରୀ ସଭାପତି ଶ୍ରୀଧର ଚୌଧୁରୀ, ବୀରମହାରାଜପୁର ଅରବିନ୍ଦ ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ମନୋରଞ୍ଜନ ଦାଶ, ବୀରମହାରାଜପୁର ବ୍ଲକ କଳାକାର ସଂଘର ସଭାପତି ରାମକୃଷ୍ଣ ହୋତା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କ୍ଷେତ୍ରବାସୀ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଶ୍ରୀଧର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟ ପରିବେଷଣ



ଜଣେ କଳାକାରଙ୍କୁ ଢୋଲ ପ୍ରଦାନ କରାଯାଉଛି।

କରାଯାଇଥିଲା। ସୁବର୍ଣ୍ଣପୁର, ସମ୍ବଲପୁର, ଅନୁଗୋଳ ଓ ବୌଦ୍ଧ ଜିଲାର ପ୍ରାୟ ୩୬ଟି ଦଳର ୪୯୦ଜଣ କଳାକାର ଯୋଗଦେଇ ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ପର୍ଯ୍ୟାୟକ୍ରମେ ପତରସହୁରା ସହରାଣୀ, ଦିଅର ଭାଉଜ, ଶାଳୀ ଭିଣେଇ, ବିଣାକାର ବିଣାକାରୁଣୀ, ଶବର ଶବରୁଣୀ, ସାଗୁଆ ସାଗୁଆଣି ଆଦି ସୁଆଙ୍ଗ ପରିବେଷଣ କରାଯାଇଥିଲା। ସହସ୍ରାଧିକ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନଭରି ଉପଭୋଗ କରିଥିଲେ । ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ୫ଟି ଦଳକୁ ଢ଼ୋଲ ପ୍ରଦାନ କରାଯାଇଥିଲା। ଭୁରଧାପାଲି ଓ ଗୁଜାର ଆଦିବାସୀ ନୃତ୍ୟ ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃଷକ ସଙ୍ଗଠନର ସ୍ମାରକପତ୍ର

## କାଳିଆ ଯୋଜନାରେ ପୂର୍ବ ଭଳି ମିଳୁ ବାର୍ଷିକ ସହାୟତା

ସୋନପୁର,୬।୧(ନି.ପ୍ର.)

ନବନିର୍ମାଣ କୃଷକ ସଂଗଠନ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସୋମବାର ସ୍ମାରକ ପ୍ରଦାନ କରାଯାଇଛି। ଚାଷୀ ନେତା ତଥା ସଂଗଠନର ଜିଲା ସଂଯୋଜକ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ନିର୍ବାଚନ ପୂର୍ବରୁ ଓଡିଶାର ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶୃତି ପାଳନ କରିବାକୁ ଏଥିରେ ଅନୁରୋଧ କରାଯାଇଛି। ରାଜ୍ୟ ସରକାର କାଳିଆ ଯୋଜନାରେ କ୍ଷୁଦ୍ର, ମଧ୍ୟମ, ନାମମାତ୍ର ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଓ ଭୂମିହୀନ ଚାଷୀଙ୍କୁ ବାର୍ଷିକ ୧୨ ହଜାର ୫୦୦ଟଙ୍କା ପ୍ରଦାନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ୭୦ଲକ୍ଷ ଚାଷୀଙ୍କୁ ଏହି ସହାୟତା ମିଳିବ ବୋଲି କୁହାଗଲା। ୩ ବର୍ଷ ପାଇଁ ୧୦ ହଜାର ୧୮୦ କୋଟି ଟଙ୍କାର ଯୋଜନା ଯାହା ଚାଷୀଙ୍କୁ ଦେବା ପାଇଁ ଆଇନ ହେଲା । ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯୋଜନାକୁ କାର୍ଯ୍ୟକାରୀ କରାଗଲା। ନିର୍ବାଚନ ଜିତିବାର ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରିବାକୁ ପ୍ରତିଶୃତି ମିଳିଲା। ଚାଷୀମାନେ ସରକାରଙ୍କୁ ଭୋଟ ଦେଲେ। କିନ୍ତୁ ନିର୍ବାଚନ ସରିବାର ମାତ୍ର ୬ମାସ ପରେ ସରକାର ଚାଷୀଙ୍କୁ ଠକିବାକୁ ବସିଛନ୍ତି। ଗତ ୪ ତାରିଖରେ ସରକାର ଘୋଷଣା କରିଛନ୍ତି ଯେ, ୨୦୨୦-୨୧ରେ ରାଜ୍ୟ ସରକାର ବାର୍ଷିକ ୧୦ ହଜାର ବଦଳରେ ମାତ୍ର ୪ ହଜାର ଟଙ୍କା ଚାଷୀଙ୍କୁ ଦେବେ। ଏହାକୁ ଚାଷୀ ସଂଗଠନ ବିରୋଧ କରିଛି। ରାମକୃଷ୍ଣ ମଲ୍ଲିକ, ସ୍ୱପ୍ନେଶ୍ୱର ମିଶ୍ର, ସୁଧାଂଶୁ ଦନ୍ତା, ଶୁଭ୍ରାନ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମଣ ଭୋରାସାଗର ଓ ରାଜେନ୍ଦ୍ର ସା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।



ଚାଷୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଛନ୍ତି ।

# ଦୃଷ୍ଟି ବାଧିତ ଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ

ସୋନପୁର,୬।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି କଲେଜରେ ଯୁକ୍ତ ୨ ପଢୁଛନ୍ତି ଦୃଷ୍ଟିବାଧିତ ଛାତ୍ରୀ ରୋଜି ଦଣ୍ଡସେନା । ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟୁପାଲି ଗ୍ରାମର ଗୌରାଙ୍ଗ ଦଣ୍ଡସେନାଙ୍କ ମେଧାବୀ ଝିଅ ରୋଜି ଭଲ ଗୀତ ମଧ୍ୟ ଗାଇ ପାରନ୍ତି। ସହାୟତା ପାଇଁ ସେ ପୂର୍ବରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପଢିବାରେ ସହାୟକ ହେବା ପାଇଁ ଗୋଟିଏ ପୋଟେବୁଲ ଡିଜିଟାଲ ଭିଡିଓ ମାଗ୍ନିଫାୟର ଗ୍ଲାସ, ଟିଭି ଦେଖିବା ପାଇଁ ଗୋଟିଏ ସ୍ୱତନ୍ତ୍ର ସିସିଟିଭି ମାଉସ ଓ ଦୂର ଜିନିଷ ଦେଖିବା ପାଇଁ ଗୋଟିଏ ବୋଇନୋକୁଲର ସମଗ୍ର ଶିକ୍ଷା ଅଭିଯାନର ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ତରଫରୁ ଯୋଗାଇ ଦିଆଯାଇଛି। ହାଇଦ୍ରାବାଦରୁ ମଗା ଯାଇଥିବା ଏହି ସବୁ ଉପକରଣକୁ ଜିଲାପାଳ ବାନାର୍ଜୀ ସୋମବାର ରୋଜିଙ୍କୁ ପ୍ରଦାନ କରିଛନ୍ତି। ଆଂଶିକ ଦୃଷ୍ଟି ସମ୍ପନ୍ନ ଏହି ଛାତ୍ରୀ ଜଣକ ଏହି ଉପକରଣ ସହାୟତାରେ ତାଙ୍କର ଲକ୍ଷ୍ୟ ହାସଲ କରି ପାରିବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ ।

### ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟ

# ରେଣ୍ଟାଲ, ଦଲପୁର, ଟାଙ୍ଗର, ଯୁଯୁମୁରା ଦଳର ବିଜୟ

ଉଲୁଣ୍ଡା, ୬।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଡୋଲ ପଞ୍ଚାୟତ ଦକ୍ଷିଣିପାଲି ଖେଳପଡିଆରେ ଶାନ୍ତିପ୍ରକାଶ ହକି ଆସୋସିଏଶନ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିନ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ରେଣ୍ଟାଲ ଦଳ ପଡିଆବାହାଲକୁ ୪-୦, ଦ୍ୱିତୀୟ ମ୍ୟାଚରେ ଦଲପୁର ଦଳ କେନ୍ଦୁମୁଣ୍ଡାକୁ ୧-୦, ତୃତୀୟ ମ୍ୟାଚରେ ଟାଙ୍ଗର ଦଳ ଛାମୁଣ୍ଡାକୁ ୨-୦, ଚତୁର୍ଥ ମ୍ୟାଚରେ ଯୁଯୁମୁରା ଦଳ ବୁଢୀଝରଣକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଖେଳ ସବୁକୁ ସୁଶୀଲ କାଣ୍ଡୁଲାନା, ସୁବାଶ ବାରଲା, ଇଗନେଶ ବାରଲା ପରିଚାଳନା କରିଥିଲେ। ବାରନା ଭେଙ୍ଗେରା ଓ ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

ରବିବାର ସାମାଜିକ କର୍ମୀ କଷ୍ଟ ଦୀପ, ସରୋଜ ମେହେର, ସନ୍ତୋଷ ଭୁକ୍ତା, ଅବସରପ୍ରାପ୍ତ ରେଞ୍ଜର ପ୍ରେମଚାନ୍ଦ ଟପ୍ପୋ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥଲେ। ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଗୁଜା ଦଳ ରଣାତାଲକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବାଗଲତା ଦଳ ୨-୦ଗୋଲରେ ରାଣପାଲକୁ ଏବଂ ତୃତୀୟ ମ୍ୟାଚରେ ଗିନ୍ଦିଲ୍ଲାମାଲ ଦଳ କୁଚିଣ୍ଡାକୁ ୨-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା।



ଉଦଘାଟନୀ ମ୍ୟାଚରେ ମୁହାଁମୁହିଁ ହୋଇଥିବା ଗୁଜା ଓ ରଣାତାଲର ଖେଳାଳିମାନେ।

# ସିଏଏ ଶରଣାର୍ଥୀଙ୍କ ମାନବାଧିକାରକୁ ସୁନିଶ୍ଚିତ କରିବ

## କଂଗ୍ରେସର ବିରୋଧ ଭୋଟ ବ୍ୟାଙ୍କ ରାଜନୀତି ପାଇଁ

ସୋନପୁର,୬।୧(ନି.ପ୍ର.)

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) କାହାର ନାଗରିକତା ଛଡାଇ ନେବନି, ବରଂ ନାଗରିକତ୍ୱ ପ୍ରଦାନ କରିବ। ବିରୋଧୀମାନେ ରାଜନୈତିକ ଅଭିସନ୍ଧି ରଖି ଜନସାଧାରଣଙ୍କୁ ଭୁଲ ବାର୍ତ୍ତା ଦେଉଛନ୍ତି। ସିଏଏକୁ ନେଇ କେନ୍ଦ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଦେଶର ହିତ ପାଇଁ। ଧର୍ମ ଆଧାରରେ ଉତ୍ପୀଡନର ଶିକାର ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁ ସମୁଦାୟ ଭାରତର ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଏଥିଲାଗି କୌଣସି ଭାରତୀୟ ଭୟଭୀତ ହେବାର କାରଣ ନାହିଁ। କଂଗ୍ରେସ ନେତାମାନେ ନିଜ ଭୋଟ ବ୍ୟାଙ୍କକୁ ସୁରକ୍ଷା ଦେବା ସକାଶେ ଉକ୍ତ ଆଇନ ସମ୍ପର୍କରେ ଲୋକଙ୍କୁ ମିଥ୍ୟା ତଥ୍ୟ ଦେଇ ଦେଶ ବିରୋଧରେ ଷଡଯନ୍ତ୍ର କରୁଛନ୍ତି ବୋଲି ସୋନପୁରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ



ଖବରଦାତା ସମ୍ମିଳନୀରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସୂଚନା ଦେଉଛନ୍ତି।

କହିଛନ୍ତି ଭାଜପା ନେତା ତଥା ବଲାଙ୍ଗୀର ଜିଲା ଲୋଇସିଂହାର ବିଧାୟକ ଡ. ମୁକେଶ କୁମାର ମହାଲିଙ୍ଗ। ଭାଜପା ପକ୍ଷରୁ ସିଏଏ ସପକ୍ଷରେ ବ୍ୟାପକ ଜନସମ୍ପର୍କ ଅଭିଯାନ ଅବସରରେ ବାଂଲାଦେଶ, ଆଫଗାନିସ୍ତାନ ଓ ପାକିସ୍ତାନରେ ଧର୍ମୀୟ ବିଦ୍ୱେଶର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ତାରିଖ ସୁଦ୍ଧା ଭାରତରେ ଶରଣାର୍ଥୀଭାବେ ରହିଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ, ଜୈନ, ପାର୍ସି, ଖ୍ରୀଷ୍ଟିଆନ ଓ ବୌଦ୍ଧ ମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ସିଏଏର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ମହାଲିଙ୍ଗ କହିଥିଲେ। ଭାଜପା ସୁବର୍ଣ୍ଣପୁର ଜିଲା ସଭାପତି ପ୍ରମୋଦ ମହାପାତ୍ର କହିଥିଲେ ସିଏଏକୁ ନେଇ କଂଗ୍ରେସ ଦୋମୁହାଁ ନୀତି ଆପଣେଇଛି। ବାଂଲାଦେଶ ଯୁଦ୍ଧ ପରେ କଂଗ୍ରେସ ବାଂଲାଦେଶରୁ ଆସିଥିବା ବିସ୍ଥାପିତଙ୍କୁ ଭାରତରେ ସ୍ଥାନ ଦେଇଥିଲା। ସେତେବେଳେ ଏହାକୁ କେହି ବିରୋଧ କରି ନଥିଲେ। ତେବେ ବର୍ତ୍ତମାନ କାହିଁକି ସିଏଏକୁ ନେଇ ବିବାଦ ଉପୁଜୁଛି ବୋଲି କହିଥିଲେ। ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ, ମୌଲାନା ଆଜାଦ ଓ ଡ ମନମୋହନ ସିଂ ବିଭିନ୍ନ ସମୟରେ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଆସିଥିବା ଶରଣାର୍ଥୀଙ୍କୁ ଭାରତରେ ନାଗରିକତ୍ୱ ଦେବା ଲାଗି କହିଛନ୍ତି। ସିଏଏକୁ ନେଇ ଦେଶବାସୀଙ୍କ ମନରେ ଯେଉଁମାନେ ଭ୍ରାନ୍ତ ଧାରଣା ଦେଉଛନ୍ତି ଜନସାଧାରଣ ସେମାନଙ୍କୁ ଉଚିତ ଜବାବ ଦେବେ। ଏଥିପାଇଁ ରବିବାର ଠାରୁ ଆସନ୍ତା ୧୫ ତାରିଖ ଯାଏଁ ଭାଜପା ଜନଜାଗରଣ ଅଭିଯାନ ମାଧ୍ୟମରେ ଲୋକମାନଙ୍କୁ ସିଏଏ ସମ୍ପର୍କରେ ବୁଝାଇବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର କିଶୋର ହୋତା ଓ ନିରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ



## ସଂକ୍ଷେପରେ



### ମାଲବାହୀ ଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ଗୁରୁତର

ତଲଗାଁ,୬।୧(ଡି.ଏନ.ଏ)
ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଆଡେଣୀଗଡ ଫାଣ୍ଡି ଅନ୍ତର୍ଗତ ରାଣୀଗଞ୍ଜ ବନଦୁର୍ଗା ମନ୍ଦିର ନିକଟରେ ରବିବାର ବିଳମ୍ବିତ ରାତିରେ ଦୁଇ ମାଲବାହୀ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଗାଡିର ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ଭୁବନେଶ୍ୱରରୁ ଆସୁଥିବା କମଳା ବୋଝେଇ ଟ୍ରକ (ନଂ.ଏମ୨୭ ବିଏକ୍ସ/୩୬୪୧) ଓ ଜୟପାଟଣାରୁ ଯାଉଥିବା ମେଡିସିନ ବୋଝେଇ ଟ୍ରକ (ନଂ.ଓଡି୦୨କ୍ୟୁ/୩୩୬୭) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟ ଗାଡି ଚାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଆଡେଣୀଗଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଭୁବନେଶ୍ୱର ପଠାଯାଇଥିଲା। ଖବର ପାଇଁ ଆଡେଣୀଗଡ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ।

### ଜନ ଅଭିଯୋଗ ଶୁଣାଣି ଶିବିର

ତଲଗାଁ,୬।୧(ଡି.ଏନ.ଏ)
ହରଭଙ୍ଗା ବ୍ଲକରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇ ୧୮୧ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୭ଟି ସାମୂହିକ ଥିବାବେଳେ ୧୭୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲାପାଳ ମିଶ୍ର ନୂତନ ଭାବେ ୫୧ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରିଥିଲେ। ଏହି ଜନଶୁଣାଣିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଏସପି ଭି. ରଘୁନାଥ ରାଓ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ, ତହସିଲଦାର ବବିତାରାଣୀ ଦଳବହେରା ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହାସହିତ ଜଣଙ୍କୁ ଆଶାବାଡି ଓ ୪ ଜଣଙ୍କୁ ପଲିଥିନ ପ୍ରଦାନ କରାଯାଇଥିଲା। ଏସିଓ ବିରଞ୍ଚିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ପଦ୍ମପୁର, ୬।୧ (ଡି.ଏନ.ଏ)
ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ୧୯୭୨ରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଦେବଦର୍ହା ଧବଳେଶ୍ୱର ପୀଠରେ ସୋମବାର ଅନୁଷ୍ଠିତ ହୋଇଛି। ମୁନୁ ଅଗ୍ରୱାଲ ଓ ଶ୍ୟାମସୁନ୍ଦର ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ୫୫ଜଣ ସହପାଠୀ ଯୋଗଦାନ କରିଥିଲେ। ପ୍ରଥମେ ସହପାଠୀ ଦୟାନନ୍ଦ ପାଢ଼ୀ, ସୁପତ ସାହୁ, ଲମ୍ବୋଦର ସାହୁ ଓ ଗୁରୁଜୀ ରଘୁମଣି ପଣ୍ଡାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜୟନାରାୟଣ ତ୍ରିପାଠୀ, ଜୀବର୍ଦ୍ଧନ ସାହୁ ଉପସ୍ଥିତ ଥିଲେ ।

# ଶେଷ୍ ନିଶାସ୍ ଗନୁଛେ ଶୀତଲଭଣ୍ଡାର

ବରପାଲି, ୬।୧ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲିରେ ୧୯୬୨ରୁ ୧୯୬୬ ସାଲ ଭିତରେ ସେବେଲର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଚେଷ୍ଟାରେ ଇଠାନେ ବହୁତ୍ କଲକାରଖାନା ତିଆର ହେଇଥିଲା। ସେ ଭିତରେ ତେଲକଲ୍, ଚିନିକଲ୍, ଲୁହା କାରଖାନା, ବାଲ୍‌ଟି କାରଖାନା ଆର ଶୀତଲଭଣ୍ଡାର ରହିଥିଲା। ହେଲେ ଜିଲା ଗଠନ ହେବାର ୨୮ ବଛର ଉତାରୁ ପୁରନା କଲ୍‌କାରଖାନା ନୂତନ ଜୀବନ୍ ପାଏବାର ଜାଗାରେ ଗୁଟ୍‌ଗୁଟ୍ କରି ନିଜର ସତା ହରେଇଛନ୍। ସେ ଭିତ୍‌ରୁ କେତ ଜବରଦଖଲରେ ଘରୋଇ ସ୍କୁଲ ଖୁଲିଛେ। ଇ ସବୁ ସରକାରଙ୍କର ନଜରରେ



ଶୀତଲଭଣ୍ଡାରରେ ତାଲା ଝୁଲୁଛେ।

ଥିଲେ ବି କିଛି ପଦକ୍ଷେପ ନାଇଁ ନିଆଯାଇ। ସେନ୍‌ତା ଆରକେତେ କଲ୍‌କାରଖାନାକେ ଲୋକ୍ ଜବରଦଖଲ କରି ଭଡ଼ା ଲଗେଇଛନ୍। ଯେନ୍‌ଠାନେ ଲୋକ୍ କୁଟୁମବସିଆ ରହୁଛନ୍। ଇଠାନେ ଥିବାର ୫ଶହ ଟନ୍ କ୍ଷମତାର ଶୀତଲଭଣ୍ଡାର ତାର ଶେଷ୍ ନିଶାସ୍ ଗନୁଥିଲାବେଲେ ବାହାରେ ବଡ଼େ ତାଲା ଝୁଲୁଛେ। ଇତାର ଆଗ୍‌ରୁ ରାଏଜ୍ ସରକାର ୧୯୮୦ରୁ ୧୯୮୫ ଭିତ୍‌ରେ ହଜାରେ ଦିନେ ହଜାରେ କୋଟି ଟଁକାରେ ହଜାରେ କଲ୍‌କାରଖାନା ଗଢ଼ି ଉଠ୍‌ବା ବଲି କହିଥିଲେ। ହେଲେ ସେଟା ଲୁକ୍‌କୁ ଭକୁଆ ଥାବ୍ କରବାର ଲାଗି ସୁଦ୍ ମିଛ୍ ଥିଲା। ଲୋକ୍ ବଡ଼େ ଆଶ୍ କରିଥିଲେ ବେମାରିଆ କଲ୍‌କାରଖାନା ଫେନ୍‌ଘାଏ ଜୀବନ୍ ପାଏବେ। ହେଲେ ଲୁକ୍‌କର ଇ ସବୁ ଆଶ୍ ମହଲି ଯାଇଥିଲା। ଏହେଦେ ନବୀନ ପଟ୍ଟନାୟକ ସରକାରଙ୍କର ୨୦ ବଛର ଶାସନରେ ବି କଲ୍‌କାରଖାନା କାର୍ଯ୍ୟକ୍ଷମ ହେବାର କିଛି ସୂଚନା କି ଆଭାସ ନାଇଁ ମିଲ୍‌ବାର। ଶୀତଲଭଣ୍ଡାର ଅଭାବୁ ଅଂଚଲର ଚାଷୀ ଅମଲ କରିଥିବାର ଆଳୁ, ଉଲି, ପନିପରିବା ରଖ୍‌ବାର ଲାଗି ବଡ଼ା ଜହଗଁଜ୍ ହେଉଛନ୍। ଚାଷୀ ସବୁବେଲେ ଅଭାବୀ ବିକ୍‌ରିର ଶିକାର ହେଉଛନ୍ ଆର ନୁକ୍‌ସାନ ସହୁଛନ୍। ଇ ଦିଗେ ରାଏଜ୍ ସରକାର, ଥାନୀଅ ନେତା ଆର ଜିଲା ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲର ଚାଷୀ ସମାଜ ଦାବି କରିଛେ। ସେନ୍‌ତା ଇ ବାବ୍‌ଦେ ଜିଲା ଶିଳ୍ପ କେନ୍ଦ୍ର ମ୍ୟାନେଜର ଲକ୍ଷ୍ମୀଧର ସୋରେନ୍‌କୁଁ ପଚ୍‌ରାଲାରୁ ଶୀତଲ୍‌ଭଣ୍ଡାର ପୁନରୁଧାର ଲାଗି ସେନ୍‌ତା କିଛି ଯୋଜନା ନାଁଇଁନ ବଲି ସେ କହିଛନ୍।

## ଭାଗବତ କଥା ଜ୍ଞାନ ଯଜ୍ଞ ଉଦ୍‌ଯାପିତ

ପଦ୍ମପୁର, ୬।୧ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ମହୁଲପାଲି ଗ୍ରାମରେ ଶ୍ରୀ ଶ୍ରୀ ଭାଗବତ କଥା ଜ୍ଞାନଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି । ଓଡିଶା ସଂସ୍କୃତି ସୁରକ୍ଷା ଅଭିଯାନ ବିଶ୍ୱହିନ୍ଦୁ ପରିଷଦ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସପ୍ତାହ ବ୍ୟାପି ଏହି ଜ୍ଞାନଯଜ୍ଞ ଚାଲିଥିଲା। ଓଡିଶାର ବାଳଶୁକ ଶ୍ରୀ ମହେଶ୍ୱରଜୀ ଭାଗବତ କଥାଜ୍ଞାନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଯଜ୍ଞରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ବାବା ଗିରିଜା ଶଙ୍କର ଦାସ, ବାବା ଅନନ୍ତ ଚରଣ, ଭାଜପା ବରଗଡ଼ ଜିଲା ସଭାପତି ଅଶ୍ୱିନୀ ଷଡଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଶ୍ୱହିନ୍ଦୁ ପରିଷଦର ଶରତ ଭାଇ ଯଜ୍ଞ ସଂଯୋଜନା କରିଥିଲେ ।

# କଂସ ମହାରାଜା ଦେଲେ ଗୃହ ଋଣ

ମଥୁରାନଗରୀ/ଗୋପପୁର,୬।୧

ବରଗଡ଼ ଧନୁଯାତ୍ରାରେ ମହାରାଜ କଂସ ମଥୁରାଭ୍ରମଣ ବେଳେ ସୋମବାର ୟୁକୋ ବ୍ୟାଙ୍କକୁ ପହଞ୍ଚିଥିଲେ । ସେଠାରେ ବ୍ୟାଙ୍କ ଅଧିକାରୀ ଜୟବର୍ଦ୍ଧନ ହୋତାଙ୍କୁ ଭେଟି ମଥୁରାବାସୀଙ୍କ ପାଇଁ ଋଣ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ବ୍ୟାଙ୍କ ଅଧିକାରୀ ହିତାଧିକାରୀଙ୍କୁ ବ୍ୟାଙ୍କ ପକ୍ଷରୁ ମୁଦ୍ରାଋଣ ଦିଆଯାଉଥିବା କଂସଙ୍କୁ କହିଥିଲେ। ମହାରାଜ କଂସ ଗୃହଋଣ ବାବଦକୁ ହିତାଧିକାରୀ ଧିରେନ୍ଦ୍ର ସାହୁଙ୍କୁ ୨୬.୫୦ ଲକ୍ଷ ଏବଂ ଚନ୍ଦ୍ରଶେଖର କର୍ମ୍ମଙ୍କୁ ୧୪.୪୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ



ଜଣେ ହିତାଧିକାରୀଙ୍କୁ କଂସ ମହାରାଜ ଗୃହଋଣ ପ୍ରଦାନ କରୁଛନ୍ତି।

ମଧ୍ୟରେ ଜୋନାଲ ମ୍ୟାନେଜର ଡିଜିଏମ ସଞ୍ଜୟ କୁମାର ପାଟିଲ, ସିନିୟର ମ୍ୟାନେଜର ଡାକ୍ତର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିଠୁ ଲୋକମଣ୍ଡପ ପଡ଼ିଆ ହେବ ରାଜଦରବାର

ମଥୁରାନଗରୀ,୬।୧:
ବରଗଡ଼ ଧନୁଯାତ୍ରାର ଅଷ୍ଟମ ଦିବସ ମଙ୍ଗଳବାରଠାରୁ ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ନିର୍ମିତ ମଞ୍ଚ ରାଜ ଦରବାର ରୂପ ନେବ। ଅନ୍ୟପଟେ ଦୀର୍ଘ ୭ଦିନ ଧରି ରାଜ ଦରବାର ପାଲଟି ସାରିଥିବା ହାଟପଦା ମଞ୍ଚରେ ରଙ୍ଗମହଲର ଦୃଶ୍ୟାଭିନୟ ଅଭିନୀତ ହେବ । ଉଲ୍ଲେଖନୀୟ, ଧନୁଯାତ୍ରା ମହୋତ୍ସବ ସମିତିର ନିଷ୍ପତ୍ତିକ୍ରମେ ଗତ ୨୦୧୫ ମସିହାରୁ ଯାତ୍ରାର ପ୍ରଥମ ୭ଦିନ ହାଟପଦାର ପୁରୁଣା ମଞ୍ଚ ଏବଂ ଶେଷ ୪ଦିନ ନିଶାମଣି ସ୍କୁଲ ପଡ଼ିଆ ଲୋକମଣ୍ଡପର ନୂତନ ମଞ୍ଚରେ ରାଜ ଦରବାର ଦୃଶ୍ୟାଭିନୟ ହୋଇ ଆସୁଛି ।

## ବରଗଡ଼ ଧନୁଯାତ୍ରା

### ଆଜିର ଆକର୍ଷଣ

ତା ୭।୧।୨୦୨୦ରିଖ (ମଙ୍ଗଳବାର)

**ମଥୁରାନଗରୀ**

ଶ୍ରୀକୃଷ୍ଣ, ବଳରାମଙ୍କ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କ ଗୋପପୁର ଗମନ, କଂସଙ୍କ ନଗର ଭ୍ରମଣ ।

**ଗୋପପୁର**

ଶ୍ରୀକୃଷ୍ଣଙ୍କ ଗିରିଗୋବର୍ଦ୍ଧନ ଧାରଣ, ଯମୁନାରେ ଶ୍ରୀକୃଷ୍ଣଙ୍କ ପାଦ ଚିହ୍ନ ଦର୍ଶନ, ଅକ୍ରୁରଙ୍କ ଗୋପପୁର ପ୍ରବେଶ, କୃଷ୍ଣ ଓ ବଳରାମଙ୍କ ସହିତ ସାକ୍ଷାତ ।

## ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଘଣ୍ଟାପଡା, ୬।୧ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଆଞ୍ଚଳିକ ଗ୍ରାମପଞ୍ଚାୟତ କଳା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଗୀତାଞ୍ଜଳି ରଣାଙ୍କ ତତ୍ତ୍ୱାବଧାନରେ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଶିବିର ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧକ୍ଷା ମଧୁସ୍ମିତା ଭୋଇ ସଭାପତିତ୍ୱ କରିଥିଲେ। ଏଥିରେ ଫାଣ୍ଡି ଅଧିକାରୀ ଏସଆଇ ପ୍ରଶାନ୍ତ ମଲିକ ମୁଖ୍ୟଅତିଥି, ଜୁନିୟର କଲେଜର ଅଧକ୍ଷ ପରମାନନ୍ଦ ଡାଙ୍ଗ ମୁଖ୍ୟବକ୍ତା, କଲେଜ କମିଟିର ସମ୍ପାଦକ କାର୍ତ୍ତିକେଶ୍ୱର ବେହେରା, ସହ ସମ୍ପାଦକ ପ୍ରଭାତ ସାହୁ, ଜିବି ସଦସ୍ୟ ବିଧାୟକ ପ୍ରତିନିଧି ପ୍ରେମରାଜ ରଣା, ଏମପି ପ୍ରତିନିଧି ସୂର୍ଯ୍ୟନାରାୟଣ ସାହୁ, ମାଷ୍ଟର ଟ୍ରେନର ଅଙ୍କିତା କଅଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଗିରିଧର ଦେହୁରୀ ଅତିଥି ପରିଚୟ ଓ ଅଧ୍ୟାପକ ସୁବାଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁନୀଲ ଗୁରୁ, ହୃଷିକେଶ ଭୋଇ, ରିଚପାଲ ବଗର୍ତ୍ତି, ଅଧ୍ୟାପିକା କବିତା ସାହୁ, ସଙ୍ଗୀତା ଭୋଇ ସହଯୋଗ କରିଥିଲେ ।





ଶିବିରରେ ମଞ୍ଚାସୀନ ଅତିଥି ।

■ ବୌଦ୍ଧ ଜିଲା ମହୋତ୍ସବରେ ଆଲୋଚନାଚକ୍ର, କବିତା ଆସର

# ସାହିତ୍ୟ ମଣିଷକୁ ନୂଆ ଦିଗ୍‌ଦର୍ଶନ ଦିଏ

ବୌଦ୍ଧ,୬।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ସୋମବାର ସ୍ଥାନୀୟ ବାଳିକା ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସାହିତ୍ୟ ମଣିଷକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ସହ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଆମ ସମସ୍ତଙ୍କ ଭିତରେ ଥିବା ଭାବନାକୁ ନାଟକ, ଏକାଙ୍କିକା, କବିତା, ବ୍ୟଙ୍ଗ ମାଧ୍ୟମରେ ଉପସ୍ଥାପନା କରିବା ସାହିତ୍ୟ ବୋଲି ଜିଲାପାଳ ମିଶ୍ର ମତବ୍ୟକ୍ତ କରିଥିଲେ। ବ୍ୟଙ୍ଗ କବି ଶାନ୍ତନୁ ପାଣିଗ୍ରାହୀ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରବୀର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ ଆଲୋଚନାରେ ଓଡିଆ ଭାଷା ସାହିତ୍ୟକୁ ବୌଦ୍ଧ ଜିଲାର ପ୍ରାଚୀନ ଦରବାରୀ ସାହିତ୍ୟ ଓ ଲୋକ ସାହିତ୍ୟର ଦାନ ଅତୁଳନୀୟ ବୋଲି ସତ୍ୟନାରାୟଣ ପାଣି ମତବ୍ୟକ୍ତ କରିଥିଲେ । ଶୁଶାନ୍ତ ମହାପାତ୍ର ଓ ସନ୍ତୋଷ କର୍ଣ୍ଣ କବିତା ଆସର ପରିଚାଳନା ଓ ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରତାପ ମହାପାତ୍ର, କିଶୋର ମିଶ୍ର ଓ ଦିନବନ୍ଧୁ ପତି ଯୋଗଦେଇ କବିତା ମାଧ୍ୟମରେ ସମସ୍ତଙ୍କ ମନ ମୋହିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଶେଷ ଆକର୍ଷଣ ଥିଲେ ଶିଶୁ ସାହିତ୍ୟକ ତଥା ଶିଶୁ କବି କୁମାରୀ ବିଶ୍ୱପୂଜିତା ପୂଜାହାରୀ, ବର୍ଷାରାଣୀ ମେହେର, ଡଲି ମେହେର ଓ ଶିବାନୀ ଷଡଙ୍ଗୀ। ଏହି କାର୍ଯ୍ୟକ୍ରମରେ ସମରସେନ ସି, ଚିତ୍ରସେନ ସାହୁ, ସୁଶାନ୍ତ ଭୋଇ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସହଯୋଗ କରିଥିଲେ



ଗିନ୍ନୀ ଦେବୀଙ୍କ ଫାଇଲ୍ ଫଟୋ।

## ଉଦ୍ୟୋଗପତିଙ୍କ ମାତୃ ବିୟୋଗ

ମଥୁରାନଗରୀ,୬।୧

ବରଗଡ଼ର ଉଦ୍ୟୋଗପତି ତଥା ବଦ୍ରିପ୍ରସାଦ ଗ୍ରୁପ, ବିପିଜେପି ବିଲଡର୍ସ, ହୋଟେଲ ଗଣପତିର ମାଲିକ ଜୟପ୍ରକାଶ ଅଗ୍ରୱାଲଙ୍କ ମା' ଗିନ୍ନୀ ଦେବୀଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟାରେ ତାଙ୍କ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି ।

■ ବରିଷ୍ଠ ନାଗରିକଙ୍କୁ ଅଣଦେଖାର ପ୍ରତିବାଦ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ମନମୁଣ୍ଡା, ୬।୧ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନରେ ବିଳମ୍ବ ଓ ବିଶେଷ କରି ତୀର୍ଥଯାତ୍ରା ପାଇଁ ସେମାନଙ୍କୁ ଅଣଦେଖା କରାଯିବା ପ୍ରତିବାଦରେ ଶତାଧିକ ବରିଷ୍ଠ ନାଗରିକ ସୋମବାର ମନମୁଣ୍ଡା ଜାତୀୟ ରାଜପଥ-୫୭ରେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ଏହି ସମୟରେ କଣ୍ଟାମାଳ ବିଡିଓ ତଥା ତହସିଲଦାର ସୁଶ୍ରୀ ବନ୍ଦନା ଖଟୁଆ ଆସି ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ନିରଞ୍ଜନ କର୍ଣ୍ଣ, ସଭାପତି ପ୍ରେମାନନ୍ଦ ମେହେର, ଉପସଭାପତି ଲକ୍ଷ୍ମୀନ୍ଦ୍ର ବଗର୍ତ୍ତିଙ୍କ ସହିତ ଆଲୋଚନା କରିବା ପରେ ସେମାନେ ଆନ୍ଦୋଳନରୁ ନିବୃତ୍ତ ରହିଥିଲେ । ବିଡିଓ ତଥା ତହସିଲଦାର ସୁଶ୍ରୀ ଖଟୁଆଙ୍କ କହିବା ଅନୁସାରେ, ଏହା ସଂସ୍କୃତି ବିଭାଗ ଲଟେରୀ ମାଧ୍ୟମରେ ମନୋନୀତ କରୁଛନ୍ତି ।





ବରିଷ୍ଠ ନାଗରିକମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଏଥିରେ ପ୍ରଶାସନର କିଛି ଭୁଲ ନାହିଁ । ଉକ୍ତ ବିଭାଗ ସହ ଯୋଗାଯୋଗ କରି ପରବର୍ତ୍ତୀ ପଦକ୍ଷେପ ନେବାକୁ ସେ ବରିଷ୍ଠ ନାଗରିକମାନଙ୍କୁ ବୁଝାଇଥିଲେ । ଆଗାମୀ ବର୍ଷ କାର୍ଡଧାରୀମାନଙ୍କ ମଧ୍ୟରୁ କାହାକୁ ତୀର୍ଥଯାତ୍ରା ପାଇଁ ମନୋନୀତ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ବରିଷ୍ଠ ନାଗରିକମାନେ ଚେତାବନୀ ଦେଇଛନ୍ତି ।

# ୨୦ ଦିନ ପରେ ସ୍କୁଲରୁ ତାଲା ଖୋଲିଲା

ଗଣ୍ଡତୁରୁମ, ୬।୧ (ଡି.ଏନ.ଏ)

ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ମହଲାକଣ୍ଟା ସ୍ଥିତ ପ୍ରକଳ୍ପ ପ୍ରାଥମିକ ସ୍କୁଲର ତାଲା ୨୦ ଦିନ ପରେ ଖୋଲିଲା । ସରପଞ୍ଚ ସୁରୁବାବୁ ମାଝୀ ଏବଂ ସାମାଜିକ କର୍ମୀ ସୁରେନ୍ଦ୍ର କର୍ମୀ ଅଭିଭାବକ ଏବଂ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ସୋମବାର ସ୍କୁଲରୁ ତାଲା ଖୋଲିଛି ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୭ ତାରିଖରେ ସ୍କୁଲର ପ୍ରଧାନଶିକ୍ଷକ ଅଶ୍ୱିନୀ ପଧାନଙ୍କୁ ଶିକ୍ଷା ବିଭାଗ କୌଣସି କାରଣରୁ ନିଲମ୍ବିତ କରିଥିଲା। ତାଙ୍କ ନିଲମ୍ବନ ପରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୭ ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ମାତ୍ର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସିଂ ପାଠ ପଢାଉଥିଲେ। ଜଣେ ମାତ୍ର ଶିକ୍ଷୟିତ୍ରୀ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢେ ଅସୁବିଧା ହେଉଥିଲା। ଏପରି ସ୍ଥଳେ ଗ୍ରାମବାସୀ ନିଲମ୍ବିତ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବିରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।





ସ୍କୁଲରୁ ତାଲା ଖୋଲାଯାଉଛି ।

ଶିକ୍ଷା ବିଭାଗ ସେମାନଙ୍କ ଦାବିକୁ ପୂରଣ ନ କରି ମାନପୁର ସ୍କୁଲର ଅନ୍ୟ ଜଣେ ଶିକ୍ଷୟିତ୍ରୀ ଅର୍ଚ୍ଚନା ସେଠୀଙ୍କୁ ଉକ୍ତ ସ୍କୁଲରେ ଅବସ୍ଥାପିତ କରିଥିଲେ । ମାତ୍ର ଗ୍ରାମବାସୀ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଗ୍ରହଣ ନ କରି ଫେରାଇ ଦେଇଥିଲେ । ପରେ ଶିକ୍ଷୟିତ୍ରୀ ସିଂ ମଧ ଶାରିରୀକ ଅସୁସ୍ଥତା ଯୋଗୁ ଡିସେମ୍ବର ୧୬ ତାରିଖରୁ ଦୁଇ ଦିନ ପାଇଁ ଛୁଟି ନେଇଥିଲେ । ତେବେ ଦୁଇ ଦିନ ଶିକ୍ଷାଦାନ ବ୍ୟାହତ ହେବା ସହିତ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିଲା। ବିନା ଶିକ୍ଷକରେ ସ୍କୁଲ ଚାଲିଥିବା ଦେଖି ଅଭିଭାବକମାନେ ନିଜର ପିଲାଙ୍କୁ ଘରକୁ ଫେରାଇ ନେବା ସହିତ ସ୍କୁଲରେ ତାଲା ପକାଇ ଦେଇଥିଲେ। ପରେ ହେମନ୍ତ ମେହେର ନାମକ ଜଣେ ଶିକ୍ଷକ ନିଯୁକ୍ତି ହେବାରୁ ଗ୍ରାମବାସୀ ସୋମବାର ସ୍କୁଲରୁ ତାଲା ଖୋଲିଥିଲେ ।



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ



### ଥାଇଲାଣ୍ଡରେ ଇଣ୍ଟରନ୍ୟାଶନାଲ ସମ୍ମାନ ପାଇବେ ପଞ୍ଚାନନ ଦୁରିଆ

**ପର୍ଲା,୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ଗ୍ରାମର ପଞ୍ଚାନନ ଦୁରିଆ ଇଣ୍ଟରନ୍ୟାଶନାଲ ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୨ରେ ଥାଇଲାଣ୍ଡ ଏଜୁକେସନ୍ ସୁମିଟ ଆଣ୍ଡ ଆୱାର୍ଡ ୨୦୨୦ରେ ସେ ସମ୍ମାନିତ ହେବେ । ଏହି ଖବର ପ୍ରଚାରପ୍ରସାର ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଓ ବୁଦ୍ଧିଜୀବି ଶିକ୍ଷାବିତ ତଥା ରାଜନେତାଙ୍କ ଶୁଭେଚ୍ଛା ସୁଅ ଛୁଟୁଛି। ଦୁରିଆ ନିଜ ଗାଁରେ ପ୍ରାଥମିକ ଶିକ୍ଷା ଆରମ୍ଭ କରି ଭବାନୀପାଟଣାରେ ସ୍ନାତକୋତ୍ତର କରିଥିଲେ। ପରେ ହାଇଦ୍ରାବାଦ ୟୁନିର୍ଭର୍ସିଟିଠାରେ ଇଂଲିଶ ଉପରେ ରିସର୍ଜ କରିଥିଲେ । ସେ ପିଲାବେଳରୁ ଶିକ୍ଷା ପ୍ରତି ସମର୍ପଣ ମନୋଭାବ ରଖି ଅଧାପନକୁ ପେଶା ଭାବେ ନ ନେଇ ନିଶା ଭାବେ ଗ୍ରହଣ କରିଛନ୍ତି । ସେଥିପାଇଁ ଅଞ୍ଚଳରେ ଏକ ଇଂଲିଶ ସପୋର୍ଟ ମିଶନ ନାମକ ଏକ ସଙ୍ଗଠନ ଗଢ଼ି ଗରିବ ପିଲାଙ୍କୁ ମାଗଣାରେ ଇଂଲିଶ ପ୍ରଶିକ୍ଷଣ ଦେଉଛନ୍ତି। ନିକଟରେ ଗୋଆରେ କାଇଟ୍ସ ପ୍ରଡକ୍ସନ ପକ୍ଷରୁ ବେଷ୍ଟ ଲାଗୁଏଜ ଟିଚର ଅଫ୍ ଦି ୟର ଅନ୍ତର୍ଜାତୀୟ ୨୦୧୯ ସମ୍ମାନ ଦିଆଯାଇଛି ।

### କର୍ଲାକୋଟ ଚାମ୍ପିୟନ

**ଜୁନାଗଡ,୬।୧ (ସ୍ୱ.ପ୍ର.):** ଜୁନାଗଡ ଏନଏସି ଓ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ସୋମବାର ଏକ ଦିବସୀୟ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭୈରବ ଖେଳ ପଡିଆଠାରେ ଅନୁଷ୍ଠିତ ମ୍ୟାଚରେ ୪ଟି ବିଭାଗରେ ୮ଟି ଦଳ ଭାଗ ନେଇଥିଲେ। କର୍ଲାକୋଟ ଓ ବ୍ରାହ୍ମଣୀଗୁଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। କର୍ଲାକୋଟ ୪-୨ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ଉତ୍ସବ କମିଟି ଅଧକ୍ଷ ସମିର ସାହୁଙ୍କ ତତ୍ତ୍ୱାବଧାନରେ ଦୁର୍ଗା ସିଂ, ସୀତାକାନ୍ତ ପ୍ରଧାନ, କଳ୍ପନା ରାଉତ, ସ୍ମୃତିରେଖା ସାହୁ, ପ୍ରମୋଦ ଠାକୁର, ମନୋଜ ବିଶ୍ୱାଳ, କାଳିଆ କନ୍ଦପାନ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଜୁନାଗଡ ବିଡିଓ, କନିଷ୍ଠ ଯନ୍ତ୍ରୀ, ପୂର୍ବତନ ନଗରପାଳ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।





କଳାମନ୍ଦିର ଜ୍ୱେଲର୍ସର ମାଲିକଙ୍କଠାରୁ ପ୍ରଥମ ଭାଗ୍ୟଶାଳୀ ବିଜେତା ପୁରସ୍କାର ଗ୍ରହଣ କରୁଛନ୍ତି (ବାମ)। ଲକି ଡ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲୋକେ ।

### ଖୋଲିଲା କଳାମନ୍ଦିରର ଉପହାର ଭଣ୍ଡାର

# ପ୍ରଥମ ଭାଗ୍ୟଶାଳୀ ବିଜେତାଙ୍କୁ ମିଳିଲା ପୁରସ୍କାର

**ମଥୁରାନଗରୀ,୬।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ସ୍ଥାନୀୟ ସ୍ୱନାମଧନ୍ୟ ନିର୍ଭରଯୋଗ୍ୟ ସୁନା ଗହଣା ପ୍ରତିଷ୍ଠାନ କଳାମନ୍ଦିର ଜ୍ୱେଲର୍ସ ଦ୍ୱାରା ହୋଇଥିବା ୧୦ଲକ୍ଷ ଟଙ୍କାର ଉପହାର ଭଣ୍ଡାରର ପ୍ରଥମ ଭାଗ୍ୟଶାଳୀ ବିଜେତାଙ୍କ ନାମ ଲକି ଡ୍ର ମାଧ୍ୟମରେ ସୋମବାର ଘୋଷଣା ହୋଇଛି । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଜିଲା ଯୋଜନା ବୋର୍ଡ଼ କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରଗଡ଼ ଗୁରୁଦ୍ୱାରା ଛକର ରବି ଶର୍ମା ପ୍ରଥମ ପୁରସ୍କାର ହୋଣ୍ଡା ଏକ୍ଟିଭା, ବରଗଡ଼ର ସୁଶୀଳା ଅଗ୍ରୱାଲ ଦ୍ୱିତୀୟ ପୁରସ୍କାର ମୋବାଇଲ, ବରଗଡ଼ର ବିଳାସିନୀ ଦାଶ ତୃତୀୟ ପୁରସ୍କାର ଡିନର ସେଟ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଫୋନ ଯୋଗେ ବିଜେତାଙ୍କୁ କଳାମନ୍ଦିର ପକ୍ଷରୁ ସୂଚନା ଦିଆଯାଇ ଥିବାବେଳେ ପ୍ରଥମ ଭାଗ୍ୟଶାଳୀ ବିଜେତା ଶର୍ମା ପହଞ୍ଚିବା ପରେ କଳାମନ୍ଦିର ଜ୍ୱେଲର୍ସର ମାଲିକ ରମେଶ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ଅମିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ହୋଣ୍ଡା ଏକ୍ଟିଭା ପ୍ରଦାନ କରିଥିଲେ। ସେହିପରି ଅନ୍ୟ ଦୁଇ ଭାଗ୍ୟଶାଳୀ ବିଜେତା ପହଞ୍ଚିଲେ ସେମାନଙ୍କୁ ମଧ୍ୟ ସେମାନଙ୍କ ପୁରସ୍କାର ପ୍ରଦାନ କରାଯିବ ବୋଲି କଳାମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି । ଜୟପ୍ରକାଶ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଲକି ଡ୍ର ଚାଲିଥିବାବେଳେ କଳାମନ୍ଦିରର ଶତାଧିକ ଉପଭୋକ୍ତା ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ସଂସ୍କୃତ ଶିକ୍ଷକ ସଂଘ ଗଠିତ

**ଝାରବନ୍ଧ,୬।୧(ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ସଂସ୍କୃତ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଝାରବନ୍ଧ ବ୍ଲକ ସଂସ୍କୃତ ଶିକ୍ଷକ ସଂଘ ଗଠନ କରାଯାଇଥିଲା । ଏଥିରେ ପୂର୍ଣ୍ଣାନନ୍ଦ ଭୋଇ ସଭାପତି, ହରେଶ ଚନ୍ଦ୍ର ସେଠ ଉପସଭାପତି, ଟେମନଲାଲ ସାହୁ କୋଷାଧ୍ୟକ୍ଷ, ସୁଧୀର ସାହୁ ସମ୍ପାଦକ, ଅନୁପମା ପ୍ରଧାନ ସହ ସମ୍ପାଦକ, ରକ୍ଷପାଳ ସାହୁ ସଂଯୋଜକ, କରୁଣା ମହାନନ୍ଦ ସହ ସଂଯୋଜକ ମନୋନୀତ ହୋଇଛନ୍ତି। ସେହିପରି ସୁରେଶ ଚନ୍ଦ୍ର ଦାଶ, ଅଶ୍ୱିନୀ ଭୋଇ, ବିମଳ ଭୋଇ, ଲକ୍ଷ୍ମଣ ଚୌହାନ ଏବଂ ପୂର୍ଣ୍ଣଚନ୍ଦ୍ର ମେହେର ଉପଦେଷ୍ଟା ରହିଛନ୍ତି। ଏହି ବୈଠକରେ ନବଗଠିତ କମିଟିକୁ ସ୍ୱାଗତ କରାଯାଇ ଥିବାବେଳେ ଏହି ଅବସରରେ ଆସନ୍ତା ୯ ତାରିଖରେ ବରଗଡ଼ ରାଣାପ୍ରତାପ ହାଇସ୍କୁଲଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀରେ ବ୍ଲକର ସମସ୍ତ ସଂସ୍କୃତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଛି ।

# ସାମୂହିକ ବିକାଶ ଉପରେ ଗୁରୁତ୍ୱାରୋପ

**ଅତାବିରା,୬।୧(ଡି.ଏନ.ଏ)**

ବରଗଡ଼ର ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଦେଶଭଟଲି ପଞ୍ଚାୟତ ନିକଟ ଝାଇଁଜୋର କୂଳରେ ପଞ୍ଚାୟତସ୍ତରୀୟ ନବବର୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶଭଟଲି, ସାଲନା, ପଥର୍ଲା, ଉଦେପୁର, ଦେଶକୁମ୍ଭାରୀ, ବିଶିପାଲି ଆଦି ଗ୍ରାମର ସହସ୍ରାଧିକ ବରିଷ୍ଠ ନାଗରିକ ତଥା ଅଗ୍ରଣୀ ମହିଳା, ଯୁବକମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ସମାଜସେବୀ ଦୁର୍ଗାପ୍ରସାଦ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ନବବର୍ଷରେ ପଞ୍ଚାୟତବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ସମ୍ମିଳିତ ଉଦ୍ୟମରେ ସାମୂହିକ ବିକାଶ ଆହୁରି ଆଗେଇବ ବୋଲି ଛୁରିଆ କହିଥିଲେ। ସରପଞ୍ଚ ଶର୍ମିଷ୍ଠା ସାହୁ ସମାରୋହରେ ସଭାପତିତ୍ୱ କରିଥିବାବେଳେ ସମିତିସଭ୍ୟା ସ୍ୱର୍ଣ୍ଣକାନ୍ତି ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ । ପଞ୍ଚାୟତର ବରିଷ୍ଠ ସଦସ୍ୟ ପ୍ରମୋଦ ଦନ୍ତା, ପ୍ରସନ୍ନ ଆଚାର୍ଯ୍ୟ, ମଦନ ମୋହନ ଦାଶ, ପ୍ରେମାନନ୍ଦ ବେହେରା, ନିର୍ମଳ ଦନ୍ତା, ମନୋଜ ମିଶ୍ର, ଅଭିନାଶ ଦାଶ, କେ.ସୂର୍ଯ୍ୟଚନ୍ଦ୍ର ରାଓ, ଶୁଭେନ୍ଦୁ ଦାଶ, ରଜନୀ ଦାଶ, ଅହଲ୍ୟା ଭୋଇ ପ୍ରମୁଖ ଉଦବୋଧନ ଦେଇଥିଲେ । ତୋଷବନ୍ତ ସାହୁ ଓ ଯୋଗେଶ ଦାଶ ସଭା ସଂଯୋଜନା କରିଥିଲେ । ପୂର୍ବତନ ଜିଲା ପରିଷଦ ସଭ୍ୟ ସାନନ୍ଦ କରନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଏବଂ ଅନ୍ୟମାନେ ।

## ଛାତ୍ର ସମାବେଶ ଉଦ୍‌ଯାପିତ

**ପାଇକମାଳ, ୬।୧ (ଡି.ଏନ.ଏ)**

ପାଇକମାଳ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ତିନି ଦିନ ଧରି ଚାଲିଥିବା ସଙ୍ଗତି ମଣ୍ଡଳର ୨୪ତମ ଛାତ୍ର ସମାବେଶ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ମଣ୍ଡଳର ୨୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ପ୍ରବନ୍ଧ, ଗଳ୍ପ, ଗୀତ ଓ ଚିତ୍ର ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥି ସହ କ୍ରୀଡା ଓ ଯୋଗ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସଙ୍ଗତି ମଣ୍ଡଳର ଆବାହକ ପ୍ରଫୁଲ୍ଲ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବରଗଡ ଜିଲା ଆବାହକ ଡ. ଉପେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା କେନ୍ଦ୍ରର ବରିଷ୍ଠ ସଭ୍ୟ ହରିବନ୍ଧୁ ଜେନା ଅତିଥି ପରିଚୟ ଦେଇଥିଲେ । ନବଜୀବନ ଶିକ୍ଷା ସଂସଦର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମହନ୍ତ ଜୀବନର ଲକ୍ଷ୍ୟ ଉପରେ ବୁଝାଇଥିବା ବେଳେ ବରଗଡ ଜିଲା ଆବାହକ ଦେବରାଜ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳର ଯୁକ୍ତ ଆବାହକ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଯୋଗ ଦେଉଥିବା ଛାତ୍ରଛାତ୍ରୀ ।

# ପ୍ରଚାରପତ୍ର ବାଣ୍ଟିବେ ଟ୍ରାଫିକ ସଂଯୋଜକ

**ମଥୁରାନଗରୀ,୬।୧**

ବରଗଡ଼ ଜିଲାରେ ସଡ଼କ ସୁରକ୍ଷା ତଥା ଟ୍ରାଫିକ ନିୟମ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ସେ ବରଗଡ଼ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନକୁ ଯାଇ ୩୦ହଜାର ପ୍ରଚାରପତ୍ର ବାଣ୍ଟିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ସୋମବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ଏସପି ପଦ୍ମିନୀ ସାହୁଙ୍କୁ ପ୍ରଚାରପତ୍ର ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ଏକ ବିବୃତିରେ ସୂଚନା ଦେଇଛନ୍ତି । ଗତ ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ରାଜ୍ୟର ୧୦୦ଟି କଲେଜ, ୧୫୦ଟି ସ୍କୁଲ, ୮ଟି ଥାନା ସମେତ ବିଭିନ୍ନ ଛକ ସ୍ଥାନରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରି ସାରିଥିବା ଭୋସାଗର କହିଛନ୍ତି । ଗତବର୍ଷ ପୁରୀ ରଥଯାତ୍ରା, କଟକ ବାଲିଯାତ୍ରାରେ ମଧ୍ୟ ସେ ଏଭଳି କାର୍ଯ୍ୟକ୍ରମ କରିଥିଲେ ଏବଂ ପୋଲିସ, ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରତି ଜିଲାରେ ୨୦ଜଣ ସମାଜିକ କର୍ମୀଙ୍କୁ ସେ ସାମିଲ କରିଥିବା କହିଛନ୍ତି ।



ହାଟପଡା ଦୁର୍ଗାମନ୍ଦିରରେ କଂସ ମହାରାଜଙ୍କ ଦୁର୍ଗାସ୍ତୁତି ।

## ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ଜୟନ୍ତୀ

**ଭବାନୀପାଟଣା,୬।୧(ଡି.ଏନ.ଏ.):** ଭବାନୀପାଟଣା ସହର ସ୍ଥିତ ଅନାଥ ଆଶ୍ରମରେ ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

### ଟ୍ରାଫିକ ସମସ୍ୟାର ପ୍ରତିକାର ଦାବି

# ଜିଲାପାଳଙ୍କୁ ଫେରାଦ ହେଲେ

**ମଥୁରାନଗରୀ,୬।୧**

ବରଗଡ଼ ସହରୀ ବ୍ରହ୍ମବିହାର ବାସିନ୍ଦାମାନେ ସୋମବାର ଅଞ୍ଚଳର ଟ୍ରାଫିକ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବ୍ରହ୍ମବିହାର ଅଞ୍ଚଳରେ ଦେଖାଯାଇଥିବା ଟ୍ରାଫିକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ମାରକପତ୍ରରେ ସେମାନେ ନିବେଦନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ସେ ଦିଗରେ ପଦକ୍ଷେପ ନିଆ ନ ଗଲେ ସେମାନେ ଆନ୍ଦୋଳକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ବ୍ରହ୍ମବିହାର ପାଖରେ କେନ୍ଦ୍ରୀୟ ପଣ୍ୟାଗାର, କୃଷକ ବଜାର, ଗୋରୁ ବଜାର ଆଦି ରହିଛି । ସେହିପରି ଗୁରୁଦ୍ୱାରା ଛକରୁ ବ୍ରହ୍ମବିହାରକୁ ରାସ୍ତା ସଂଯୋଗ ହୋଇଥିବାବେଳେ ସହର ମଧ୍ୟକୁ ଯୋଗାଯୋଗ ରହିଛି । ଏହି ରାସ୍ତାରେ ମାଲବାହୀ ଗାଡ଼ି ଚଳାଚଳ ଯୋଗୁ ଅନେକ ସମୟରେ ଅଞ୍ଚଳବାସୀଙ୍କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଏପରିକି ଗତ ବର୍ଷକ ମଧ୍ୟରେ ଉକ୍ତ ରାସ୍ତାରେ ଏଭଳି ସଡ଼କ ଦୁର୍ଘଟଣା ଯୋଗୁ ୩ଜଣଙ୍କ ମୃତ୍ୟୁ ହୋଇ ସାରିଛି । ସେଥିମଧ୍ୟରୁ ଗତ ୩ମାସ ମଧ୍ୟରେ ୨ମୃତକ ରହିଛନ୍ତି । ଅନ୍ୟପଟେ ଉକ୍ତ ଅଞ୍ଚଳରେ ସରସ୍ୱତୀ ଶିଶୁ ମନ୍ଦିର, ଅଙ୍ଗନୱାଡ଼ି କେନ୍ଦ୍ର, ରାମ ମନ୍ଦିର, ଜିଲାପାଳ ଓ ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ ଆଦି ରହିଛି । ଫଳରେ ରାସ୍ତା ଉପରେ ଅନେକ ଲୋକ ନିର୍ଭର କରୁଥିବାବେଳେ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଯୋଗୁ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବ୍ରହ୍ମବିହାରବାସୀ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି । ପ୍ରଣତୀ ମହାପାତ୍ର, ପ୍ରଭାସିନୀ ନାଏକ, ସୁବାଶିନୀ ମିଶ୍ର, ପ୍ରତିମା କର, କମଳ ଅଗ୍ରୱାଲ, ମାନଭଞ୍ଜନ କର, ବୃନ୍ଦାବନ ତ୍ରିପାଠୀ, ଋଷଭ ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ଟ୍ରାଫିକ ସମସ୍ୟାର ପ୍ରତିକାର ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ବ୍ରହ୍ମବିହାରବାସୀ ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆଇଆମ୍ କଲାମ କପ୍: ସେମିଫାଇନାଲରେ କଟକ

**ଲୋଇସିଂହା, ୬।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଆଇଆମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଗ୍ରୁପ ଏ ର ସେମିଫାଇନାଲ ଲାଇନ ଅପ୍ ସରିଛି । ସୋମବାର ବି ଗ୍ରୁପର କ୍ୱାର୍ଟର ଫାଇନାଲ ରାଉଣ୍ଡ ଆରମ୍ଭ ହୋଇଥିଲା। କଟକ ନିପନ କ୍ଲବ ଓ ବଲାଙ୍ଗୀର ଇଲେଭେନ ଷ୍ଟାର ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ ଗୋଲରେ କଟକ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ଗୋଟିଏ ଗୋଲଦେଇ ଦଳକୁ ବିଜୟୀ କରିଥିବା କଟର ଏସ.କେ. ରାହୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ । ସୁବ୍ରତ ପୁରୋହିତଙ୍କୁ ଖେଳ ପରିଚାଳନାରେ ଦେବାଶିଷ ବାଗ, ସୁଧାଂଶୁ ସେଠ ଓ ସୁଦୟ ବାରିକ ସହଯୋଗ କରିଥିଲେ । ସୋମବାର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି କର୍ମୀ ହରେକୃଷ୍ଣ ଷଡଙ୍ଗୀ, ରେଞ୍ଜର ରାଜକିଶୋର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

# ସମସିଆ ଘେରରେ ୫୦ ବଛର ପୁରନା ସ୍କୁଲ

**ବିନିକା, ୬।୧(ଡି.ଏନ୍.ଏ.)**

ସରକାର ପ୍ରାଥମିକ ଶିକ୍ଷାକେ ଗୁରୁତ୍ ଦେଇ ଅନେକ ଯୋଜନା ଜରିଆରେ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଯୋଜନାକେ କାଯ୍କାରୀ କରୁଥିବାର ଅଧିକାରୀମାନକର ଉଦାସିନତା ଲାଗି ଅନେକ ଜାଗାରେ ପ୍ରାଥମିକ ସ୍କୁଲମାନ ନାନା ସମସିଆ ଘେରରେ ଛଁଦି ହେଇ ରହିଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ପଁଚେତ୍ ସଦର ଉଚ୍ଚ ପ୍ରାଥମିକ ସ୍କୁଲରେ।

ସୂଚନା ଅନ୍ସାରେ ସ୍କୁଲଟା ୧୯୬୬ ସାଲେ ଥାପନା ହେଇଥିଲା। ସେ ସମିଆରେ ସ୍କୁଲରେ ୬ଷ୍ଠ ଆର ୭ମ ଶ୍ରେଣୀରେ ପାଠ୍ ପଢ଼ବାର ବେବସ୍ତା ରହିଥିଲା। ପଛେ ୨୦୧୭ ସାଲେ ସ୍କୁଲରେ ୮ମ ଶ୍ରେଣୀ ଯୁଡ଼ି ହେଇଥିଲା। ଏହେଦେ ସ୍କୁଲରେ ୩ଟା ଶ୍ରେଣୀର ମୋଟ୧୪୪ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ହେଲେ ସ୍କୁଲରେ ୨ଟା ନ ପଢ଼ାକୁଠି ରହିଛେ। ଇଆଡ଼େ ସେ ଭିତରୁ ଗୁଟେ କୁଠିଥି ସ୍କୁଲର ଏମ୍ଡିଏମ୍ ସାମାନ ରହୁଛେ। ସ୍କୁଲର ଭିତିଭୂମିର ବିକାଶ ଲାଗି ୧ ଏକର ଜମି ରହିଛେ।





ପଢ଼ାକୁଠି ଭିତରେ ଏମ୍ଡିଏମ୍ ସାମାନ (ବାମ)। ସ୍କୁଲ ପରିସରରେ ଥିବାର ନଲ୍ତୁଆଁ।

ହେଲେ ବିଭାଗୀୟ ଅଧିକାରୀମାନକର ଖାମଖିଆଲି ମନ୍ଭାବ ଲାଗି ସ୍କୁଲର ଉନ୍ନତି ସମ୍ଭବ ନାଇଁ ହେଇପାରବାର। ବାଡ଼ା ଅଭାବୁ ସ୍କୁଲର ଚାର୍ହିକୁତି ମେଲା ପଡ଼ିଛେ। ସଖାଲୁ ବେଲବୁଡ଼ା ତକ୍ ପରିସରରେ ଗାଇଦାମୁର ଚରୁଛନ୍। ବେଲ୍ବୁଡ଼ଲେ ଆସର ପାସର ମଦୁଆକର ଆସର ଜମୁଛେ। ସ୍କୁଲରେ ଛାତ୍ରୀଛାତ୍ରକଁର ଲାଗି ଗୁଟେ ନଲ୍ତୁଆଁ ରହିଛେ। ହେଲେ ସେଥିରୁ ଦୁଷିତ୍ ପାଏନ୍ ବାହାରବାର ସଂଗେ ନଲ୍ତୁଆଁର ଚାଁଦ୍ନୀ ନାଁଇଁନ। ଇଆଡ଼େ ସରକାରକଁର ନିୟମ ହିସାବେ ୩୫ଟା ପିଲାରେ ଝନେ ଶିକ୍ଷକ ରହିବାର କଥା। ହେଲେ ସ୍କୁଲରେ ୧୪୪ ଛାତ୍ରୀଛାତ୍ରକେ ୩ ଝନ୍ ଶିକ୍ଷକ ରହିଛନ୍। ସ୍କୁଲରେ ଝନେ ଥାଇ ପ୍ରଧାନଶିକ୍ଷକ ନାଁଇଁନ। ସହକାରୀ ଶିକ୍ଷକ କୁଶଳେଶ୍ୱର ପଧାନ ପ୍ରଧାନ ଶିକ୍ଷକ ଦାଇତିଅ ତୁଲଉଛନ୍। ସେନ୍ତା ଶିକ୍ଷକ ସୀତାରାମ ଗଡ଼ତିଆ ଆର ପୌଲସ୍ତି ବିଶି ସହକାରୀ ଶିକ୍ଷକ ଦାଇତିଅ ତୁଲଉଛନ୍। ୩ ଝନ୍ ଶିକ୍ଷକ ୩ଟା ଶ୍ରେଣୀର ୯ ବିଷେରେ ପାଠ୍ ପଢ଼ଉଛନ୍। ଇଆଡ଼େ ପଢ଼ାକୁଠି ଅଭାବ୍କେ ଛାତ୍ରୀଛାତ୍ର ଛେଲମେଡ଼ି ଲେଖେଁ ଗୁହାଲେ ଯାଁକିକୁଁଚି ହେଇ ବସ୍ଲାଲେଖେଁ ପାଠ୍ ପଢୁଛନ୍। ଶିକ୍ଷକ ମର୍ଡି ଲାଗି ପାଠ୍ପଢ଼ା ବି ଖେଲ୍ଢ଼େପ ହେଉଛେ। ଏନ୍ତାଥି ସ୍କୁଲର ଛାତ୍ରୀଛାତ୍ରକଁର ଭବିଷତ୍ ନେଇ ଅଭିଭାବକମାନେ ଚିନ୍ତା ପରକଟ କରିଛନ୍। ଇ ସ୍କୁଲ ଉପରେ ଜିଲାପାଳ ଆର ବିଭାଗୀୟ ଅଧିକାରୀମାନେ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ଅଭିଭାବକମାନେ ଦାବି କରିଛନ୍। ଇ ବାବ୍ଦେ ସ୍କୁଲର ଭାରପ୍ରାପ୍ତ ପ୍ରଦାନଶିକ୍ଷକ କୁଶଳେଶ୍ୱର ପଧାନକୁଁ

**ଜୁଲୁଣ୍ଡା ଉ.ପ୍ରା ବିଦ୍ୟାଳୟ**

- ୩ଟା ଶ୍ରେଣୀର ୧୪୪ ଛାତ୍ରୀଛାତ୍ର ପାଠ୍ ପଢୁଛନ୍
- ସ୍କୁଲରେ ପଢ଼ାକୁଠି ସଂଗେ ଶିକ୍ଷକ ଅଭାବ ରହିଛନ୍
- ବାଡ଼ା ଅଭାବୁ ଗାଈବଲଦକର ଚରାଭୁଇଁ ପାଲଟିଛେ

ପଚ୍ରାଲାରୁ ସ୍କୁଲରେ ପଢ଼ାକୁଠିର ବହୁତ୍ ଅଭାବ ରହିଛେ। ୨ଟା କୁଠିଥି ୩ଟା ଶ୍ରେଣୀର ଛାତ୍ରୀଛାତ୍ରକୁଁ ବସେଇ ପାଠ୍ପଢ଼ାବାର ଭିଡ୍ ହେଇଯାଉଛେ। ଏନ୍ତାଥି କେହେନ୍ସି କାମ୍ ଠିକ୍ ଢଂଗେ ନାଇଁ ହେଇପାରବାର ବଲି ସେ ଦୁଖ୍ ପରକାଶ କରିଥିଲେ। ସେନ୍ତା ଇ ବାବ୍ଦେ ବିନିକା ବିଇଓ ଶଶୀଭୂଷଣ ସେଠୀକୁଁ ପଚ୍ରାଲାରୁ ଜୁଲୁଣ୍ଡା ଉ.ପ୍ରା. ସ୍କୁଲ ସମସିଆ ବାବ୍ଦେ ଜାନିଛେଁ। ସ୍କୁଲରେ ପଢ଼ାକୁଠିର ଅଭାବ ରହିଛେ, ନୂତନ ପଢ଼ାକୁଠି ତିଆରି ଲାଗି ଜିଲା ଶିକ୍ଷା ବିଭାଗକେ ଜନେଇ ଦିଆଯାଇଛେ। ବହୁତ୍ ଜଲ୍ଦି ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

### ତରଭା ଧନୁଯାତ୍ରା: ପୁତନା ବଧ, ଷଡ଼ମଲ୍ଲ ପ୍ରେରଣ

**ତରଭା, ୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ପଞ୍ଚମ ସନ୍ଧ୍ୟା। କଂସ ମହାରାଜଙ୍କ ଦରବାରରେ ଗୋପପୁରରେ ବଢୁଥିବା ତାଙ୍କ ଶତୃର ବିନାଶ ପାଇଁ ପାତ୍ର ମନ୍ତ୍ରୀଙ୍କ ବିଚାର ବିମର୍ଶ ସହିତ ଗୋପପୁରରେ ପୁତନା ବଧ ଖବର ପାଇ କଂସ ମର୍ମାହତ ହୋଇପଡିଛନ୍ତି। ଗୋପପୁରରେ ନନ୍ଦରାଜାଙ୍କ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥିବାରୁ ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଏହି ସମୟରେ ମଥୁରା ନରେଶ କଂସ ମହାରାଜା କୃଷ୍ଣଙ୍କୁ ମାରିବା ପାଇଁ ପୁତନାକୁ ପ୍ରେରଣ କରିଥିଲେ। ଗୋପପୁରରେ ପୁତନା ପ୍ରବେଶ କରିବା ପରେ ଘରକୁ ଘର ବୁଲି କୃଷ୍ଣଙ୍କୁ ଖୋଜିବା ପରେ ଶ୍ରୀକୃଷ୍ଣଙ୍କ ହାତରେ ପୁତନାର ବଧ ହୋଇଥିଲା । ମଥୁରାରେ କଂସ ପୁତନା ବଧ ଖବର ପାଇ ମର୍ମାହତ ହୋଇପଡିଛନ୍ତି। ଏହି ପରିପ୍ରେକ୍ଷୀରେ ମହାମନ୍ତ୍ରୀ ଶକ୍ରାଜିତଙ୍କ ସହିତ ମନ୍ତ୍ରଣାକ୍ରମେ ଅଙ୍ଗିରନଦୀ କୂଳେ ବିଜୟ ବନରେ ରହୁଥିବା ଷଡ଼ମଲ୍ଲ ଶଖାଙ୍କୁ କଂସ ଆହ୍ୱାନ କରି କୃଷ୍ଣ, ବଳରାମର ନିଧନ ନିମନ୍ତେ ଷଡ଼ମଲ୍ଲଙ୍କୁ ଗୋପପୁର ପ୍ରେରଣ କରିଥିଲେ । ଆଜି ସନ୍ଧ୍ୟାରେ କଂସ ଦରବାରରେ ରାଜଅତିଥି ଭାବେ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଜିଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ମହୋତ୍ସବ କମିଟି ସଭାପତି ଆଦିକନ୍ଦ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ବିଚିତ୍ର ସାହୁ, ଧିରେନ୍ଦ୍ର ବିଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

## ଅଂଶଗ୍ରହଣ କରିବେ ୩୨ ପରେଡ୍ ଦଳ

**ଅମରପାଲି, ୬।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ହେବାକୁ ଥିବା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସୋମବାର ଅପରାହ୍ନରେ ସ୍ଥାନୀୟ ମୈତ୍ରୀ ସଦନଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର, ଆଡିସିନାଲ କଲେକ୍ଟର ଅଭିଲାଶ ପୁରୋହିତ ଓ ବିଡିଓ ନିରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ କାର୍ଯ୍ୟକ୍ରମ ହେବାର ସ୍ଥିର ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୩୨ଟି ପରେଡ ଦଳ ଅଂଶଗ୍ରହଣ କରିବେ। ସେଥିପାଇଁ ଚଳିତ ୨୨, ୨୩ ଓ ୨୪ ତାରିଖ ଅପରାହ୍ନ ୨ଟାରେ ପରେଡ ପୂର୍ବାଭାସ କରାଯିବାର ସ୍ଥିର ହୋଇଛି। ୨୬ତାରିଖ ପୂର୍ବାହ୍ନ ୯ଟାରେ ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ପତାକା ଉତ୍ତୋଳନ କରିବା ସହିତ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ସହିତ ପରେଡ ଅଭିବାଦନ ଗ୍ରହଣ କରିବେ। ଏହା ସହିତ ଉପଖଣ୍ଡର ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମକ ବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବାର ସ୍ଥିର ହୋଇଛି। ଏଥିପାଇଁ ଚଳିତ ୧୬ ତାରିଖଠାରୁ ୨୦ ତାରିଖ ବିଭିନ୍ନ ପ୍ରତିଯୋଗୀତା କରାଯିବ। ବୈଠକରେ ଉପଖଣ୍ଡୀୟ ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ପୂର୍ବତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦତା ଡ. ପ୍ରଫୁଲ୍ଲ ରଥ, ଶିକ୍ଷାବିତ ଭୂଷଣ ପାତ୍ର, କିଶୋର ହୋତା, ଥାନା ଅଧିକାରୀ ପ୍ରଭା ଧନ, ଅଗ୍ନିଶମ ଅଧିକାରୀ, ଉପକାରାଗାର ଅଧିକ୍ଷକ, ବୀରମହାରାଜପୁର କଲେଜର ଅଧକ୍ଷ ମୁରଲୀଧର ହୋତା, ସିଣ୍ଢୋଲ କଲେଜ ଅଧକ୍ଷ ପବିତ୍ର ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ।



ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

ସୁବର୍ଣ୍ଣ ଲୋକ ମହୋତ୍ସବ ଲାଗି ପ୍ରସ୍ତୁତି ଚୂଡାନ୍ତ

## କଳାକାରଙ୍କ ଲୋକନୃତ୍ୟରେ ଦୁଲୁକିବ ମଞ୍ଚ

**ସୋନପୁର,୬।୧(ନି.ପ୍ର.)**

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୦ ଜାନୁୟାରୀ ୭ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ଗାନ୍ଧୀ ପଡିଆରେ ଆୟୋଜିତ ହେବାକୁ ଥିବା ମହୋତ୍ସବ ପାଇଁ ମଞ୍ଚ ଓ ଅନ୍ୟାନ୍ୟ ପ୍ରସ୍ତୁତି ସରିଛି। ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା କଳା ସଂସ୍କୃତି ସଂଘ ଓ ଓରମାସର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି । ୭, ୮ ଓ ୯ ତାରିଖ ତିନି ଦିନ ଧରି ଲୋକ ମହୋତ୍ସବ ଏବଂ ୭ ରୁ ୧୧ ତାରିଖ ୫ ଦିନ ଧରି ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ । ମହୋତ୍ସବ ଓ ମେଳାରେ ଜିଲାର କଳା, ସଂସ୍କୃତି, କୃଷି, ହସ୍ତତନ୍ତ ଓ ବୟନଶିଳ୍ପ ପ୍ରଦର୍ଶିତ ହେବା ସହିତ ବାହାର ରାଜ୍ୟର ପ୍ରତିଷ୍ଠିତ ଲୋକନୃତ୍ୟ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧକ୍ଷ ମୋନିଷା ବାନାର୍ଜୀ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ୭ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ଅନୁଷ୍ଠାନର କଳାକାରମାନେ ଲୋକକଳା ପ୍ରଦର୍ଶନ କରିବେ। ଜିଲା ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା ତଥା ନୃତ୍ୟ ଗୀତର ଏହି ବର୍ଣ୍ଣାଢ୍ୟ ପର୍ବ ପାଇଁ ୧୫ ଲକ୍ଷ ଟଙ୍କାର ଅନୁମାନିକ ବଜେଟ୍ ରଖାଯାଇଛି । ମହୋତ୍ସବ ଉଦ୍ଘାଟନ ଅବସରରେ ମଙ୍ଗଳବାର ସକାଳ ୯ଟାରେ ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ଆବାହନ ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ଗାନ୍ଧୀ ପଡିଆରେ ପହଞ୍ଚିବ। ପରେ ମଞ୍ଚ ପୂଜନ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଉଦ୍ଘାଟନ ହେବ। ଚଳିତ ବର୍ଷ ରାଜ୍ୟ ଓ ରାଜ୍ୟ ବାହାରର ହସ୍ତଶିଳ୍ପୀଙ୍କ ପାଇଁ ୨୦୦ଟି ଷ୍ଟଲ ଖୋଲା ଯାଇଥିବା ଜିଲାପାଳ ବାନାର୍ଜୀ ସୂଚନା ଦେଇଥିଲେ। ୯ ତାରିଖରେ ସ୍ମରଣିକା ଶାକ୍ତସ୍ୱର ଉନ୍ମୋଚିତ ହେବ । ଜିଲାର ମହାନ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସଫଳ ପ୍ରତିଫଳନ ସହ ସାଂସ୍କୃତିକ ଭାବ ବିନିମୟ ଏବଂ ଅଞ୍ଚଳର ଲୁକ୍କାୟିତ, ଅବଲୁପ୍ତ ଲୋକକଳା ଓ ଲୋକସଂସ୍କୃତିର ପୁନରୁଦ୍ଧାର ଏହି ମହୋତ୍ସବର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସ ଜାରି ରହିଥିବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଡିଆଇପିଆରଓ ହରିଚରଣ ମିଶ୍ର ଓ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଉଛନ୍ତି ।

### ବାଇକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ

**ଲୋଇସିଂହା, ୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ଗାଁର ଅମିତ ଜାଲ(୧୯) ନାମକ ଜଣେ ଯୁବକ ଗତ ୩ତାରିଖ ଏକ ବାଇକ ଧକ୍କାରେ ଗୁରୁତର ହୋଇଥିଲେ। ବରଗଡଠାରେ ଚିକିତ୍ସାଧୀନ ଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ସୋମବାର ସକାଳେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପୁରିଆ ଗାଡି ଚାଳକଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ମେଣ୍ଡା-ବୁର୍ଡା ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ । ୫ ଘଣ୍ଟା ଧାରଣା ଦେଲା ପରେ ତରଭା ତହସିଲଦାର କ୍ଷୀରୋଦ୍ର କୁମାର ନାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ପରିବାରକୁ ରେଡକ୍ରସରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜାନରୁ ୨ ହଜାର ଟଙ୍କା ସହାୟତା ସ୍ଥାନୀୟ ସରପଞ୍ଚ ଦ୍ୱାରୁ ବିଶ୍ୱାଳ ଦେଲା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଗତ ୩ ତାରିଖ ଗାଁ ନିକଟସ୍ଥ ମେଣ୍ଡା ରାସ୍ତାରେ ଅମିତ ଫୋନରେ କଥା ହେଉଥିଲେ । ଏତିକି ବେଳେ ସେହି ରାସ୍ତାରେ ଯାଉଥିବା ଦୁଇ ଜଣ ବାଇକ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅମିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ।

## ପଞ୍ଚଦଶ ପାତାଳି ମହୋତ୍ସବ ପାଇଁ ପ୍ରସ୍ତୁତି

**ସୋନପୁର,୬।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପଞ୍ଚଦଶ ପାତାଳି ମହୋତ୍ସବ ପାଇଁ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ଜାନୁୟାରୀ ୨୪ରୁ ଫେବୃୟାରୀ ୧ତାରିଖ ପର୍ଯ୍ୟନ୍ତ ପାତାଳି କ୍ଷେତ୍ର କୋଟସମଲାଇଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ପ୍ରସ୍ତୁତି ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବିଡିଓ ନିଳାମ୍ବର ମହାନନ୍ଦଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ଥିଲେ। ଉପଜିଲାପାଳ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲାପାଳ ପଣ୍ଡା ସଭା ପରିଚାଳନା କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ମନ୍ତ୍ରୀ ବେହେରା ଆହ୍ୱାନ ଦେଇଥିଲେ। କଳସ ଶୋଭାଯାତ୍ରା, ଭାଗବତ ସପ୍ତାହ ପାରାୟଣ, ୫୬ ପ୍ରହର ନାମଯଜ୍ଞ, ପଞ୍ଚ କୁଣ୍ଡୀୟ ଘୃତଯଜ୍ଞ, ଧର୍ମସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ପ୍ରକାର ପ୍ରଶାସନିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ବାନାର୍ଜୀ ପ୍ରତିଶୃତି ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ଏସ୍ପି ଦାଶ ସୂଚନା ଦେଇଥିଲେ। ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ ମହୋତ୍ସବର ରୂପରେଖ ଓ ବିବରଣୀ ପାଠ କରିଥିଲେ ।



ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲାପାଳ ଓ ଏସ୍ପି ପ୍ରମୁଖ ।

### ବେଆଇନ ମଦ କାରବାରକୁ ନେଇ ବଢୁଛି ଅସନ୍ତୋଷ

**ଲୋଇସିଂହା, ୬।୧(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ତାଲଜୁରୀ ଗାଁରେ ବେଆଇନ ମଦ କାରବାର ଚାଲିଛି। କେତେକ କୁଚିଆ ଅବକାରୀ ଓ ପୋଲିସ ବିଭାଗକୁ ଚ୍ୟାଲେଞ୍ଜ କରି ଏହି କାରବାର ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର ଆଭ୍ୟନ୍ତରୀଣ ରତାଖଣ୍ଡି ପଞ୍ଚାୟତ ଅଧୀନ ୫ ୱାର୍ଡ ବିଶିଷ୍ଟ ତାଲଜୁରୀ ଗାଁ । ଗାଁରେ ୫ଟି ସ୍ଥାନରେ ବେଧଡକ ଭାବେ ରନ୍ଧା ମଦ ବିକ୍ରି ହେଉଛି। ଗାଁ ଓ ଆଖପାଖ ଅଞ୍ଚଳର ଲୋକେ ମଦ ପିଇବା ପାଇଁ କୁଚିଆଙ୍କ କୋଠିରେ ଭିଡ ଜମାଉଛନ୍ତି । ଗାଁରେ ମଦ୍ୟପଙ୍କ ଅସ୍ୱାଭାବିକ ଆଚରଣ ଯୋଗୁ ସ୍କୁଲ ଛାତ୍ରୀଛାତ୍ର ଓ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

## ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଶୋଭାଯାତ୍ରା

**ଅମରପାଲି, ୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଟ୍ୟାକ୍ସି ଷ୍ଟାଣ୍ଡଠାରେ ଗାଡିଚାଳକ ସଂଘ ଆନୁକୂଲ୍ୟରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଗଙ୍ଗାରାମ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଆରଟିଓ ରବୀନ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏସଡିପିଓ ଧିରୋଜ ଚୌପଦାର, ରାଜସ୍ୱ ଅଧିକାରୀ ଅଭିଲାଷ ପୁରୋହିତ, ଆଇଆଇସି ପ୍ରଭା ଧନ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ରାମକୃଷ୍ଣ ହୋତା, ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ, ସୁବ୍ରତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ପୂର୍ବରୁ ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ପତାକା ଦେଖାଇ ଏକ ସଚେତନା ଶୋଭାଯାତ୍ରାକୁ ଉଦ୍ଘାଟନ କରିଥିଲେ। ଉପଜିଲାପାଳ କାର୍ଯ୍ୟାଳୟରୁ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ବାଳକ ହାଇସ୍କୁଲର ଛାତ୍ରମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା । କାର୍ଯ୍ୟକ୍ରମକୁ ଆଟିଓ ଅଫିସର ନିବେଦିତା ମିଶ୍ର ଓ ଶ୍ୱେତା ମହାପାତ୍ର ପରିଚାଳନା କରିଥିବା ବେଳେ ଗାଡି ଚାଳକ ସଂଘର କୋଷାଧକ୍ଷ ଦୁର୍ଗେସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




ସଡ଼କ ସୁରକ୍ଷା ସପ୍ତାହ ପାଳନ ସଭାରେ ମଞ୍ଚାସୀନ ଅତିଥି ।

## ମାହେଶ୍ୱରୀ କ୍ରିକେଟ : ସେମିରେ ରେଢ଼ାଖୋଲ

**ଅମରପାଲି, ୬।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଲପୁରଠାରେ ୧୪ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ଘାଟିତ ହୋଇଯାଇଛି। କ୍ଲବ ଅଧକ୍ଷ ରାମପ୍ରସାଦ କର୍ଣ୍ଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କମିରା ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ ମୁଖ୍ୟଅତିଥି, ଆଇନଜୀବୀ ହାରୁନ ଖାଁ ଓ କ୍ରୀଡାବିତ ଅଚ୍ୟୁତାନନ୍ଦ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚ ବିକଲପୁର ଓ ରେଢ଼ାଖୋଲ ମଧ୍ୟରେ ହୋଇଥିଲା। ରେଢ଼ାଖୋଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୨ ରନ କରିଥିଲା। ଦଳର ସିତୁ ୨୪ ବଲରୁ ୬୫ ଓ ବୁବୁନ ନନ୍ଦ ୨୬ ବଲରୁ ୬୨ ରନ କରିଥିଲେ। ବିପକ୍ଷ ବିକଲପୁରର ବୈକୁଣ୍ଠ କର୍ଣ୍ଣ ୩ଟି ଉଇକେଟ ନେଇଥିଲେ। ଜବାବରେ ବିକଲପୁର ଦଳ ନିର୍ଦ୍ଧାରିତ ୨୦ଓଭରରେ ୮ ଉଇକେଟ ହରାଇ ୧୨୮ ରନ କରି ପରାଜିତ ହୋଇଥିଲା। ଦଳର ଗୋବିନ୍ଦ ୩୪ ବଲରୁ ୫୩ ରନ, ସର୍ଜନ ୧୯ରନ କରିଥିଲେ। ରେଢ଼ାଖୋଲ ପକ୍ଷରୁ ପ୍ରକାଶ ୩ଟି ଉଇକେଟ ନେଇଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ରେଢ଼ାଖୋଲର ସିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ବୁବୁନ ସାହୁ ଓ ଠାକୁର ଭୋଇ ପରିଚାଳନା କରିଥିଲେ। ରାମପ୍ରସାଦ ସ୍କୋରିଂ ଏବଂ ଗଦାଧର ଓ ପରିକ୍ଷୀତ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଏସଡିଏସ ସୋନପୁର ଓ ଯଙ୍ଗଷ୍ଟାର ଅନୁଗୋଳ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ ।



ରେଢ଼ାଖୋଲ ସିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।



ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରି ଆଣେ।
- ଭଲଟାୟାର

## ସଂକ୍ଷେପରେ

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଉତ୍ସବ

**ଟିଟିଲାଗଡ଼, ୬।୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଦେସିଲ ସତ୍ସଙ୍ଗ ବିହାରଠାରେ ଠାକୁର ଅନୁକୁଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ ପାଳିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଶତାଧିକ ଭକ୍ତଙ୍କ ଗହଣରେ ଠାକୁର ଅନୁକୁଳଚନ୍ଦ୍ରଙ୍କ ସୁସଜ୍ଜିତ ରଥ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ପରେ ଦେସିଲସ୍ଥିତ ସତ୍ସଙ୍ଗ ବିହାରଠାରେ ସତ୍ସଙ୍ଗ ସଭା, ମାତୃ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ସଙ୍ଗ ବିହାର ଅଧକ୍ଷ ପ୍ରଦୀପ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ଓମଭେଲି ସ୍କୁଲ ଅଧକ୍ଷ ଦୀପକ ସାହୁ, ଭୁବନେଶ୍ୱର ସତ୍ସଙ୍ଗ ବିହାରର ପ୍ରତିନିଧି ହରିହର ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ଶିବପ୍ରସାଦ ପରିଡା, ଓମଭେଲି ସ୍କୁଲ ଅଧକ୍ଷ ବଦ୍ରିନାଥ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷା ଗିତା ବିଶି, ପ୍ରମୋଦ ପାଲ, ରଷୀ ସାହୁ, ବିକ୍ରମ ନାୟକ, ନବ ସାହୁ, ଚାପଧାରୀ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।

### ବେଆଇନ ମଦ କାରବାରକୁ ନେଇ ବଢୁଛି ଅସନ୍ତୋଷ

**ଲୋଇସିଂହା, ୬।୧(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅନ୍ତର୍ଗତ ତାଲଜୁରୀ ଗାଁରେ ବେଆଇନ ମଦ କାରବାର ଚାଲିଛି। କେତେକ କୁଟିଆ ଅବକାରୀ ଓ ପୋଲିସ ବିଭାଗକୁ ଚ୍ୟାଲେଞ୍ଜ କରି ଏହି କାରବାର ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର ଆଭ୍ୟନ୍ତରୀଣ ରତାଖଣ୍ଡି ପଞ୍ଚାୟତ ଅଧୀନ ୫ ୱାର୍ଡ ବିଶିଷ୍ଟ ତାଲଜୁରୀ ଗାଁ । ଗାଁରେ ୫ଟି ସ୍ଥାନରେ ବେଧଡକ ଭାବେ ରନ୍ଧା ମଦ ବିକ୍ରି ହେଉଛି। ଗାଁ ଓ ଆଖପାଖ ଅଞ୍ଚଳର ଲୋକେ ମଦ ପିଇବା ପାଇଁ କୁଟିଆଙ୍କ କୋଠିରେ ଭିଡ ଜମାଉଛନ୍ତି। ଗାଁରେ ମଦ୍ୟପଙ୍କ ଅସ୍ୱାଭାବିକ ଆଚରଣ ଯୋଗୁ ସ୍କୁଲ ଛାତ୍ରୀଛାତ୍ର ଓ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି କାରଣରୁ ବେଆଇନ କୁଟିଆ ବନ୍ଦ ନେଇ ଗାଁର ପୁଷପୁନି ଉତ୍ସବ କମିଟି, ଏସ୍ଏଚ୍ଜି ମହିଳା ଓ ଗ୍ରାମାବସୀ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅନେକ ଥର ଦ୍ୱାରସ୍ଥ ହୋଇ ସୁଦ୍ଧା ସୁଫଳ ପାଇ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏଦିଗରେ ଜିଲାପାଳ ଓ ଏସ୍ପି ଦୃଷ୍ଟି ଦେଇ ଆବବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବ୍ଲକ ଅଧୀନ ଭାଲିଆମୁଣ୍ଡା ଗାଁରେ ଗତମାସରେ ମଦମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ଚାପଦିଆ ଯାଇଥିବା ସାଧାରଣରେ ଆଲୋଚନା ହେଉଛି ।

### ଯୁବ ବ୍ୟବସାୟୀଙ୍କ ପରଲୋକ

**ପାଟଣାଗଡ, ୬।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ଼ କାଦୋପଡା ନିବାସୀ ଯୁବ ବ୍ୟବସାୟୀ ଚନ୍ଦ୍ରମଣି ମେହେର(୩୪)ଙ୍କ ହୃଦ୍ଘାତରେ ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ପୁରୁଣା ଡେଲି ମାର୍କେଟରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବହୁ ଗଣ୍ୟମାଣ୍ୟ ବ୍ୟକ୍ତି ଓ ବ୍ୟବସାୟୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି। ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳି ଯାଇଛି।

## ଜିଲାସ୍ତରୀୟ ମଧୁବୈଶ୍ୟ ସମାଜ ବାର୍ଷିକ ଉତ୍ସବ

# ସାମାଜିକ ଦାୟିତ୍ୱ ପାଳନ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୬।୧**



ବିମଳ ଚୋପଦାରଙ୍କୁ ମୁଖ୍ୟଅତିଥି ନରସିଂହ ମିଶ୍ର ସମ୍ବର୍ଦ୍ଧିତ କରୁଛନ୍ତି ।

ବଲାଙ୍ଗୀର ଜିଲାସ୍ତରୀୟ ମଧୁବୈଶ୍ୟ (ଗୁଡିଆ) ସମାଜ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଧୁବୈଶ୍ୟଙ୍କ ସାମାଜିକ ଦାୟିତ୍ୱ, ଉଚ୍ଚ ପରମ୍ପରା ଓ କର୍ତ୍ତବ୍ୟନିଷ୍ଠା ଉପରେ ବିସ୍ତୃତ ସୂଚନା ଦେଇଥିଲେ । ଇତିହାସ ଏବଂ ପୁରାଣରେ ବର୍ଣ୍ଣିତ ମଧୁବୈଶ୍ୟଙ୍କ ସାମାଜିକ ମହନୀୟତାକୁ ପ୍ରଶଂସା କରି ଆଜିର ଦିନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ । ସ୍ଥାନୀୟ କଦଳିମୁଣ୍ଡା ନର୍ସରୀଠାରେ ସମାଜ ଜିଲା ସଭାପତି ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ ଛାତ୍ରୀଛାତ୍ର, ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ବିଚାରପତି ତଥା ମଧୁବୈଶ୍ୟ ସମାଜ ପୂର୍ବତନ ରାଜ୍ୟ ସଭାପତି ଗୋପାଳ ଚନ୍ଦ୍ର ଚୋପଦାର ଯୋଗଦେଇ ମଧୁବୈଶ୍ୟ ଓ ଗୁଡିଆ ଶବ୍ଦର ଅର୍ଥ ସମାନ ଓ ଏହାକୁ ନେଇ କୌଣସି ବିବାଦ ନ କରିବାକୁ ଆହ୍ୱାନ ଜଣାଇଥିଲେ । ଜିଲା ସମ୍ପାଦକ ଜୟକୃଷ୍ଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବିବରଣୀ ପାଠ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ସୁନୀଲ କୁମାର ସାହୁ, ତ୍ରିନାଥ ସରାଫ, ରାଜ୍ୟ ଯୁବ ସଭାପତି ବିନୋଦ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଶାନ୍ତ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ନରେନ୍ଦ୍ରନାଥ ସାହୁ, କଟକର ଦେବେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ବାବାଜୀ ଚରଣ ସାହୁ, ସମ୍ବଲପୁରର ସଭାପତି ପଞ୍ଚାନନ ସାହୁ, ପ୍ରିୟମ୍ବଦା ସାହୁ, ରାୟଗଡାରୁ ନିରୋଜ ସାସମଲ, ରାଉରକେଲାରୁ ଅନ୍ତର୍ଯ୍ୟାମୀ ସାହୁ, କୈଳାସ ଚନ୍ଦ୍ର ସାହୁ, ଜଗତସିଂହପୁରରୁ ରାମଚନ୍ଦ୍ର ସାହୁ, ଭଦ୍ରକରୁ ରଘୁନାଥ ସାହୁ, ହରିହର ସାହୁ, ବରଗଡର ସମ୍ପାଦକ ନିତ୍ୟାନନ୍ଦ ପୃଷ୍ଟି, ଠାକୁର ପ୍ରସାଦ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ସାହୁ, ପ୍ରଦୀପ କୁମାର ସାହୁ, ଅଶୋକ କୁମାର ସାହୁ, ସ୍ୱପ୍ନଜିତ ଚୋପଦାର, ଋଷିକେଶ ସାହୁ, ଛେଲିଆ ସାହୁ, ମେଘନାଦ ସାହୁ, ସୋନପୁରର ପୂର୍ବତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ରଞ୍ଜନ ସରାଫ, ଦେବଦତ୍ତ ସରାଫ, ବଲାଙ୍ଗୀର ସଦର ସଭାପତି ସଞ୍ଜୀବ କୁମାର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ଦିର କମିଟି ସମ୍ପାଦକ ଆଶିଷ କୁମାର ସାହୁ, ବୌଦ୍ଧର ରବିନ୍ଦ୍ର ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଭାପତିତ୍ୱ ଅଭିଭାଷଣରେ ସାହୁ ସାମ୍ପ୍ରତିକ ପରିସ୍ଥିତିରେ ସମାଜ ସଂସ୍କାରକୁ ହିଁ ଜୋର ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ଉଲ୍ଲେଖନୀୟ ଅବଦାନ ପାଇଁ ବିମଲ କୁମାର ଚୋପଦାର, ଶାନ୍ତିଲତା ଚୋପଦାର, ସୁଭାସିନୀ ସରାଫଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ପରେ ଦିବ୍ୟସିଂହ ସାହୁ ଓ ସ୍ମାରକ ସରାଫଙ୍କ ନେତୃତ୍ୱରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅନନ୍ୟା ସାହୁ, ପ୍ରିୟଙ୍କା ପୃଷ୍ଟି, ଶ୍ରେୟାସୀ ସାହୁ, ଲୋପାମୁଦ୍ରା ସାହୁ, ରୀନା ସାହୁ, ଜୟନ୍ତୀ ସାହୁ, ଆର୍ଯ୍ୟନ ଅଂଶଗ୍ରହଣ କରିଥିଲେ । ଶେଷରେ ସହସମ୍ପାଦକ ଭଗବାନ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆରଏମ୍ସି ସମ୍ପାଦକଙ୍କୁ କପା ମିଲ ମାଲିକଙ୍କ ଧମକ ଅଭିଯୋଗ

**କଣ୍ଟାବାଞ୍ଜି, ୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆରଏମସି ସମ୍ପାଦଙ୍କୁ ମା' ମଙ୍ଗଳା ଜିନିଙ୍ଗ ମିଲ୍ ମାଲିକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସୋମବାର ଅଭିଯୋଗ ହୋଇଛି। ଏ ନେଇ ସମ୍ପାଦକ ତୁଷାରକାନ୍ତ ସେଠୀ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଥାନାରେ ଦଫା ୨୯୪, ୫୦୬ ,୧୮୬ରେ ଏକ ମାମଲା (ନଂ. ୭/୨୦) ରୁଜୁ ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ ସୋମବାର ଅଫିସରେ ସମ୍ପାଦକ ସେଠୀ ଅଉଟଡୋର ପାସ କାଟୁଥିବା ସମୟରେ ମିଲ ମାଲିକ ମଣିଲାଲ ଅଗ୍ରୱାଲ ଚାଷୀମାନଙ୍କୁ ମିଲକୁ ନେଇ କପା ବିକ୍ରି କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏହାସହ ଚାଷୀ ଓ ଅଫିସ କର୍ମଚାରୀଙ୍କ ସହିତ ସମ୍ପାଦକ ସେଠୀଙ୍କୁ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏତଲାରେ ସେଠୀ ଦର୍ଶାଇଛନ୍ତି ଯେ, କପାମଣ୍ଡି ଇ-ନାମ ଦ୍ୱାରା ପରିଚାଳିତ। ହେଲେ ମିଲ ମାଲିକ ଅଗ୍ରୱାଲ କୌଣସି ଚାଷୀଙ୍କୁ ନିଜର ଚାଷ କପାକୁ ମଣ୍ଡିରେ ନ ବିକି ସିଧାସଳଖ ମିଲରେ ବିକ୍ରି କରିବା ପାଇଁ ବାଧ୍ୟ କରୁଛନ୍ତି। ଏହି ଅଭିଯୋଗ ଉପରେ ମିଲ ମାଲିକ ଅଗ୍ରୱାଲଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ଫୋନ ସୁଇଚ ଅଫ ବତାଉ ଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।



ମୃତଦେହ ରଖି ଗ୍ରାମବାସୀ ମେଣ୍ଡା-ବୁର୍ଡା ରାସ୍ତା ଅବରୋଧ କରିଛନ୍ତି।

## ବାଇକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଲୋଇସିଂହା, ୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ଗାଁର ଅମିତ ଜାଲ(୧୯) ନାମକ ଜଣେ ଯୁବକ ଗତ ୩ତାରିଖ ଏକ ବାଇକ ଧକ୍କାରେ ଗୁରୁତର ହୋଇଥିଲେ। ବରଗଡଠାରେ ଚିକିତ୍ସାଧୀନ ଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ସୋମବାର ସକାଳେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପୁରିଆ ଗାଡି ଚାଳକଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ମେଣ୍ଡା-ବୁର୍ଡା ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ । ୫ ଘଣ୍ଟା ଧାରଣା ଦେଲା ପରେ ତରଭା ତହସିଲଦାର କ୍ଷୀରୋଦ୍ର କୁମାର ନାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ପରିବାରକୁ ରେଡକ୍ରସରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜାନରୁ ୨ ହଜାର ଟଙ୍କା ସହାୟତା ସ୍ଥାନୀୟ ସରପଞ୍ଚ ଦ୍ୱାରୁ ବିଶ୍ୱାଳ ଦେଲା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଗତ ୩ ତାରିଖ ଗାଁ ନିକଟସ୍ଥ ମେଣ୍ଡା ରାସ୍ତାରେ ଅମିତ ଫୋନରେ କଥା ହେଉଥିଲେ । ଏତିକି ବେଳେ ସେହି ରାସ୍ତାରେ ଯାଉଥିବା ଦୁଇ ଜଣ ବାଇକ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅମିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବରଗଡ ସ୍ଥନାନ୍ତର କରାଯାଇଥିଲା ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼, ୬।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ନେଇ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ଦିନ ସକାଳୁ ସହରରେ ରାମଧୂନ ଗାନ, ସମସ୍ତ ସରକାରୀ ବେସରକାରୀ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନରେ ଉତ୍ସବ ପାଳନ ପରେ ସ୍ଥାନୀୟ ସରକାରୀ ବାଳକ ବିଦ୍ୟାଳୟ ପଡିଆରେ ସାମୂହିକ ଉତ୍ସବ ପାଳନ ହେବ। ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଦେଶାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିବେ। ବୈଠକରେ ପୌର ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟସ୍ୱରୂପ ଦାଶ, ଏଏଚଓ ନୂତନଶ୍ରୀ ପୁଟେଲ, ସିଟି ସ୍କୁଲ ପ୍ରିନ୍ସିପାଲ ଯୁବରାଜ ମାଝୀ, ରାଧାକାନ୍ତ ମହାନ୍ତି, ଶିକ୍ଷାବିତ ଅଶ୍ୱିନୀ ମହାନ୍ତି, ଆଇନଜୀବୀ ସୁଧିର ମିଶ୍ର, ଆଲୋକ ନାୟକ, କେପିଏସଏସ ସଭାପତି ବୃନ୍ଦାବନ ପାଢୀ, ରାଜୁ ମିଶ୍ର, ପ୍ରଶାନ୍ତ ଷଡଙ୍ଗୀ, ବ୍ୟବସାୟୀ ସଂଘ ସମ୍ପାଦକ ଗୋପାଳକୃଷ୍ଣ ଜୈନ, ମାରୱାଡି ଯୁବା ମୋର୍ଚ୍ଚା ସଭାପତି ଅମର ଜୈନ, ଶିକ୍ଷାବିତ ଜ୍ୟୋତିପ୍ରକାଶ ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଖର୍ସେଲବାଞ୍ଜି ଫୁଟବଲ ଟୁର୍ଣ୍ଣାମେଣ୍ଟ: ଦର୍ଲିମୁଣ୍ଡା ଚାମ୍ପିୟନ

**ଟିକ୍ରାପଡା, ୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରୟୋଦଶ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚଲକିକୁ ୧-୦ ଗୋଲରେ ହରାଇ ଦର୍ଲିମୁଣ୍ଡା ଚାମ୍ପିୟନ ହୋଇଛି। ଶମ୍ଭୁଦତ୍ତ ମିଶ୍ର, ଅଚ୍ୟୁତାନନ୍ଦ ପୁରୋହିତ, ମଗଶିର ମଲ୍ଲିକ, ସୁଜିତ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଚୂଡାମଣି ବରର୍ତ୍ତି, ନିମାନନ୍ଦ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ । ମହିଳା, ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି ଓ ସ୍ଥାନୀୟ ସରପଞ୍ଚ କେତକୀ ଅମାତ, ପୂର୍ବତନ ଟିକ୍ରାପଡା ସରପଞ୍ଚ ଯାଜ୍ଞସେନୀ ରାଜପଲିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୭,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ସଭାପତି ଜୟରାମ ମାଝୀ ପୁରସ୍କାର ବିତରଣୀ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ହରିଶ୍ଚନ୍ଦ୍ର ବରର୍ତ୍ତି ସଭା ସଂଯୋଜନା କରିଥିଲେ। କୃଷ୍ଣଚନ୍ଦ୍ର ମାଝୀ ଅତିଥି ପରିଚୟ ଓ ରବିନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ନବୀନ ସଲତର, ରନ ଧରୁଆଙ୍କ ସମେତ ଯୁବକ ସଂଘ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଦର୍ଲିମୁଣ୍ଡା ଓ ଚଲକି ଦଳର ଖେଳାଳିମାନେ।

### ପୋଖରୀ ବନ୍ଧରେ ପଡ଼ିଛି ୨ ଗୋରୁମୁଣ୍ଡ, ଗୋମାଂସ କାରବାର ଅଭିଯୋଗ

**ଟିଟିଲାଗଡ଼, ୬।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ଦେବନ୍ଧ ପୋଖରୀ ନିକଟରେ ୨ଟି ଗୋରୁ ମୁଣ୍ଡ ଓ ଛାଲ ପଡିଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଟିଟିଲାଗଡ ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତନାଘନା ଚଳାଇଛି ବୋଲି ଥାନା ଅଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି। ଘଟଣା ନେଇ ସହରର ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ ଦୁର୍ବୃତ୍ତ ରବିବାର ରାତିରେ ତିନୋଟି ଗାଈକୁ ଦେବନ୍ଧ ନିକଟରେ କାଟିଥିଲେ। କଟାମାଂସକୁ ସେମାନେ ପ୍ୟାକେଟ କରି ବାହାର ଅଞ୍ଚଳକୁ ଚାଲାଣ କରିଥିବା ଚର୍ଚ୍ଚା ହେଉଛି। ତିନୋଟି ଗାଈ ମଧ୍ୟରୁ ଦୁଇଟିର ମୁଣ୍ଡ ଦେବନ୍ଧ ପୋଖରୀ ନିକଟରେ ପଡିଥିବା ବେଳେ ଅନ୍ୟଟିକୁ ଦୁର୍ବୃତ୍ତମାନେ ପାଣିରେ ପକାଇ ଦେଇଥିବା ଅଭିଯୋଗ ହୋଇଛି।

## ଆଇ ଆମ୍ କଲାମ କପ୍ : ସେମିଫାଇନାଲରେ କଟକ

**ଲୋଇସିଂହା, ୬।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଆଇଆମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଗ୍ରୁପ ଏ ର ସେମିଫାଇନାଲ ଲାଇନ ଅପ୍ ସରିଛି । ସୋମବାର ବି ଗ୍ରୁପର କ୍ୱାର୍ଟର ଫାଇନାଲ ରାଉଣ୍ଡ ଆରମ୍ଭ ହୋଇଥିଲା। କଟକ ନିପନ କ୍ଲବ ଓ ବଲାଙ୍ଗୀର ଇଲେଭେନ ଷ୍ଟାର ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ ଗୋଲରେ କଟକ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ଗୋଟିଏ ଗୋଲଦେଇ ଦଳକୁ ବିଜୟୀ କରିଥିବା କଟର ଏସ.କେ. ରାହୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ । ସୁବ୍ରତ ପୁରୋହିତଙ୍କୁ ଖେଳ ପରିଚାଳନାରେ ଦେବାଶିଷ ବାଗ, ସୁଧାଂଶୁ ସେଠ ଓ ସୁଦୟ ବାରିକ ସହଯୋଗ କରିଥିଲେ । ସୋମବାର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି କର୍ମୀ ହରେକୃଷ୍ଣ ଷଡଙ୍ଗୀ, ରେଞ୍ଜର ରାଜକିଶୋର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥି।

## ସର୍ବଭାରତୀୟ ପାଟଣା କପ୍: ବିଳାସପୁର ସେମିରେ

**ପାଟଣାଗଡ, ୬।୧(ଡି.ଏନ.ଏ.)**



ଅନ୍ୟ ଅତିଥି ଓ ଆୟୋଜକଙ୍କ ଉପସ୍ଥିତିରେ ଜିଲାପାଳ ଅରିନ୍ଦମ ଡାକୁଆ ପାଟଣା କପ୍ ଟୁର୍ଣ୍ଣାମେଣ୍ଟକୁ ଫିତାକାଟି ଉଦ୍ଘାଟନ କରୁଛନ୍ତି।

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୧୯ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ମ୍ୟାଚ ବିଶାଖାପାଟଣମ ଏବଂ ବିଳାସପୁର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବିଳାସପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଥିଲା। ବିଳାସପୁରର ମହମ୍ମଦ ସବାଜ୍ ସର୍ବାଧିକ ୫୨ରନ ଓ ଅଭିଶେକ ସିଂ ୩୩ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବିଶାଖାପାଟଣମ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଳାସପୁରର ଅଭିନବ ଶର୍ମା ୫ ଓଭରରେ ୧୬ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ବିଳାସପୁରର ମହମ୍ମଦ ସବାଜ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ସତ୍ୟ ରଥ ଓ ପୃଥ୍ୱିରାଜ ମିଶ୍ର ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ମନୋଜ ଚିନ୍ଦା, ବିରଞ୍ଚି ମହଲା ଓ ଜେମିନି ଚିରାଗୁଣ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ ଲାୟନ୍ସ ଭୋକେଶନାଲ ପବ୍ଲିକ ସ୍କୁଲ ତରଫରୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇ କ୍ରୀଡା ପତାକାକୁ ଉତ୍ତୋଳନ କରିବା ସହ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ପାଟଣାଗଡ କ୍ରିକେଟ କ୍ଲବ ସଭାପତି ଅଲେଖ ପାଣିଗ୍ରାହୀ, ଉପ ସଭାପତି ରମାନାଥ ହୋତା, ସମ୍ପାଦକ ସମୀର ପାଣିଗ୍ରାହୀ, ଆୟୋଜକ ସମ୍ପାଦକ ନନ୍ଦନ ଠାକୁରମ, ସହ ସମ୍ପାଦକ ରାନା ଚିନ୍ଦା, ମୁନା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ପୁଲ ଏ ର ଦ୍ୱିତୀୟ ମ୍ୟାଚ ହାଓଡା (ପଶ୍ଚିମ ବଙ୍ଗାଳ) ଏବଂ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି।



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ



### ଥାଇଲାଣ୍ଡରେ ଇଣ୍ଟରନ୍ୟାଶନାଲ ସମ୍ମାନ ପାଇବେ ପଞ୍ଚାନନ ଦୁରିଆ

**ପର୍ଲା,୬ା୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ଗ୍ରାମର ପଞ୍ଚାନନ ଦୁରିଆ ଇଣ୍ଟରନ୍ୟାଶନାଲ ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୨ରେ ଥାଇଲାଣ୍ଡ ଏଜୁକେସନ୍ ସୁମିଟ ଆଣ୍ଡ ଆୱାର୍ଡ ୨୦୨୦ରେ ସେ ସମ୍ମାନିତ ହେବେ । ଏହି ଖବର ପ୍ରଚାରପ୍ରସାର ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଓ ବୁଦ୍ଧିଜୀବି ଶିକ୍ଷାବିତ ତଥା ରାଜନେତାଙ୍କ ଶୁଭେଚ୍ଛା ସୁଅ ଛୁଟୁଛି। ଦୁରିଆ ନିଜ ଗାଁରେ ପ୍ରାଥମିକ ଶିକ୍ଷା ଆରମ୍ଭ କରି ଭବାନୀପାଟଣାରେ ସ୍ନାତକୋତ୍ତର କରିଥିଲେ। ପରେ ହାଇଦ୍ରାବାଦ ୟୁନିର୍ଭର୍ସିଟିଠାରେ ଇଂଲିଶ ଉପରେ ରିସର୍ଜ କରିଥିଲେ । ସେ ପିଲାବେଳରୁ ଶିକ୍ଷା ପ୍ରତି ସମର୍ପଣ ମନୋଭାବ ରଖି ଅଧାପନକୁ ପେଶା ଭାବେ ନ ନେଇ ନିଶା ଭାବେ ଗ୍ରହଣ କରିଛନ୍ତି । ସେଥିପାଇଁ ଅଞ୍ଚଳରେ ଏକ ଇଂଲିଶ ସପୋର୍ଟ ମିଶନ ନାମକ ଏକ ସଙ୍ଗଠନ ଗଢ଼ି ଗରିବ ପିଲାଙ୍କୁ ମାଗଣାରେ ଇଂଲିଶ ପ୍ରଶିକ୍ଷଣ ଦେଉଛନ୍ତି। ନିକଟରେ ଗୋଆରେ କାଇଟ୍ସ ପ୍ରଡକ୍ସନ ପକ୍ଷରୁ ବେଷ୍ଟ ଲାଗୁଏଜ ଟିଚର ଅଫ୍ ଡିୟର ଅନ୍ତର୍ଜାତୀୟ ୨୦୧୯ ସମ୍ମାନ ଦିଆଯାଇଛି ।

### ଉତ୍ସବ ଘୁମୁରା ଉପଲକ୍ଷେ ଫୁଟବଲ ମ୍ୟାଚ୍ କର୍ଲାକୋଟ ଚାମ୍ପିୟନ

**ଜୁନାଗଡ,୬ା୧ (ସ୍ୱ.ପ୍ର.):** ଜୁନାଗଡ ଏନଏସି ଓ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ସୋମବାର ଏକ ଦିବସୀୟ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭୈରବ ଖେଳ ପଡିଆଠାରେ ଅନୁଷ୍ଠିତ ମ୍ୟାଚରେ ୪ଟି ବିଭାଗରେ ୮ଟି ଦଳ ଭାଗ ନେଇଥିଲେ। କର୍ଲାକୋଟ ଓ ବ୍ରାହ୍ମଣୀଗୁଡା ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। କର୍ଲାକୋଟ ୪-୨ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ଉତ୍ସବ କମିଟି ଅଧକ୍ଷ ସମିର ସାହୁଙ୍କ ତତ୍ୱାବଧାନରେ ଦୁର୍ଗା ସିଂ, ସୀତାକାନ୍ତ ପ୍ରଧାନ, କଳ୍ପନା ରାଉତ, ସ୍ମୃତିରେଖା ସାହୁ, ପ୍ରମୋଦ ଠାକୁର, ମନୋଜ ବିଶ୍ୱାଳ, କାଳିଆ କନ୍ଦପାନ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଜୁନାଗଡ ବିଡିଓ, କନିଷ୍ଠ ଯନ୍ତ୍ରୀ, ପୂର୍ବତନ ନଗରପାଳ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

୨୮ତମ ସର୍ବଭାରତୀୟ ୱାଇଏମସି କପ୍

# ଭିଲାଇକୁ ହରାଇଲା ୱାଇଏମ୍‌ସି

**ନୂଆପଡା ଅଫିସ,୬ା୧**

ସ୍ଥାନୀୟ ମିନିଷ୍ଟାଡିୟମରେ ୱାଇଏମସି କ୍ଲବ ପକ୍ଷରୁ ୨୮ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଆୟୋଜକ ୱାଇଏମସି ଏବଂ ଭିଲାଇ ଫରେଷ୍ଟ ଟିମ ମଧ୍ୟରେ ହୋଇଥିଲା। ୱାଇଏମସି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ପ୍ରୟାସ ସିଂ ଠାକୁର ସର୍ବାଧିକ ୮୧ ରନ, ପ୍ରତିକ ପଟ୍ଟନାୟକ ୪୩ ରନ, ବାଲେଶ୍ୱର ମାଝିଙ୍କ ୪୨ରନ ଦଳକୁ ମଜଭୁତ କରିଥିଲା। ଭିଲାଇ ଦଳ ପକ୍ଷରୁ ବିଜେଶ ଚୌହାନ ସର୍ବାଧିକ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭିଲାଇ ଦଳ ଜୋରଦାର ଷ୍ଟାର୍ଟ କରିଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ଉଇକେଟ ହରାଇ ବସିଥିଲା। ୱାଇଏମସି ଦଳର ତେଜ ବଲର ସମ୍ମୁଖୀନ ହୋଇପାରି ନ ଥିଲେ। ମାତ୍ର ୨୯ ଓଭର ୩ ବଲରେ ସମସ୍ତ ଉଇକେଟ ହରାଇ ୧୭୭ ରନ କରିଥିଲା। ଦଳ ପକ୍ଷରୁ



ଖେଳାଳିମାନଙ୍କ ସହ ଅତିଥିଗଣ।

### ପ୍ରଥମ ମ୍ୟାଚ

ବ୍ରଜେଶ ଚୌହାନ ସର୍ବାଧିକ ୪୦ରନ ସଂଗ୍ରହ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କ୍ରିକେଟିୟର ସୁରେଶ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୱାଇଏମସି ଦଳର ବ୍ୟାଟ୍ସମ୍ୟାନ ପ୍ରୟାସ ସିଂ ଠାକୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘଟନୀ ଉତ୍ସବରେ କ୍ଲବ ସଭାପତି ବାପି ଦାସଙ୍କ ଅଧ୍ୟକ୍ଷତାରେ ନୂଆପଡା ଏସପି ବିନୀତ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଏବଂ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ବିଶେଷ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଶୁଭାରମ୍ଭ କରିଥିଲେ।

ମା’ ଡୁଡକିବୁଢ଼ୀ ଫୁଟବଲ ଟୁର୍ନାମେଣ୍ଟ

# ନବରଙ୍ଗପୁର, ସୋନପୁର ବିଜୟୀ

**ବରଗାଁ,୬ା୧ (ଡି.ଏନ.ଏ.)**

ନୂଆପଡା ଜିଲା ରାନୀମୁଣ୍ଡା ଖେଳ ପଡିଆରେ ଆୟୋଜିତ ଡୁଡକିବୁଢୀ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ମ୍ୟାଚରେ ନବରଙ୍ଗପୁର ଦଳ କଳାହାଣ୍ଡି ଦଳକୁ ୧-୦ ଗୋଲରେ ହରାଇଥିବା ବେଳେ ସୋନପୁର ଦଳ ରାୟପୁରକୁ ଟ୍ରାଇବେକରରେ ୧ ଗୋଲରେ ହରାଇଛି। ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ ସ୍ପୋର୍ଟ୍ସ କ୍ଲବ ସଭାପତି ସଂଘଲ ମାଝି ସଭାପତିତ୍ୱ କରିଥିବାବେଳେ ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଦେବବ୍ରତ ସୁପକାର, ସମିତି ସଭ୍ୟ ଚୈତରାମ ମାଝି, ସମ୍ପାଦକ ଗୁରକୁ ହଂସ, ଜୟରାମ ମାଝି, ଘେନୁରାମ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚ ଦେଖିବାକୁ ବୋଡେନ, ସିନାପାଲି ବ୍ଲକ ଅଞ୍ଚଳରୁ ବହୁ ଲୋକ ଆସିଥିବାବେଳେ ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେଉଛି। କମଳ ମିଶ୍ର, ଅନନ୍ତରାମ ମାଝି ଖେଳ ପରିଚାଳନା କରିଥିବାବେଳେ ସୌରଭ ପଣ୍ଡା, ଆଶିଷ ସୁପକାର ଧାରାବିବରଣୀ ପ୍ରଦାନ କରିଥିଲେ ।



ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ଉଦ୍‌ଘାଟନ କରୁଛନ୍ତି ।

# ସିଡିଏମ୍‌ଓଙ୍କ ଅଚାନକ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ

**ଭବାନୀପାଟଣା,୬ା୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. ବନଲତା ଦେବୀ ଗତ ରବିବାର ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଚାନକ ପରିଦର୍ଶନ କରିଥିଲେ । ସେ ରୋଗୀଙ୍କ ସମସ୍ୟା ବୁଝିବା ସହ ଔଷଧ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ପଚାରି ବୁଝିଥିଲେ। ସିକଲିନ୍ ରୋଗୀମାନଙ୍କ ପାଇଁ ସହାୟତା କେନ୍ଦ୍ରରେ ଏକ ରେଜିଷ୍ଟର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଯେକୌଣସି ବିଷୟରେ ଜାଣିବା ପାଇଁ ସହାୟତା କେନ୍ଦ୍ରର ସୁବିଧା ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ମେଡିଶିନ୍ ବିଭାଗ, ସର୍ଜରୀ ବିଭାଗ, ପୋଡାଜଳା ବିଭାଗ ଆଦି ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ସମୟରେ ଗୋଲାମୁଣ୍ଡା ବ୍ଲକର ଜଣେ ଯୁବତୀ ପୋଡିହୋଇ ଗୁରୁତର ଆହତ ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆହତ ଯୁବତୀଙ୍କୁ ରାୟପୁରକୁ ସ୍ଥାନାନ୍ତର କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



ସିଡିଏମ୍‌ଓ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛନ୍ତି ।

# ସିଏଏ ସଂଶୋଧନ ଆଇନ ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ହୋଇଛି

**ଭବାନୀପାଟଣା,୬ା୧(ଡି.ଏନ.ଏ.)**

ନାଗରିକ ସଂଶୋଧନ ଆଇନ ଦେଶର ନାଗରିକଙ୍କ ସୁରକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ। କଳାହାଣ୍ଡି ଲୋକ ସଭା ସଦସ୍ୟ ବସନ୍ତ କୁମାର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଥିଲେ। ସ୍ଥାନୀୟ ଏକ ହୋଟେଲ୍ ସଭାଗୃହରେ କଳାହାଣ୍ଡି ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପଣ୍ଡା କହିଥିଲେ ଯେ, ନାଗରିକ ସଂଶୋଧନ ଆଇନ କାହା ବିରୋଧରେ ନୁହେଁ ବଂର ୩ଟି ଦେଶ ପାକିସ୍ତାନ, ବାଙ୍ଗଲାଦେଶ, ଆଫଗାନିସ୍ତାନରେ ଦୀର୍ଘ ଦଶନ୍ଧୀ ଧରି ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାର୍ସୀ, ଖ୍ରୀଷ୍ଟିୟାନମାନଙ୍କ ଉପରେ ଶାରିରୀକ ଓ ମାନସିକ ଅତ୍ୟାଚାର ହୋଇ ଆସୁଛି। ବିଶେଷ କରି ହିନ୍ଦୁମାନଙ୍କ ଜବରଦସ୍ତି ଧର୍ମ ପରିବର୍ତ୍ତନ, ନରସଂହାର, ବଳତ୍କାର ଏବଂ ସମ୍ପତ୍ତି ଉପରେ ଜବରଦଖଲ କରାଯାଉଛି। ସେମାନେ ନିଜ ଜୀବନ ବଞ୍ଚାଇ ଭାରତକୁ ଚାଲିଆସିଲେ, ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ପରି ପ୍ରାଥମିକ ସୁବିଧା ମିଳିପାରିନାହିଁ। ଯାହା ସମ୍ପୂର୍ଣ୍ଣ ଭାବେ ମାନବିକ ଅଧିକାର ବିରୋଧି। ପୂର୍ବରୁ କାଗଜପତ୍ର ଅଭାବରୁ ସେମାନଙ୍କ ନାଗରିକତା ପାଇବା ଆଶା ମଉଳିଯାଉଥିବା ବେଳେ ଏବେ ଏହି ଆଇନରେ ଉକ୍ତ ସମସ୍ୟା ସମାଧାନ ହୋଇପାରିଛି ବୋଲି ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ଜିଲା ଭାଜପା ସଭାପତି ଭବେନ୍ଦ୍ର ପଣ୍ଡା, ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସମେତ ଭଣ୍ଡେଶ୍ୱର ମହାପାତ୍ର, ରମେଶ ମାଝି, ମନୋଜ ମେହେର, ଯୁଗଳ ପୋଢ, ଇନ୍ଦୁ ଭୂଷଣ ସାହୁ, ଅମୋଜ ପଣ୍ଡା, ଲୋକନାଥ ଦୁର୍ଗା ପ୍ରମୁଖ ଯୋଗଦେଇଥିଲେ।

# କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା

**ଭବାନୀପାଟଣା,୬ା୧ (ଡି.ଏନ.ଏ.)**

କଳାହାଣ୍ଡି ବରିଷ୍ଠ ନାଗରୀକ ସଂଘର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷରେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଭାଗିରଥୀ ଭୋଇ, ଉପଦେଷ୍ଟା ମଣ୍ଡଳୀ ଦେବେନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର ନନ୍ଦ, ସୁଧାଂଶୁ ଶେଖର ନେଗୀ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଡ. ଅଶୋକ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡର ମାନବ ସମ୍ବଳ ମୁଖ୍ୟ ହେମନ୍ତ ଭାଟିଆ, ସମ୍ମାନିତ ଅତିଥି ଆରକ୍ଷୀ ଅଧୀକାରୀ ବି. ଗଙ୍ଗାଧର ଯୋଗଦେଇଥିଲେ। ଶାନ୍ତନୁ କୁମାର ମୁଣ୍ଡଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସମାଜର ଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୩ଜଣ ବରିଷ୍ଠ ନାଗରିକ ମୋଟେର ଗ୍ରାମ୍ୟ ବୈଦ୍ୟ ହରିହର ଜାନି, ସଙ୍ଗୀତ ଓ ନାଟକ କଳାକାର ନୀଳାମ୍ବର ପ୍ରଧାନ, ସୂର୍ଯ୍ୟ ଶତପଥୀ ନାରୀ ସଙ୍ଗଠକଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସଂଘର ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୨ ଜଣ ସଦସ୍ୟଙ୍କୁ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ସଙ୍ଗୀତ, ସମ୍ବଲପୁରୀ ନାଚ ଓ ଏକକ ଅଭିନୟ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ବାର୍ଷିକୋତ୍ସବରେ ସଂଘ ପକ୍ଷରୁ କବିତା ଆସର, ହଜାରେ ମିଟର ଦ୍ରୁତଚାଳନ, ସ୍ଲୋ ସାଇକେଲିଂ, ବ୍ରିଜ, ଚେସ୍, ଟ୍ୱେଣ୍ଟି ନାଇନ, କେରମ ଏବଂ ମହିଳାମାନଙ୍କ ପାଇଁ ରନ୍ଧା ପ୍ରତିଯୋଗିତା ଏବଂ ମ୍ୟୁଜିକାଲ ଚେୟାର ପ୍ରଭୃତି ପ୍ରତିଯୋଗିତା ହୋଇ କୃତି ବରିଷ୍ଠ ନାଗରିକମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ କାର୍ଯ୍ୟକାରୀ ସଦସ୍ୟ ଦିନବନ୍ଧୁ ମୁଣ୍ଡ, ଭାରତ ଚଲାନ, ସନ୍ତୋଷ ଦାସ, ଶାନ୍ତନୁ ମୁଣ୍ଡ, ସୁନିଲ କୁମାର ବେହେରା, ସୁବାଶ ପଣ୍ଡା, ଶରତ ନାଏକ, ବାସୁଦେବ ସାହାଣି, ଉମା ମିଶ୍ର, ସଂଘମିତ୍ରା କାନୁନଗୋ, ବେଣୁଧର ନାଗ, ଭୁବନେଶ୍ୱର ମହାନନ୍ଦ, ବିଦ୍ୟାଧର ପଣ୍ଡା, କୃଷ୍ଣମୋହନ ଯୋଷି ସହଯୋଗ କରିଥିଲେ। ଭାରତ ଭୂଷଣ ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

# ଆମ୍ବୁଲାନ୍ସକୁ ଦାୟୀ କଲେ ପରିବାର ଲୋକେ

**ଲାଞ୍ଜିଗଡ଼,୬ା୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କୁମଖାଲ ପଞ୍ଚାୟତ ଅନ୍ତର୍ଗତ ପରୁଆଁ ଗାଁର ଧନଦେଇ ନାଗ (୬୦)ଙ୍କ ସୋମବାର ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଧନଦେଇ ସଉଦା କିଣିବାକୁ ସାପ୍ତାହିକ ବଜାର ଆମ୍ବାଦୋଳାକୁ ଯିବା ପାଇଁ ଖଜୁରଗୁଡା ଛକରେ ଛିଡା ହୋଇଥିବା ଅଟୋରେ ବସିବା ପାଇଁ ଆସୁଥିଲେ। ଏହି ସମୟରେ ବାବୁପଦର ଗାଁର ବିଷମ ବିଭାର ଏକ ୟମହା ମଟରସାଇକେଲ (ନଂ.ଓଡି-୦୫ଏଲ-୭୫୦୧) ବିଶ୍ୱନାଥପୁର ପଟୁ ଆସି ମହିଳଙ୍କୁ ଧକ୍କା ଦେଇଥିଲା। ଗାଡି ସ୍ପିଡ୍ ଅଧିକ ଥିବାରୁ ଚାଳକ ଗାଡିଟିକୁ ସମ୍ଭାଳି ପାରି ନ ଥିଲା। ମହିଳାଙ୍କ ମୁଣ୍ଡ ପଛପଟେ ଆଘାତ ହୋଇଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବିଶ୍ୱନାଥପୁର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରୁ ଡାକ୍ତର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଭବାନୀପାଟଣା ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଗଲା। ୨ ଘଣ୍ଟା ଅପେକ୍ଷା କରିବା ପରେ ମଧ ଆମ୍ବୁଲାନ୍ସ ଆସିଲାନାହିଁ । ପରେ ବାଧ ହୋଇ ପରିବାର ଲୋକେ ଏକ ଗାଡି ଭଡା କରି ନେଉଥିଲେ । ଭବାନୀପାଟଣା ପହଞ୍ଚିବା କ୍ଷଣି ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏମ୍ବୁଲାନ୍ସରେ ଆସିଥିଲେ ହୁଏତ ମହିଳା ଜଣକ ବଞ୍ଚି ଯାଇଥାନ୍ତେ । ସେଥିପାଇଁ ଧନଦେଇଙ୍କ ପୁଅ ଗୌତମ ନାଗ ନିଜ ମା’ଙ୍କ ମୃତ୍ୟୁ ପାଇଁ ଆମ୍ବୁଲାନ୍ସକୁ ଦାୟି କରିଛନ୍ତି। ବିଶ୍ୱନାଥପୁର ପୋଲିସ ଶବ ଜବତ ସହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଅଟକ ରଖି ତଦନ୍ତ ଚଲାଇଥିବା ଆଇଆଇସି କାହ୍ନୁଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଜେଡିସିସି କ୍ରିକେଟ କପ: ଲକ୍ଷ୍ମୀସାଗରପଡ଼ା ଚାମ୍ପିୟନ

**ଜୁନାଗଡ,୬ା୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭୈରବ ପଡିଆଠାରେ ଚାଲିଥିବା ଜେଡିସିସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀସାଗରପଡା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଆୟୋଜକ ଜୟ ଦୁର୍ଗା କ୍ରିକେଟ କ୍ଲବ ସହିତ ଲକ୍ଷ୍ମୀସାଗରପଡା ମଧରେ ହୋଇଥିଲା। ଟସ ଜିଣି ଲକ୍ଷ୍ମୀସାଗର ପଡା ପ୍ରଥମ ବ୍ୟାଟିଂ କରି ୧୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲେ। ଜୟ ଦୁର୍ଗା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଖେଳକୁ ଶିବ ବାରିକ ଓ ଶତିଶ ପ୍ରଧାନ ପରିଚାଳନା କରିଥିଲେ। ଆୟୋଜକ ଦଳର ଛୋଟୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିଭଳି ଲକ୍ଷ୍ମୀସାଗରପଡାର ମଣ୍ଟୁ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳ ତଥା ମନ୍ତ୍ରୀଙ୍କ ପ୍ରତିନିଧି ମହେଶ ସାହୁ ଯୋଗଦାନ କରି ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ୨୧ ହଜାର ଓ ରନର୍ସଅପ ଦଳକୁ ୧୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗତ ଡିସେମ୍ବର ୧୯ଠାରୁ ଚାଲିଥିବା ଜୟ ଦୁର୍ଗା କ୍ରିକେଟ କ୍ଲବ କପ -୨୦୧୯-୨୦୨୦ରେ ସମୁଦାୟ ୩୪ଟି ଦଳ ଭାଗ ନେଇଥିଲେ।

ମୁଣ୍ଡରେ ବଢୁଛି ମାଂସପିଣ୍ଡୁଳା

# ଅସ୍ତ୍ରୋପଚାର ପାଇଁ ଅର୍ଥ ସାଜିଛି ବାଧକ

**ଭବାନୀପାଟଣା,୬ା୧ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ କୁହୁରିଗୁମାର ଜଗଦିଶ ନାଏକ (୨୭)ଙ୍କ ମୁଣ୍ଡରେ ମାଂସ ପିଣ୍ଡୁଳା ବଢୁଛି। ଏଥି ଯୋଗୁ ପରିବାରବର୍ଗ ଏବେ ଚିନ୍ତାରେ ପଡିଯାଇଛନ୍ତି। ଏପରିସ୍ଥଳେ ତାଙ୍କ ଚିକିତ୍ସା ତଥା ଅସ୍ତ୍ରୋପ୍ରଚାର ପାଇଁ ଅର୍ଥ ବାଧକ ସାଜିଛି। ଯାହାକୁ ନେଇ ତାଙ୍କ ପରିବାରବର୍ଗଙ୍କ ମଧରେ ଏବେ ଦୁଃଖର କାରଣ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବର ଜଗଦିଶଙ୍କ ସ୍ୱାସ୍ଥ୍ୟାବସ୍ଥା ସାଧାରଣ ଲୋକ ଭଳି ଥିଲା। ତେବେ ଗତ କିଛି ବର୍ଷ ହେବ ହଠାତ ତାଙ୍କ ମୁଣ୍ଡରେ ମାଂସ ପିଣ୍ଡୁଳା ଉଠିବା ଆରମ୍ଭ ହେଲା। ଏହା ଦିନକୁ ଦିନ ମଧ ବଢିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡରେ ମାଂସ ପିଣ୍ଡୁଳା ବଢୁଥିବା



ଜଗଦୀଶଙ୍କ ମୁଣ୍ଡରେ ମାଂସ ପିଣ୍ଡୁଳା

ଯୋଗୁ ଜଗଦିଶ ଠିକ ଭାବେ ଚଳପ୍ରଚଳ ମଧ କରିପାରୁନାହାନ୍ତି। ଏପଟେ ବାପା ଲକ୍ଷ୍ମୀନାଥ କୁଳି ମଜୁରୀ କାମ କରି

### ଚିନ୍ତାରେ ପରିବାରବର୍ଗ

ପରିବାର ଅତିକଷ୍ଟରେ ଚଳାଉଥିବା ବେଳେ ଏହି ପରିସ୍ଥିତିରେ ପୁଅର ଚକିତ୍ସା କଥାକୁ କିଏ ପଚାରେ। ଅର୍ଥ ବାଧକ ସାଜିଥିବାରୁ ଜଗଦିଶଙ୍କ ଚିକିତ୍ସା ତଥା ଅସ୍ତ୍ରୋପ୍ରଚାର ହୋଇପାରୁ ନ ଥିବା ଜଣାପଡିଛି। ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଜଗଦିଶଙ୍କ ଚିକିତ୍ସା କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବନଲତା ଦାଶଙ୍କୁ ପଚାରିବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଜଗଦିଶଙ୍କ ଚିକିତ୍ସା ସମ୍ପର୍କରେ କଥା ହୋଇଛି ବୋଲି କହିଥିଲେ। ସରକାରୀସ୍ତରରେ ଯାହାକିଛି ସୁବିଧା ଅଛି ତାହା କରାଯିବ ବୋଲି ସେ କହିଥିଲେ।

# ରୟାଲ କପ୍ କ୍ରିକେଟ: ସେମିରେ ମାନିଗୁଡ଼ା

**କୋମନା, ୬ା୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ଗନିଆରି କଳିଙ୍ଗ ଷ୍ଟାଡିୟମରେ ରୟାଲ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୧୩ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ କୁରେଶ୍ୱରକୁ ହରାଇ ମାନିଗୁଡା ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ତୃତୀୟ ଦିନରେ ଦୁଇଟି ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଜାମବାହାଲି ଓ ମାନିଗୁଡା ମଧ୍ୟରେ ଖେଳ ହୋଇଥିବା ବେଳେ ମାନିଗୁଡା ଦଳ ଟସ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଜାମବାହାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟରେ ୮୧ ରନ କରିଥିଲା। ଜବାବରେ ମାନିଗୁଡା ଦଳ ୭.୨ ଓଭରରେ ୪ ଉଇକେଟ ବିନିମୟରେ ୮୧ ରନ କରି ଜାମବାହାଲିଠାରୁ ୬ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ମଧ୍ୟାହ୍ନରେ ଦ୍ୱିତୀୟ ମ୍ୟାଚ ଲର୍କି ଓ କୁରେଶ୍ୱର ମଧ୍ୟରେ ହୋଇଥିଲା। କୁରେଶ୍ୱର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭରରେ ୩ ଉଇକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା। ଜବାବରେ ଲର୍କି ଦଳ ୧୦ ଓଭରରେ ୮ ଉଇକେଟରେ ମାତ୍ର ୭୧ ରନ କରିବାରେ ସକ୍ଷମ ହୋଇଥିଲା। କୁରେଶ୍ୱରଠାରୁ ଲର୍କି ଦଳ ୧୩ ରନରେ ବିଜୟ ଲାଭ କରିଥିଲା। ଅପରାହ୍ନରେ କୁରେଶ୍ୱର ଓ ମାନିଗୁଡା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ କୁରେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୩ ରନ କରିଥିଲା। ମାନିଗୁଡା ୮.୨ ଓଭରରେ ୫ ଉଇକେଟରେ ୮୭ ରନ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଅମ୍ପାୟାର ଭାବେ କଶ୍ୟପ ଶଗରିଆ ଓ ରୁଦ୍ରା ହଂସ ଖେଳ ପରିଚାଳନା କରିଥିବା ବେଳେ ପ୍ରତ୍ୟୋଷ ନାଗ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋର ଭାବେ ରାମେଶ ନାଗ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଯୁବନେତା ରବି ମଙ୍ଗରାଜ, ସରପଞ୍ଚ ମେମିଚନ ଅହିର ଓ ଅନନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଇନ୍ଦ୍ର ଛତ୍ରିଆ, ସହଦେବ ଥପା, ବବଲୁ ହଂସ, ଥବିର ହଂସ, ହେମନ୍ତ ହଂସ ପ୍ରମୁଖ ରୟାଲ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ପଞ୍ଜୀକରଣ ଶୁଭାରମ୍ଭ

**କର୍ଲାମୁଣ୍ଡା,୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ନିକଟସ୍ଥ ପୁଟିଗାଁ ଚିନାବାଡିଠାରେ ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ପଞ୍ଜୀକରଣ ଶୁଭାରମ୍ଭ ହୋଇଯାଇଛି। ଏଥିପାଇଁ ସୋମବାର ସନ୍ଧ୍ୟା ସୁଦ୍ଧା ବିଭିନ୍ନ ବ୍ଲକରୁ ସ୍କାଉଟ ମାଷ୍ଟର, ଗାଇଡ କ୍ୟାପଟେନ ଶିବାର୍ଥୀମାନେ ପହଞ୍ଚି ପଞ୍ଜୀକୃତ ହୋଇ ସାରିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବିଭିନ୍ନ ଅତିଥିମାନେ ଯୋଗଦେବା ସହ କାର୍ଯ୍ୟକ୍ରମ ଶୁକ୍ରବାର ପର୍ଯ୍ୟନ୍ତ ହେବାକୁ ଥିବା ଶିକ୍ଷକ ପବିତ୍ରମୋହନ ପାଣା ସୂଚନା ଦେଇଛନ୍ତି।

### ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ଜୟନ୍ତୀ

**ଭବାନୀପାଟଣା,୬।୧(ଡି.ଏନ.ଏ.):** ଭବାନୀପାଟଣା ସହର ସ୍ଥିତ ଅନାଥ ଆଶ୍ରମରେ ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ମହେଶ୍ୱର ନାୟକ ସ୍ମୃତି କମିଟି ସମ୍ପାଦକ ସକିତ ରତେ, ସଭ୍ୟ ଅଶୋକ ପାତ୍ର, ସତ୍ୟନାରାୟଣ ସିଂ, ଶୁଭଲକ୍ଷ୍ମୀନାୟକ, ସ୍କୁଲର ମୁଖ୍ୟ ହେମନ୍ତ ମୁଣ୍ଡ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଲାଞ୍ଜିଗଡ଼ରେ ବଳିପଡ଼ିଛି ଦାଦନ ଦୁଃଖ

# ମାସକରେ ଗଲାଣି ୪ ଜୀବନ

**ଲାଞ୍ଜିଗଡ଼, ୬।୧ (ଡି.ଏନ.ଏ.)**

- ଦାଦନ ସମସ୍ୟା ରୋକିବାରେ ପ୍ରଶାସନ ବିଫଳ
- କାଗଜ କଲମରେ ଚାଲିଛି ସଚେତନତା
- ୭ଜଣ ଶ୍ରମିକ ଠିକାଦାର ଗିରଫ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଦିନକୁ ଦିନ ଦାଦନ ସମସସ୍ୟା ବୃଦ୍ଧି ପାଉଥିବା ବେଳେ ଏହି ସମସ୍ୟାକୁ ରୋକିବାରେ ପ୍ରଶାସନ ବିଫଳ ହେଇଛି। ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି । ହେଲେ କେତେକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ସରକାରଙ୍କ ସମସ୍ତ ଯୋଜନା କେବଳ କାଗଜ କଲମରେ ସିମିତି ହୋଇ ରହିଯାଇଛି। ଗତ ଜାନୁୟାରୀ ୧ରେ ବିଜେପୁରର ମୁଗନା ମାଝି ଓ ମୁଷାନାଳର ପ୍ରଦୀପ ହରିଜନ କେରଳରେ ମୃତ୍ୟୁ ବରଣ କରିଥିବା ବେଳେ ଗତ ଡିସେମ୍ବର ୧ରେ ଘୋଡାପୋଖରର କୁମୁଟି ଜାଲ ଓ ଡିସେମ୍ବର ୯ରେ ବିଜେପୁରର ନଫିସା ହରିଜନ ଏପରି ମାସକ ମଧ୍ୟରେ ୪ଜଣଙ୍କ ମୃତ୍ୟୁ ଘଟିଛି ।

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କୁ କାମ ଯୋଗାଉ ଥିବା ସରକାର କହୁଥିବା ବେଳେ ଏହି ଯୋଜନା ଲାଞ୍ଜିଗଡ ବ୍ଲକରେ ସମ୍ପୂର୍ଣ୍ଣ ଫେଲ ମାରିଛି। ଏହି ଯୋଜନାରେ ଶ୍ରମିକମାନଙ୍କୁ କାମ ମିଳିଥିଲେ ସୁଦ୍ଧା ମାସ ମାସ ହେବ ପ୍ରାପ୍ୟ ମିଳିନାହିଁ। ଶ୍ରମିକମାନେ ପଞ୍ଚାୟତ ଅଫିସଠାରୁ ବ୍ଲକ ଅଫିସକୁ ଦୌଡି ଦୌଡି ନୟାନ୍ତ ହେଉଥିଲେ ସୁଦ୍ଧା କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି । ମଜୁରୀ ନ ମିଳିବା ଯୋଗୁ ଉକ୍ତ ଯୋଜନାରେ କାମ କରିବା ପାଇଁ ଶ୍ରମିକମାନେ ଆଉ ଇଛା ପ୍ରକାଶ କରୁନାହାନ୍ତି । ସମସ୍ତଙ୍କୁ ଜବକାର୍ଡ ଖଣ୍ଡିଏ ଧରାଇ ଦେଇ ପ୍ରଶାସନ ଚୁପ୍ ହୋଇ ବସି ରହିଛି। କାମ ଯୋଗଇଦେବା ଓ କାମ ଦେବା ପରେ ପ୍ରାପ୍ୟ ଦେବା ଭୁଲି ଯାଉଛନ୍ତି। ଫଳରେ ଲାଞ୍ଜିଗଡ ବ୍ଲକର ହଜାର ହଜାର ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ଦାଦନ ଯାଇ ଅନେକ ଯୁବକ ଗୋଡହାତ ହରାଇ ପଙ୍ଗୁ ହୋଇ ବର୍ତ୍ତମାନ ଘରେ ବସିଛନ୍ତି । କାନକୁଟ୍ଟୁର ଅଚ୍ୟୁତ ସାହୁ, ଦଣ୍ଡିଗୁଡାର ସଦା ମାଝି, ସିନ୍ଧିପଦରର ଅର୍ଜୁନ ମାଝି, ଗୋଇପିଟାର ଜଣେ ଯୁବକ ଏଭଳି ଲାଞ୍ଜିଗଡ ବ୍ଲକର ୨୬ରୁ ଊର୍ଦ୍ଧ୍ୱ ଯୁବକ ବାହାର ରାଜ୍ୟରେ କାମ କରି ହାତଗୋଡ ହରାଇ ଘରେ ପଙ୍ଗୁ ହୋଇ ବସିଛନ୍ତି। ସରକାର ଦେଉଥିବା ୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ହିଁ ସେମାନଙ୍କ ସାହା ଭରସା। କାମଧନ୍ଦା କରି ନ ପାରି ନିଜ ଭାଗ୍ୟକୁ ଆଦରି ଘରେ ବସିଛନ୍ତି। ଏହି ଦାଦନ ସମସ୍ୟା ରୋକିବାକୁ ଶ୍ରମ ବିଭାଗ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରିବା କଥା ।





ନଫିସା ହରିଜନ ଓ ପ୍ରଦୀପ ହରିଜନ (ଫାଇଲ ଫଟୋ)।

ହେଲେ ତାହା ମଧ୍ୟ କାଗଜ କଲମରେ ସିମିତ ହୋଇ ରହିଯାଉଛି। ସେଥିପାଇଁ ଲାଞ୍ଜିଗଡ ବ୍ଲକରେ ଦାଦନ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଅନେକ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏମିତିକି ବାହାର ରାଜ୍ୟରୁ ମୃତଦେହ ଆଣି ନ ପାରି ସେ ଜାଗାରେ ପୋଡି ଦିଆଯାଉଛି। ଗତ ମାସେ ମଧ୍ୟରେ ୪ଜଣ ଦାଦନ ଶ୍ରମିକଙ୍କ ବାହାର ରାଜ୍ୟରେ ମୃତ୍ୟୁ ବରଣ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଶ୍ରମ ଅଧିକାରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ଏହି ଦାଦନ ସମସ୍ୟା ରୋକିବା ପାଇଁ ଆମେ ଅନେକ ପ୍ରଚେଷ୍ଟା କରୁଛୁ । ପୋଲିସ ଏବଂ ଶ୍ରମ ବିଭାଗର ମିଳିତ ଆନୁକୁଲ୍ୟରେ ୭ଜଣ ଶ୍ରମିକ ଠିକାଦାରଙ୍କୁ ଗିରଫ୍ କରିଛୁ । କଣ୍ଟାବାଞ୍ଜି, ବଲାଙ୍ଗୀର, ବ୍ରହ୍ମପୁର ଓ କଳାହାଣ୍ଡିର ଅନେକ ଠିକାଦାର ଶ୍ରମିକମାନଙ୍କୁ ଅଧିକ ଲୋଭ ଦେଖାଇ ବାହାରକୁ ନେଇ ଯାଉଛନ୍ତି । ୨୦୧୫-୨୦୧୬ ବର୍ଷରେ ଏହି ଦାଦନ ସମସ୍ୟା ରୋକିବା ପାଇଁ ପାଲା, ଦାସକାଠିଆ ଓ ପଥପ୍ରାନ୍ତ ନାଟକ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଉଥିଲା। ହେଲେ ବର୍ତ୍ତମାନ ଆମ ପାଖରେ ଫଣ୍ଡ ନ ଥିବାରୁ ତାହା ହୋଇପାରୁନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସମସ୍ତଙ୍କୁ କାମ ନ ମିଳିବା ଦାଦନ ସମସ୍ୟାର ମୁଖ୍ୟ କାରଣ। ଉକ୍ତ ଯୋଜନାରେ କାମ ମିଳୁଥିଲେ ବି ବିଳମ୍ବରେ ମଜୁରୀ ମିଳୁଥିବାରୁ ଶ୍ରମିକମାନେ ଅଧିକ ଟଙ୍କା କମାଇବା ଆଶାରେ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି ବୋଲି ସେପ୍ରକାଶ କରିଥିଲେ।

## ଅଦିନିଆ ବର୍ଷାରେ ପଡ଼ିଥିବା ୧ ହଜାର କୁଇଣ୍ଟାଲ କପା ଉଠିଲା

**କେସିଙ୍ଗା,୬।୧ (ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୋଣାର୍କ ସୂତାକଳ ନିକଟରେ ଅଦିନିଆ ବର୍ଷା ଯୋଗୁ ୬ ଦିନ ଧରି କପା ବୋଝେଇ ଗାଡି ପଡି ରହିଥିଲା । ଏ ନେଇ ରାସ୍ତା ପାର୍ଶ୍ୱରେ ୧ ହଜାର କୁଇଣ୍ଟାଲ କପା କପାଚାଷୀଙ୍କୁ ଟୋକନ ଦେବା ମନା, ଅଦିନିଆ ବର୍ଷାରେ ପଡିଛି ଶୀର୍ଷକ ଧରିତ୍ରୀ କାଗଜରେ ସୋମବାର ପ୍ରକାଶ ହୋଇଥିଲା। ଏହା ପରେ ୩୦ଜଣ ଚାଷୀଙ୍କ ୧ ହଜାର କୁଇଣ୍ଟାଲ କପା ସିସିଆଇ କିଣିଥିଲା। ଚାଷୀମାନେ ଦୀର୍ଘ ୬ ଦିନ ଧରି ଶୀତ, ବର୍ଷାରେ ରାସ୍ତା କଡରେ ବହୁକଷ୍ଟରେ ଦିନ ରାତି କପାକୁ ଜଗି ରହିଥିଲେ । ଧରିତ୍ରୀରେ ଏହି ଖବର ପ୍ରକାଶିତ ହେବା ପରେ ୩୦ଜଣ କପାଚାଷୀଙ୍କୁ ସୋମବାର ଟୋକନ ଦିଆଯାଇ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ କପା ଉଠାଯାଇ ସିସିଆଇ କିଣି ନେଇଥିଲା । ଫଳରେ ୩୦ଜଣ ଚାଷୀମାନେ ଖୁସିର ସହିତ ନିଜସ୍ୱ ଗ୍ରାମକୁ ଫେରି ଯାଇଥିବା ଜଣାପଡିଛି । ଧରିତ୍ରୀକୁ ବହୁତ ଦନ୍ୟବାଦ ଜଣାଇଥିଲେ ।



କପା ଉଠିବା ପରେ ଚାଷୀମାନେ ଆନନ୍ଦରେ ଘରକୁ ଯାଉଛନ୍ତି ।

ରଜତ ଜୟନ୍ତୀ ସମାରୋହ, ବୁଢ଼ାଡଙ୍ଗର ଲୋକ ମହୋତ୍ସବ

## ୩ ଦିନ ଧରି ମହୋତ୍ସବ ପାଳନ

**କେସିଙ୍ଗା,୬।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜତ ଜୟନ୍ତୀ ସମାରୋହ ଓ ବୁଢ଼ାଡଙ୍ଗର ଲୋକ ମହୋତ୍ସବ-୨୦୨୦ ପାଳନ ହେବ । ଏହା ଆସନ୍ତା ୮, ୯ ଓ ୧୦ ତାରିଖ ୩ ଦିନ ଧରି ମହୋତ୍ସବ ପାଳନ କରାଯିବ । ଏଥିପାଇଁ ବିଏସଏ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନ ଉପଦେଷ୍ଟା କମିଟି ସଦସ୍ୟ ସୁଶାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ପ୍ରଥମ ଦିବସରେ ପୂର୍ବାହ୍ନରେ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ବିଶିଷ୍ଟ ଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଓଟିଡିସି ଅଧ୍ୟକ୍ଷା ଶ୍ୱେତାସ୍ମିଗ୍ଧା ମିଶ୍ର, କଳାହାଣ୍ଡି ଜିଲାପାଳ ଡ. ପରାଗହର୍ଷଦ ଗାଭାଲି ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି। ସେହିପରି ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ପୂର୍ବତନମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି କେସିଙ୍ଗା ବିଡିଓ ଭୀମସେନ ଶବର, ୩ୟ ଦିବସରେ ଅନ୍ୟାନ୍ୟ ଅତିଥିଗଣ ଏହି କାଯର୍ୟକ୍ରମରେ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ତିନି ଦିନ ବ୍ୟାପି ଓଡିଶୀ, ଘୁମୁରା, ଲୋକନୃତ୍ୟ, ଆସାମର ବିହୁ, ବଲାଙ୍ଗୀରର ଢ଼ୋଲ ମହୁରୀ, ପଶ୍ଚିମ ଓଡିଶାର କଣ୍ଠଶିଳ୍ପୀ ପଙ୍କଜ ଜାଲ, ରୁକୁ ସୁନା, ଗଗନ ବାଗ, କବି ସମ୍ମିଳନୀ, ଦଳଗତ ନୃତ୍ୟ, ମିସ କେସିଙ୍ଗା ପ୍ରତିଯୋଗିତା, ଗୋଟିପୁଅ, ବିହୁ, ଛଉ, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ରାଜ୍ୟ ଓ ଜାତୀୟସ୍ତରର ନୃତ୍ୟଦଳଙ୍କ ନୃତ୍ୟ ଆଦି ଆକର୍ଷଣୀୟ କାର୍ଯ୍ୟକ୍ରମ ରହିଛି। ଉତ୍ସବର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେସିଙ୍ଗା ପୋଲିସ ମୁତୟନ ରହିବେ। ବିଦ୍ୟୁତ, ପାନୀୟ ଜଳ, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଆଦି ମୁଖ୍ୟ କାର୍ଯ୍ୟଗୁଡିକରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ ସେଥି ପାଇଁ କର୍ମକର୍ତ୍ତାମାନଙ୍କୁ ନିୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ବିଏସଏସର ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅକ୍ଷୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ ।




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା ।

ରାଜ୍ୟ ବାହାରେ ପୁଣି ଚମକିଲା ଜୁନାଗଡ କଳାବିକାଶ କେନ୍ଦ୍ର

## ଉତ୍ତମ ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ

**ଜୁନାଗଡ, ୬।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର କଳାବିକାଶ କେନ୍ଦ୍ରର କଳା ପୁଣି ରାଜ୍ୟ ବାହାରେ ଚମକିଛି। ମହାରାଷ୍ଟ୍ର ରାଜ୍ୟ ନାଗପୁରଠାରେ ଶ୍ରୀକ୍ରିଷ୍ଣା ସାଂସ୍କୃତିକ ଫାଉଣ୍ଡେଶନ ପକ୍ଷରୁ ଗତ ୩ରୁ ୫ ଧରି ଜାତୀୟ ନୃତ୍ୟ(ହାରମୋନି) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାବିକାଶ କେନ୍ଦ୍ରର ଛାତ୍ରୀଛାତ୍ରମାନେ ଓଡିଶୀ, ଲୋକନୃତ୍ୟ, ଆଧୁନିକ ନୃତ୍ୟରେ ଭାଗ ନେଇ ଉତ୍ତମ ପ୍ରଦର୍ଶନ କରି ମାନପତ୍ର ସହ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ସ୍ମୃତି ପ୍ରଜ୍ଞା ଜାନି, ବର୍ଷା ପ୍ରିୟଦର୍ଶିନୀ ସାହୁ, ଆଦ୍ୟାଶା ସାହୁ, ଡିପିଏସ୍ ବିଶ୍ୱବନ୍ଦିନୀ, ରାନୀ ଆଜମେରିଆ, ପରୀ ଆଜମେରିଆ ଓ ପ୍ରିୟଙ୍କା ପ୍ରଧାନ। ସେହିପରି କଳାବିକାଶ କେନ୍ଦ୍ରକୁ ଶ୍ରେଷ୍ଠ ନୃତ୍ୟ ଶିକ୍ଷାକେନ୍ଦ୍ର ଭାବେ ବିବେଚନ କରାଯାଇ ପୁରସ୍କୃତ କରାଯାଇଲା। ଏହାକୁ କଳାବିକାଶ କେନ୍ଦ୍ର ନିର୍ଦ୍ଦେଶକ ମାନସ ରଞ୍ଜନ ସେଠି ଗ୍ରହଣ କରିଥିଲେ। କଳା ବିକାଶ କେନ୍ଦ୍ରର ଏପରି ସଫଳତା ପାଇଁ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଉଛି।




ନାଗପୁରଠାରେ କଳାବିକାଶ କେନ୍ଦ୍ର ଛାତ୍ରୀ ଓ ନିର୍ଦ୍ଦେଶକଙ୍କୁ ପୁରସ୍କୃତ କରାଯାଉଛି।




ଅତିଥିଙ୍କ ଗହଣରେ ମେଶିନ ପାଇଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଅନ୍ୟମାନେ ।

## ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମେଶିନ ପ୍ରଦାନ

**ଭବାନୀପାଟଣା, ୬।୧ (ଡି.ଏନ.ଏ.)**

**ଉତ୍ତର ବନଖଣ୍ଡ ପକ୍ଷରୁ ଆମ ଜଙ୍ଗଲ ଯୋଜନା**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ପକ୍ଷରୁ ଆମ ଜଙ୍ଗଲ ଯୋଜନାରେ ବିଭିନ୍ନ ଗ୍ରାମରେ ଥିବା ବନସଂରକ୍ଷଣ ସମିତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟମାନଙ୍କୁ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟାମାନଙ୍କୁ ଜଙ୍ଗଲ ବିଭାଗ ପକ୍ଷରୁ ମିନି ଧାନ କଟା ମେଶିନ, ମିନି ଡାଲି ତିଆରି ମେଶନ, ପାମ୍ପଡ ତିଆରି ମେଶିନ, ଖଲିଦନା ତିଆରି ମେଶିନ ଓ ସିଲେଇ ମେଶିନ ଆଦି ଯୋଗାଇ ଦିଆଯାଉଛି। ଏହି କ୍ରମରେ ଭବାନୀପାଟଣା ରେଞ୍ଜ ଅନ୍ତର୍ଗତ କଲମ ଗ୍ରାମର ସିଲେଇ ପ୍ରଶିକ୍ଷଣ ନେଇଥିବା ୬ ଜଣ ମହିଳାଙ୍କୁ ୬ଟି ସିଲେଇ ମେଶିନ ଓ ଗୋଟିଏ ପାମ୍ପଡ ତିଆରି ମେଶିନ ଯୋଗାଇ ଦିଆଯାଇଥିଲା। ଏହାଦ୍ୱାରା ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇପାରିବ ଓ ସେମାନେ ସେମାନଙ୍କ ପରିବାର ପ୍ରତିପୋଷଣରେ ସାହାଯ୍ୟ କରିପାରିବେ ବୋଲି ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ମିଳିଛି। କଳାହାଣ୍ଡି ଉତ୍ତର ବନଖଣ୍ଡର ଡିଏଫ୍‌ଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ବନାଞ୍ଚଳ ଅଧିକାରୀ ନୃତ୍ୟରାଜ ମାଝିଙ୍କ ତତ୍ତ୍ୱାଧାନରେ କର୍ଲା ବନପାଳ ପଦ୍ମନାଭ କୁମ୍ଭାର ଓ ତିଲଯୋଡିର ବନରକ୍ଷୀ ସୁଶିଲ କୁମାର ମହାରଣା ଏବଂ ଜଙ୍ଗଲ ବିଭାଗ ସହିତ କାର୍ଯ୍ୟ କରୁଥିବା ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଏବଂ କଲମ ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମହିଳାମାନଙ୍କୁ ସିଲେଇ ମେଶିନ ଓ ପାମ୍ପଡ ତିଆରି ମେଶିନ ପ୍ରଦାନ କରିଥିଲେ। ସେହିଭଳି ୬ ତାରିଖରେ ତିଲଜୋଡି, ଅଧିମୁଣ୍ଡ, ଗୁଗୁରପଲା, ସିର୍ଲିଗୁଡା ଓ କର୍ଲାପଡାଠାରେ ଥିବା ମହିଳା ସ୍ୱୟଂସହାୟକା ଗୋଷ୍ଠୀ ଓ ବନସୁରକ୍ଷା ସମିତି କର୍ମକର୍ତ୍ତାମାନଙ୍କୁ ମଧ୍ୟ ଉପରୋକ୍ତ ମେଶିନ୍‌ଗୁଡିକ ବଣ୍ଟନ କରାଯାଇଥିଲା।

## ଦୁର୍ଗେଶ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ

**ତୁଣ୍ଡଲା, ୬।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା ପଞ୍ଚାୟତ ହାଇସ୍କୁଲ ପଡିଆଠାରେ ତୁଣ୍ଡଲା ଭଲିବଲ ଆସୋସିଏଶନ୍ ପକ୍ଷରୁ ସୋମବାର ଦିନିକିଆ ଆନ୍ତଃଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୋରାପୁଟ ଓ କେସିଙ୍ଗା ଦଳ ମଧ୍ୟ ହୋଇଥିବା ବେଳେ କୋରାପୁଟ ଦଳ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ ଓ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ଦୁର୍ଗେଶ ପଧାନଙ୍କ ବାପା ବଶିଷ୍ଠ ପଧାନ ଉପସ୍ଥିତ ରହି ସ୍ୱର୍ଗତ ଦୁର୍ଗେଶ ପଧାନଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଭଗବାନ ସାହୁ ଉପସ୍ଥିତ ଥିଲେ। ରେଫରି ଭାବେ ରାଜୁ ଖର୍ସେଲ, ପରିକ୍ଷିତ ଖର୍ସେଲ, ନବୀନ ନାଏକ, ଯୁଗଳ କିଶୋର ପଧାନ, ରମେଶ ସାହୁ ଓ ଦିପୁନ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ ।




ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦

## ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଲା

**ପଲମ/ ମଦନପୁର,୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ପାଳିତ ହୋଇଯାଇଛି। ପଲମ ସରପଞ୍ଚ ସାବିତ୍ରୀ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମ୍ୟାନେଜିଂ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ଭୋଇ, ମୁଖ୍ୟବକ୍ତା ଗୌରଚନ୍ଦ୍ର ଗହୀର ଯୋଗଦେଇ କଳାହାଣ୍ଡି ଉତ୍ସବ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୀ ଶିକ୍ଷକ ସୁନିଲ ଯାଦବ, ପରିକ୍ଷିତ ମାଝି, ପଲମ କ୍ଲଷ୍ଟର ଶିକ୍ଷକ ପ୍ରମୁଖ ଯୋଗଦାନ ଦେଇଥିଲେ। ପଞ୍ଚାୟତ ପିଇଓ ଟିକେରାମ ଛତ୍ରିଆ କାର୍ଯ୍ୟ ସମ୍ପାଦନ କରିଥିଲେ। ପଲମ କ୍ଲଷ୍ଟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଲା। ସେହିପରି ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତ ପରିସରରେ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାଏକ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବୁଧିରାମ ସାହୁ, ମୁଡିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିକ୍କୁନୁ ସାହୁ ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ମୁଡିଙ୍ଗ କ୍ଲଷ୍ଟରର ସିଆରସିସି ପ୍ରଶନ୍ନ କୁମାର ମାଝି, ମୋହନ ପଧାନ, ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଯୋଗଦାନ କରିଥିଲେ। ପିଇଓ ବିଜୟ କୁମାର ସାମଲ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଥିଲା।

ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ସ୍ଥାନୀୟ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରାଜେଶ ଧଙ୍ଗଡାମାଝି ଉତ୍ସବ ଘୁମୁରା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ଏସ୍‌ଏସ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି, ମୁଖ୍ୟବକ୍ତା ଭାବେ ସହଦେବ ପାଢୀ ଯୋଗଦାନ କରିଥିଲେ। ମଦନପୁର ପଞ୍ଚାୟତ ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ମଦନପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଓଡିଆ ଶିକ୍ଷକ ବିଜୟ କୁମାର ଦାନୀ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ପାଢୀ ପରିଚାଳନା କରିଥିବା ବେଳେ ପୁରାତନ ବୟୋଜ୍ୟେଷ୍ଠ କଳାକାର ଅଶ୍ୱସ୍ଥମା ଦଣ୍ଡିଆ କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ମଦନପୁର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୭ ଜାନୁୟାରୀ, ୨୦୨୦



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ
ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ପଞ୍ଚଦଶ ପାତାଳି ମହୋତ୍ସବ ପାଇଁ ପ୍ରସ୍ତୁତି

**ସୋନପୁର,୬।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପଞ୍ଚଦଶ ପାତାଳି ମହୋତ୍ସବ ପାଇଁ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ଜାନୁୟାରୀ ୨୪ରୁ ଫେବୃୟାରୀ ୧ତାରିଖ ପର୍ଯ୍ୟନ୍ତ ପାତାଳି କ୍ଷେତ୍ର କୋଟସମଲାଇଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ପ୍ରସ୍ତୁତି ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବିଡିଓ ନିଳାମ୍ବର ମହାନନ୍ଦଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ଥିଲେ। ଉପଜିଲାପାଳ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲାପାଳ ପଣ୍ଡା ସଭା ପରିଚାଳନା କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ମନ୍ତ୍ରୀ ବେହେରା ଆହ୍ୱାନ ଦେଇଥିଲେ। କଳସ ଶୋଭାଯାତ୍ରା, ଭାଗବତ ସପ୍ତାହ ପାରାୟଣ, ୫୬ ପ୍ରହର ନାମଯଜ୍ଞ, ପଞ୍ଚ କୁଣ୍ଡୀୟ ଘୃତଯଜ୍ଞ, ଧର୍ମସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।

ମହରାପଦର ମଣ୍ଡି

# ପଡ଼ି ରହିଛି ଶହଶହ ବସ୍ତା ଧାନ

**ଖପ୍ରାଖୋଲ, ୬।୧(ଡି.ଏନ.ଏ.)**



ମହରାପଦର ମଣ୍ଡିରେ ଚାଷୀ ତାରପୋଲିନ ଘୋଡାଇ ରଖିଥିବା ଧାନବସ୍ତା।

- ତାରପୋଲିନ ଘୋଡାଇ ରଖିଛନ୍ତି ଚାଷୀ
- ନୂଆ ଟାର୍ଗେଟକୁ ଅପେକ୍ଷା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପ୍ରାଥମିକ କୃଷି ସମବାୟ ସମିତି ବନମାଲଠାରେ ଥିବା ମଣ୍ଡିରେ ଶହଶହ ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। କୋହଲା ପାଗ ଓ ସମ୍ଭାବ୍ୟ ବର୍ଷା ଆଶଙ୍କା କରି ତାରପୋଲିନ ଘୋଡାଇ ଧାନ ରଖିଛନ୍ତି ଚାଷୀ । ଚଳିତ ବର୍ଷ ଧାନ ଉତ୍ପାଦନ ହୋଇଥିଲେ ବି ଧାନ ବିକ୍ରିକୁ ନେଇ ସବୁଠି ସମସ୍ୟା ଦେଖାଦେଇଛି । ଚାଷୀ ଟୋକନ ପାଇଥିଲେ ବି ଠିକ୍ ସମୟରେ ଧାନ ମିଲର ଉଠାଉ ନ ଥିବା କେଉଁଠି ଅଭିଯୋଗ ହେଉଛି ତ, ପୁଣି ଟାର୍ଗେଟ ଶେଷ ହୋଇଥିବା ଯୋଗୁଁ ଚାଷୀ ଟୋକନ ପାଇ ବି ମଣ୍ଡିରେ ଧାନ ପକାଇ ହଇରାଣ ହେଉଛି । ଦୁଇ ଦିନ ତଳେ ବର୍ଷା ଓ କୋହଳା ପାଗ ଯୋଗୁଁ ଚାଷୀର ସମସ୍ୟା ଦ୍ୱିଗୁଣିତ ହୋଇଛି । ମହରାପଦର କୃଷି ସମବାୟ ସମିତିର ନିଜସ୍ୱ ଗୋଦାମ କି କାର୍ଯ୍ୟାଳୟ ନ ଥିବାରୁ ଅସ୍ଥାୟୀ ଧାନ ମଣ୍ଡି ବନମାଲ ଗାଁରେ ଖୋଲା ଯାଇଛି । ଚଳିତ ବର୍ଷ ଏହି ଧାନ ମଣ୍ଡି ଅଧିନରେ ୩୨୪ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୨୨୭ ଜଣ ଚାଷୀ ବିକ୍ରି ପାଇଁ ଟୋକନ ପାଇଛନ୍ତି । ପଞ୍ଜୀକରଣ ଅନୁସାରେ ୨୨ ହଜାର ୪୯୪ କୁଇଣ୍ଟାଲ ଧାନ ଟାର୍ଗେଟ ଆବଶ୍ୟକ ଥିବାବେଳେ ଯୋଗାଣ ବିଭାଗ ପ୍ରଥମ ଥର ପାଇଁ ୧୭ ହଜାର ୬ ଶହ କୁଇଣ୍ଟାଲ ଧାନ କିଣା ଟାର୍ଗେଟ ଦେଇଥିଲା । ହେଲେ ଏଥିରୁ ୧୬ ହଜାର ୪୧୮ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ତେବେ କେତେକ ମିଲର ଧାନ ଉଠାଇ ନ ଥିବାରୁ ପ୍ରାୟ ୧୨ଶହ କୁଇଣ୍ଟାଲ ଟାର୍ଗେଟ ବାକି ଅଛି । ହେଲେ ମଣ୍ଡିରେ ଟୋକନ ପାଇ ଥିବା ଚାଷୀ ପ୍ରାୟ ୩ ହଜାର ପ୍ୟାକେଟରୁ ଊର୍ଦ୍ଧ୍ୱ ଧାନ ମଣ୍ଡିରେ ପକାଇ ରଖିଛନ୍ତି। ବର୍ଷା ଆଶଙ୍କାରେ ଭଡାରେ ତାରପୋଲିନ ଆଣି ଚାଷୀମାନେ ଧାନବସ୍ତା ସବୁକୁ ଘୋଡାଇ ରଖିଛନ୍ତି। ମଣ୍ଡିରେ ତୁରନ୍ତ ଟାର୍ଗେଟ ବଢାଇବା ସହ ବାକିଆ ଧାନ ମିଲରମାନେ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ଭୋଇଙ୍କୁ ପଚାରିବାରୁ କେତେକ ମିଲର ଧାନ ଉଠାଇ ନ ଥିବାବେଳେ ଟୋକନ ପାଇଥିବା ଚାଷୀ ମଣ୍ଡିରେ ଧାନ ରଖିଛନ୍ତି। ବର୍ଷାବେଳେ ସମବାୟ ସମିତି ତରଫରୁ ୨ଟି ତାରପୋଲିନ୍ ଧାନ ଢାଙ୍କିବାକୁ ଦିଆଯାଇଛି। ଏହା ଯଥେଷ୍ଟ ହୋଇ ନ ଥିବାରୁ ଅନ୍ୟ ଚାଷୀମାନେ ନିଜେ ତାରପୋଲିନ ଆଣି ଘୋଡାଇ ରଖିଛନ୍ତି। ନୂଆ ଟାର୍ଗେଟ ପାଇଁ ଯୋଗାଣ ବିଭାଗକୁ ଲେଖାଯାଇଛି ବୋଲି ସେ କହିଛନ୍ତି।



ଉଧାର ହେଇଥିବାର ଦୁଇ ଶ୍ରମିକ, ଜବତ ୧୩ ବ୍ୟାଗ୍ ସଂଗେ ଶ୍ରମ ନିରୀକ୍ଷକ।

ଦାଦନ ଶ୍ରମିକ ଚାଲାନ ବେଲେ ଚଢ଼ଉ

## ଦୁଇ ଶ୍ରମିକ ଉଧାର, ୧୩ ବ୍ୟାଗ୍ ଜବତ

**ଲାଠୋର, ୬।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଲ ଷ୍ଟେଶନରୁ ସୋମବାର ସଖାଲେ ଜୁନାଗଡ଼–ରାୟପୁର ପାସେଞ୍ଜର ଟ୍ରେନ୍‌ରେ ଦାଦନ ଶ୍ରମିକ ଚାଲନ ହେଉଥିବାର ଖବର ପାଇ ଖପ୍ରାଖୋଲ ଶ୍ରମ ନିରୀକ୍ଷକ ଚଢ଼ଉ କରିଥିଲେ । ହେଲେ ବିଭାଗୀୟ କରମ୍‌ଚାରୀ ଅଭାବ ଲାଗି ଦୁଇଝନ୍ ଶ୍ରମିକଙ୍କୁ ଉଧାର କରବାର ସଂଗେ ୧୩ଟା ବ୍ୟାଗ୍ ଜବତ୍ କରି ଲାଠୋର ପୁଲିସକେ ଖବର ଦେଇଥିଲେ। ଘଟନା ଥଲ୍‌ରେ ଦୁଇଝନ୍ କନେଷ୍ଟବଲ ପୁହୁଁଚି ଉଧାର ହେଇଥିବାର ଦୁଇଝନ୍ ଦାଦନ ଶ୍ରମିକଙ୍କୁ ଥାନାକେ ନେଇ ପଚ୍‌ରାଉଚ୍‌ରା କରିଥିଲେ। ଉଧାର ଶ୍ରମିକ ଦୁଇଝନ୍‌କ ହେଉଛନ୍ କୋମନା ଥାନା ଜଡ଼ାମୁଣ୍ଡା ଗାଁର ଭଗବାନ ରାଉତ(୩୫) ଆର ଜଡ୍ରାମୁଣ୍ଡା ଗାଁର ବ୍ରଜ ରାଉତ(୩୫) ବଲିଜନାଯାଇଛେ। ହେଲେ ଇମାନକୁ ପଚ୍‌ରାଉଚ୍‌ରାବେଲେ ଚାଲାନକାରୀ ସରଦାରର ସଠିକ୍ ଖବର ନାଇଁ ମିଲିପାରି। ଏନ୍‌ତାଥି ଦୁଇ ଶ୍ରମିକ୍‌କୁଁ ତାକର ଘରମାନକୁ ପଠେଇ ଦିଆଯାଇଛେ। ଦୁଇ ଶ୍ରମିକ ଗଲାବେଲେ ଜବତ ୧୩ଟା ବ୍ୟାଗ୍‌ରୁ ୩ଟା ନେଇକରି ଯାଇଥିଲେ। ବାକି ୧୦ଟା ବ୍ୟାଗ୍‌କେ ଶ୍ରମ ନିରୀକ୍ଷକ ଲାଠୋର ଥାନା ଜିମାରେ ଦେଇଥିଲେ। ହେଲେ ଥାନା କତୃରପକ୍ଷ ଜବତ ବ୍ୟାଗ୍‌ର ଜିମା ନେବାକେ ମନା କରବାର ସଂଗେ କଣ୍ଟାବାଞ୍ଜି ଜିଆରପିକେ ଜିମା ଦେବାକେ କହିଥିଲେ। ଏନ୍‌ତାଥି ଶ୍ରମ ନିରୀକ୍ଷକ ସେ ବ୍ୟାଗ୍ ନିଜର ହେପାଜତରେ ନେଇ ଖପ୍ରାଖୋଲ ଶ୍ରମ ଅଫିସରେ ଜିମା ଦେଇଥିବାର କହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁଙ୍କୁ ପଚ୍‌ରାଲାରୁ ସିଦିନ ହରିଶଙ୍କର ରୋଡ଼ ରେଲ ଷ୍ଟେଶନରୁ ଶହ ଶହ ଦାଦନ ଶ୍ରମିକ ଚାଲାନ ହେଉଥିବାର ଇ ଚଢ଼ଉରୁ ଜନାପଡ଼ିଛେ। ହେଲେ ଆମରପାସେଦରକାରହିସାବେକରମ୍‌ଚାରୀ ଥିଲେ ଆଏଜ୍ ଆହୁରି ଅନେକ ଶ୍ରମିକଙ୍କୁ ଉଧାର କରାଯାଇ ପାରିଥାଏତା। ହେଲେ ଇ ବାବ୍‌ଦେ ଉପର ଅଧିକାରୀଙ୍କର ସଂଗେ ଆଲୋଚନା କରି ଚଢ଼ଉ ଜୋରଦାର କରାଯିବା ଆର ବେଆଇନ୍ ଦାଦନ ଶ୍ରମିକ ଚାଲନକାରୀଙ୍କର ଉପରେ କଡ଼ା ପଦକ୍ଷେପ ନିଆଯିବା ବଲିସେ କହିଥିଲେ।

ଶ୍ରମିକ ସଙ୍ଗଠନ ପକ୍ଷରୁ ୮ରେ ସାଧାରଣ ଧର୍ମଘଟ

## ବଲାଙ୍ଗୀର ବନ୍ଦ ପାଳନ ପାଇଁ ପଥପ୍ରାନ୍ତ ସଭା

**ବଲାଙ୍ଗୀର ଅଫିସ, ୬।୧**



ବଲାଙ୍ଗୀରଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପଥପ୍ରାନ୍ତ ସଭା କରାଯାଉଛି।

ଦେଶର ବିଭିନ୍ନ ଶ୍ରମିକ ସଙ୍ଗଠନ, ରାଜ୍ୟ ଓ କେନ୍ଦ୍ର ସରକାର ଅଧିନରେ କାମ କରୁଥିବା ଶ୍ରମିକ, କର୍ମଚାରୀଙ୍କ ସଙ୍ଗଠନ ୧୨ଦଫା ଦାବି ନେଇ ଆଗାମୀ ୮ ତାରିଖ କେନ୍ଦ୍ର ସରକାରଙ୍କ ବିରୋଧରେ ସର୍ବଭାରତୀୟ ଧର୍ମଘଟ ଡାକରା ଦେଇଛନ୍ତି । ଏହି ଧର୍ମଘଟକୁ ସଫଳ କରିବା ଉଦ୍ଦେଶ୍ୟରେ ସୋମବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ପଥପ୍ରାନ୍ତ ସଚେତନତା ସଭା କରାଯାଇଛି। ଅଶୁ ସଭାପତି ଦେବାଶିଷ ମିଶ୍ରଙ୍କ ସଭାପତିତ୍ୱ ତଥା ଜିଲା ସମ୍ପାଦକ ସୁରୁଲାଲ ମଟାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ସରକାରଙ୍କର ଶ୍ରମିକ ମାରଣନୀତି ବିରୋଧରେ ବକ୍ତାମାନେ ବିଷୋଦ୍‌ଗାର କରିଥିଲେ । ନିଖିଳ ଓଡିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ମହାସଂଘ ରାଜ୍ୟ ସମ୍ପାଦକ ପୁଲିନ ମିଶ୍ର ତାଙ୍କ ବକ୍ତବ୍ୟରେ ନାଗରିକ ସଂଶୋଧନ ଆଇନ, ଜାତୀୟ ନାଗରିକ ପଞ୍ଜୀକରଣ ନୀତି ବିରୋଧରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରଥିଲେ । ବର୍ତ୍ତମାନର ମୋଦି ସରକାର ଦେଶର ସମ୍ବିଧାନକୁ ମାନିବାକୁ ନାରାଜ ବୋଲି କହିଥିଲେ । ସମ୍ବଲପୁର ଡିଭିଜନ ବୀମା ଅଭିକର୍ତ୍ତା ସଂଘ ଜିଲା ସଭାପତି ଅସୀମ କୁମାର ପଟ୍ଟନାୟକ, ଆଇଏନ୍‌ଟିୟୁସିର ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ସିଆଇଟିୟୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅନିରୁଦ୍ଧ ମହାପାତ୍ର, ୟୁଟିୟୁସି ଜିଲା ସଭାପତି ବିଭୁଦତ୍ତ ମିଶ୍ର, ଏଆଇଟିୟୁସି ଜିଲା ସଭାପତି ଦେବାଶିଷ ବାବୁ, ହୀରାଖଣ୍ଡ ବିଜୁଳି କର୍ମଚାରୀ ସଂଘ, ଜିଲା ଉପସଭାପତି ପବିତ୍ର ଖୁଣ୍ଟିଆ ସରକାରର ବୀମା କ୍ଷେତ୍ର, ପ୍ରତିରକ୍ଷା, ବିଜୁଳି, ରେଳ କ୍ଷେତ୍ରରେ ଘରୋଇକରଣକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ । ବକ୍ତାମାନେ ଆଗାମୀ ୮ ତାରିଖ ଦିନ ଦେଶ ତଥା ବଲାଙ୍ଗୀରର ଛାତ୍ର, ଯୁବକ, ମହିଳା, କୃଷକ ଶ୍ରମିକମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ କରାଯାଉଥିବା ବନ୍ଦ ପାଳନକୁ ସମସ୍ତ ଜନସାଧାରଣ ସମର୍ଥନ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ପଥପ୍ରାନ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ମୁନା ମହାପାତ୍ର, ସିଦ୍ଧାର୍ଥ ମିଶ୍ର, ସୁବ୍ରତ ଭୋଇ, ବାପୁନି ସାହୁ, ପପୁ ପଣ୍ଡା, ସତ୍ୟ ରଥ, ସତ୍ୟବାନ ସାହୁ, ଅମିତ ରାଉତ, ସନ୍ତୋଷ ଦାଶଙ୍କ ସହ ବିଭିନ୍ନ ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଶୋଭାଯାତ୍ରା

**ଅମରପାଲି, ୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଟ୍ୟାକ୍ସି ଷ୍ଟାଣ୍ଡଠାରେ ଗାଡି ଚାଳକ ସଂଘ ଆନୁକୂଲ୍ୟରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଗଙ୍ଗରାମ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଆରଟିଓ ରବୀନ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏସଡିପିଓ ଧିରୋଜ ଚୌପଦାର, ରାଜସ୍ୱ ଅଧିକାରୀ ଅଭିଲାଷ ପୁରୋହିତ, ଆଇଆଇସି ପ୍ରଭା ଧନ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ରାମକୃଷ୍ଣ ହୋତା, ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ, ସୁବ୍ରତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ପୂର୍ବରୁ ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ପତାକା ଦେଖାଇ ଏକ ସଚେତନା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ କାର୍ଯ୍ୟାଳୟରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ବାଳକ ହାଇସ୍କୁଲର ଛାତ୍ରମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା ।

ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ ଘଟଣାର ପ୍ରତିବାଦ

## ଏଆଇଡିଏସ୍‌ଓର ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୬।୧**

ନୂଆଦିଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟ) କ୍ୟାମ୍ପସ୍‌ରେ ଗୁଣ୍ଡାମାନେ ପ୍ରବେଶ କରି ଛାତ୍ରୀଛାତ୍ର, ଶିକ୍ଷକମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ଅଲ୍‌ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ରାଜ୍ୟ ପରିଷଦ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ସୋମବାର ସାରା ଭାରତର ବିଭିନ୍ନ ସ୍ଥାନରେ ପ୍ରତିବାଦ ପାଳନ କରାଯାଉଛି। ଏହିକ୍ରମରେ ବଲାଙ୍ଗୀର ରାଜେନ୍ଦ୍ର କଲେଜ ଗେଟ୍ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରବିବାର ରାତିରେ ଜେଏନ୍‌ୟୁ ପରିସର ବାହାରେ ବହୁ ସଂଖ୍ୟାରେ ଏବିଭିପି ସମର୍ଥିତ ଗୁଣ୍ଡାମାନେ ଏକଜୁଟ ହୋଇ ମୁହଁରେ ମୁଖାପିନ୍ଧି ହାତରେ ଲାଠି, ହକି ଷ୍ଟିକ, ଲୁହା ଛଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ହଷ୍ଟେଲରେ ପ୍ରବେଶ କରିଥିଲେ। ପରେ ସେମାନେ ଛାତ୍ରୀଛାତ୍ର, ଶିକ୍ଷକମାନଙ୍କ ଉପରେ ମାରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ କରାଯାଇ ଏହି ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଆକ୍ରମଣ ଫଳରେ ଜେଏନ୍‌ୟୁ ଛାତ୍ର ସଂସଦ ସଭାନେତ୍ରୀ, ସାଧାରଣ ସମ୍ପାଦକ ସମେତ ବହୁ ଛାତ୍ରୀଛାତ୍ର, ଶିକ୍ଷକ ଗୁରୁତର ଆହତ ହୋଇ ଏମ୍‌ସ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ନିଜକୁ ସଂସ୍କୃତିର ଉପାସକ ବୋଲାଉଥିବା ସଙ୍ଗଠନ ଛାତ୍ରାବାସ ମଧ୍ୟକୁ ପ୍ରବେଶ କରି ବହୁ ସମ୍ପତ୍ତି ନଷ୍ଟ କରିଛି। ଏହାର ପ୍ରତିବାଦରେ ଏଆଇଡିଏସଓ ତରଫରୁରାଜେନ୍ଦ୍ରବିଶ୍ୱବିଦ୍ୟାଳୟସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଏଆଇଡିଏସ୍‌ଓର ସର୍ବଭାରତୀୟ କାଉନସିଲ ସଭ୍ୟ ସୁନୀଲ ଭୋଇ, ଜିଲା ଉପସଭାପତି ଲକ୍ଷ୍ମୀଧର ସାମଲ, ବିକାଶ ଜେନା, ଯୋଗେଶ୍ୱର ରଣା, ସଂଗ୍ରାମ ପ୍ରଧାନ, ତ୍ରିଲୋଚନ ସାହୁ, ଖୁସିରାମ ସୁନା, ଦେବାଶିଷ ବିଶ୍ୱାଲ, ଅଜିତ ମେହେର, ସୁମିତ ସୁନାଙ୍କ ସହ ବହୁ ଛାତ୍ରୀଛାତ୍ର ସାମିଲ ଥିଲେ।




ଜେଏନ୍‌ୟୁ ଆକ୍ରମଣ ଘଟଣା ପ୍ରତିବାଦ୍‌ରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମାହେଶ୍ୱରୀ କ୍ରିକେଟ : ସେମିରେ ରେଢ଼ାଖୋଲ

**ଅମରପାଲି, ୬।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଳପୁରଠାରେ ୧୪ତମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ଅଧକ୍ଷ ରାମପ୍ରସାଦ କର୍ଣ୍ଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କମିରା ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ ମୁଖ୍ୟଅତିଥି, ଆଇନଜୀବୀ ହାରୁନ ଖାଁ ଓ କ୍ରୀଡାବିତ ଅଚ୍ୟୁତାନନ୍ଦ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବିକଳପୁର ଓ ରେଢ଼ାଖୋଲ ମଧ୍ୟରେ ହୋଇଥିଲା। ରେଢ଼ାଖୋଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୨ ରନ କରିଥିଲା। ଦଳର ସିତୁ ୨୪ ବଲରୁ ୬୫ ଓ ବୁବୁନ ନନ୍ଦ ୨୬ ବଲରୁ ୬୨ ରନ କରିଥିଲେ। ବିପକ୍ଷ ବିକଳପୁରର ବୈକୁଣ୍ଠ କର୍ଣ୍ଣ ୩ଟି ଉଇକେଟ ନେଇଥିଲେ। ଜବାବରେ ବିକଳପୁର ଦଳ ନିର୍ଦ୍ଧାରିତ ୨୦ଓଭରରେ ୮ ଉଇକେଟ ହରାଇ ୧୨୮ ରନ କରି ପରାଜିତ ହୋଇଥିଲା। ଦଳର ଗୋବିନ୍ଦ ୩୪ ବଲରୁ ୫୩ ରନ, ସର୍ଜନ ୧୯ରନ କରିଥିଲେ। ରେଢ଼ାଖୋଲ ପକ୍ଷରୁ ପ୍ରକାଶ ୩ଟି ଉଇକେଟ ନେଇଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ରେଢ଼ାଖୋଲର ସିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ବୁବୁନ ସାହୁ ଓ ଠାକୁର ଭୋଇ ପରିଚାଳନା କରିଥିଲେ। ରାମପ୍ରସାଦ ସ୍କୋରିଂ ଏବଂ ଗଦାଧର ଓ ପରିକ୍ଷୀତ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଏସଡିଏସ ସୋନପୁର ଓ ୟଙ୍ଗଷ୍ଟାର ଅନୁଗୋଳ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ ।




ରେଢ଼ାଖୋଲ ସିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

# ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପିତ

## କଳା, ସଂସ୍କୃତିର ଉନ୍ନତି ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

**ବଲାଙ୍ଗୀର ଅଫିସ, ୬।୧**



ବିଶିଷ୍ଟ କଳାକାର ଶିବସିଂ ଭୋଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ୪ ଦିନବ୍ୟାପୀ ଅନୁଷ୍ଠିତ ବଲାଙ୍ଗୀର ଲୋକଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ସେମାନଙ୍କ କଳା, ସଂସ୍କୃତି ଜରିଆରେ ଦର୍ଶକଙ୍କ ମନ ମୋହିଥିଲେ । ଜିଲାପାଳ ତଥା ଲୋକଉତ୍ସବ ସମିତି ଅଧକ୍ଷ ଅରିନ୍ଦମ ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ଓ ସମନ୍ୱୟ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ କଳା ଓ ସଂସ୍କୃତି ପୀଠ ବଲାଙ୍ଗୀର ଜିଲାର କଳାକାର ଓ ଜନସାଧାରଣଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମିଳିତ ଉଦ୍ୟମରେ କଳା ଓ କଳାକାରଙ୍କ ବିକାଶ ହୋଇପାରିବ ବୋଲି ସେ କହିଥିଲେ । ବରେଣ୍ୟ ଅତିଥି ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ମହିଳାମାନଙ୍କୁ ମିଶିନ ଶକ୍ତି ଜରିଆରେ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ବହୁବିଧ ପଦକ୍ଷେପ ସମ୍ପର୍କରେ କହିଥିଲେ। ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ମୁଖ୍ୟାଳୟରୁ ହରିଶଙ୍କର ପର୍ଯ୍ୟନ୍ତ ଓଟିଡିସି ତରଫରୁ ଆସନ୍ତା ଫେବୃଆରୀ ଶେଷ ସୁଦ୍ଧା ବସ ଚଳାଚଳ କରିବ ବୋଲି କହିଥିଲେ । ବରେଣ୍ୟ ଅତିଥି ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେଇ କଳାକାର ଜୀବନର ଅନୁଭୂତି କହିଥିଲେ । କଶ୍ମୀରର କଳାକାରମାନେ ବଲାଙ୍ଗୀରକୁ ଆସି ଏଇ କିଛି ଦିନ ମଧ୍ୟରେ ଏଠିକାର ଚାଲିଚଳନ ଓ ଖାଦ୍ୟପେୟକୁ ବେଶ ପସନ୍ଦ କରୁଥିବା ଓ ଏହାକୁ ଆନନ୍ଦରେ ଖାଉଥିବା ଦେଖି ଜଣେ କଳାକାରଭାବେ ସେ ତାଙ୍କ ଅନୁଭବ ଦର୍ଶକଙ୍କ ଆଗରେ କହିଥିଲେ।

ଅନ୍ୟତମ ଅତିଥି ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନ, ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ ମିଶ୍ର ମଞ୍ଚାସୀନ ଥିଲେ । ସଭାରେ ଟିଟିଲାଗଡର ବିଶିଷ୍ଟ କଳାକାର ଶିବ ସିଂ ଭୋଇଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ତିମ ଦିବସର ଅତିଥି କଳାକାରଭାବେ ବିଶିଷ୍ଟ କଳାସାଧକ ନୀଳମଣି ସାହୁ ମଞ୍ଚାସୀନ ଥିଲେ । ଡ. ଶ୍ରୀକର ମିଶ୍ର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ତଥା ଲୋକଉତ୍ସବ ସମିତି ସମ୍ପାଦକ ବିଜୟ କୁମାର ଶତପଥି ଧନ୍ୟବାଦ ଦେଇଥିଲେ । ସଭା ଆରମ୍ଭରେ ରାମଧୂନ ପରିବେଷଣ କରାଯାଇଥିଲା । ପରେ ଆକାଶବାଣୀ କଳାକାର ବ୍ରହ୍ମାନନ୍ଦ ବନଛୋରଙ୍କ ନେତୃତ୍ୱରେ ତଥା ନବୀନ କୁଅଁରଙ୍କ ନିର୍ଦ୍ଦେଶନାରେ ସ୍ୱରୂପା ସିଂ,ସୋମ କୁମାର ବାବୁ, ଉଷାରାଣୀ ବାରିକ, କୁମୁଦିନୀ ପୃଷ୍ଟି, ରୋମା ସାହୁ, ଶ୍ୱେତପଦ୍ମା ସାହୁ, ଅଞ୍ଜନ କୁମାର ଓ ସାଥି ସଙ୍ଗୀତ ପରିବେଷଣ କରିଥିଲେ । ସଭା ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ହୋଇଥିଲା । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଦମପଡା, ଆଇଡିଏମ ପବ୍ଲିକ ସ୍କୁଲ, ନଟରାଜ କଳାପରିଷଦ, କାଶ୍ମୀର ଏନ୍‌ଜେଡସିସିର ରୋଫ ଡେନ୍ସ, ହରିଆଣା ଏନଜେଡସିସି ଫାଗ ଡେନ୍ସ, ପଞ୍ଚମ ବଲାଙ୍ଗୀର, ଶିକାରୀ ଡାନ୍ସ, ଝୁମର, ଆସାମର ବିହୁ, ପରମ୍ପରା ବଲାଙ୍ଗୀର, କାଳୀ ପ୍ରସାଦ ଷଡଙ୍ଗୀ ଓ ସାଥୀ, ଡିସିସି ନବରଙ୍ଗପୁର, ଡିସିସି ଫୁଲବାଣୀ, ସାତବହନୀ ପାଟଣାଗଡ, ଝଙ୍କାର ସଙ୍ଗୀତ ମହାବିଦ୍ୟାଳୟ ପାଟଣାଗଡ, ଡିସିସି ସୁନ୍ଦରଗଡ ଲୋକନୃତ୍ୟ ପରିବେଷଣ କରିଥିଲେ । ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମକୁ କୁମୁଦ ବିହାରୀ ବେଦବାକ, ସରୋଜ ବିଶ୍ୱାଲ,ସ୍ନେହା ପ୍ରତ୍ୟାଷା ନନ୍ଦ,ଅର୍ଜୁନ ସାହୁ, ପ୍ରତୀତି ମିଶ୍ର,ଲିଲି ପଟେଲ, ଜିତେନ୍ଦ୍ର ଛତ୍ରିଆ,ଐଶର୍ଯ୍ୟା ଦାସ ଓ ସୁଧୀର ନାଏକ ପ୍ରମୁଖ ପରିଚାଳନା କରିଥିଲେ ।

### ଦର୍ଶକଙ୍କ ଅନୁରୋଧରେ ଗୀତ ଗାଇଲେ ମନ୍ତ୍ରୀ ପଦ୍ମନାଭ

**ବଲାଙ୍ଗୀର ଅଫିସ**

ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ଯୋଜନା ଓ ସମନ୍ୱୟ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ସଭା ମଞ୍ଚରେ ଦର୍ଶକ ଓ ଶ୍ରୋତାଙ୍କୁ ଭାଷଣ ଦେଇଥିଲେ । ଭାଷଣ ଦେଇସାରିବା ପରେ ଦର୍ଶକ ଗ୍ୟାଲେରୀରୁ ମନ୍ତ୍ରୀଙ୍କୁ ଗୀତ ଗାଇବାକୁ ଅନୁରୋଧ କରାଯାଇଥିଲା । ଭାଷଣ ଦେଇ ମନ୍ତ୍ରୀ ନିଜ ସ୍ଥାନ ଗ୍ରହଣ କରିବାକୁ ଯିବାବେଳେ ଦର୍ଶକ ଓ ଶ୍ରୋତାମାନେ ମନ୍ତ୍ରୀଙ୍କୁ ଗୀତଟିଏ ଗାଆନ୍ତୁ ବୋଲି ଚିତ୍କାର ଛାଡିଥିଲେ । ଶେଷରେ ଦର୍ଶକ ଓ ଶ୍ରୋତାଙ୍କ ଅନୁରୋଧ ରଖି ମନ୍ତ୍ରୀ ପଦ୍ମନାଭ ସୁମଧୁର ସ୍ୱରରେ ଏକ ମନଛୁଆ ଭଜନ ଭାବି ପାରୁନାହିଁ ପ୍ରଭୁ ଜାଣି ପାରୁନାହିଁ... ଗାଇଥିଲେ । ଦର୍ଶକମାନେ କରତାଳି ଦେଇ ମନ୍ତ୍ରୀ ପଦ୍ମନାଭଙ୍କ କଳା ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ ।